# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ମେ ୨୨/୨୦୧୯ (୧୬ ପୃଷ୍ଠା) | Berhampur, Wednesday, May 22/2019 | ★★★

୧୫ଶ ଭାଗ ୧୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ଏବି ଆନି ସିଡି'ରେ ଅମିତାଭ**

ବିକ୍ରମ୍ ଗୋଖ୍‌ଲେଙ୍କ ମରାଠୀ ଚଳଚ୍ଚିତ୍ର 'ଏବି ଆନି ସିଡ଼ି'ରେ ମେଗାଷ୍ଟାର୍ ଅମିତାଭ ବଚ୍ଚନଙ୍କୁ ଦେଖିବାକୁ ମିଳିବ। ଏଥିରେ ସେ ଜଣେ ଅତିଥି କଳାକାରଭାବେ ଅଭିନୟ କରିବେ। **୦୪**

**୧୪** **ସୁମନ ଦେବୀ ଅଧିନାୟିକା**

ସୁମନ ଦେବୀ ଥୋଦମ୍ ୨୧ ବର୍ଷରୁ କମ୍ ଭାରତୀୟ ମହିଳା ହକି ଦଳର ଅଧିନାୟିକା ଭାବେ ମନୋନୀତ ହୋଇଛନ୍ତି।



# ମାଟ୍ରିକ ପାସ୍ ହାର କମିଲା

**୨୮୯ ସ୍କୁଲର ଫଳ ଶତ ପ୍ରତିଶତ**

**ପାସ୍ ହାରରେ ଝାରସୁଗୁଡ଼ା ଆଗରେ**

**ଜୁନ ଶେଷ ସପ୍ତାହରେ ସପ୍ଲିମେଣ୍ଟାରୀ ପରୀକ୍ଷା**

**ଆସନ୍ତା ବର୍ଷରୁ ଉଚ୍ଛେଦ ହେବ ଓଏମ୍ଆର ସିଟ୍**

**କେଉଁ ଗ୍ରେଡ୍‌ରେ କେତେ ପାସ୍**

| | | | |
|---|---|---|---|
| ଏ-୧ | ୧,୧୮୧ (୫୪୦ରୁ ୬୦୦ ମାର୍କ) | ଏ-୨ | ୯,୯୩୮ (୪୮୦ରୁ ୫୩୯ ମାର୍କ) |
| ବି-୧ | ୨୪,୯୯୧ (୪୨୦ରୁ ୪୭୯ ମାର୍କ) | ବି-୨ | ୪୬,୩୧୯ (୩୬୦ରୁ ୪୧୯ ମାର୍କ) |
| ସି | ୭୬,୧୩୯ (୩୦୦ରୁ ୩୫୯ ମାର୍କ) | ଡି | ୧,୧୬,୨୬୨ (୨୪୦ରୁ ୨୯୯ ମାର୍କ) |
| ଇ | ୧,୨୨,୦୬୨ (୧୯୮ରୁ ୨୩୯ ମାର୍କ) | ଏଫ୍ | ୧,୬୩,୯୫୪ (୧୯୭ ମାର୍କରୁ କମ୍) |



ଭୁବନେଶ୍ୱର ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ପରୀକ୍ଷାଫଳ ଦେଖୁଛନ୍ତି।

**କଟକ ଅଫିସ,୨୧।୫**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ମାଟ୍ରିକ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥର ମୋଟ ପାସ୍ ହାର(ଉଭୟ ରେଗୁଲାର ଓ ଏକ୍ସରେଗୁଲାର) ରହିଛି ୭୦.୭୮ ପ୍ରତିଶତ, ଯାହା ୨୦୧୮ର ପାସ୍ ହାରଠାରୁ ୫.୪୫ ପ୍ରତିଶତ କମ୍। ଗତବର୍ଷ ମାଟ୍ରିକ ପରୀକ୍ଷାରେ ପାସ୍ ହାର ଥିଲା ୭୬.୨୩ ପ୍ରତିଶତ। ଅନ୍ୟପକ୍ଷରେ ଏଥର ଗୋଟିଏ ବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀ ଫେଲ୍ ହେବା ସଂଖ୍ୟା ପୂର୍ବାପେକ୍ଷା ଦୁଇଗୁଣା ବଢ଼ିଛି। ଗତ ମାଟ୍ରିକ ପରୀକ୍ଷାରେ ୩୬ ବିଦ୍ୟାଳୟରେ ଫଳାଫଳ ସମ୍ପୂର୍ଣ୍ଣ ଶୂନ ଥିବାବେଳେ ଏଥର ୮୨ଟି ବିଦ୍ୟାଳୟର ପରୀକ୍ଷାର୍ଥୀ ପାସ୍ ମାର୍କ ରଖିବାକୁ ବିଫଳ ହୋଇଛନ୍ତି। ପରୀକ୍ଷା ପୂର୍ବରୁ ବୋର୍ଡ କର୍ତ୍ତୃପକ୍ଷ ଏକ କଟକଣା ଲଗାଇଥିଲେ। ଉତ୍ତୀର୍ଣ୍ଣ ହେବାକୁ ହେଲେ ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ପରୀକ୍ଷାରେ ଅତିକମ୍‌ରେ ☞ପୃଷ୍ଠା-୧୨

### ୮୨ ବିଦ୍ୟାଳୟରେ ଫଳ ଶୂନ, କାର୍ଯ୍ୟାନୁଷ୍ଠାନ ହେବ

ରାଜ୍ୟର ୮୨ ବିଦ୍ୟାଳୟରେ ଫଳ ଶୂନ ରହିଛି। ସେହି ସ୍କୁଲଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ଯେଉଁ ବିଦ୍ୟାଳୟଗୁଡ଼ିକରେ ପାସ୍ ହାର ଶୂନ ରହିଛି ତାହାର ସମୀକ୍ଷା କରାଯିବ। ସେହି ବିଦ୍ୟାଳୟର ଶିକ୍ଷକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚିବ ମହାପାତ୍ର କହିଛନ୍ତି। ଏହି ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ର ସଂଖ୍ୟା ଅତି ନଗଣ୍ୟ। ତେଣୁ ଏହିଭଳି ପରିସ୍ଥିତିରେ ଥିବା ଅନ୍ୟ ବିଦ୍ୟାଳୟଗୁଡ଼ିକ ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବ। ଆବଶ୍ୟକସ୍ଥଳେ ନିକଟରେ ଥିବା ଅନ୍ୟ ବିଦ୍ୟାଳୟ ସହ ଉକ୍ତ ବିଦ୍ୟାଳୟକୁ ମିଶାଇ ଦିଆଯିବ ବୋଲି ମହାପାତ୍ର କହିଛନ୍ତି।

## ପ୍ରଶ୍ନପତ୍ରରେ ରହିବ ସିକ୍ରେଟ୍ କୋଡ୍

■ **ସବୁ ପରୀକ୍ଷା କେନ୍ଦ୍ରରେ ଲାଗିବ ସିସିଟିଭି**

■ **ଅନ୍‌ଲାଇନ୍‌ରେ ହେବ ଓଟିଇଟି, ଓଏସ୍ଏସ୍‌ଟିଇଟି**

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହାକୁ କିପରି ରୋକାଯାଇପାରିବ ସେଥିପାଇଁ ଯୋଜନା କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଆସନ୍ତାବର୍ଷଠାରୁ ରାଜ୍ୟର ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିବ ବୋଲି ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି। ଭାଇରାଲକୁ ରୋକିବା ପାଇଁ କେବଳ ସିସିଟିଭି ନୁହେଁ ଆଉ ଏକ ପନ୍ଥା ଆପଣାଇଛି ବିଭାଗ। ଆସନ୍ତାବର୍ଷଠାରୁ ପ୍ରତି ପ୍ରଶ୍ନପତ୍ରରେ ଏକ ସିକ୍ରେଟ୍ କୋଡ୍ ରହିବ। ପ୍ରଶ୍ନପତ୍ର ଭାଇରାଲ ହେଲେ ତାହା କେଉଁ ପରୀକ୍ଷା କେନ୍ଦ୍ରରୁ ଏବଂ କାହାଦ୍ୱାରା ହୋଇଛି ତାହା ଅତି ସହଜରେ ଜଣାପଡ଼ିଯିବ ବୋଲି ମହାପାତ୍ର କହିଛନ୍ତି। ସେହିପରି ପ୍ରଶ୍ନପତ୍ର ଭାଇରାଲ ହେଉଥିବାରୁ ଓଟିଇଟି ଓ ଓଏସ୍ଏସ୍‌ଟିଇଟି ଏଥର ଅନ୍‌ଲାଇନ୍‌ରେ ହେବ। କୌଣସି ପ୍ରକାର ଲିଖିତ ପରୀକ୍ଷା ହେବ ନାହିଁ। କାରଣ ପ୍ରଶ୍ନପତ୍ର ଭାଇରାଲକୁ ଆମେ ଡରୁଛୁ। ସ୍କୁଲରେ ପ୍ରଶ୍ନପତ୍ର ରହିବା ପରେ କେତେଜଣ ଅସାଧୁ କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକ ତାହାକୁ ଲିକ୍ କରୁଛନ୍ତି। ଏସବୁକୁ ପ୍ରତିହତ କରିବା ପାଇଁ ମାଟ୍ରିକ୍ ଓ ମଧ୍ୟମା ବ୍ୟତୀତ ସବୁ ପରୀକ୍ଷା ଅନ୍‌ଲାଇନରେ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସଚିବ ମହାପାତ୍ର କହିଛନ୍ତି।

୨୦୧୭-୧୮ ବର୍ଷରେ ନିର୍ବାଚନ ଚାନ୍ଦା

## ବିଜେଡିକୁ ମିଳିଛି ୧୩ କୋଟି ୪ ଲକ୍ଷ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

ରାଜ୍ୟରେ କ୍ଷମତାସୀନ ବିଜେଡି ୨୦୧୭-୧୮ ଆର୍ଥିକ ବର୍ଷରେ ୧୩ କୋଟି ୪ ଲକ୍ଷ ଟଙ୍କା ଚାନ୍ଦା ପାଇଛି। ଉକ୍ତ ସମୟରେ ମିଳିଥିବା ଦେଶର ସମସ୍ତ ଆଞ୍ଚଳିକ ଦଳର ଚାନ୍ଦାଠାରୁ ଅଧିକ। ବିଜେଡି ପଛକୁ ବିହାରରେ କ୍ଷମତାସୀନ ଜେଡି(ୟୁ) ରହିଛି। ଭାରତୀୟ ନିର୍ବାଚନ କମିଶନ(ଇସି) ନିକଟରେ ୧୫ଟି ପ୍ରମୁଖ ଆଞ୍ଚଳିକ ଦଳର ଆୟ ନେଇ ତଥ୍ୟ ପ୍ରଦାନ କରିଛନ୍ତି। ଏହି ତଥ୍ୟରେ ଚାନ୍ଦା ବାବଦକୁ ୨୦,୦୦୦ଟଙ୍କାରୁ ଅଧିକ ପରିମାଣ ଚାନ୍ଦାର ବିବରଣୀ ରହିଛି। ଆସୋସିଏଶନ୍ ଫର ଡେମୋକ୍ରାଟିକ୍ ରିଫର୍ମ(ଏଡିଆର) ୱେବସାଇଟ୍‌ରେ ଏହି ସବୁ ଦାନ ସମ୍ପର୍କରେ ଉଲ୍ଲେଖ କରାଯାଇଛି।

ବିଜେଡି ପଛକୁ ଥିବା ଜେଡି(ୟୁ) ୧୧ କୋଟି ୧୯ ଲକ୍ଷ, ୱାଇଏସ୍ଆର କଂଗ୍ରେସ ୮ କୋଟି ୩୫ ଲକ୍ଷ, ଆମ୍ ଆଦ୍‌ମୀ ପାର୍ଟି(ଏଏପି) ୮ କୋଟି ୩୨୬ ଲକ୍ଷ ଟଙ୍କା ଅନୁଦାନ ହାତେଇ ପାରିଛି। ଏମାନଙ୍କ ପରେ ଟିଆରଏସ୍ ୩.୩୦୭ କୋଟି ଟଙ୍କା, ଅକାଳୀ ଦଳକୁ ୨.୨୮୯ କୋଟି, ଟିଡିପିକୁ ୧୭.୩୭, ଏସ୍ଏଚ୍ଏସ୍‌କୁ ୧.୬୭୬ କୋଟି, ଡିଏମ୍‌କେ ୧.୨୭୯ ଏବଂ ଏସ୍‌ଡିଏଫ୍‌କୁ ୦.୮୫ କୋଟି ଟଙ୍କାର ଚାନ୍ଦା ମିଳିଛି। ଏହି ସବୁ ଅନୁଦାନ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଏବଂ ନିର୍ବାଚନୀ ବଣ୍ଡ ଆକାରରେ ମିଳିଛି। ଏଡିଆର ୱେବସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୬-୧୭ରେ ବିଜେଡିକୁ କୌଣସି ଚାନ୍ଦା ମିଳି ନ ଥିଲା। ସେହିପରି ଜେଡି(ୟୁ)କୁ ୧ କୋଟି ୪ ଲକ୍ଷ, ୱାଇଏସ୍ଆର କଂଗ୍ରେସ ୦.୪୨ କୋଟି, ଏଏପିକୁ ୨୪.୭୩ କୋଟି ଏବଂ ଟିଆରଏସ୍‌କୁ ୦.୩୪ କୋଟି ଟଙ୍କାର ଅନୁଦାନ ମିଳିଛି। ୨୦୧୭-୧୮ରେ ମିଳିଥିବା ଦାନଗୁଡିକ ମଧ୍ୟରୁ ଆଞ୍ଚଳିକ ଦଳଗୁଡିକୁ ୫୪.୮୧ କୋଟି ଟଙ୍କାର ଦାନ ମିଳିଛି। ତନ୍ମଧ୍ୟରୁ ୪୩୪ ଦାତା ନଗଦ ଅର୍ଥ ବାବଦକୁ କେବଳ ୭୭.୪୯ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହା ମୋଟ ଦାନର ମାତ୍ର ୧.୪୦ ପ୍ରତିଶତ। ନଗଦ ମାଧ୍ୟମରେ ଏନ୍‌ପିଏଫ୍‌କୁ ସର୍ବାଧିକ ୬୫.୨୬ ଲକ୍ଷ ଟଙ୍କା, ଏଆଇଏନ୍ଆରସିକୁ ୪.୨୦ ଲକ୍ଷ, ପିଏମ୍‌କେକୁ ୩.୮୧ ଲକ୍ଷ ଟଙ୍କାର ଚାନ୍ଦା ମିଳିଛି। ☞ପୃଷ୍ଠା-୧୨

■ ଅରୁଣାଚଳରେ ଉଗ୍ରପନ୍ଥୀ ଆକ୍ରମଣ

## ବିଧାୟକଙ୍କ ସମେତ ୧୧ ଜଣଙ୍କୁ ହତ୍ୟା



ନିହତ ତିରୋଙ୍ଗ

■ **ମୃତକଙ୍କ ମଧ୍ୟରେ ପରିବାରର ୬ ସଦସ୍ୟ, ୪ ସୁରକ୍ଷା କର୍ମୀ**

■ **ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ କନ୍‌ରାଡ୍**

**ଇଟାନଗର,୨୧।୫(ପି.ଟି./ଆଇଏନ୍ଏସ୍)**

ଅରୁଣାଚଳ ପ୍ରଦେଶରେ ନାଗା ଉଗ୍ରପନ୍ଥୀମାନେ ମଙ୍ଗଳବାର ଜଣେ ବିଧାୟକଙ୍କ ସମେତ ୧୧ ଜଣଙ୍କୁ ହତ୍ୟା କରିଛନ୍ତି। ବିଧାୟକ ତଥା ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ପ୍ରାର୍ଥୀ ତିରୋଙ୍ଗ ଓ ଅନ୍ୟମାନେ ୩ଟି କାର୍‌ରେ ଆବୋହ ଆସାମରୁ ଫେରୁଥିବାବେଳେ ଅରୁଣାଚଳର ତିରାପ ଜିଲାର ଏକ ସ୍ଥାନରେ ଉଗ୍ରବାଦୀମାନେ ସେମାନଙ୍କୁ ଅଟକରାଇ ଆଖିବୁଜା ଗୁଳିବର୍ଷା କରିଥିଲେ। ଏଥିରେ ତିରୋଙ୍ଗ, ତାଙ୍କ ପରିବାରର ୬ ଜଣ ଓ ୪ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଉଗ୍ରପନ୍ଥୀଙ୍କୁ ଧରିବା ଲାଗି ଆସାମ ରାଇଫଲ୍ସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଛି। ଏନ୍‌ପିପି ଅଧ୍ୟକ୍ଷ ତଥା ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସଙ୍ଗ୍‌ମା ଏହାର ନିନ୍ଦା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଖୋନ୍‌ସା ୱେଷ୍ଟ ନିର୍ବାଚନମଣ୍ଡଳୀ ବିଧାୟକ ତିରୋଙ୍ଗ ସଦ୍ୟ ସମାପ୍ତ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ପୁନଃ ନିର୍ବାଚିତ ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଗ୍ରପନ୍ଥୀ ସଙ୍ଗଠନ ନ୍ୟାଶନାଲିଷ୍ଟ ସୋସିଆଲିଷ୍ଟ କାଉନ୍‌ସିଲ୍ ଅଫ୍ ନାଗାଲାଣ୍ଡ ଇସାକ୍ ଆଣ୍ଡ ମୁଇଭା (ଏନ୍ଏସ୍‌ସିଏନ୍-ଆଇଏମ୍) ପକ୍ଷରୁ ପୂର୍ବରୁ ତିରୋଙ୍ଗଙ୍କୁ ହତ୍ୟା ଧମକ ମିଳିଥିଲା। ତିରୋଙ୍ଗ ନିଜ ପରିବାର ସହ ୩ଟି କାର୍‌ରେ ଆସାମରୁ ଖୋନ୍‌ସାକୁ ଫେରୁଥିଲେ। ଗୋଟିଏ କାର୍ ତିରୋଙ୍ଗଙ୍କ ପୁଅ ଚଳାଉଥିଲେ। ସେମାନେ ପୂର୍ବାହ୍ନ ୧୧ଟା ୩୦ରେ ଅରୁଣାଚଳ ରାଜଧାନୀ ଇଟାନଗରଠାରୁ ୨୬୦ କି.ମି. ଦୂର ବୋଗାପାନିରେ ପହଞ୍ଚିଥିବାବେଳେ ସଶସ୍ତ୍ର ଏନ୍ଏସ୍‌ସିଏନ୍-ଆଇଏମ୍ ଉଗ୍ରପନ୍ଥୀମାନେ ଅଟକାଇ ଖୁବ୍ ନିକଟରୁ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ତିରାପ ଡେପୁଟି କମିଶନର ପି.ଏନ୍. ଥୁଙ୍ଗନ୍ ସୂଚନା ଦେଇଛନ୍ତି। ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏହି ଆକ୍ରମଣର ଦୃଢ଼ନିନ୍ଦା କରିଛନ୍ତି। ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସଙ୍ଗ୍‌ମା ଏହାକୁ ଅତ୍ୟନ୍ତ ବର୍ବର ବୋଲି ଅଭିହିତ କରିବା ସହ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଆକ୍ରମଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କନ୍‌ରାଡ୍ ଦାବି କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଶୋକବ୍ୟକ୍ତ କରିବା ସହ ସମବେଦନା ଜଣାଇଛନ୍ତି। ହତ୍ୟାକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି।

■ ରାଜ୍ୟର ୬୩ କେନ୍ଦ୍ରରେ ଭୋଟ ଗଣତି ପାଇଁ ପ୍ରସ୍ତୁତି

## ପାଟଣାଗଡ଼ରେ ବିଳମ୍ବ, ସମ୍ବଲପୁରରେ ଶୀଘ୍ର



ସୁରେନ୍ଦ୍ର କୁମାର

■ **୬୭୦୦ କର୍ମଚାରୀ ନିୟୋଜିତ**

■ **ପ୍ରତି ଗଣନା କେନ୍ଦ୍ରରେ ସିସିଟିଭି, ଭିଡିଓଗ୍ରାଫି**

■ **ଭୁବନେଶ୍ୱରରେ ଲାଗିବ ଏଲଇଡି**

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

ଆସନ୍ତା ୨୩ ତାରିଖ ଗୁରୁବାର ହେବ ୨୦୧୯ ସାଧାରଣ ନିର୍ବାଚନର ଭୋଟ ଗଣତି। ସେଦିନକୁ ରାଜନେତାଙ୍କଠାରୁ ଆରମ୍ଭ କରି ଜନତା ସମସ୍ତେ ଚାହିଁ ରହିଛନ୍ତି। ଭୋଟ ଗଣତି କାର୍ଯ୍ୟକୁ ସୁରୁଖୁରୁରେ ଶେଷ କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉକ୍ତଦିନ ସକାଳ ୮ଟାରୁ ୨୧ ଲୋକ ସଭା ଓ ୧୪୬ ବିଧାନସଭା ଆସନ ପାଇଁ ଭୋଟ ଗଣତି ଆରମ୍ଭ ହେବ। ଏଥିପାଇଁ ୬୩ ସ୍ଥାନରେ ଗଣନା କେନ୍ଦ୍ର(କାଉଣ୍ଟିଂ ସେଣ୍ଟର) କରାଯାଇଛି। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ହାରାହାରି ୩୦ ରାଉଣ୍ଡ ଭୋଟ ଗଣତି ହେବ ବୋଲି ସିଇଓ ସୁରେନ୍ଦ୍ର କୁମାର କହିଛନ୍ତି। ହେଲେ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୧୯ ରାଉଣ୍ଡ ଓ ବଲାଙ୍ଗୀର ଜିଲାର ପାଟଣାଗଡ଼ରେ ସର୍ବାଧିକ ୪୯ ରାଉଣ୍ଡ ଗଣନା ହେବ ବୋଲି ଆକଳନ କରାଯାଇଛି। ଏଣୁ ପାଟଣାଗଡ଼ରେ ଗଣନା ବିଳମ୍ବ ହେବାକୁ ଥିବାବେଳେ ସମ୍ବଲପୁରରେ ଶୀଘ୍ର ସରିବ।

ଗଣମାଧ୍ୟମକୁ ସୂଚନା ଦେଇ ସିଇଓ କହିଛନ୍ତି ଯେ, ଭୋଟ ଗଣତିରେ ସ୍ୱଚ୍ଛତା ଓ ନିରପେକ୍ଷତା ଆଣିବା ସକାଶେ ପ୍ରତ୍ୟେକ ଗଣନା କେନ୍ଦ୍ରରେ ଜଣେ କାଉଣ୍ଟିଂ ସୁପରଭାଇଜର, ଜଣେ ☞ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ସାହସୀ ଦୂତୀ**

**ଆଜିର ମନ୍ତବ୍ୟ**

"ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ସ୍ଥାୟୀ ସଦସ୍ୟତା ମିଳିବା ଜରୁରୀ।
**-ୱାଲ୍‌ଟର ଜେ. ଲିଣ୍ଡନର୍, ଜର୍ମାନ ରାଷ୍ଟ୍ରଦୂତ**

**କିଛି ତଥ୍ୟ**

ଇସ୍ପାତ ଉତ୍ପାଦନ ଲାଗି ଲାଇସେନ୍ସପ୍ରାପ୍ତ ୨୮୮ ମର୍ଚ୍ଚାଣ୍ଟ ଖଣି ମଧ୍ୟରୁ ୫୯ଟି ବର୍ତ୍ତମାନ କାର୍ଯ୍ୟକ୍ଷମ ରହିଛି।
**- ଇଣ୍ଡିଆ ରେଟିଂସ୍**

# ବଡ଼ଭଉଣୀ ବ୍ଲାକ୍‌ମେଲ କରୁଛନ୍ତି: ଦୂତୀ



**ଭୁବନେଶ୍ୱର,୨୨।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଦେଶର ଦ୍ରୁତତମ ଧାବିକା ତଥା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ନିଜ ସମଲିଙ୍ଗୀ ସମ୍ପର୍କକୁ ନେଇ ମୁହଁ ଖୋଲିବା ପରେ କେବଳ ରାଜ୍ୟ ନୁହଁ, ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି। ଦୂତୀଙ୍କ ଏହି ସମଲିଙ୍ଗୀ ସମ୍ପର୍କକୁ ତାଙ୍କର ପରିବାର ସଦସ୍ୟ ଖୋଲାଖୋଲି ବିରୋଧ କରିବା କଥା କାହାକୁ ଅଛପା ନାହିଁ। ଏଭଳିସ୍ଥଳେ ଦୂତୀ ଏ ସଂକ୍ରାନ୍ତରେ ମୁହଁ ଖୋଲିଛନ୍ତି। ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସେ ନିଜ ମନକଥା ଖୋଲି କହିଛନ୍ତି। ଦେଶର ପ୍ରଥମ କ୍ରୀଡ଼ାବିତ୍ ଭାବେ ସେ ସମଲିଙ୍ଗୀ ସମ୍ପର୍କକୁ ସ୍ୱୀକାର କରି ସାହସିକତାର ପରିଚୟ ଦେଇଛନ୍ତି। ତେବେ ଏ ନେଇ ସାରା ଦେଶରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତାଙ୍କ ସମ୍ପର୍କକୁ ନେଇ ପରିବାର ଲୋକେ ବିରୋଧ କରିଥିବାରୁ ସେ ଏହାକୁ ନାପସନ୍ଦ କରିଛନ୍ତି। ପରିବାର ଲୋକଙ୍କ ବିରୋଧ ଆଗରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତାଙ୍କୁ ପରିବାରରୁ ବେଦଖଲ କରିବାକୁ ପୂର୍ବରୁ ଧମକ ଦିଆଯାଇଥିଲା ବୋଲି ସେ କହିଛନ୍ତି। ଖୋଦ୍ ନିଜ ବଡ଼ଭଉଣୀ ସରସ୍ୱତୀ ଚାନ୍ଦଙ୍କ ବିରୋଧରେ ଦୂତୀ ବିଷୋଦ୍‌ଗାର କରିଛନ୍ତି।

ସମଲିଙ୍ଗୀ ବୋଲି ଜଣାପଡ଼ିବା ପରେ ମୋତେ ଘରୁ ବାହାର କରିବାକୁ ମୋବଡ଼ ଭଉଣୀ ଧମକ ଦେଇଛନ୍ତି ବୋଲି ସେ ଖୋଲାଖୋଲି କହିଛନ୍ତି। ମୋ ସମ୍ପର୍କ ବିଷୟରେ ଜାଣିବା ପରେ ସେ ବ୍ଲାକମେଲ କରିଆସୁଥିଲେ। ଏଥିପାଇଁ ସେ ମୋଠାରୁ ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ଥରେ ସେ ମୋତେ ବାଡ଼େଇଥିଲେ ଓ ଏ ନେଇ ମୁଁ ଥାନାରେ ଏତଲା ଦେଇଥିଲି। ସେ ବାରମ୍ବାର ବ୍ଲାକମେଲ୍ କରିବା ପରେ ମୋ ସମ୍ପର୍କ ନେଇ ମୁହଁ ଖୋଲିବାକୁ ବାଧହେଲି ବୋଲି ଦୂତୀ ସ୍ପଷ୍ଟ କରିଛନ୍ତି। ୩ ବର୍ଷ ପୂର୍ବରୁ ଆମର ସମ୍ପର୍କ ସୃଷ୍ଟି ହୋଇଥିଲା। କେବଳ ସେତିକି ନୁହେଁ, ମା'ଙ୍କୁ ମୋ ବିରୋଧରେ ପରିବାର ଲୋକେ ଉସ୍କାଇଛନ୍ତି। ମୋ ବିରୋଧରେ ଏକ ଷଡ଼ଯନ୍ତ୍ର ରଚାଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ପରିବାର ପାଇଁ ମୁଁ କିଛି କରିନାହିଁ ବୋଲି ମୋ ବିରୋଧରେ ଅପବାଦ କରାଯାଉଛି। କିନ୍ତୁ ତାହା ଆଦୌ ସତ ନୁହେଁ। ଭାଇ, ଭଉଣୀ, ମା- ବାପାଙ୍କ ପାଇଁ ମୁଁ ଯଥାସାଧ୍ୟ ସବୁ କିଛି କରିଛି। ଗାଁରେ ପରିବାର ଲୋକଙ୍କ ପାଇଁ ଘର କରିଛି। ଭଉଣୀମାନଙ୍କୁ ପଢ଼ାଇବାରେ ସାହାଯ୍ୟ କରିଛି। ଏପରିକି ଜଣେ ଭଉଣୀଙ୍କୁ ଗାଡି ଦେଇଛି। ମୋ ବିରୋଧରେ ମା'ଙ୍କୁ ମତାଇବାକୁ ପରିବାର ଲୋକେ ପ୍ରୟାସ କରିଛନ୍ତି। ଏହା ମୋତେ ଦୁଃଖ ଦେଇଛି। ତେବେ ପରିବାର ସଦସ୍ୟଙ୍କ ଚାପ ☞ପୃଷ୍ଠା-୧୨


NECC NATIONAL EGG CO-ORDINATION COMMITTEE 21.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 92 | 148 | 158 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 92 | 148 | 158 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers



UTKAL UNIVERSITY
DEPARTMENT OF BUSINESS ADMINISTRATION
Vani Vihar, Bhubaneswar-751004, Odisha, India
NAAC-A+Accredited
ADMISSION OPEN
DEGREE WITH SKILL
MBA (AGRIBUSINESS)
Two years full time Programme in ppp mode
Excellent Placement Record
ICICI Bank, AXIS Bank, Bandhan Bank, Yes Bank, Utkarsh Bank, Ujjivan Small Finance Bank, Seed Works, Pioneer Seeds, Dhanuka Agritech Ltd., Sinochem India, UPL, Matrix Fertilizer, Mahyco, VNR Seeds, Coromondel, Mansanto, DSCL, BFIL, Spandana, Arohan Microfinance, Annapurna Microfinance, Adhikar Microfinance, Origo Commodities, Pradan, AMUL, Mahashakti Foundation, Syngenta Foundation.
ELIGIBILITY:
B.Sc(Ag.) & Allied sectors/B.tech(Ag)/ B.tech(Food tech) B.Tech(Biotech), B.Tech/BE (Any stream), B.Sc in Life science (Zoology, Botany, Biotech, Microbiology) /B.Sc. (Chemistry), B.Com/BBA/BBM. Weightage will be given to Graduates in the Agriculture and allied sector. Candidates should have secured minimum 50% marks or equivalent (45% for SC/ST candidates) in Graduation and minimum 50% marks in 10th & 12th.
SELECTION:
Selection will be based on scores in MAT/CAT/CMAT/ICAR/OJEE followed by personal interview. The candidates, those who have not appeared the above tests, will have to appear for University Management Aptitude Test (UMAT) in the Utkal University campus.
APPLICATION PROCESS:
Fill in the Application form ONLINE at www.camutkal.ac.in
• Last date of submission of e-Application form : 15.06.2019 (23:45 hours)
• Last date of submission of hard copy along with other documents : 22.06.2019 (17:00 hours)
Contact
The Course Head, Centre for Agri-Management
Dept. of Business Administration, Utkal University, Bhubaneswar-751004
Ph./Fax: 0674-2567035, Mob.: 9437124356, 9778886001, 9938204639
e-mail : admission@camutkal.org, academic@camutkal.org, Website: www.camutkal.ac.in
Course Director



ନକାରାତ୍ମକ ତତ୍ତ୍ୱଗୁଡ଼ିକ ଏନ୍‌ଆର୍‌ସି ସଂଶୋଧନରେ ବାଧା ଉପୁଜାଇବା ଲାଗି ଉଦ୍ୟମ କରିବା ସହ ଆସାମରେ ଅଶାନ୍ତି ସୃଷ୍ଟି କରୁଛନ୍ତି।
-ସର୍ବାନନ୍ଦ ସୋନୋୱାଲ,
ଆସାମ ମୁଖ୍ୟମନ୍ତ୍ରୀ



# ପାଗ ଭିଡୁଛି ଏନ୍‌ଡିଏ, ବିରୋଧୀ ବି ପ୍ରସ୍ତୁତ

ଶେଷ ହୋଇଛି ଗଣତନ୍ତ୍ରର ମହାପର୍ବ। ସାଧାରଣ ନିର୍ବାଚନ ପରେ ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ। ଆଉ ଦୁଇଦିନ ପରେ ସାରା ଦେଶରେ ଗଣାହେବ ଭୋଟ ଓ ଆସିବ ଜନାଦେଶ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସପକ୍ଷରେ ଜନମତ ରହିଥିବା ଅଧିକାଂଶ ଏକ୍‌ଜିଟ୍ ପୋଲ୍ ସଂସ୍ଥା ଭବିଷ୍ୟବାଣୀ କରିଥିବାବେଳେ ଉଭୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଫଳାଫଳକୁ ନେଇ ଛିଣ୍ଡିନାହିଁ ଅଙ୍କକଷା ଓ ଲାଗିରହିଛି ଉତ୍କଣ୍ଠା। ଏଭଳି ସମୟରେ ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପୁଣିଥରେ ସରକାର ଗଠନ ପାଇଁ ପାଗ ଭିଡ଼ିବା ଆରମ୍ଭ କରିଛନ୍ତି। ସେପଟେ ତମାମ ସର୍ଭେ ଆଉ ଆକଳନ ଉପରେ ଅବିଶ୍ୱାସ ବ୍ୟକ୍ତ କରି ବିରୋଧୀ ମେଣ୍ଟ ଗଠନ ଲାଗି ଉଦ୍ୟମ ଚଳାଇଛନ୍ତି ବିପକ୍ଷ ଦଳ ନେତା। ମୋଦି ସରକାରଙ୍କୁ ଦେଶର ଭୋଟର ପ୍ରତ୍ୟାଖ୍ୟାନ କରି ସଂଖ୍ୟାଗରିଷ୍ଠତା ନ ଦେଲେ କ'ଣ ହେବ ସମୀକରଣ, ତାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର ନେତାମାନେ ଚଳାଇଛନ୍ତି ମାରାଥନ ବୈଠକ ଆଉ ତୁହାକୁ ତୁହା ଆଲୋଚନା। ଏହି କ୍ରମରେ ୨୨ ବିରୋଧୀ ଦଳ ଏକାଠି ହୋଇ ଭବିଷ୍ୟତ ରଣନୀତି ସ୍ଥିର କରିଥିବାବେଳେ କ୍ଷମତାକୁ ଫେରିବା ଲାଗି ଏନ୍‌ଡିଏ ଶିବିର ଚଳଚଞ୍ଚଳ।

## ସଂକ୍ଷେପରେ

### ଜୋକୋ ୱିଡୋଡୋ ଇଣ୍ଡୋନେସିଆ ରାଷ୍ଟ୍ରପତି



**ଜାକର୍ତ୍ତା,୨୧।୫(ଏଏଫ୍‌ପି):** ବିଶ୍ୱର ତୃତୀୟ ବୃହତ୍ ଗଣତନ୍ତ୍ର ଇଣ୍ଡୋନେସିଆର ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ମଙ୍ଗଳବାର ଘୋଷିତ ହୋଇଛି। ଜୋକୋ ୱିଡୋଡୋ ରାଷ୍ଟ୍ରପତି ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ଜାଲିଆତି ହୋଇଥିବା ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ପ୍ରବୋୱୋ ସୁବିଆଣ୍ଟୋ ଅଭିଯୋଗ କରିବା ସହ ସମ୍ଭାବ୍ୟ ବିଦ୍ରୋହ ନେଇ ଚେତାବନୀ ଦେଇଛନ୍ତି। ନିର୍ବାଚନ ପରବର୍ତ୍ତୀ ବିକ୍ଷୋଭ ବେଳେ ବିସ୍ଫୋରଣ କରି ଆତଙ୍କ ଖେଳାଇବା ଯୋଜନାରେ ଥିବା କେତେକ ଆଇଏସ୍ ଆତଙ୍କବାଦୀଙ୍କୁ ଗତ ସପ୍ତାହରେ ପୋଲିସ ଗିରଫ କରିଥିଲା। ହିଂସାକାଣ୍ଡ ଆଶଙ୍କାରେ ମଙ୍ଗଳବାର ରାଜଧାନୀ ଜାକର୍ତ୍ତାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ଦୁଇ ପରିବାରର ୯ ଜଣଙ୍କୁ ହତ୍ୟା

**କାଠମାଣ୍ଡୁ,୨୧।୫:** ନେପାଳ ରାଜଧାନୀ କାଠମାଣ୍ଡୁଠାରୁ ୪୦୦ କିଲୋମିଟର ଦୂର ପାର୍ବତ୍ୟାଞ୍ଚଳ ଗ୍ରାମ ମିକଲାଜୁଙ୍ଗ୍‌ରେ ସୋମବାର ରାତିରେ ଦୁଇ ସମ୍ପର୍କୀୟ ପରିବାରର ୯ ଜଣଙ୍କୁ ହତ୍ୟା କରାଯାଇଛି। ମଙ୍ଗଳବାର ସକାଳେ ପଡୋଶୀମାନେ ସେମାନଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଦୁଇ ପରିବାରରୁ ଜଣେ ୧୨ ବର୍ଷର ନାବାଳିକା ଆହତ ଅବସ୍ଥାରେ ବଞ୍ଚି ରହିଛି।

### ସୁପ୍ରିମକୋର୍ଟରେ ରାଜୀବ କୁମାରଙ୍କୁ ଝଟକା

**ନୂଆଦିଲ୍ଲୀ, ୨୧।୫:** ସାରଦା ଚିଟ୍‌ଫଣ୍ଡ୍ ମାମଲାରେ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ସୁପ୍ରିମକୋର୍ଟରୁ ଝଟକା ଲାଗିଛି। ସେ ଗିରଫଦାରିକୁ ଏଡ଼ାଇବା ଲାଗି ୭ ଦିନ ଅଧିକ ସୁରକ୍ଷା ଅନୁମତି ଲୋଡ଼ିଥିବାବେଳେ ଆବେଦନର ଶୀଘ୍ର ଶୁଣାଣି ଲାଗି ଅଦାଲତ ମଙ୍ଗଳବାର ମନାକରି ଦେଇଛନ୍ତି। ରାଜୀବ କୁମାରଙ୍କ ସୁରକ୍ଷା ଅବଧି ୨୩ ତାରିଖରେ ଶେଷ ହେଉଛି।

### ୧୦୦% ଭିଭିପିଏଟି ସ୍ଲିପ୍ ଯାଞ୍ଚ ଲାଗି ପିଆଇଏଲ୍ ଖାରଜ

**ନୂଆଦିଲ୍ଲୀ,୨୧।୫(ପି.ଟି.):** ଭୋଟ ଗଣତି ଦିନ ଇଭିଏମ୍ ସହ ୧୦୦% ଭିଭିପିଏଟି ସ୍ଲିପ୍ ମେଳ କରାଇବା ପାଇଁ ଦାଏର ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାୟ ଶୁଣାଇ ସାରିଥିବାବେଳେ ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଚେନ୍ନାଇର 'ଟେକ୍ ଫର୍ ଅଲ୍' ସଂଗଠନ ପକ୍ଷରୁ ଦାଏର ପିଆଇଏଲ୍‌ର ଜରୁରୀ ଶୁଣାଣି ପାଇଁ ହୋଇଥିବା ଆବେଦନକୁ ଅଦାଲତ ଅଗ୍ରାହ୍ୟ କରିଦେବା ସହ ମାମଲାକୁ ଖାରଜ କରିଦେଇଥିଲେ।

## ଭୋଟଗଣତି ପୂର୍ବରୁ ଭିଭିପିଏଟି ଯାଞ୍ଚ ଦାବି



ଇସିଙ୍କୁ ଭେଟିବା ପରେ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଗୁଲାମନବୀ ଆଜାଦ ଏବଂ ଟିଡିପି ଅଧ୍ୟକ୍ଷ ଏନ୍.ଚନ୍ଦ୍ରାବାବୁ ନାଇଡୁଙ୍କ ସମେତ ବିରୋଧୀ ଦଳ ନେତାମାନେ।

**ନୂଆଦିଲ୍ଲୀ,୨୧।୫(ପି.ଟି.)**

### ଇସିଙ୍କୁ ଭେଟିଲେ ୨୨ ବିରୋଧୀ ଦଳ

ଆସନ୍ତା ଗୁରୁବାର ଭୋଟ ଗଣତି ପୂର୍ବରୁ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀର ଚିହ୍ନଟ ହୋଇଥିବା ନିର୍ଦ୍ଦିଷ୍ଟ ୫ଟି ବୁଥ୍‌ର ଭିଭିପିଏଟି ସ୍ଲିପ୍ ଯାଞ୍ଚ ପାଇଁ ୨୨ଟି ବିରୋଧୀ ଦଳର ନେତା ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଭେଟି ଦାବି କରିଛନ୍ତି। ଯଦି ଇଭିଏମ୍ ଏବଂ ଭିଭିପିଏଟି ସ୍ଲିପ୍ ସଂଖ୍ୟାରେ ତାଳମେଳ ନ ମିଳେ ତେବେ ଉକ୍ତ ନିର୍ବାଚନମଣ୍ଡଳୀର ସମସ୍ତ ଭିଭିପିଏଟି ଯାଞ୍ଚ କରାଯିବା ଲାଗି ବିରୋଧୀ ଦଳଗୁଡିକ ସ୍ମାରକପତ୍ର ଜରିଆରେ ଇସିଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ବୁଧବାର ଇସି ବୈଠକ ବସି ଏ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଥିବା କଂଗ୍ରେସ ନେତା ଅଭିଷେକ୍ ମନୁ ସିଙ୍ଘଭି ସୂଚନା ଦେଇଛନ୍ତି। ଗଣନା ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସାଧୁତା ସୁନିଶ୍ଚିତ କରିବାକୁ ହେଲେ ଇଭିଏମ୍ ଫଳାଫଳ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ଜରୁରୀ। କଂଗ୍ରେସ, ଡିଏମ୍‌କେ, ଟିଡିପି, ବିଏସ୍‌ପି ସମେତ ବିଭିନ୍ନ ଦଳର ନେତାମାନେ ଇସିଙ୍କୁ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭିଭିପିଏଟି ଯାଞ୍ଚ ଯୋଗୁ ୨୩ ତାରିଖରେ ଭୋଟଗଣନାରେ ବିଳମ୍ବ ହୋଇପାରେ।

ଇସିଙ୍କୁ ଭେଟିବା ପୂର୍ବରୁ ବିରୋଧୀ ଦଳ ନେତାମାନେ କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ଠାରେ ଏକାଠି ହୋଇ ସାମ୍ପ୍ରତିକ ରାଜନୈତିକ ସ୍ଥିତି ଏବଂ ଗଣତି ପ୍ରକ୍ରିୟାରେ ସ୍ୱଚ୍ଛତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଗଣନା ଦିନ ସେମାନେ ପରସ୍ପର ସହ କ୍ରମାଗତ ଯୋଗାଯୋଗରେ ରହିବା ଏବଂ ମେଣ୍ଟ ସରକାର ଗଠନ ସମ୍ଭାବନା ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ, ସିଙ୍ଘଭି, ଅହମଦ ପଟେଲ, ଅଶୋକ ଗେହଲଟ, ଏସ୍‌ପି ନେତା ରାମଗୋପାଳ ଯାଦବ, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ଟି.କେ. ରଙ୍ଗରାଜନ୍, ଆମ୍ ଆଦ୍‌ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍‌ରିୱାଲ, ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ ଏବଂ ମଜିଦ ମେମନ, ଡିଏମ୍‌କେରୁ କେ. କାନିମୋଝି, ଟିଏମ୍‌ସିରୁ ଡେରେକ ଓ'ବ୍ରାଏନ, ଆରଜେଡିରୁ ମନୋଜ ଝା, ସିପିଆଇର ସୁଧାକର ରେଡ୍ଡୀ ଏବଂ ଡି. ରାଜା, ଏଲ୍‌ଜେଡିର ଜାଭେଦ ରାଜାୱା ପ୍ରମୁଖ ଯୋଗ ଦେଇଥିଲେ।

## କ୍ୟାବିନେଟ ସହଯୋଗୀଙ୍କୁ ଧନ୍ୟବାଦ ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୧।୫**

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଗଠନ ଲାଗି କୁହୁକ ସଂଖ୍ୟା ୨୭୨ ଅତିକ୍ରମ କରି ପୂର୍ଣ୍ଣ ବହୁମତ ପାଇବ ବୋଲି ଅନେକ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ଭୋଟ ଗଣତିକୁ ଦୁଇଦିନ ବାକି ଥିବାରୁ ସ୍ୱାଭାବିକ ଭାବେ ଏନ୍‌ଡିଏ ଶିବିର ଚଳଚଞ୍ଚଳ ହୋଇଉଠିଛି। ଭାଜପା ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଗୈରିକ ଦଳ ଏବଂ ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକର କ୍ୟାବିନେଟ ମନ୍ତ୍ରୀମାନେ ଯୋଗଦେଇଛନ୍ତି। ୨୩ରେ ଫଳ ପ୍ରକାଶ ପାଇବା ପରେ ନୂଆ ସରକାର ଗଠନ ହେବ। ଏହା ପୂର୍ବରୁ ଦେଶ ପାଇଁ ସେବା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ କ୍ୟାବିନେଟ ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ନିର୍ବାଚନ ପ୍ରଚାର ମୋ ପାଇଁ ତୀର୍ଥଯାତ୍ରା ସଦୃଶ ବୋଲି ମୋଦି କହିଛନ୍ତି। ଏଥିରେ ଭାଜପାର ରାଜନାଥ ସିଂ, ନୀତୀନ ଗଡ଼କରୀ, ଅରୁଣ ଜେଟ୍‌ଲୀ, ଜେ.ପି. ନଡ୍ଡା ଓ ପ୍ରକାଶ ଜାଭଡେକର ଉପସ୍ଥିତ ଥିଲେ। ଏଲ୍‌ଜେପି ଅଧ୍ୟକ୍ଷ ରାମବିଳାସ ପାଶ୍ୱାନ, ଅକାଳୀ ଦଳ ନେତା ହର୍‌ସିମ୍ରତ୍ କୌର ବାଦଲ, ଅପ୍‌ନା ଦଳର ଅନୁପ୍ରିୟା ପଟେଲ ପ୍ରମୁଖ୍ୟ ଯୋଗ ଦେଇଥିଲେ।




## ଶାହଙ୍କ ଡିନର୍ ପାର୍ଟି

**ନୂଆଦିଲ୍ଲୀ,୨୧।୫**

ସାଧାରଣ ନିର୍ବାଚନର ଫଳାଫଳକୁ ନେଇ ଭବିଷ୍ୟବାଣୀ କରିଥିବା ୧୪ ଏକ୍‌ଜିଟ୍ ପୋଲ ମଧ୍ୟରୁ ୧୨ଟି ଏନ୍‌ଡିଏ ସପକ୍ଷରେ ଜନମତ ରହିଥିବା କହିଛନ୍ତି। ଏଭଳି ସମୟରେ ମେଣ୍ଟ ରଣନୀତି ସ୍ଥିର କରିବା ଲାଗି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଙ୍ଗଳବାର ନୂଆଦିଲ୍ଲୀର ଏକ ହୋଟେଲରେ ନୈଶଭୋଜିର ଆୟୋଜନ କରିଛନ୍ତି। ଏଥିରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମେତ ଏନ୍‌ଡିଏ ସହଯୋଗୀ ଦଳ ନେତାମାନେ ଯୋଗଦେଇଛନ୍ତି।

## ଇଭିଏମ୍ ଜାଲିଆତି ନେଇ ବିକ୍ଷୋଭ

**ଲକ୍ଷ୍ନୌ/ନୂଆଦିଲ୍ଲୀ,୨୧।୫(ପି.ଟି.)**

### ନିର୍ବାଚନ ଅଧିକାରୀ କହିଲେ 'ସମ୍ପୂର୍ଣ୍ଣ ସୁରକ୍ଷିତ'

ଇଭିଏମ୍‌ରେ ଜାଲିଆତି ଏବଂ ଅନ୍ୟତ୍ର ସ୍ଥାନାନ୍ତର ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମଙ୍ଗଳବାର ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତେବେ ନିର୍ବାଚନ କମିଶନ (ଇସି) ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି ଇସି କହିଛନ୍ତି। ଷ୍ଟ୍ରଙ୍ଗରୁମ୍ ବାହାରକୁ ଇଭିଏମ୍ ନିଆଯାଉଥିବା ଭିଡିଓକୁ ନେଇ ଗାଜିପୁର, ଚାନ୍ଦୌଲି, ଡୁମାରିୟାଗଞ୍ଜ ପ୍ରଭୃତି ସ୍ଥାନରେ ବିଭିନ୍ନ ଦଳର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଇଭିଏମ୍‌ରେ କୌଣସି ପ୍ରକାର ଜାଲିଆତି କରାଯାଇପାରିବ ନାହିଁ ବୋଲି ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ରଣବୀର ସିଂ କହିଛନ୍ତି। ଇଭିଏମ୍ ସହ ଇଣ୍ଟରନେଟ, ୱାଇ-ଫାଇ କିମ୍ବା ବ୍ଲୁଟୁଥ୍ ସଂଯୋଗ ନାହିଁ। ତେଣୁ ମେଶିନ୍‌ରେ କ'ଣ ଅଛି ତାହା ଜାଣିବା ସମ୍ଭବ ନୁହେଁ। ଏଥିରେ ଗୋଟିଏ ଥର ପ୍ରୋଗ୍ରାମଯୋଗ୍ୟ ଚିପ୍ ରହିଥିବା ସେ କହିଛନ୍ତି।

## ଜାଲିଆତି ଅଭିଯୋଗ ଚିନ୍ତାଜନକ: ପ୍ରଣବ



**ନୂଆଦିଲ୍ଲୀ,୨୧।୫(ପି.ଟି.)**

ଇଭିଏମ୍‌କୁ ନେଇ ବିବାଦ ଲାଗି ରହିଥିବାବେଳେ ଭୋଟରଙ୍କ ରାୟରେ ଜାଲିଆତି ଅଭିଯୋଗ ଚିନ୍ତାଜନକ ବୋଲି ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କହିଛନ୍ତି। ସଂସ୍ଥାଗତ ସାଧୁତା ସୁନିଶ୍ଚିତ କରିବା ନିର୍ବାଚନ କମିଶନଙ୍କ ଦାୟିତ୍ୱ। ଏହା ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇବା ଆବଶ୍ୟକ ବୋଲି ପ୍ରଣବ ମତ ଦେଇଛନ୍ତି। ଭାରତୀୟ ଗଣତନ୍ତ୍ରର ମୌଳିକତାକୁ କୌଣସି କଳ୍ପନାଜଳ୍ପନା ଆଧାରରେ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ ବୋଲି ପୂର୍ବତନ ରାଷ୍ଟ୍ରପତି କହିଛନ୍ତି।

## କମଲନାଥ ସରକାରଙ୍କ ଗୋଡ଼ ଟାଣିବାକୁ ଉଦ୍ୟମ

**ଭୋପାଳ,୨୧।୫(ପି.ଟି.)**



### 'କଂଗ୍ରେସ ବିଧାୟକଙ୍କୁ ୫୦ କୋଟିର ଲୋଭ ଦେଖାଉଛି ଭାଜପା'

ସାଧାରଣ ନିର୍ବାଚନ ଶେଷହେବା ପରେ ମଧ୍ୟପ୍ରଦେଶର କଂଗ୍ରେସ ନେତୃତ୍ୱାଧୀନ କମଲନାଥ ସରକାର ଉପରେ ଅସ୍ଥିରତାର କଳାବାଦଲ ଘନେଇବାରେ ଲାଗିଛି। କଂଗ୍ରେସ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଗୋଡ଼ ଟାଣିବାକୁ ଭାଜପା ଉଦ୍ୟମ କରୁଛି। ଏଥିଲାଗି ଗୈରିକ ଦଳ କଂଗ୍ରେସ ବିଧାୟକମାନଙ୍କୁ ଅର୍ଥ ଲୋଭ ଦେଖାଇ ନିଜ ସପକ୍ଷକୁ ଟାଣିବା ପାଇଁ ଯୋଜନା ଚଳାଇଛି ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ କମଲନାଥ ଅଭିଯୋଗ ଆଣିଛନ୍ତି। ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ ଦିନକ ପୂର୍ବରୁ ସରକାରଙ୍କ ସଂଖ୍ୟାଗରିଷ୍ଠତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହାସହ ସେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ରାଜ୍ୟପାଳ ଆନନ୍ଦିବେନ୍ ପଟେଲଙ୍କୁ ଚିଠିଲେଖି ଅନୁରୋଧ କରିଥିଲେ। କଂଗ୍ରେସ ବିଧାୟକମାନଙ୍କୁ ୫୦ କୋଟି ଟଙ୍କା ଦେବା ପାଇଁ ପ୍ରଲୋଭନ ଦେଖାଇ ଭାଜପା ସେମାନଙ୍କୁ ନିଜ ସପକ୍ଷକୁ ଟାଣିବାକୁ ଉଦ୍ୟମ ଚଳାଇଥିବା କ୍ୟାବିନେଟ ମନ୍ତ୍ରୀ ପ୍ରଦ୍ୟୁମ୍ନ ସିଂ ତୋମାର ଅଭିଯୋଗ ଆଣିଛନ୍ତି।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ପାଳନ ବେଳେ ସ୍ମାରକୀ 'ବୀରଭୂମି'ରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

### ଇତିହାସର ଆଇନାରେ

#### ମେ ୨୨ର ପ୍ରମୁଖ ଘଟଣା


୨୦୧୦ ମେ ୨୨ରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ବୋଇଂ ୭୩୭ ବିମାନ ମାଙ୍ଗାଲୋର ଏୟାରପୋର୍ଟରେ ଅବତରଣ କଲାବେଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫୮ ଜଣଙ୍କର ମୃତ୍ୟୁ ଘଟିଥିଲା। ମୋଟ ୧୬୬ ଯାତ୍ରୀଙ୍କ ମଧ୍ୟରୁ ୮ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ହସ୍ପିଟାଲ ନେବାବେଳେ ଅନ୍ୟଜଣଙ୍କର ମୃତ୍ୟୁ ହୋଇଥିଲା।

୨୦୧୨ ମେ ୨୨ରେ ଟୋକିଓ ସ୍କାଏଟ୍ରି ସର୍ବସାଧାରଣଙ୍କ ଲାଗି ଖୋଲିଥିଲା। ଏହା ବିଶ୍ୱର ସର୍ବୋଚ୍ଚ ଟାୱାର ଏବଂ ବୁର୍ଜ ଖଲିଫା ପରେ ଦ୍ୱିତୀୟ ସର୍ବୋଚ୍ଚ ମନୁଷ୍ୟକୃତ ଶୌଧ। ଏହାର ଉଚ୍ଚତା ୬୩୪ ମିଟର (୨୦୮୦ ଫୁଟ୍)।

## ପାକିସ୍ତାନୀ ବୋଟ୍‌ରୁ ୬୦୦ କୋଟିର କୋକେନ୍ ଜବତ

**ନୂଆଦିଲ୍ଲୀ,୨୧।୫**

ଭାରତୀୟ ତଟରକ୍ଷୀ ବାହିନୀ ମଙ୍ଗଳବାର ଗୁଜରାଟ ଉପକୂଳରେ ଏକ ପାକିସ୍ତାନୀ ବୋଟ୍‌କୁ ପିଛା କରି ସେଥିରୁ ୬୦୦ କୋଟି ଟଙ୍କା ମୂଲ୍ୟର କୋକେନ୍ ଜବତ କରିଛି। ଉକ୍ତ ବୋଟ୍‌ରେ ଥିବା ୬ ଜଣ କର୍ମଚାରୀଙ୍କୁ ତଟରକ୍ଷୀ ବାହିନୀ ହାଜତକୁ ନେଇଛି। ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ଏବଂ ଅନ୍ୟ ଏଜେନ୍ସିଗୁଡ଼ିକର ସୂଚନାକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କରାଚୀରେ ପଞ୍ଜୀକୃତ ହୋଇଥିବା 'ଅଲ୍-ମଦିନା' ନାମକ ମାଛଧରା ବୋଟ୍‌ରୁ ୧୯୪ ପ୍ୟାକେଟ୍ ନିଶାଦ୍ରବ୍ୟ ଜବତ ହୋଇଛି। ଏହି ଚଢ଼ାଉରେ ତଟରକ୍ଷୀ ବାହିନୀର ଗୋଟିଏ ଜାହାଜ, ଦୁଇଟି ଇଣ୍ଟରସେପ୍ଟର ବୋଟ୍ ସାମିଲ ହୋଇଥିଲେ। ବୋଟ୍‌ର କର୍ମଚାରୀମାନେ ନିଶାଦ୍ରବ୍ୟକୁ ଧରାପଡିବା ପୂର୍ବରୁ ପାକିସ୍ତାନୀ ସମୁଦ୍ର ମଧ୍ୟକୁ ଫିଙ୍ଗିଦେଇଥିଲେ।



## କମିଲା ମାଟ୍ରିକ ପାସ୍ ହାର




# ତପ୍ତପାଣି ଘାଟିରେ ଓଲଟିଲା ମିନିବସ୍

- ଜଣେ ମୃତ, ୨୫ ଆହତ
- ନିର୍ବନ୍ଧ ଭୋଜି ଖାଇ ଫେରୁଥିଲେ

**ଦିଗପହଣ୍ଡି,୨୧।୫(ଡି.ଏନ.ଏ.)** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ତପ୍ତପାଣି ଘାଟିରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ଏକ ମିନିବସ ଓଲଟି ପଡ଼ିବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ମୃତକ ହେଲେ ଦିଗପହଣ୍ଡି ବ୍ଲକ ଗଡ଼ସାମନ୍ତରାପୁର ଗ୍ରାମର ରଘୁନାଥ ଗୌଡ଼। ଆହତମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ମଙ୍ଗଳବାର ସକାଳେ ଦୁଆରଗାଁର ଧୋବା ଗୌଡ଼ଙ୍କ ପୁଅ ରଞ୍ଜନଙ୍କ ନିର୍ବନ୍ଧ ଭୋଜି ପାଇଁ ବନ୍ଧୁବାନ୍ଧବ ଗଜପତି ଜିଲା ଚାନ୍ଦିପୁଟ ଗାଁକୁ ମିନିବସ (ନଂ.ଓଆର୦୭ ଏନ ୦୮୫୫)ରେ ଯାଇଥିଲେ। ସେଠାରୁ ଫେରିବା ବେଳେ ତପ୍ତପାଣି ଘାଟିର ବେଲଗଡ଼ ଗାଁ ନିକଟରେ ବ୍ରେକ୍ ଫେଲ ହେବାରୁ ମିନିବସଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ରଞ୍ଜନଙ୍କ ସମ୍ପର୍କୀୟ ମାମୁ ରଘୁନାଥଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଖବରପାଇ ସାନଖେମୁଣ୍ଡି, ମୋହନା ଏବଂ ଦିଗପହଣ୍ଡି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ରଘୁନାଥ ଗୌଡ଼ଙ୍କୁ ଡାକ୍ତର ସୋନାଲି ଗୁପ୍ତା ମୃତ ଘୋଷଣା କରିଥିଲେ। ଆହତ ଭଗବାନ ଗୌଡ଼, ନମିତା ଗୌଡ଼, ଲକ୍ଷ୍ମୀ ଗୌଡ଼, ଅହଲ୍ୟା ଗୌଡ଼, ସୁରେନ୍ଦ୍ର ସାହୁ, ସାଇବାଣୀ ଗୌଡ଼, ତମାଳ ଗୌଡ଼, ସାବିତ୍ରୀ ଗୌଡ଼, ସୁରେନ୍ଦ୍ର ଗୌଡ଼, ବାସନ୍ତୀ ଗୌଡ଼, ଦୁର୍ଯ୍ୟୋଧନ ଗୌଡ଼, ଖଲିଆ ଗୌଡ଼, ସୁପ୍ରଭା ଗୌଡ଼, ରିଙ୍କି ଗୌଡ଼, ମାମି ଗୌଡ଼, ପ୍ରଭାସିନୀ ଗୌଡ଼, ଦୀପକ ଗୌଡ଼, ସୁଭଦ୍ରା ଗୌଡ଼, ନୟନୀ ଗୌଡ଼, ସୁଦାମ ଗୌଡ଼, ଶାରଳା ଗୌଡ଼, ଗୋଲାପୀ ଗୌଡ଼, ଅମଳା ଗୌଡ଼, ବିଶିନା ଗୌଡ଼ ପ୍ରମୁଖଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଟପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରଘୁନାଥଙ୍କ ମୃତଦେହ ଜବତ କରିଛି। ଏ ନେଇ ଥାନାରେ ନଂ.୧୦୨/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଗାଡ଼ି ଚାଳକ ଫେରାର ଥିବା ପୋଲିସ କହିଛି।


ଦୁର୍ଘଟଣାଗ୍ରସ୍ତ ମିନି ବସରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।

## ୨୫ରେ ମାଓବାଦୀଙ୍କ ଓଡ଼ିଶା ବନ୍ଦ ଡାକରା

**ଚିତ୍ରକୋଣ୍ଡା,୨୧।୫(ଡି.ଏନ.ଏ.):** ମଙ୍ଗଳବାର ମାଓବାଦୀମାନେ ତେଲୁଗୁ ଭାଷାରେ ୨ ପୃଷ୍ଠାର ଚିଠି ଜାରି କରିଛନ୍ତି। ଏଥିରେ ପାଡୁଆ ଏନକାଉଣ୍ଟରକୁ ତୀବ୍ର ନିନ୍ଦା କରାଯାଇଛି। ଆନ୍ଧ୍ର-ଓଡ଼ିଶା ସ୍ପେଶାଲ ଜୋନାଲ କମିଟିର କମ୍ରେଡ ଗଣେଶ ଏହି ଚିଠି ଜାରି କରି ଚଳିତ ମାସ ୨୫ରେ ଆନ୍ଧ୍ର ଏବଂ ଓଡ଼ିଶା ବନ୍ଦ ଲାଗି ସେ ଡାକରା ଦେଇଛନ୍ତି।

## ସ୍ଥିତି ଦେଖି ନିଷ୍ପତ୍ତି ନେବ ବିଜେଡି: ପ୍ରତାପ ଦେବ

**ଭୁବନେଶ୍ୱର,୨୧।୫(ବ୍ୟୁରୋ):** ଦିନକ ପରେ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ଏନ୍‌ଡିଏ ସପକ୍ଷରେ ମତ ଦେଇଛନ୍ତି। କେତେକ ଏକ୍‌ଜିଟ୍ ପୋଲ ଏନ୍‌ଡିଏ ସଂଖ୍ୟାଗରିଷ୍ଠତାରୁ ସାମାନ୍ୟ କମ୍ ଆସନ ପାଇବ ବୋଲି ଆକଳନ କରିଛନ୍ତି। ଏହି ପରିସ୍ଥିତିରେ କେତେକ ଆଞ୍ଚଳିକ ଦଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରନ୍ତି। ତେଣୁ ଓଡ଼ିଶାର ବିଜେଡି, ତେଲେଙ୍ଗାନାର ଟିଆରଏସ୍ ଏବଂ ଆନ୍ଧ୍ରପ୍ରଦେଶର ଟିଡିପି ଉପରେ ସମସ୍ତଙ୍କ ନଜର ରହିଛି। ବିଜେଡି କାହା ସପକ୍ଷରେ ଯିବ, ସେ ନେଇ ମଧ କୌଣସି ସ୍ପଷ୍ଟ ସଙ୍କେତ ଦେଇନାହିଁ। ୨୩ ଫଳାଫଳ ପରେ ଦଳ ନିଷ୍ପତ୍ତି ନେବ ବୋଲି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି। ପ୍ରତାପ କହିଛନ୍ତି ଯେ, ବିଜେଡି ଆଞ୍ଚଳିକ ଦଳ ହୋଇଥିବାରୁ କେନ୍ଦ୍ରରେ ସରକାର କରିବ ନାହିଁ। ଉପା କିମ୍ବା ଏନ୍‌ଡିଏ ସରକାର କରିବେ। ତେଣୁ ଆମେ କାହା ପାଖକୁ ଦୌଡି ଯାଉନୁ। ଯାହାର ଦରକାର ହେବ ସେ ଆମ ପାଖକୁ ଆସିବେ। ଦେଶର ରାଜନୈତିକ ପରିସ୍ଥିତି ଉପରେ ବିଜେଡି ନଜର ରଖିଛି। ଦଳର ଶୀର୍ଷ ନେତୃତ୍ୱ ବିଭିନ୍ନ ଦିଗ ନେଇ ବିଚାର କରୁଛନ୍ତି, ତେଣୁ ସ୍ଥିତି ଦେଖି ବିଜେଡି ନିଷ୍ପତ୍ତି ନେବ ବୋଲି ପ୍ରତାପ ଦେବ କହିଛନ୍ତି।




## ସରକାର ଗଠନ ଭଳି ଭୋଟ ପାଇବ ନାହିଁ କଂଗ୍ରେସ: ନିରଞ୍ଜନ

**ଭୁବନେଶ୍ୱର,୨୧।୫(ବ୍ୟୁରୋ):** ୨୦୧୯ ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବାକୁ ମାତ୍ର ଗୋଟିଏ ଦିନ ବାକି ଅଛି। ହେଲେ ରାଜ୍ୟରେ କଂଗ୍ରେସ ସରକାର କରିପାରିବ ନାହିଁ ବୋଲି ଏବେଠାରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସ୍ୱୀକାର କରିଛନ୍ତି। ବୁଧବାର ନିରଞ୍ଜନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟରେ ସରକାର ଗଠନ କରିବା ପାଇଁ କଂଗ୍ରେସକୁ ସେତେ ମାତ୍ରାରେ ଭୋଟ ମିଳିବ ନାହିଁ। ହେଲେ ୨୦୧୪ ନିର୍ବାଚନ ଠାରୁ ଦଳ ଏଥର ଭଲ ପ୍ରଦର୍ଶନ କରିଛି। ରାଜନୈତିକ ଦଳ ଭାବେ ଯେତେବେଳେ ଲଢ଼ିଛୁ ଅଧିକ ଆଶା କରିବା ସ୍ୱାଭାବିକ। ବିଜେଡି ନିଜର ପୂର୍ବ କଥା ବଦଳାଇ ସାରିଛି। ଦିଲ୍ଲୀରେ ଯିଏ ସରକାର କରିବ ବିଜେଡି ତା' ସହିତ ରହିବ ବୋଲି କହିଲାଣି। ସେମାନେ ଓଡିଶାର ସ୍ୱାର୍ଥ କଥା କହି ଲୋକଙ୍କ ଆଗରେ ଡ୍ରାମା କରୁଛନ୍ତି। ରାଜ୍ୟ ସ୍ୱାର୍ଥ ପାଇଁ ସେମାନଙ୍କ ଆନ୍ତରିକତା ନାହିଁ। ଏକଜିଟ୍ ପୋଲ୍ ସର୍ଭେ ଅନୁଯାୟୀ ତାଙ୍କ ବିଷୟରେ ମଧ ପ୍ରକାଶ ପାଇଥିବା ରିପୋର୍ଟ ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଭଣ୍ଡାରିପୋଖରୀ ଏବଂ ଘସିପୁରା ନିର୍ବାଚନମଣ୍ଡଳୀରୁ ତାଙ୍କୁ ପରାଜିତ ହେବାକୁ ପଡିବ ବୋଲି ଦର୍ଶାଯାଉଛି। ଘସିପୁରାରୁ ନିର୍ବାଚନ ହାରିଯାଇପାରେ ହେଲେ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରୁ ନିଶ୍ଚିତ ଜିତିବେ ବୋଲି ନିରଞ୍ଜନ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ରଷି
ପରିବାରବର୍ଗ


ଚିନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


**ଟ୍ୟାଙ୍କରକୁ ପଛ ପଟୁ ଧକ୍କା ଦେଲା କାର**

# ବର୍ତ୍ତିଲେ କନକବର୍ଦ୍ଧନ, ସଙ୍ଗୀତା


**ସୋନପୁର,୨୧।୫(ନି.ପ୍ର.):** ପାଟଣାଗଡ ବିଧାୟକ ତଥା ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓଙ୍କ ଗାଡି ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ସୋନପୁର-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଖମ୍ବେଶ୍ୱରୀପାଲି ନିକଟରେ କନକବର୍ଦ୍ଧନଙ୍କ ଫର୍ଚୁନ ଗାଡି (ନଂ ଓଡି୦୨ବିସି-୦୦୨୩) ପଛପଟୁ ଏକ ତେଲ ଟ୍ୟାଙ୍କରକୁ ଧକ୍କା ଦେଇଥିଲା । ଗାଡିରେ କନକ ବର୍ଦ୍ଧନଙ୍କ ସହିତ ତାଙ୍କ ସ୍ତ୍ରୀ ତଥା ପ୍ରାକ୍ତନ ଏମ୍‌ପି ସଙ୍ଗୀତା ସିଂହଦେଓ ମଧ୍ୟ ଥିଲେ । ତେବେ ଦୁର୍ଘଟଣାରେ ସେମାନଙ୍କର କୌଣସି କ୍ଷତି ହୋଇନାହିଁ । ଉଭୟେ ବର୍ତ୍ତି ଯାଇଛନ୍ତି, କିନ୍ତୁ ଗାଡିର ସମ୍ମୁଖ ପଟ ଭାଙ୍ଗି ଯାଇଛି । ଉଭୟେ ଅନ୍ୟ ଏକ ଗାଡିରେ ପାଟଣାଗଡ ଯାଇଥିବା ଜଣାପଡିଛି । ଭୁବନେଶ୍ୱରରେ ଏକ ଦଳୀୟ କାର୍ଯ୍ୟକ୍ରମ ସାରି ଉଭୟେ ପାଟଣାଗଡ ଫେରୁଥିଲେ ।

## ସଂକ୍ଷେପରେ

### କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
### ୱାର୍ଡର ନିଲମ୍ବିତ, ହେଡ୍ ୱାର୍ଡରଙ୍କ ବଦଳି

**ସୋନପୁର,୨୧।୫(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ସୋନପୁର ଉପ କାରାଗାରର ବିଚାରାଧୀନ କଏଦୀ ଟିଙ୍କୁ ଅଜଗର(୨୬)ଙ୍କ ମୃତ୍ୟୁ ଘଟଣାରେ ଜେଲ କର୍ତ୍ତୃପକ୍ଷ ମଙ୍ଗଳବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବିଭାଗୀୟ ତଦନ୍ତ ରିପୋର୍ଟ ଆଧାରରେ ଜେଲ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଡିଆଇଜି ଅମିୟ ପଟ୍ଟନାୟକ ସୋନପୁର ସବ୍‌ଜେଲର ୱାର୍ଡର ଯୁଧିଷ୍ଠିର ହରିଜନଙ୍କୁ ନିଲମ୍ବନ କରିଛନ୍ତି । ସେହିଭଳି ହେଡ୍‌ୱାର୍ଡର ତନିଶ୍ ଶେଖର ବେହେରାଙ୍କୁ ବୀରମହାରାଜପୁର ସବ୍‌ଜେଲକୁ ବଦଳି କରାଯାଇଛି । ପ୍ରକାଶ ଯେ, କଏଦୀ ଟିଙ୍କୁ ଶୌଚାଳୟ ଭିତରେ ବ୍ଲେଡ୍ ଦ୍ୱାରା ନିଜ ପେଟକୁ କାଟି ଆତ୍ମହତ୍ୟା କରିଥିଲେ । ପୋଲିସ ତଦନ୍ତ ସମୟରେ ଘଟଣାସ୍ଥଳରୁ ରକ୍ତ ଲାଗିଥିବା ଏକ ଫାଳ ବ୍ଲେଡ୍ ମିଳିଥିଲା । ତେବେ ବ୍ଲେଡ୍ କଏଦୀଙ୍କ ହାତକୁ ଯିବା ନେଇ ଘଟଣା ଦିନ ଦାୟିତ୍ୱରେ ଥିବା ୱାର୍ଡର ଓ ହେଡୱାର୍ଡରଙ୍କୁ ଦାୟୀ କରାଯାଇଥିଲା । ଭାରପ୍ରାପ୍ତ ଜେଲ ଡିଆଇଜି ତଥା ସମ୍ବଲପୁରର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅମିୟ ପଟ୍ଟନାୟକ ସୋନପୁର ଆସି ଘଟଣାର ତଦନ୍ତ କରିଥିଲେ ।

# 'ଏବି ଆନି ସିଡି'ରେ ଅମିତାଭ



ବିକ୍ରମ୍ ଗୋଖଲେଙ୍କ ମରାଠୀ ଚଳଚ୍ଚିତ୍ର 'ଏବି ଆନି ସିଡି'ରେ ମେଗାଷ୍ଟାର୍ ଅମିତାଭ ବଚ୍ଚନଙ୍କୁ ଦେଖିବାକୁ ମିଳିବ । ଏଥିରେ ସେ ଜଣେ ଅତିଥି କଳାକାରଭାବେ ଅଭିନୟ କରିବେ । ଚଳଚ୍ଚିତ୍ରଟି ମିଲିନ୍ଦ୍ ଲେଲେଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ । ଅମିତାଭ ଏଥିରେ ଜଣେ ମେଗାଷ୍ଟାର୍ ଚରିତ୍ରରେ ମାତ୍ର ୧୫ ମିନିଟ୍ ଅଭିନୟ କରିବେ ବୋଲି ପ୍ରଯୋଜକ ଅକ୍ଷୟ ବାର୍ଦାପୁର୍‌କର୍ ପ୍ରକାଶ କରିଛନ୍ତି । ଗୋଖଲେ ଏନେଇ ଅମିତାଭଙ୍କ ସ୍ୱୀକୃତି ଆଣିସାରିଥିବା ସେ କହିଛନ୍ତି । ତାଙ୍କୁ ଭେଟିବା ପରେ ସେ ତତ୍‌କ୍ଷଣାତ୍ ଆମ ସହ ଯୋଡ଼ିହେବାକୁ ରାଜିହୋଇ ଯାଇଥିଲେ ବୋଲି ବାର୍ଦାପୁର୍‌କର୍ ପ୍ରକାଶ କରିଛନ୍ତି । ଚଳଚ୍ଚିତ୍ରଟିରେ ବଚ୍ଚନ ଓ ଗୋଖଲେ ପିଲାଦିନର ସାଙ୍ଗଭାବେ ଦେଖାଦେବେ । ଦୀର୍ଘ ୭୦ ବର୍ଷ ପରେ ଏକ ବାର୍ଥ ଡେ' ପାର୍ଟିରେ ସେମାନଙ୍କ ମଧ୍ୟରେ ସାକ୍ଷାତ ହୁଏ । ଫିଲ୍ମ ଟାଇଟଲ୍‌କୁ ନେଇ ବାର୍ଦାପୁର୍‌କର୍ କହିଛନ୍ତି ଯେ, 'ଏବି' ମାନେ ଅମିତାଭ୍ ବଚ୍ଚନ ଓ 'ସିଡି'ମାନେ ଗୋଖଲେଙ୍କ ଚରିତ୍ର ଚନ୍ଦ୍ରକାନ୍ତ ଦେଶପାଣ୍ଡେଙ୍କ ନାମରେ ନାମିତ । ଏହି କମେଡ଼ି ଡ୍ରାମାଯୁକ୍ତ ଚଳଚ୍ଚିତ୍ରଟି ଚଳିତବର୍ଷ ଡିସେମ୍ବରରେ ମୁକ୍ତିଲାଭ କରିବ । ପ୍ରକାଶଥାଉ କି, ପୂର୍ବରୁ ଅମିତାଭ୍ ଓ ଗୋଖ୍‌ଲେ ଏକାଠି ମିଶି 'ଅଗ୍ନିପଥ' ଓ ଖୁଦା ଗୱା' ଚଳଚ୍ଚିତ୍ର କରିଥିଲେ ।

# ମାଟ୍ରିକ ପାସ୍ କଲେ କିନ୍ନର କାଜଲ୍

**ଭଦ୍ରକ ଅଫିସ/ ଯାଜପୁରରୋଡ(ସ୍ୱ.ପ୍ର.), ୨୧।୫**


କୁନା ଚନ୍ଦ୍ର ନାୟକ ଓରଫ୍ କାଜଲ୍

ଭଦ୍ରକ ଜିଲାର ପ୍ରଥମ କିନ୍ନର ଭାବେ କୁନା ଚନ୍ଦ୍ର ନାୟକ ଓରଫ୍ କାଜଲ୍ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇ ୨୪୪ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ଚାନ୍ଦବାଲି ଦାଖା ହାଇସ୍କୁଲରେ ପାଠ ପଢୁଥିଲେ । ଚରମ୍ପା ବାଳିକା ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଦେଇଥିଲେ । କାଜଲ ବର୍ତ୍ତମାନ ଯାଜପୁର ଜିଲା କିନ୍ନର ସଂଘର ସଭାପତି ଏବଂ ରାଜ୍ୟ କିନ୍ନର ସଂଘର ସମ୍ପାଦକ ରହିଛନ୍ତି । ଏଥର ସାଧାରଣ ନିର୍ବାଚନରେ ସେ ଯାଜପୁର ଜିଲା କୋରେଇ ବିଧାନସଭା କ୍ଷେତ୍ର ପାଇଁ ବହୁଜନ ସମାଜ ପାର୍ଟି ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢିଛନ୍ତି । ଶିକ୍ଷା ସମସ୍ତଙ୍କ ପାଇଁ ବହୁମୂଲ୍ୟ । କିନ୍ନରମାନେ ନିଜକୁ ଅବହେଳିତ ମନେ ନ କରି ଶିକ୍ଷାକୁ ଅଗ୍ରାଧିକାର ଦେଲେ ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରିପାରିବେ ବୋଲି ସେ କହିଛନ୍ତି ।

# ଆଉ ସପ୍ତାହେ କଲବଲ କରିବ ତାତି

**୪୦ ଡିଗ୍ରୀ ଉପରେ ୧୧ ସହର**

**ଭୁବନେଶ୍ୱର,୨୧।୫(ବ୍ୟୁରୋ)** ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେଉଛି ସାରା ଓଡିଶା । ଆକାଶରୁ ବର୍ଷୁଛି ଅଗ୍ନି । ବଲାଙ୍ଗୀରରୁ ଗଞ୍ଜାମ, ସମ୍ବଲପୁରରୁ ବାଲେଶ୍ୱର ସବୁଠି ତାତି । ପ୍ରଚଣ୍ଡ ଗ୍ରୀଷ୍ମରେ ଲୋକମାନେ ଆଉଟ ପାଉଟ ହେଉଛନ୍ତି । ଗରମ ଓ ଗୁଳୁଗୁଳି ଜନ ଜୀବନକୁ କଲବଲ କରୁଛି ।

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡିଶାରେ ତାତିର ପ୍ରକୋପ କମିବା ନାଁ ଧରୁନାହିଁ । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି । ତତଲା ହାୱା ପରିବେଶକୁ ଉତ୍ତପ୍ତ କରି ଦେଇଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଟିଟିଲାଗଡରେ ରାଜ୍ୟରେ ସର୍ବାଧିକ ୪୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୪୩.୮, ବଲାଙ୍ଗୀର ୪୩.୬, ସମ୍ବଲପୁର ୪୩.୪, ସୋନପୁର ୪୩.୨, ଭବାନୀପାଟଣା ୪୩, ତାଳଚେର ୪୨.୫, ହୀରାକୁଦ ୪୨.୪, ସୁନ୍ଦରଗଡ ୪୨, ମାଲକାନଗିରି ୪୨ ଏବଂ ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୦.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଚଳିତ ମାସ ଶେଷ ଯାଏ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବା ସମ୍ଭାବନା ନାହିଁ । ଅଧିକାଂଶ ସ୍ଥାନରେ ପାରଦ ୪୫ ଡିଗ୍ରୀ ଉପରେ ରହିବ । ଉପକୂଳ ଓଡିଶା ମଧ୍ୟ ଗୁଳୁଗୁଳିରୁ ନିସ୍ତାର ପାଇବ ନାହିଁ । କେତେକ ସ୍ଥାନରେ ପାରଦ ୪୦ରୁ ୪୫ ଡିଗ୍ରୀ ମଧ୍ୟରେ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ଦେବଗଡ, ବୌଦ୍ଧ, ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି । ଏଥିସହିତ ଏହି ସମୟରେ ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ, ବାଲେଶ୍ୱର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ଅଭିଳଷିତ କାର୍ଯ୍ୟକୁ ନିର୍ବିଘ୍ନରେ ସମାପନ କରିବାରେ କୌଣସି ଅସୁବିଧା ରହିବ ନାହିଁ । ଅଫିସ୍ କାମରେ ଏପରି କି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ । ଧନସ୍ଥାନସ୍ଥ ପାପଗ୍ରହାଦି ଅର୍ଥସଂକଟ ସୃଷ୍ଟି କରିପାରନ୍ତି । ମହିଳାମାନଙ୍କ ମାନସିକ ସ୍ଥିତି ଭଲ ରହିବ ନାହିଁ ।

**ବୃଷ** ଶ୍ରୁତିରୋଚକ କଥା କହି ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ । କର୍ମକ୍ଷେତ୍ରସ୍ଥ ବିଭିନ୍ନ ବିଷୟରେ ଚିନ୍ତା କରିବା କାରଣରୁ ଟେନ୍ସନ ଲାଗି ରହିବ । ଆକସ୍ମିକ ଆବଶ୍ୟକତା ଖର୍ଚ୍ଚ ପରିମାଣକୁ ବୃଦ୍ଧି କରିବ । ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ । ମହିଳାମାନଙ୍କର ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ ।

**ମିଥୁନ** ସାମୟିକ ଶାରୀରିକ ଅସୁସ୍ଥତା ପୂର୍ବାହ୍ନ ସମୟଟିକୁ ନିରୁତ୍ସାହିତ କରିବ । ବିବାଦୀୟ ପରିସ୍ଥିତିରେ, କର୍ମକ୍ଷେତ୍ରରେ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଅନ୍ୟମନସ୍କ ନ ହୋଇ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ସାମୂହିକ କାର୍ଯ୍ୟରେ ନିଜକୁ ସାମିଲ୍ କରି ପରିବାର ପାଇଁ ସମୟ ଦେଇପାରିବେ ନାହିଁ ।

**କର୍କଟ** ଆଜି ମାଙ୍ଗଳିକ କାମ ସକାଶେ ଏହିପରି କର୍ମ ମୁଖର ରହିବେ ଯେ-ଦିନଟି ଶୀଘ୍ର ଶେଷ ହୋଇଯିବା ଭଳି ଅନୁଭବ କରିବେ । ଆର୍ଥିକ କ୍ଷେତ୍ରରେ ଯଦି ସମସ୍ୟା ରହିଥାଏ ତାହାର ପୂର୍ଣ୍ଣଚ୍ଛେଦ ଅପରାହ୍ନରେ ପଡିଯିବ । କିନ୍ତୁ ଅଫିସିଆଲି କ୍ଷେତ୍ରରେ ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇ ଦେଇପାରନ୍ତି ।

**ସିଂହ** ପଛ କଥାକୁ ପଛରେ ପକାଇ ଏହି ସମୟର ସଦୁପଯୋଗ କରିପାରିଲେ ଫାଇଦା ଉଠାଇବାରେ ଅସୁବିଧା ରହିବ ନାହିଁ । ମନରେ ସାହସ ବାନ୍ଧି କୌଣସି କାମ ଆରମ୍ଭ କରି ପାରିଲେ ଅବଶ୍ୟ ସଫଳତା ପାଇବେ । ଅନ୍ୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ସେମାନଙ୍କୁ ସନ୍ତୁଷ୍ଟ କରିବା କାଠିକର ପାଠ ହୋଇପାରେ ।

**କନ୍ୟା** ପାରିବାରିକ କ୍ଷେତ୍ରରେ ନିଜ ଲୋକମାନଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିବେ । ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ । କିନ୍ତୁ ବ୍ୟବସାୟ, ବାଣିଜ୍ୟ, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି । କୌଣସି ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ନିର୍ବାହ କରିବାକୁ ପଡିପାରେ ।

**ତୁଳା** କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା ହେତୁ ମନ ଅସ୍ଥିର ରହିବ । ଏକାଧିକ ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ । ଅବଶ୍ୟ ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ । ମହିଳାମାନେ ଘର ପାଇଁ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି ।

**ବିଛା** ଆଜି ସକାଳୁ ସକାଳୁ ବନ୍ଧୁମିଳନ ଓ ଧାର୍ମିକ କାର୍ଯ୍ୟରେ ମନ ଉଲ୍ଲସିତ ରହିବ । ବାଚାଳତା ପରିହାର କରି ଅନଧିକାର ଚର୍ଚ୍ଚା କରିବା ଠିକ୍ ହେବ ନାହିଁ । ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ସ୍ଥାନ, କାଳ, ପାତ୍ରକୁ ଗୁରୁତ୍ୱ ଦେବା ଭଲ । କ୍ରୀଡା, କଳା ,ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି ।

**ଧନୁ** ପୂର୍ବ ସମସ୍ୟା ସମାଧାନ ହୋଇଯାଇଥିବା କାରଣରୁ ମନ ଏକପ୍ରକାର ଭଲ ରହିବ । ନିଜ ଲୋକମାନଙ୍କ ଗହଣରେ ଦକ୍ଷତାର ସହ କାମ କରି ପ୍ରଶଂସିତ ହେବେ । କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା କ୍ଷେତ୍ରରେ ସୁଫଳ ପାଇବେ । ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇପାରନ୍ତି । ମହିଳାମାନେ ଅର୍ଥ ଲାଭରୁ ଖୁସୀ ରହିବେ ।

**ମକର** ଆଜି ଦିନଟିରେ ଯାହା କରିବା ସକାଶେ ମନସ୍ଥ କରିଛନ୍ତି ଅବଶ୍ୟ ବିନା ପ୍ରତିବନ୍ଧକରେ ତାହା ସମ୍ପନ୍ନ କରିବାରେ ସମର୍ଥ ହୋଇପାରିବେ । ସାୟାହ୍ନରେ କୌଣସି ଶୁଭଖବର ପାଇ ମନ ବହୁତ ଖୁସୀ ହୋଇଯିବ । ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ । ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି,ଏଣୁ ସତର୍କ ରହିବା ଭଲ ।

**କୁମ୍ଭ** ଆଜି ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ । ବ୍ୟବସାୟକ୍ଷେତ୍ରରେ ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ଶିଳ୍ପ,ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ । ଜମିଜମା ସମସ୍ୟା, ମାଲିମକଦ୍ଦମା, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବ ।

**ମୀନ** ସମସ୍ୟା ରହିଥିଲେ ମଧ ସମାଧାନ ଦିଗରେ ଉଦ୍ୟମର ଅଭାବ ପରିଲକ୍ଷିତ ହେବ । ପ୍ରତ୍ୟେକ କ୍ଷେତ୍ରରେ ନୀରବ ନ ରହି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ, ଅବଶ୍ୟ ଉପକୃତ ହେବେ । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି । ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସାଙ୍ଗଠନିକ କ୍ଷେତ୍ରରୁ ସୁଫଳ ପ୍ରାପ୍ତି ହେବ ।

ଆଜି ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ବୁଧବାର, ମେ ୨୨ ତାରିଖ, ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୬।୫୧ମି. ଗତେ ଘ.୮।୨୮ମି. ମଧ୍ୟେ ଅମୃତ ବେଳା । ଦିବା ଘ.୧୦।୦୫ମି. ଗତେ, ଘ.୧୧।୫୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ.୧୧।୪୩ମି. ଗତେ ଘ.୧।୨୧ମି. ମଧ୍ୟରେ ରାହୁକାଳ ।


# classifieds Everyday
0674-2580101, 2549302




**BRIDE WANTED**

35 yrs. to 40 yrs.widow /divorcee /unmarried poor educated bride is required for a 45 yrs Brahmin boy 5' 5" Private teacher M.A.BED. caste / language no bar brides may contact directly to 8005941580/ 9950451675 no dowry. D-12588

Khandayat boy 1988/ 6' M.Tech, Phd. continuing only son. Required service holder/ housewife preferble western Odisha. Barsha: 9338229705, 7749883585. D-66135

ତେଲିପାତ୍ର 55½, କମ୍ପାନୀ ଚାକିରି, ମାଟ୍ରିକଙ୍କ ପାଇଁ ସହୃଦୟା ପାତ୍ରୀ ଆବଶ୍ୟକ: 7377316197. D-12593

**GROOM WANTED**

April 1991 born Odiya Brahmin girl kanya chitra (14/6) vegetarian fair, slim, five feet two, B.Tech, MBA, IIT, Corporate Senior Executive Mumbai. Placed, decent family. Contact: 8917399903, 7735285595. D-35843

35 ବୟସ୍କା, B.A ପାସ୍ ନିଃସନ୍ତାନ ଛାଡ଼ପତ୍ର ପ୍ରାପ୍ତ ସୁନ୍ଦର ଧୋବା ଝିଅଙ୍କ ପାଇଁ ବିବାହିତ/ଅବିବାହିତ ପୁଅ ଦରକାର । 7381460017.D-62184

Divorcee bride OAS 38, Bank 42, Engineer 30 (caste-no-bar). 7873374269. D-66463

39 ବର୍ଷ Khandayat ଘର ନିଜର Nursery plant farm ଥିବା ଝିଅ ପାଇଁ Businessman proposal ଆବଶ୍ୟକ: 8895398591. D-12555

27 ବୟସ୍କା, B.A କରିଥିବା ଘରୋଇ ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପାତ୍ର ଦରକାର । 9658674636.D-62183

Now Matrimonial ads. only on Wednesday & Sunday
Book 1 Get 1 FREE




**SALE**

Toyota Innova for immediate sale. Contact Mob: 9437055585, 6372502737, Bhubaneswar. D-65645




**SALE**

Gharabari boundary plot with 30' road at Sundarapada area @ 550/-, 850/-, 1250/-. 7978992797, 7381213762. D-66134

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପିତାପଲ୍ଲୀ- କଟକ Bypass 100ft. ରାସ୍ତାକୁ ଲାଗି କଣ୍ଟାବାଡ ଠାରେ ବାସଉପଯୋଗୀ ଆଦିବାସୀ plot ମିଳୁଅଛି । ଯୋଗାଯୋଗ: 8093636334. D-66460

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର-ପିତାପଲ୍ଲୀ NH-16 ନିକଟରେ (Tata Motors ସାମ୍ନାରେ) ଆବାସିକ plot ମିଳୁଅଛି । ଯୋଗାଯୋଗ: 8093636334. D-66461

ଘାଟିକିଆରୁ କଳିଙ୍ଗ ନଗର road sideରେ ମୋର plot ଅଛି । କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ: 9438166196. D-12585

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Ready to move 2BHK flat 1120 sqft. 20lakh near ZEE School Kateni, Bhubaneswar is for sale. 9937162220 D-66133

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି । 7008045582, 9692003948. D-12573

2600 sft. corner plot sale at SUM Hospital (CET College) Bhubaneswar, Directly contact- Deepak: 9937329999. D-66233

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

3000 sqft. commercial plot near Fire station, Baramunda, Bhubaneswar. Price-2.64 crores. Mobile: 9078151122. D-66530

3 bedroom flat- 35 lakhs at SUM Hospital, Bhubaneswar, gated community, directly contact- Deepak: 9937329999. D-66232

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାରଠାରେ electricity 30' ରାସ୍ତା ଥାଇ plot sqft.- 970/-ରେ ବିକ୍ରିହେବ । 7894216209. D-66378




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304.D-66509

Summer special mesmerizing offer expert therapeutic refreshing massage appointment. 9668374480. D-66521

Herbal full body massage by smart/expert therapist. Contact: 8338067247. D-66528

Newly opening ayurvedic body massage smart therapist, Shree herbal. 7750020754.D-66529

Full body massage with refreshment, expert therapist. 7381239385, 0674-2540855. D-66526

Experience full body massage with us (expert). Call: 7377048581, 0674-2597822. D-66527

**ଜନ୍ମଦିନ ଶୁଭେଚ୍ଛା**


(ରଷି)

**ଶ୍ରୀମାନ ପ୍ରାଞ୍ଜଳ କୁମାର ଦାଶ**
ରକ୍ଷା ବିହାର, ଗୋଆଲିୟର
ଶୁଭ ଜନ୍ମଦିନ ଅବସରରେ ଭଗବାନଙ୍କ ନିକଟରେ ପ୍ରାର୍ଥନା, ତୋ ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେଉ, ଚଲାପଥ କୁସୁମିତ କରି ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ ।
ଆଶୀର୍ବାଦ ସହ: ଜେଜେ ମା, ପାପା, ମାମା, କକା, ଖୁଡୀ, ପିଉସା, ପିଉସୀ, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୧୨୫୮୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

■ ଓୟୁଏଟି ପ୍ରବେଶିକା ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ ମାମଲା

# ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

■ ପରୀକ୍ଷା ଖାତା ଜବତ, ବ୍ୟାଙ୍କ୍ ଟ୍ରାଞ୍ଜାକ୍ସନ ଯାଞ୍ଚ

■ ଝାଡ଼ଖଣ୍ଡ, ରାଜସ୍ଥାନ ଯାଇପାରେ ପୋଲିସ ଟିମ୍

ଭୁବନେଶ୍ୱର, ୨୧।୫(ବ୍ୟୁରୋ)

ଓୟୁଏଟି ପ୍ରବେଶିକା ପରୀକ୍ଷାରେ ନକଲି ପରିକ୍ଷାର୍ଥୀ ଧରାପଡିବା ପରେ ଏଥିପାଇଁ ଏକ ବଡ଼ ର୍ୟାକେଟ କାର୍ଯ୍ୟ କରୁଥିବା ପୋଲିସ ଜାଣିବାକୁ ପାଇଛି। ଏ ସମ୍ପର୍କରେ ଅଧିକ ଖୋଳତାଡ଼ ପାଇଁ ଗିରଫ ୪ଜଣ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ ଯୋଜନା କରିଛି। ମଙ୍ଗଳବାର ଏନେଇ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଛି। ଅନୁମତି ମିଳିବା ପରେ ପୋଲିସ ସେମାନଙ୍କୁ ଆଣି ର୍ୟାକେଟର ପର୍ଦ୍ଦାଫାଶ କରିବ। ଆବଶ୍ୟକ ପଡ଼ିଲେ ପୋଲିସ ଝାଡ଼ଖଣ୍ଡ ଓ ରାଜସ୍ଥାନ ଯାଇ ର୍ୟାକେଟର ଚେର ଖୋଜିବ। ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଓଡ଼ିଶାରେ ମୁଖ୍ୟ କାର୍ପଟଦାର କିଏ, ର୍ୟାକେଟର ଚେର ଅନ୍ୟ କେଉଁସବୁ ରାଜ୍ୟକୁ ଲମ୍ବିଛି ଓ ପୂର୍ବରୁ କେତେଜଣ ଏପରି ନକଲି ପରିକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି, ପୋଲିସ ଏସବୁ ଜାଣିବାକୁ ଲକ୍ଷ୍ୟ ରଖିଛି।

ଅନ୍ୟପକ୍ଷରେ ପୋଲିସ ମଙ୍ଗଳବାର ଗିରଫ ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ କରିଥିଲା। ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଆକାଉଣ୍ଟ ସହ ସେମାନଙ୍କ ଆକାଉଣ୍ଟକୁ ଲକ୍ଷ ଲକ୍ଷ ଟଙ୍କା କାରବାର ହୋଇଛି। ଟଙ୍କା ପଠାଇଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ପଚାରିଥିଲେ ମଧ୍ୟ ସେମାନେ ଭିନ୍ନ ଉତ୍ତର ଦେଇଛନ୍ତି। ଗିରଫ ଯୁବକଙ୍କଠାରୁ ଧାର ନେଇଥିବା ଟଙ୍କାକୁ ତାଙ୍କ ଆକାଉଣ୍ଟରେ ଡିପୋଜିଟ କରିଥିବା ସେ ସଫେଇ ଦେଇଛନ୍ତି। ହେଲେ ପୋଲିସ ଏହାକୁ ବିଶ୍ୱାସକୁ ନେଇପାରିନାହିଁ। ଅନ୍ୟ ଯେଉଁମାନେ ଟଙ୍କା ପଠାଇଛନ୍ତି ସେମାନଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିବ ବୋଲି ଜଣାପଡିଛି। ଏହାସହ ନକଲି ପରିକ୍ଷାର୍ଥୀଙ୍କ ପରୀକ୍ଷା ଖାତାକୁ ପୋଲିସ ଜବତ କରି କୋର୍ଟକୁ ପଠାଇଛି।

ସୂଚନା ଅନୁଯାୟୀ, ରବିବାର ଓୟୁଏଟି ପ୍ରବେଶିକା ପରୀକ୍ଷା ଥିଲା। ଖଣ୍ଡଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ରାଜସ୍ଥାନର ଆଦର୍ଶ ଚୌଧୁରୀ ନାମକ ଜଣେ ଯୁବକ ପୁରୀ ଗୋପ ଅଞ୍ଚଳର ଯୁଧିଷ୍ଠିର ମଲ୍ଲିକ ନାମରେ ପରୀକ୍ଷା ଦେଉଥିଲେ। ହେଲେ ପରୀକ୍ଷା ଦେବା ସମୟରେ ସେ ଯୁଧିଷ୍ଠିର ନାମ ଲେଖିବା ବଦଳରେ ନିଜର ପ୍ରକୃତ ନାମ ଭୁଲ୍‌ରେ ଲେଖି ଦେଇଥିଲେ। ଫଳରେ ପରୀକ୍ଷା ହଲରେ ଥିବା ଇନ୍‌ଭିଜିଲେଟରଙ୍କ ସନ୍ଦେହ ହୋଇଥିଲା। ସେ ଆଡମିଟ୍ କାର୍ଡରେ ଥିବା ଫଟୋ ଓ ପରୀକ୍ଷା ଦେଉଥିବା ଆଦର୍ଶଙ୍କ ଚେହେରାକୁ ଦେଖି ଅଲଗା ଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ସେ ତୁରନ୍ତ ଖଣ୍ଡଗିରି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ନକଲି ପରିକ୍ଷାର୍ଥୀ ବୋଲି ସ୍ପଷ୍ଟ ହୋଇଥିଲା। ତାଙ୍କ ବୟାନ ଅନୁସାରେ ଅନ୍ୟ ସେଣ୍ଟରରେ ପରୀକ୍ଷା ଦେଉଥିବା ଝାଡ଼ଖଣ୍ଡର ଅମିତ କୁମାର ସିଂ ଓ ବିହାରର ଅମୀୟ ଭୂଷଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଅଧିକ ପଚରାଉଚରା କରିବାରୁ ଏଥିରେ ଏକ ର୍ୟାକେଟ କାର୍ଯ୍ୟ କରୁଥିବା ଓ ଏଥିପାଇଁ ଲକ୍ଷଲକ୍ଷ ଟଙ୍କା ଡିଲ୍ ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ତେବେ ଯେଉଁ ହୋଟେଲରେ ଏପରି ଡିଲ୍ ହୋଇଥିଲା ସେଠାରେ ପୋଲିସ ଚଢାଉ କରି ନୟାପଲୀ ଅଞ୍ଚଳର ରଞ୍ଜିତ କୁମାର ବେଉରାଙ୍କୁ ଗିରଫ କରିଥିଲା।

**‘ଚିଟିଂ ଇଣ୍ଡିଆ’ର ବାସ୍ତବ ଚିତ୍ର ଓଡ଼ିଶାରେ**

ହିନ୍ଦୀ ଫିଲ୍ମ ‘ଚିଟିଂ ଇଣ୍ଡିଆ’ର ବାସ୍ତବ ଚିତ୍ର ଓଡ଼ିଶାରେ ଦେଖିବାକୁ ମିଳିଛି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ହେଉଥିବା ପ୍ରବେଶିକା ପରୀକ୍ଷାରେ ନକଲି ପରିକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏହି ରାକେଟର ଚେର ଝାଡ଼ଖଣ୍ଡ, ରାଜସ୍ଥାନ ଆଦି ରାଜ୍ୟକୁ ଲମ୍ବିଛି। ସେସବୁ ରାଜ୍ୟର ମେଧାବୀ ଛାତ୍ରମାନେ ଟଙ୍କା ନେଇ ପରୀକ୍ଷା ଦେଉଛନ୍ତି। ଏପରିକି ଜଣଙ୍କ ପିଛା ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିଲ୍ ହେଉଛି। ଅଧାଟଙ୍କା ଅଗ୍ରମ ଆକାରରେ ନିଆଯାଉଥିବାବେଳେ ବାକି ଟଙ୍କା ଫଳାଫଳ ବାହାରିବା ପରେ ନେଉଛନ୍ତି ଦଲାଲ। ଏଥିପାଇଁ ପ୍ରବେଶିକା ପରୀକ୍ଷାର କିଛି ବହି ମଧ୍ୟ ପଢିବାକୁ ଦିଆଯାଉଛି। ପ୍ରକୃତ ପରିକ୍ଷାର୍ଥୀଙ୍କ ଭଳି ଏମାନଙ୍କୁ ବେଶଭୂଷାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ର, ନିୟମାବଳୀ ଓ କଟକଣା ସଂକ୍ରାନ୍ତରେ ମଧ୍ୟ ଅବଗତ କରାଯାଇଥାଏ। ସୋମବାର ଓୟୁଏଟି ପ୍ରବେଶିକା ପରୀକ୍ଷା ଦେଇଥିବା ୪ଜଣ ନକଲି ପରିକ୍ଷାର୍ଥୀ ଧରାପଡିବା ପରେ ଏବେ ‘ଚିଟିଂ ଇଣ୍ଡିଆ’ ପିଲ୍ମକୁ ଓଡ଼ିଶା ସହ ଯୋଡ଼ି ନାନା ଚର୍ଚ୍ଚା ଚାଲିଛି।

■ ମାଟ୍ରିକ ପରୀକ୍ଷାଫଳର ଦୁଃଖ

# ୨ ଛାତ୍ରଙ୍କ ଆତ୍ମହତ୍ୟା, ଛାତ୍ରୀ ଗୁରୁତର

ବସ୍ତା(ସ୍ୱ.ପ୍ର.)/ଛେଣ୍ଡିପଦା/କୋରୁକୋଣ୍ଡା ୨୧।୫(ଡି.ଏନ.ଏ.)

ମଙ୍ଗଳବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ପାସ ହେଇଥିବା ଛାତ୍ରୀଛାତ୍ରମାନେ ଖୁସି ମନାଉଥିବା ବେଳେ ଫେଲ୍ ହୋଇଥିବା ୨ ଛାତ୍ର ଆତ୍ମହତ୍ୟା କରିଥିବା ଖବର ମିଳିଛି । ସେହିପରିଜଣେଛାତ୍ରୀଆତ୍ମହତ୍ୟାଉଦ୍ୟମ କରିଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ବାଲେଶ୍ୱର ଜିଲା ବସ୍ତା ଥାନା ପଣ୍ଡରୁଙ୍ଗି ଗ୍ରାମର ଅନନ୍ତ ସେଠୀଙ୍କ ପୁଅ ଶଙ୍କର୍ଷଣ ଗ୍ରାମ ନିକଟସ୍ଥ ସଦର ବ୍ଲକ ମାଣ୍ଡୁରୁକୁଲାସ୍ଥିତ ଗାନ୍ଧିଜୀ ନୋଡାଲ ହାଇସ୍କୁଲରେ ପଢୁଥିଲେ। ମାଟ୍ରିକ ପରୀକ୍ଷା ଫଳ ବାହାରି ପରେ ସେ ଫେଲ୍ ହୋଇଥିବା ଜଣାପଡିଥିଲା। ଫଳରେ ସେ ମାନସିକ ଭାରସାମ୍ୟ ହରାଇ ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ବସ୍ତା ଡାକ୍ତରଖାନାରେ ଭର୍ତ୍ତିକରି ଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

ସେହିପରି ଅନୁଗୋଳ ଜିଲା ଜରପଡା ଥାନା କୁଶକିଳା ଗ୍ରାମର ଶ୍ୟାମ ସୁନ୍ଦର ସାହୁଙ୍କ ପୁଅ ଅରକ୍ଷିତ (୧୫) ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ । ଫେଲ୍ ଖବର ପାଇବା ପରେ ସେ ଗ୍ରାମ ନିକଟସ୍ଥ କାଜୁ ବଗିଚାରେ ମଙ୍ଗଳବାର ଅପରାହ୍ନରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ସେ ମା’ବାପାଙ୍କ ଏକମାତ୍ର ପୁଅ ହୋଇଥିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଏ ନେଇ ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ଜଣାପଡିଛି।

ମାଲକାନଗିରି ଜିଲା କୋରୁକୋଣ୍ଡା ନିକଟସ୍ଥ କାମୱାଡା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ଫେଲ୍ ହୋଇଥିବା ଜାଣି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# କେନ୍ଦ୍ର ଅର୍ଥ ଲୁଟିବାକୁ ଯୋଜନା: ଭାଜପା

ଭୁବନେଶ୍ୱର,୨୧।୫(ବ୍ୟୁରୋ)

ଦୁଇଦିନ ତଳେ ରାଜ୍ୟ କ୍ୟାବିନେଟ୍‌ରେ ପୂର୍ତ୍ତ ବିଭାଗରେ ବିନା ଟେଣ୍ଡରରେ ୫ ଲକ୍ଷ ଟଙ୍କାର କାମ ପାଇଁ କାର୍ଯ୍ୟାଦେଶ ଦିଆଯାଇ ପାରିବ ବୋଲି ନିଷ୍ପତ୍ତି ହୋଇଛି। ଏହାସହ ବାତ୍ୟା ‘ଫନୀ’ର ପୁନଃ ଉଦ୍ଧାର ପାଇଁ ହୋଇଥିବା ୨୦ଲକ୍ଷ ଟଙ୍କାର କାର୍ଯ୍ୟ ଅଟକଳକୁ ବିଭାଜନ କରି ବିନା ଟେଣ୍ଡରରେ ଦିଆଯାଇ ପାରିବ ବୋଲି ସରକାର ନେଇଥିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ଭାଜପା ଅଭିଯୋଗ କରିଛି। ଭ୍ରଷ୍ଟାଚାରରେ ଲିପ୍ତ କେତେଜଣ ମୁଷ୍ଟିମେୟ ଅଧିକାରୀ ପିସି କାରବାର କରି ବିଜେଡି ନେତାଙ୍କୁ ମାଲାମାଲ କରିବା ଯୋଜନା କରି ଏଭଳି କରିଛନ୍ତି। ବାତ୍ୟା ମୁକାବିଲା ପାଇଁ ଓ କ୍ଷତିଗ୍ରସ୍ତ ପରିବାରକୁ ଥଇଥାନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୩୪୧ କୋଟି ଟଙ୍କା ଦେଇଥିଲେ। ଏହାକୁ ଲୁଟିବା ପାଇଁ ଶାସକ ଦଳର କେତେଜଣ ନେତା ଅଣଓଡ଼ିଆ ଅଧିକାରୀମାନଙ୍କ ସହ ହାତ ମିଳାଇ ଷଡ଼ଯନ୍ତ୍ର କରିଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ।



ଭାଜପା ପ୍ରତିନିଧିଦଳ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ନିର୍ବନ୍ଧର ଗୋଟିଏ ଦିନ ପୂର୍ବରୁ ଯୁବକ ମୃତ

■ ହଠାତ୍ ବାଇକ୍ ସାମ୍ନାକୁ ପଶି ଆସିଲା ହରିଣ

■ ଗୁରୁତର ହୋଇଥିଲେ ଚାଳକ

■ ଦୁର୍ଘଟଣାରେ ହରିଣ ବି ମୃତ

ଜଗନ୍ନାଥପ୍ରସାଦ,୨୧।୫ (ଡି.ଏନ.ଏ.)

ନିର୍ବନ୍ଧର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଜଣେ ଯୁବକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଧୀନ ୨୧ନଂ. ରାଜ୍ୟ ରାଜପଥର କୁମ୍ଭାପଡା ଗ୍ରାମ ନିକଟରେ ଏହି ଦୁଃଖଦ ଘଟଣା ଘଟିଛି । ମୃତକ ହେଲେ ବଳରାମ ମହାପାତ୍ର (୨୩)। ତାଙ୍କ ବାଇକ୍ ସାମ୍ନାକୁ ହଠାତ୍ ଏକ ହରିଣ ପଶି ଆସିଥିଲା । ଫଳରେ ବଳରାମ ବାଇକ୍ ଉପରୁ ଭାରସାମ୍ୟ ହରାଇ ହରିଣକୁ ଧକ୍କା ଦେବା ସହିତ ରାସ୍ତା ଉପରେ ଛିଟିକି ପଡିଥିଲେ । ଘଟଣାସ୍ଥଳରେ ହରିଣର ମୃତ୍ୟୁ ଘଟିଥିଲା ବେଳେ ବଳରାମଙ୍କୁ ଗୁରୁତର ଅବସ୍ଥାରେ ଜଗନ୍ନାଥପ୍ରସାଦ ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବଳରାମଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ପଞ୍ଚଭୂତି ବନ ବିଭାଗ ପକ୍ଷରୁ ହରିଣ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ସୂଚନାଯୋଗ୍ୟ, ବେଲଗୁଣ୍ଠାର ବଳରାମ ନିଜ ନିର୍ବନ୍ଧ ଖବର ଦେବାପାଇଁ ସୋମବାର ଶରଣକୁଳସ୍ଥିତ ମାମୁଘରକୁ ଯାଇଥିଲେ। ମଙ୍ଗଳବାର ସକାଳେ ସେ ବାଇକରେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

OFFICE OF THE PRINCIPAL; KHALLIKOTE AUTONOMOUS COLLEGE, BERHAMPUR

Letter No.513 Date: 21.05.2019

P.G. ADMISSION NOTICE-2019-20

Online applications are invited from eligible candidate for admission into the different Post Graduate (2 years) courses in Anthropology, Bio-Technology, Botany, Chemistry, Commerce, Computer Science, Economics, Education, English, Geology, Hindi, History, Mathematics, Odia, Philosophy, Physics, Political Science and Zoology for the academic session 2019-20.

The application fee is to be paid online in the web portal during submission of forms. All eligible candidates shall have to appear an Entrance test likely to be held in the last week of **June 2019.** For details please visit college Website www.khallikotecollege.ac.in. The last date of online application is **18.06.2019** for general applicants and **21.06.2019** for **SC/ST** applicants.

Sd./- Principal
Khallikote Autonomous College, Berhampur

IED ODISHA — CONVERTS DREAMS TO REALITY

INSTITUTE OF ENTREPRENEURSHIP DEVELOPMENT, ODISHA
(An Institute of MSME Department, Govt. of Odisha)
Plot No: 123,Sector-A, Zone-A, Near Postal Printing Press, Mancheswar Industrial Estate, Bhubaneswar, Odisha - 751010

Admission Notice

DIPLOMA IN
- LOGISTICS & SUPPLY CHAIN MANAGEMENT
- PORT & SHIPPING MANAGEMENT
- MATERIALS MANAGEMENT
- IMPORT & EXPORT MANAGEMENT
- STORE & WAREHOUSEING MANAGEMENT

Course Duration: 9 Months (Week ended 96 classes in every Sunday 3 classes 9.00 A:M to 2.00 P:M)
Eligibility: Continuing Graduate / Post Graduates / MBA / BE / B.Tech Students and Service holders
Course Fees: Course fee Rs.**16,000/-**, **Registration fee Rs. 1,000/-**, **Total Rs. 17,000/-** in shape of DD only drawn in favour of **“Director IED, Odisha”**, Payable at **Bhubaneswar**, *Last date for Addmission :* **10th June. 2019**

For Online Admission www.iedodisha.com

Contact For Admission : 0674-2585608 / 94396 28947 / 94372 58349
Knowledge Partner : LEELABATI INSTITUTE OF FOREIGN TRADE (LIFT), Bhubaneswar, Web Site: www.liftindia.co.in

*In Memoriam*

FIRST DEATH ANNIVERSARY



DR BANSIDHAR PANDA

*( 26.11.1931- 22.05.2018)*

**In loving memory**
Baijayant ‘Jay’, Paramita, Nivedita, Subhrakant
Jagi, Rajen, KG, Shaifalika
Raie, Reva, Anuva, Aditya, Raisah, Raemana
Relatives, Members & Associates of IMFA Group

imfa

Tel: + 91 674 2611000; Fax: +91 674 2580020; email: memoriam@imfa.in

IL&FS

## PUBLIC ANNOUNCEMENT
## FOR THE ATTENTION OF THE CREDITORS OF THE BELOW LISTED IL&FS GROUP ENTITIES

Pursuant to the “Third Progress Report – Proposed Resolution Framework for the IL&FS Group” dated 17 December, 2018 and the “Addendum to the Third Progress Report – Proposed Resolution Framework for IL&FS Group” dated January 15, 2019 (“Resolution Framework Report”) submitted by Infrastructure Leasing & Financial Services Limited (“IL&FS”) to the Ministry of Corporate Affairs, Government of India which, in turn, was filed with the Hon’ble National Company Law Appellate Tribunal (“NCLAT”), the creditors of the below listed IL&FS Group entities are invited to submit their claims with proof on or before **5 June, 2019 to Grant Thornton India LLP**, the Claims Management Advisor appointed in respect of the below listed IL&FS Group entities.

| Name of the Company | Date of Incorporation | Corporate Identity No. / Limited Liability Identification No | Address of Registered Office |
|---|---|---|---|
| Infrastructure Leasing & Financial Services Ltd | 03-09-1987 | U65990MH1987PLC044571 | The IL&FS Financial Centre, Plot C 22, G Block, Bandra Kurla Complex, Bandra (East), Mumbai-400051, Maharashtra, India |
| IL&FS Paradip Refinery Water Ltd | 06-11-2009 | U41000TN2009PLC073439 | A5, Navin's Presidium, 105, Nelson Manickam Road, Aminjikarai, Chennai-600029, Tamil Nadu, India |
| LIVIA India Ltd | 01-04-2009 | U72900MH2009PLC191389 | The IL&FS Financial Centre, Plot C 22, G Block, Bandra Kurla Complex, Bandra (East), Mumbai-400051, Maharashtra, India |
| IL&FS Education & Technology Services Ltd | 18-12-1997 | U80220MH1997PLC112535 | The IL&FS Financial Centre, Plot C 22, G Block, Bandra Kurla Complex, Bandra (East), Mumbai-400051, Maharashtra, India |
| IL&FS Energy Development Company Ltd | 21-05-2007 | U40300DL2007PLC163679 | 4th Floor, Dr. Gopaldas Bhawan, 28 Barakhamba Road, Connaught Place New Delhi-110001, India |
| IL&FS Financial Services Ltd | 29-09-1995 | U65990MH1995PLC093241 | The IL&FS Financial Centre, Plot C 22, G Block, Bandra Kurla Complex, Bandra (East), Mumbai-400051, Maharashtra, India |
| IL&FS Investment Managers Ltd | 10-02-1986 | L65999MH1986PLC147981 | The IL&FS Financial Centre, Plot C 22, G Block, Bandra Kurla Complex, Bandra (East), Mumbai-400051, Maharashtra, India |

| Name of the Company | Date of Incorporation | Corporate Identity No. / Limited Liability Identification No | Address of Registered Office |
|---|---|---|---|
| IL&FS Securities Services Ltd | 27-07-2006 | U74992MH2006PLC163337 | "IL&FS House, Raheja Vihar, Chandivili, Andheri (East), Mumbai - 400072, Maharashtra, India" |
| IL&FS Transportation Networks India Ltd | 29-11-2000 | L45203MH2000PLC129790 | The IL&FS Financial Centre, Plot C 22, G Block, Bandra Kurla Complex, Bandra (East), Mumbai-400051, Maharashtra, India |

The creditors of the above listed IL&FS Group entities are hereby called upon to submit their claims with proof on or before 5 June, 2019 in respect of liabilities due up to and including 15 October, 2018. The financial creditors shall submit their claims with proof by electronic means only. All other creditors may submit their claims with proof in person, by post or by electronic means.

If a creditor other than a financial creditor chooses to submit their claim with proof by post or email, they may access and download the relevant claim forms from the link mentioned below. The physical claim forms with proof shall be posted to **“Claims Management Advisor”**, The IL&FS Financial Centre, Plot C 22, G Block, Bandra Kurla Complex, Bandra (East), Mumbai-400051, Maharashtra, India only. In order to file a claim electronically please select the following link: **https://www.ilfsindia.com/**

Please note that if you are a debenture holder in a class of creditors where there is an appointed Trustee in respect of such debentures, you should submit your claim only via your Trustee.
Please note that if you are an existing or past employee, you should submit your claim via the HR department of IL&FS by email (see above link for details).

Please note that if you are a creditor in a class, as understood in the context of section 21 6(A) (b) of the Insolvency and Bankruptcy Code, 2016, the concerned IL&FS group entity may facilitate the appointment of a representative for such class of creditors for the purpose of any committee of creditors constituted for that IL&FS group entity and shall communicate accordingly.

**Date and Place : 22 May 2019, Mumbai**

# ସାହସୀ ଦୂତୀ

୬ ସେପ୍ଟେମ୍ବର ୨୦୧୮ରେ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ କହି ସୁପ୍ରିମକୋର୍ଟ ଆଇପିସିର ଦଫା ୩୭୭କୁ ଉଚ୍ଛେଦ କରି ଐତିହାସିକ ରାୟ ଦେଇଥିଲେ। ଏହାକୁ ଏଲ୍‌ଜିବିଟି (ଲେସ୍‌ବିୟାନ୍, ଗେ, ବାଇସେକ୍ସୁଆଲ ଆଣ୍ଡ୍ ଟ୍ରାନ୍ସଜେଣ୍ଡର) ବର୍ଗ ଅତି ଉଲ୍ଲାସର ସହ ସ୍ୱାଗତ କରିଥିଲା। ଉକ୍ତ ରାୟକୁ ସମ୍ମାନର ସହ ବଞ୍ଚିବାର ଅଧିକାର ବୋଲି କୁହାଯାଇଥିଲା। ଏହି ରାୟ ପରେ ଅନେକ କ୍ଷେତ୍ରରୁ ଲୋକେ ସେମାନଙ୍କ ସମଲିଙ୍ଗୀ ସମ୍ପର୍କ ବିଷୟରେ ପ୍ରକାଶ କରିଛନ୍ତି। ଏହା ସତ୍ତ୍ୱେ ଭାରତବର୍ଷରେ ଏଭଳି ସମ୍ପର୍କକୁ ଘୃଣା ଚକ୍ଷୁରେ ଦେଖାଯାଉଛି ଏବଂ ସମଲିଙ୍ଗୀଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦିଆଯାଉଛି।

୧୯ ମେ ୨୦୧୯ରେ ସାଧାରଣ ନିର୍ବାଚନର ଏକ୍‌ଜିଟ ପୋଲ ବା ବୁଥ୍‌ଫେରନ୍ତା ମତକୁ ନେଇ ଭୂତ ସମସ୍ତଙ୍କ ଉପରେ ସବାର ଥିବା ବେଳେ ସେହି ଦିନ ଓଡ଼ିଶାର ତାରକା ଧାବିକା ଦୂତୀ ଚାନ୍ଦ ତାଙ୍କ ବ୍ୟକ୍ତିଗତ ଜୀବନରେ ସମଲିଙ୍ଗୀ ସମ୍ପର୍କକୁ ନେଇ ସାଧାରଣରେ ପ୍ରକାଶ କରିଥିଲେ। ବାନ୍ଧବୀଙ୍କ ସହ ତାଙ୍କର ସମ୍ପର୍କ ରହିଛି ଏବଂ ସେହି ସମ୍ବନ୍ଧକୁ ସେ ଆଗକୁ ନେବା ବିଷୟ କହିଛନ୍ତି। ଏହାକୁ ନେଇ ତାଙ୍କ ପରିବାରବର୍ଗ ଅତି କ୍ରୋଧିତ ଏବଂ ବିଭିନ୍ନ ମହଲରୁ ତାଙ୍କୁ ସମାଲୋଚନା କରାଯାଉଛି ବୋଲି ଦୂତୀ ୨୧ ମେ'ରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କିନ୍ତୁ ସେ ତାଙ୍କ ନିଷ୍ପତ୍ତିରେ ଅଟଳ ରହିବେ ବୋଲି ସ୍ପଷ୍ଟ କରିଛନ୍ତି।

ଦୂତୀଙ୍କ କ୍ରୀଡ଼ା କ୍ୟାରିୟର ଦେଖିଲେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସୁନାମ ଅର୍ଜନ କରିବା ସହ ପଦକ ବିଜୟୀ ହୋଇଛନ୍ତି। ଟ୍ରାକ୍‌ରେ ଦୌଡ଼ି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବା ଏହି ୨୩ ବର୍ଷୀୟା ଯୁବତୀ ଯେତେବେଳେ ବ୍ୟକ୍ତିଗତ ଜୀବନ ବିଷୟରେ ସାଧାରଣରେ ସତ କଥା ପ୍ରକାଶ କରିଦେଲେ, ତା' ପରଠାରୁ ପରିବାର, ନିଜ ଅଞ୍ଚଳ ତଥା ବିଭିନ୍ନ ମହଲରେ ତାଙ୍କୁ ଘୋର ସମାଲୋଚନା କରାଯାଉଛି। ଆଇପିସିର ଦଫା ୩୭୭କୁ ସୁପ୍ରିମକୋର୍ଟ ଉଚ୍ଛେଦ କରିଦେବା ପରେ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ବିଧି ହୋଇଯାଇଛି। ଫଳରେ ଭାରତ ସମତାବାଦ ବା ସମାନ ଅଧିକାରକୁ ସମର୍ଥନ କରୁଥିବା ଦେଶ ଭାବେ ଗଣାଯାଇଛି। ଜଣଙ୍କ ବ୍ୟକ୍ତିଗତ ପସନ୍ଦକୁ ସମ୍ମାନ ଦିଆଯିବା ହେଉଛି ଏକ ପ୍ରଗତିଶୀଳ ଚିନ୍ତାଧାରା। ହେଲେ ଭାରତରେ ରକ୍ଷଣଶୀଳ ମନୋଭାବ ଅନେକ ସମୟରେ ସମଲିଙ୍ଗୀ ସମ୍ପର୍କକୁ ଖରାପ ଦୃଷ୍ଟିରେ ଦେଖିଥାଏ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଲୋକେ ବ୍ୟକ୍ତିଗତ ଜୀବନ ଉପରେ ସତ କଥା ସାଧାରଣରେ ପ୍ରକାଶ କରିବାକୁ ଉଚିତ ମଣିଥାଆନ୍ତି। ଅନ୍ତର୍ଜାତୀୟ ସ୍ତରର ସୁପ୍ରସିଦ୍ଧ ଟେନିସ ଖେଳାଳି ବିଲ୍ ଜିନ୍ କିଙ୍ଗ୍ ଏବଂ ମାର୍ଟିନା ନାଭ୍ରାତିଲୋଭାଙ୍କ ସମଲିଙ୍ଗୀ ସମ୍ପର୍କ ଏହାର ବଳିଷ୍ଠ ଦୃଷ୍ଟାନ୍ତ। କୁହାଯାଏ ସତ କହିବା ଲାଗି ସାହସ ଦରକାର। ଦୂତୀ ସେହିଭଳି ସାହସ ପ୍ରଦର୍ଶନ କରିପାରିଥିବାରୁ ସେ ଭାରତର ପ୍ରଥମ କ୍ରୀଡ଼ାବିତ୍ ଭାବେ ଖୋଲାଖୋଲି ନିଜ କଥା କହିଛନ୍ତି। ତାଙ୍କ ସହ ସମ୍ପର୍କରେ ଥିବା ଅନ୍ୟ ଯୁବତୀଙ୍କ ଘର ମଧ୍ୟ ନିଜ ଗାଁରେ ବୋଲି ସେ ପ୍ରକାଶ କରିଛନ୍ତି। ଏହା କହିଲା ବେଳେ ସେ ତାଙ୍କ ବାନ୍ଧବୀଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିବା ଦେଖିବାକୁ ମିଳିଛି।

ଦୂତୀଙ୍କ ଦୌଡ଼ ଯାତ୍ରା ଅତ୍ୟନ୍ତ କଷ୍ଟକର ଥିଲା। ଏକ ଗରିବ ପରିବାରରୁ ଆସିଥିବା ଏହି ଧାବିକା ଜୀବନର ପ୍ରତିଟି ପଦକ୍ଷେପରେ ବାଧା ସହିଛନ୍ତି। ତାଙ୍କ ଖେଳ କ୍ୟାରିୟର ଯେତେବେଳେ ଉତ୍ତୁଙ୍ଗ ଛୁଉଁଥିଲା, ସେତେବେଳେ ଶାରୀରିକ ଗଠନ ଓ ଲିଙ୍ଗଗତ ବିବାଦ ମଧ୍ୟକୁ ସେ ଟାଣିହୋଇ ଆସିଥିଲେ। ଦେହରେ ଅତ୍ୟଧିକ ପୁରୁଷ ହର୍‌ମୋନ୍ ହାଇପରଆଣ୍ଡ୍ରୋଜେନିଜମ୍ କାରଣରୁ ସେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ୍ (ଆଇଏଏଏଫ୍) ଦ୍ୱାରା ବାସନ୍ଦ ହୋଇଥିଲେ। ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସ (କାସ୍)ର ଦ୍ୱାରସ୍ଥ ହୋଇ ଶେଷରେ ବିଜୟୀ ହୋଇଥିଲେ ଓ କ୍ରୀଡ଼ା କ୍ଷେତ୍ରରେ ପୁଣି ସଫଳତା ହାସଲ କରିଥିଲେ। ଏବେ ସମଲିଙ୍ଗୀ ସମ୍ପର୍କକୁ ନେଇ ଘରୁ ବାହାର ଯାଏ ଦୂତୀ ଯେମିତି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ଏଭଳି ସମୟରେ ତାଙ୍କୁ ନୈତିକ ସମର୍ଥନ ମିଳିବା ଜରୁରୀ ହୋଇପଡ଼ିଛି। ଦୁଃଖର ବିଷୟ, ଏପର୍ଯ୍ୟନ୍ତ କ୍ରୀଡ଼ା ଜଗତରୁ ମଧ୍ୟ ତାଙ୍କୁ ସେଭଳି ସମର୍ଥନ ମିଳିନାହିଁ। କୁହାଯାଉଛି ଯେ, ଏବେ ତାଙ୍କ ଜୀବନ ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ଏଭଳି ସ୍ଥଳେ ସବୁ ଓଡ଼ିଆ ଦୂତୀଙ୍କୁ ସମର୍ଥନ ଦେବା ପାଇଁ ଆଗେଇ ଆସିବା ଉଚିତ। ସମୟ ଆସିଛି ସଂକୀର୍ଣ୍ଣ ଚିନ୍ତାଧାରାରୁ ଊର୍ଦ୍ଧ୍ୱକୁ ଉଠି ଦେଶର ଭଲମନ୍ଦ ଉପରେ ଆଲୋଚନା ଓ ବିଚାର କରିବାର। ଜଣେ ବ୍ୟକ୍ତିର ସମ୍ପର୍କ ଓ ପସନ୍ଦ ତାଙ୍କ ବ୍ୟକ୍ତିଗତ ବ୍ୟାପାର। ତାହା ସେତିକିରେ ସୀମିତ ରହିବା ଦରକାର। ତା' ନ ହେଲେ ବଞ୍ଚିବାର ସ୍ୱାଧୀନତା ଏ ଦେଶରେ କ୍ଷୁଣ୍ଣ ହେଉଥିବ।

# ବାତ୍ୟା ବିପତ୍ତି: ପ୍ରସ୍ତୁତି ଓ ପ୍ରତିକାର



ଡ. ଦେବାନନ୍ଦ ବେଉରା

ବେଶ୍ କିଛିଦିନ ହେବ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ରଖିଛି ପ୍ରଳୟଙ୍କରୀ ବାତ୍ୟା ଫନୀର ପ୍ରଭାବ। ୧୪ଟି ଜିଲାରେ କ୍ଷୟକ୍ଷତି ଘଟାଇଥିବା ଫନୀ କିନ୍ତୁ ପୁରୀ ଓ ଖୋର୍ଦ୍ଧାକୁ ପ୍ରଚଣ୍ଡ ପ୍ରହାର କରିଛି। ୧୯୯୯ ମହାବାତ୍ୟା ପରବର୍ତ୍ତୀ ଦୀର୍ଘ ଦୁଇ ଦଶନ୍ଧିରେ ସୃଷ୍ଟି ହୋଇଥିବା ସୁଉଚ୍ଚ ସବୁଜିମା ବଳୟର ଗ୍ରୀବାକୁ ମୋଡି ଧରାଶାୟୀ କରିଦେଇଛି ଫନୀ। ପର୍ଯ୍ୟାପ୍ତ କ୍ଷୟକ୍ଷତିର ସଂକ୍ଷିପ୍ତ ବର୍ଣ୍ଣନା ହେଉଛି ଯେ ଘଣ୍ଟା ପ୍ରତି ୧୮୦ କି.ମି.ର ଚକ୍ରବାତ କଚ୍ଚାଘର, ନଡ଼ା-ଟିଣ ଛପର ଘରକୁ ଭାଙ୍ଗି ଛାରଖାର କରିଛି। ବଡ଼ବଡ ଗଛ ଭାଙ୍ଗି, ଉପାଡି, ଶୁଆଇ ପକ୍କା ଘରକୁ କ୍ଷତି ପହଞ୍ଚାଇଛି, ରାସ୍ତାଘାଟ ଅବରୋଧ କରିବା ସହିତ ବିଜୁଳି ଯୋଗାଣକୁ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ କରିଛି, ଜଳଯୋଗାଣ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇଛି ଇତ୍ୟାଦି। ସବୁଠାରୁ ବଡ଼ ତଥା ଅପୂରଣୀୟ କ୍ଷତି ହେଉଛି ପ୍ରାୟ ୬୪ ଜଣଙ୍କ ଜୀବନହାନି। ଆଦୌ ଜୀବନହାନି ନ ଘଟାଇବାର ପରିଚାଳନାଗତ ପ୍ରସ୍ତୁତି ବସ୍ତୁତଃ ପ୍ରକୃତି କୋପ ଆଗରେ ହାର ମାନିଛି । ତେବେ ଅନେକ ମୃତାହତ ସମ୍ଭାବନାକୁ ଏଡାଇ ଦିଆଯାଇପାରିଛି।

ବାତ୍ୟା ସଂଘଟିତ ହେବାର ସ୍ଥାନ, କାଳକୁ ନେଇ ଏହାର ପରବର୍ତ୍ତୀ ପ୍ରଭାବର ତୀବ୍ରତା ଅନୁଭୂତ ହୋଇଥାଏ। ଯେମିତି ଗ୍ରୀଷ୍ମକାଳୀନ ବାତ୍ୟା ଫନୀର ପରବର୍ତ୍ତୀ ଦୁର୍ଦ୍ଦଶା ୪୦ ଡିଗ୍ରୀ ଉପରେ ରହୁଥିବା ପାରଦରେ ଜୀବନକୁ ଖିନ୍‌ଭିନ୍ କରିପକାଉଛି। ଅସହ୍ୟ ଗରମ, ଗୁଳୁଗୁଳିକୁ ପାଣି ସମସ୍ୟା- ଚଳେଇନେବାର ସୀମା ଟପିଲା ପରେ ରାଜରାସ୍ତାରେ ବିରୋଧ, ଧାରଣା ଏବଂ ବ୍ୟବସ୍ଥା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ। ତେବେ ବିପର୍ଯ୍ୟୟର ପ୍ରଭାବକୁ ପ୍ରତିହତ କରିବାର ବ୍ୟବସ୍ଥାରେ ଦୁଇଟି ପ୍ରମୁଖ ଅଙ୍ଗ ଯଥା ସ୍ୱଳ୍ପକାଳୀନ ପରିଚାଳନା ଏବଂ ଦୀର୍ଘକାଳୀନ ପରିଚାଳନା କାମ କରିଥାଏ। ବିପର୍ଯ୍ୟୟ ପରିଚାଳନାଗତ ଏ ଦୁଇ ପ୍ରସଙ୍ଗର ସାରାଂଶ ଏବେ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ଧାର ଓ ରିଲିଫ ବଣ୍ଟାରେ ଅଟକି ଯାଉଛି। ଧାରାବାହିକ ଭାବେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଥିବା ସ୍ଥାନରେ ଅନ୍ତତଃପକ୍ଷେ ଦୁର୍ଦ୍ଦଶାକୁ କମ୍ କରିବା ପାଇଁ ଅତ୍ୟାବଶ୍ୟକ କ୍ଷେତ୍ରରେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଆପଣେଇବା ନିହାତି ଜରୁରୀ ହୋଇପଡିଛି।

ଓଡ଼ିଶାରେ ଫନୀକୁ ମିଶାଇ ବିଗତ ଚାରି ଚାରିଟି ବାତ୍ୟାର ମୁକାବିଲା ଆମେ ଦକ୍ଷତାର ସହ କରିପାରିଛୁ। ଏହା ଧନଜୀବନ କ୍ଷୟକ୍ଷତିକୁ ଅନେକ ପରିମାଣରେ କମାଇ ପାରିଛି, ଯାହାର ଅସ୍ତିତ୍ୱ ୧୯୯୯ ମହାବାତ୍ୟାରେ ନ ଥିଲା। କହିବାକୁ ଗଲେ ବିପର୍ଯ୍ୟୟ ପରିଚାଳନାର ପରିଭାଷା ଉପଲବ୍ଧ ନ ଥିଲା ସେତେବେଳେ। ତେଣୁ ଅପର୍ଯ୍ୟାପ୍ତ କ୍ଷୟକ୍ଷତି ଏବଂ ହଜାର ହଜାର ଜୀବନହାନି ଘଟିଥିଲା। ବର୍ତ୍ତମାନ ପରିସ୍ଥିତିରେ ପରିଚାଳନାର ବିଧିବଦ୍ଧ ପ୍ରାବଧାନ ମୁତାବକ ପୂର୍ବ ପ୍ରସ୍ତୁତିକୁ କାର୍ଯ୍ୟକାରୀ କରାଯାଉଛି। ବାତ୍ୟା ପୂର୍ବ ପ୍ରସ୍ତୁତିର କ୍ଷେତ୍ର ଓ କଳେବର ବାତ୍ୟା ସ୍ଥଳଭାଗ ଛୁଇଁବାର ସ୍ଥାନ, ପବନର ବେଗ, ବର୍ଷା ପରିମାଣ, ସାମୁଦ୍ରିକ ଢେଉ ଓ ଜୁଆରର ଉଚ୍ଚତା ଇତ୍ୟାଦିର ପ୍ରାକ୍ ସୂଚନା ଅନୁସାରେ ସ୍ଥିରୀକୃତ ହୋଇଥାଏ। ଜନସାଧାରଣଙ୍କୁ ବିପର୍ଯ୍ୟୟ ସମ୍ବନ୍ଧିତ ସତର୍କ ସୂଚନା ଦେବା, ସମ୍ଭାବ୍ୟ କ୍ଷୟକ୍ଷତି ତଥା ବିପଜ୍ଜନକ ସ୍ଥାନରୁ ଜନସାଧାରଣଙ୍କୁ ହଟାଇବା, ବାତ୍ୟା ଆଶ୍ରୟସ୍ଥଳୀ କିମ୍ବା ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ଏବଂ ଆପତ୍‌କାଳୀନ ସାମଗ୍ରୀ, ଉଦ୍ଧାର ଉପଯୋଗୀ ସରଞ୍ଜାମ ମହଜୁଦ ରଖିବା ଇତ୍ୟାଦି କାର୍ଯ୍ୟକ୍ରମ ପୂର୍ବ ପ୍ରସ୍ତୁତିର ଅଂଶବିଶେଷ।

ତେବେ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି ସମ୍ପୂର୍ଣ୍ଣ ଅସ୍ଥାୟୀ ପଦକ୍ଷେପ ଏବଂ ଏହାର ସଫଳତା ବିପର୍ଯ୍ୟୟ ପୂର୍ବାନୁମାନର ସଠିକତା ଉପରେ ନିର୍ଭର କରେ। ଏଥିରେ ବିପର୍ଯ୍ୟୟପ୍ରବଣ ଅଞ୍ଚଳ ତଥା ଅଧିବାସୀ ସ୍ଥାୟୀ ଭାବେ ସ୍ଥିରୀକୃତ ନୁହନ୍ତି। ତେଣୁ ବାତ୍ୟାର ତୀବ୍ରତା ବଢିଲେ, ଦିଗ ପରିବର୍ତ୍ତନ ହେଲେ କିମ୍ବା ପବନ-ବର୍ଷାର ଅନୁପାତରେ ଅମେଳ ଘଟିଲେ ପୂର୍ବପ୍ରସ୍ତୁତି ସଫଳ ଭାବେ କାମ କରିପାରେ ନାହିଁ। ଯେମିତି ଘଟିଥିଲା ତିତ୍‌ଲି କ୍ଷେତ୍ରରେ ଆଉ ଫନୀରେ ପବନର ବେଗକୁ ନେଇ ଭୁବନେଶ୍ୱରରେ। ତଥାପି ବାତ୍ୟାର ପୂର୍ବପ୍ରସ୍ତୁତି କ୍ଷୟକ୍ଷତି ରୋକିବାକୁ ଯେ ଏକ ଅମୋଘ ଅସ୍ତ୍ର ତାହା ସ୍ୱୀକାର୍ଯ୍ୟ। ପୂର୍ବପ୍ରସ୍ତୁତି ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଛି। ବାତ୍ୟାଞ୍ଚଳର ଲୋକମାନେ ବାରମ୍ବାର ବାତ୍ୟାକୁ ଭେଟୁଥିଲେ ମଧ୍ୟ ପୂର୍ବ ପ୍ରସ୍ତୁତିରେ ନିଜ ମଧ୍ୟରେ ଆତ୍ମନିର୍ଭରଶୀଳତା ଏବଂ ଆତ୍ମବିଶ୍ୱାସ ଆଜି ପର୍ଯ୍ୟନ୍ତ ଜାଗ୍ରତ କରିପାରିନାହାନ୍ତି।

ସାମ୍ପ୍ରତିକ ପରିସ୍ଥିତିରେ ପୁରୀ ଓ ଭୁବନେଶ୍ୱରରେ ଫନୀର ତାଣ୍ଡବ ଯେଉଁ କ୍ଷୟକ୍ଷତି କରିଛି, ତାହା ପାରମ୍ପରିକ ବିପର୍ଯ୍ୟୟ ପରିଚାଳନା ବ୍ୟତିରେକେ ସମସ୍ୟାଭିତ୍ତିକ କିଛି ସ୍ଥାୟୀ ପ୍ରତିକାର ବ୍ୟବସ୍ଥାକୁ ଅବିଳମ୍ବେ ଆପଣେଇବା ପାଇଁ ଇଙ୍ଗିତ ଦେଇଛି। ସେଥି ମଧ୍ୟରୁ କିଛି ପ୍ରମୁଖ ବିଷୟ ଉପରେ ଆଲୋଚନା କରିବା। ପ୍ରଥମତଃ ବିଜୁଳି ଯୋଗାଣରେ ଗୁରୁତର ବ୍ୟାଘାତ ଯାହା ଏତେ ଦିନର ଆପ୍ରାଣ ଚେଷ୍ଟା ସତ୍ତ୍ୱେ ପୁନରୁଦ୍ଧାର ସମ୍ପୂର୍ଣ୍ଣ ରୂପେ ସମ୍ଭବ ହେଉନାହିଁ। ମେ ମାସର ପ୍ରଚଣ୍ଡ ତାତିରେ ସନ୍ତୁଳି ଯାଉଛନ୍ତି ଜନସାଧାରଣ। ବିଜୁଳି ନାହିଁ କି ଛାଇ ଟିକେ ନାହିଁ। ଥୁଣ୍ଟା ଗଣ୍ଡି ଶାଖା ଓ ଉପରମୁହାଁ ମୂଳ ମଧ୍ୟରେ କଂକ୍ରିଟ ଜଙ୍ଗଲଗୁଡିକ ସୁସ୍ପଷ୍ଟ। ବିଜୁଳି ବିନା ସହରୀ ଜୀବନ, ପୁଣି ଏତେ ଦିନ-ପୂରା ଯମ ଯନ୍ତ୍ରଣା। ବାତ୍ୟାରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଘଟଣାକୁ ଏଡାଇବାରେ ଭୂତଳ ବିଦ୍ୟୁତ୍ ପରିବହନ ଏକ ସ୍ଥାୟୀ ପ୍ରତିକାର ବ୍ୟବସ୍ଥାର ସ୍ଥାନ ନେଇପାରିବ ବୋଲି ପ୍ରୟୋଗାତ୍ମକ ଭାବେ ଦେଖାଯାଇଛି। ଯଦିଓ ଏହା ସମ୍ପୂର୍ଣ୍ଣ ସମାଧାନ ନୁହେଁ ତଥାପି ତାରଖୁଣ୍ଟ ଭାଙ୍ଗି ଯେଉଁ ମାତ୍ରାଧିକ ବିଭ୍ରାଟ ହେଉଛି ଅନ୍ତତଃ ପକ୍ଷେ ତାକୁ ଏଡାଇ ଦିଆଯାଇପାରିବ। ବିଦ୍ୟୁତ୍ ସାଙ୍ଗକୁ ଫନୀରେ ଜଳଯୋଗାଣ ମଧ୍ୟ ଠପ୍ ହୋଇଗଲା। ସଞ୍ଚିତ ଜଳରେ ଦିନେ ଦୁଇଦିନ ଟାଣି ନେଇହେଲା। ପରେ ଅବସ୍ଥା ଅସମ୍ଭାଳ। ଗରା, ମାଠିଆ, ବାଲ୍‌ଟି, ବୋତଲ ଧରି ଲୋକଙ୍କ ଇତସ୍ତତଃ ଧାଁ ଧପଡ, ପାଣି ପାଇଁ ଟ୍ୟାଙ୍କରକୁ ଚାହିଁ ଚାହିଁ ଆଖିରୁ ପାଣି ମରିବା ସାର ହେଉଥିଲା। ଏହା ସୂଚାଇ ଦେଉଛି ବିପର୍ଯ୍ୟୟ ପରେ ପାଣି ସମସ୍ୟାର ସମାଧାନ ପାଇଁ କିଛି ସ୍ଥାୟୀ ବ୍ୟବସ୍ଥାକୁ ବିପର୍ଯ୍ୟୟ ପରିଚାଳନାର ଅନ୍ତର୍ଭୁକ୍ତ କରିବା।

କିଛି କିଛି ଦୂରତାରେ ଆବଶ୍ୟକତାକୁ ଦେଖି ଗୋଟେ ଗୋଟେ ନଳକୂପ ଖନନ କରି ତା'ର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯିବା ଦରକାର। ବିପର୍ଯ୍ୟୟ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଜଳ ଯୋଗାଣରେ ବାଧା ସୃଷ୍ଟି ହେଲେ ଏଗୁଡିକ କାମରେ ଆସିପାରିବ। ସହର ପରିଧି ମଧ୍ୟରେ ସ୍ଥାନେ ସ୍ଥାନେ ଛୋଟ ବଡ ଜଳାଶୟମାନ ଖୋଳାଯାଇ ସେଥିରେ ବର୍ଷ ତମାମ ପାଣି ପୂର୍ଣ୍ଣ କରି ରଖିଲେ ବେଳ ଅବେଳରେ ଘରୋଇ ବ୍ୟାବହାରିକ ଜଳର ଆବଶ୍ୟକତାକୁ ମେଣ୍ଟାଇ ହେବ। ବିପର୍ଯ୍ୟୟ ବେଳେ ବିଜୁଳି ଓ ପାଣି ସମସ୍ୟା-ଏ ଦୁଇ ପ୍ରମୁଖ ଦିଗକୁ ଦୃଷ୍ଟିରେ ରଖି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କଲେ ପାଖାପାଖି ୮୦ ପ୍ରତିଶତ ଦୁର୍ଦ୍ଦଶା ଦୂର ହେଲା ବୋଲି ଜାଣ। ଆଉ ରହିଲା ଗଛ ଭାଙ୍ଗି, ଉପୁଡି ଘରଦ୍ୱାର କ୍ଷତି ଓ ଜୀବନ ହାନି। ତା'ହେଲେ କ'ଣ ଗଛ ଲଗେଇବାନି କି ଗଛ ରଖିବାନି। ବାତ୍ୟାରେ ଗଛ ଭାଙ୍ଗି ଯାହା ତ ଯାତନା ଦେଲା, ଗଛ ସବୁ ସଫା ହୋଇଯିବା ପରେ ଲଣ୍ଡା ସହରରେ ହୁ ହୁ ହୋଇ ବଢୁଥିବା ତାପମାତ୍ରା ଅଂଶୁଘାତକୁ ହିଁ ଆମନ୍ତ୍ରଣ କରୁଛି । ଏପରି କ୍ଷେତ୍ରରେ ଘର ପାଖରେ ବଡ ବଡ ତଥା ମସକା ଗଛ ନ ଲଗାଇ ବାମନ ପ୍ରଜାତିର ଗଛବୃଛ ସୃଷ୍ଟି କରିବା ଉଚିତ ହେବ। ନିମ, ବେଲ, କରଞ୍ଜ ଓ ବର ଆଦି ଚେମଡ଼ ଏବଂ ଦୃଢ ଚେରଯୁକ୍ତ ଗଛର ବାତ୍ୟା ପ୍ରତିରୋଧକ ଶକ୍ତି ଅଧିକ। ତେଣୁ ରାସ୍ତାକଡ, ପରିତ୍ୟକ୍ତ ଏବଂ ବଳକା ଜାଗାରେ ଏସବୁ ଗଛକୁ ବହୁ ପରିମାଣରେ ରୋପଣ କରାଯାଇପାରିବ।

ସାଧାରଣ ଭାବେ ବାତ୍ୟା ବା ସାମୁଦ୍ରିକ ଝଡ଼ ତଟରେଖା ଦେଇ ଉପକୂଳରେ ସ୍ଥଳଭାଗକୁ ଛୁଇଁଥାଏ। ଏଣୁ ଓଡିଶାର ୪୮୦ କି.ମି. ପରିବ୍ୟାପ୍ତ ତଟରେଖା ସଂଲଗ୍ନ ଅଞ୍ଚଳରେ ବ୍ୟାପକ ବରଗଛ ରୋପଣ କଲେ ତାହା ବାହୁବଳୀ ବାତ୍ୟାର ବହୁ ପରିମାଣରେ ବାଟ ଓଗାଳିପାରିବ। ସମୟକ୍ରମେ ସମୁଦ୍ର ସମୀପରେ ସଙ୍କୁଚିତ ହୋଇ ଯାଉଥିବା ହେନ୍ତାଳବଣ କିପରି ବିସ୍ତାର ଲାଭ କରିବ ସେ ପ୍ରତି ଯତ୍ନବାନ୍ ରହିବା ସହିତ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ।

ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ-୯୮୬୧୨୧୩୪୭୨

# ବିଲୁପ୍ତି ପଥେ ଜୈବବିବିଧତା



ବସନ୍ତ କୁମାର ଦାସ

ଆମ ପରିବେଶରେ ବଞ୍ଚି ରହିଥିବା ସମସ୍ତ ଜୀବଜନ୍ତୁ, ଗଛଲତା, କୀଟପତଙ୍ଗ ଓ ଅଣୁଜୀବମାନଙ୍କର ଉପସ୍ଥିତି ଓ ଅବସ୍ଥିତିକୁ ଜୈବବିବିଧତା କୁହାଯାଏ। ଜୀବମାନଙ୍କର ବିବିଧତାକୁ ଜୈବବିବିଧତା ମଧ୍ୟ କହନ୍ତି। ଆଜି କିନ୍ତୁ ଜୈବବିବିଧତା ବିପନ୍ନ ତଥା ସଂକଟରେ। ଏହାର ମୁଖ୍ୟ କାରଣ ଜନସଂଖ୍ୟା ବୃଦ୍ଧି, ଆପାର୍ଟମେଣ୍ଟ ତଥା କୋଠାବାଡି ସଂଖ୍ୟା ବୃଦ୍ଧି, ରାସ୍ତାଘାଟ, ସହରବଜାର ଓ କଳକାରଖାନାଗୁଡ଼ିକର ସଂଖ୍ୟା ବୃଦ୍ଧି। ଗତ ୪୦ବର୍ଷ ତଳେ ଯେତେ ପ୍ରକାର ଧାନ ଚାଷ ହେଉଥିଲା ଆଜି ସେସବୁ ବିଲୁପ୍ତପ୍ରାୟ। ଏଇ ଯେପରି ପଥରଚିଙ୍କ, ବାଇକୋଇଲି, ହଳଦୀଗୁଣ୍ଡି, ଲାଙ୍ଗୁଳାଧାନ ଇତ୍ୟାଦି। ଏଇ ପାରମ୍ପରିକ ଧାନଚାଷ ନିଆରା ଥିଲା, ଖରାଦିନେ ଧାନବୁଣା ହେଉଥିଲା, ବର୍ଷାଦିନେ ବେଉଷଣ କରି ଗୋବର ଖତ ଦେଇ ଏଇ ଧାନକୁ ଅତି ଯତ୍ନରେ ଚାଷ କରାଯାଉଥିଲା। ଏଇ ଧାନରୁ ହେଉଥିବା ଚାଉଳ ଭାତର ବାସ୍ନା ବର୍ଣ୍ଣନାତୀତ। ପଖାଳ ଭାତର ତୋରାଣି, ଭାତର ବାସ୍ନା ସମସ୍ତଙ୍କୁ ତୃଷା ଓ କ୍ଷୁଧାମୁକ୍ତ କରୁଥିଲା। ପ୍ରାକୃତିକ ଦୁର୍ବିପାକ ସହ ସଂଗ୍ରାମ କରି ବଞ୍ଚିରହି ଅମଳ ହେଉଥିଲା। ଲମ୍ବା ଲମ୍ବା ଛଣ ଘରଛପର ତଥା ଗୋଖାଦ୍ୟ ରୂପେ ବ୍ୟବହୃତ ହେଉଥିଲା। ଏ ନଡାର ବିଶେଷତ୍ୱ ହେଉଛି ସହଜରେ ପଚିଶଢି ନ ଯିବା। ତେଣୁ ଚାଳଛପରର ସ୍ଥାୟିତ୍ୱ ଥିଲା ବେଶିଦିନ। ବାସମତୀ ଧାନଠାରୁ ବି ଭଲ ଧାନ କୃଷ୍ଣସୁନ୍ଦରୀ କଳାଧାନ ବା ଓରାଇଜା ସାଟାଇଭା। ଏ ପ୍ରକାର ଚାଉଳ ଏତେ ଭଲଥିଲା ଯେ ଚାଇନାର ଶାସକମାନେ ଏହା ସାଧାରଣ ଲୋକଙ୍କୁ ଖାଇବାକୁ ବାରଣ କରିଥିଲେ। ବୈଜ୍ଞାନିକମାନେ ଜାଣିପାରିଛନ୍ତି, କଳାଧାନ ପୁଷ୍ଟିକର ଓ ଔଷଧୀୟ ଗୁଣଯୁକ୍ତ। ଏହା କର୍କଟ ଓ ବିଭିନ୍ନ ଚର୍ମରୋଗକୁ ଭଲ କରିବାରେ ସାହାଯ୍ୟ କରେ।

ଏହି ଧାନ ଆମ ଦେଶରେ କାଁ ଭାଁ ଚାଷ ହେଉଥିବା ବେଳେ ଆମ ରାଜ୍ୟ ଓ ଆନ୍ଧ୍ରପ୍ରଦେଶରେ ଚାଷ ନ ହେବା କ୍ଷୋଭର ବିଷୟ। କୋରାପୁଟ ହେଉଛି ଧାନଚାଷର ଅନ୍ତୁଡିଶାଳ। ଅନେକ କିସମର ପାରମ୍ପରିକ ଧାନ କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ସାଇତି ରଖାଯାଇଛି। ଭାରତ ସ୍ୱାଧୀନ ହେବା ବେଳକୁ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ କିସମର ପାରମ୍ପରିକ ଧାନଚାଷ ହେଉଥିବା ବେଳେ ଏବେ ପ୍ରାୟ ୨୦୦ କିସମରେ ସୀମିତ ରହିଛି। ଏହାର ମୁଖ୍ୟ କାରଣ ଜୈବବିବିଧତାର ସଂରକ୍ଷଣ ପ୍ରତି ଦୃଷ୍ଟି ନ ଦେବା। ଏ ସଂକ୍ରାନ୍ତରେ କମଳା ପୂଜାରୀଙ୍କ ପ୍ରଚେଷ୍ଟା ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟର ବାରିପଦାରୁ ବାଲୁଖଣ୍ଡ, ମାଲକାନଗିରିରୁ ମଙ୍ଗଳାଯୋଡି, ଗଞ୍ଜାମରୁ ଗହୀରମଥା, ସାତକୋଶିଆରୁ ସାତଭାୟା, ନବରଙ୍ଗପୁରରୁ ନିୟମଗିରି, ଚନ୍ଦ୍ରଗିରିରୁ ଚିଲିକା ଜୈବବିବିଧତା ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆନୁବଂଶିକ, ପାରିସ୍ଥିତିକ, କ୍ରିୟାତ୍ମକ ଓ ଜୈବରାସାୟନିକ ଆଦି ଜୈବବିବିଧତାର ବିଭିନ୍ନ ଦିଗ। ପ୍ରତିବର୍ଷ ପ୍ରାୟ ୨ଟି ପ୍ରଜାତିର ଜୀବ ସବୁଦିନ ପାଇଁ ବିଦାୟ ନେଉଛନ୍ତି। ଗତ ୧୦୦ ବର୍ଷ ମଧ୍ୟରେ ପ୍ରାୟ ୫୦୦ ପ୍ରଜାତିର ଜୀବ, ଉଭୟ ପ୍ରାଣୀ ଓ ଉଦ୍ଭିଦ ଧରାପୃଷ୍ଠରୁ ଲୋପ ପାଉଛନ୍ତି। ଏସବୁକୁ ଭିତ୍ତିକରି ରେଡ୍, ବ୍ଲୁ ଓ ଗ୍ରୀନ୍ ଡାଟା ବୁକ୍ ପ୍ରସ୍ତୁତ କରାଯାଇଛି, ଯାହାକି ନିଶ୍ଚିହ୍ନ, ବିପନ୍ନ ଓ ଦୁର୍ଲଭ ଜୀବ ଓ ବୃକ୍ଷଲତାଙ୍କୁ ବୁଝାଇଥାଏ। ଏମାନଙ୍କ ମଧ୍ୟରେ ଶଙ୍ଖଚିଲ, ଶାଗୁଣା, ଶାଳିଆପତନି, ହଳଦୀବସନ୍ତ, ଓଧ, କୋକିଶିଆଳି, ବଜ୍ରକାପ୍ଟା, ଝିଙ୍କ, ଘରଚଟିଆ, ବାଇଚଢ଼େଇ, କୋଚିଲାଖାଇ, ରାମଶିଆଳ ଓ ଟିଆ ଅନ୍ୟତମ।

ଓଡ଼ିଶାର ହେନ୍ତାଳ ବଣରେ ଥିବା ଜୀବଜନ୍ତୁ ଓ ଗଛଲତାକୁ ମହାନଦୀ ତ୍ରିକୋଣଭୂମି, ଭିତରକନିକା, ବାଲେଶ୍ୱର-ଭଦ୍ରକ ଉପକୂଳ ଅଞ୍ଚଳରେ ସଂରକ୍ଷିତ କରି ରଖିବା ଉଚିତ। ବଣରୁଆ, ପାଣିଆମ୍ବ, ଫାସି, ହେନ୍ତାଳ, ବନୀ, ଧଳାବନୀ, ଖାର୍ସୀ, ସିଙ୍ଗଲାବନୀ, ବଡବନୀ, ସୁନ୍ଦରୀ, କାଳିଆରୁଆ, ବନ୍ଧାରୀ, ଉଟ୍, ଗରନୀ, କନିକାସୁନ୍ଦରୀ, ଗୁଆଁ ଚୁରୁଣ୍ଡ, ସିନ୍ଦୁକ, ରାଇ, ଓରୁଆ, ଖରଖରୀ, ଶିଶୁମାର ଓ ପିତାକୋରୁଆ ଆମ ଓଡ଼ିଶାର ହେନ୍ତାଳ ଜଙ୍ଗଲରେ ଦେଖାଯାଏ। କିନ୍ତୁ ଦୁଃଖର କଥା ଉପକୂଳବର୍ତ୍ତୀ ଅଞ୍ଚଳରେ ଫାଇଲିନ୍, ହୁଡ୍‌ହୁଡ୍ ଓ ଫନୀ ଭଳି ବାତ୍ୟା ବାରମ୍ବାର ଆସିବା ଯୋଗୁ ଅନେକ ଗଛ ଓ ଜୀବଜନ୍ତୁ ବିଲୁପ୍ତପ୍ରାୟ ଅବସ୍ଥାରେ ଅଛନ୍ତି। ଜାତିସଂଘ ତରଫରୁ ମେ ୨୨ ତାରିଖକୁ ବିଶ୍ୱ ଜୈବବିବିଧତା ସଂରକ୍ଷଣ ଦିବସ ରୂପେ ୨୦୧୧ ମସିହା ପରଠାରୁ ପାଳନ କରାହେଉଛି। ଚଳିତ ୨୦୧୯ ବର୍ଷର ବିଷୟବସ୍ତୁ ରହିଛି 'ଆମ ଜୈବବିବିଧତା, ଆମ ଖାଦ୍ୟ ଓ ଆମ ସ୍ୱାସ୍ଥ୍ୟ'। ୨୦୧୧ରୁ ୨୦୨୦ ପର୍ଯ୍ୟନ୍ତ ଜୈବବିବିଧତା ଦଶନ୍ଧି ପାଳନ କରାଯାଉଛି। ପ୍ରତ୍ୟେକ ଶ୍ରେଣୀର ଲୋକ, ବୈଜ୍ଞାନିକ, ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଜୀବଜଗତର ସୁରକ୍ଷା, ସଂରକ୍ଷଣ, ସମ୍ପ୍ରସାରଣ ଓ ସଂସ୍ଥିତି ପାଇଁ ଶପଥ ନେଇ କାୟମନୋବାକ୍ୟରେ ଆଗେଇ ଆସିଲେ ଜୈବବିବିଧତାର ସଂରକ୍ଷଣ ଓ ସମ୍ପ୍ରସାରଣ ହୋଇପାରିବ।

ବି/୧୧୩, ସେକ୍ଟର-୧, ଦାମନଯୋଡି, କୋରାପୁଟ, ମୋ-୯୪୩୭୯୧୧୫୮୫

## ୨୫ ବର୍ଷ ତଳର ଧରିତ୍ରୀ

୨୨ ମେ ୧୯୯୪

- ଐଶ୍ୱର୍ଯ୍ୟା ରାୟଙ୍କୁ ଟାଇବ୍ରେକର ରାଉଣ୍ଡରେ ପରାସ୍ତ କରି ଭାରତ ସୁନ୍ଦରୀ ସୁସ୍ମିତା ସେନ୍ ୧୯୯୪ ବର୍ଷ ପାଇଁ ବିଶ୍ୱ ସୁନ୍ଦରୀ ଆଖ୍ୟା ଲାଭ କରିଛନ୍ତି।
- ନିର୍ବାଚନ ସମୟରେ ଘଟୁଥିବା ସବୁ ଘଟଣାକୁ ରେକର୍ଡ କରିବା ପାଇଁ ନିର୍ବାଚନ କମିଶନ ଭିଡିଓ ଫଟୋଗ୍ରାଫରଙ୍କୁ ନିଯୁକ୍ତି କରିବା ନେଇ ନିଷ୍ପତ୍ତି।
- ୟୁକ୍ରେନଠାରୁ ଅଲଗା ହେବା ପରେ କ୍ରିମିଆ ନିଜକୁ ଏକ ସ୍ୱାଧୀନ ରାଷ୍ଟ୍ର ରୂପେ ଘୋଷଣା କରିଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 0 | | | | | D | 5 | 7 | | B |
| 2 | | 1 | | | | | | 5 | 9 | | | | 4 | |
| 3 | | | | | | | 7 | | 8 | 2 | | E | 0 | |
| | 6 | 8 | E | | | | 9 | | | | | C | A | D |
| | | | C | | | | 0 | | | 7 | | | 6 | |
| 6 | | | | 4 | | | E | 8 | 5 | C | | 9 | | 0 |
| | | 7 | | 5 | 9 | | B | | | | 1 | 3 | | 4 |
| | | | 1 | C | | | | | | | 3 | D | | |
| 9 | A | | | | | 5 | | 1 | 4 | 6 | | | | |
| | | | | | 6 | C | | | E | | | | B | |
| | | 0 | | | 4 | | C | | | | D | | 7 | 8 |
| | | 6 | | | | | | | | E | 2 | | | |
| 1 | 7 | | 9 | 2 | | | 8 | | | | | | | A |
| C | | | | | 8 | 2 | | 4 | | | | | | 5 |
| | 9 | 4 | B | 7 | 3 | 0 | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 5 | B | D | 2 | 4 | 1 | C | 8 | 3 | 6 | 7 | E | 0 | 9 |
| E | 0 | 8 | 1 | 6 | 3 | B | 5 | 9 | 2 | D | C | 4 | 7 | A |
| 2 | 1 | 4 | C | 9 | A | D | 6 | 7 | E | 5 | 0 | 8 | B | 3 |
| 9 | C | D | 0 | B | 7 | A | 3 | E | 4 | 1 | 8 | 6 | 5 | 2 |
| 7 | 6 | 3 | 8 | 5 | E | 0 | 2 | 4 | 9 | A | B | C | D | 1 |
| 6 | 7 | C | A | 1 | 2 | 5 | D | B | 0 | 8 | 4 | 9 | 3 | E |
| 8 | 4 | 2 | 7 | D | 5 | 9 | E | 0 | 6 | 3 | 1 | A | C | B |
| B | D | E | 3 | 0 | 6 | 8 | A | C | 5 | 9 | 2 | 7 | 1 | 4 |
| 1 | 9 | 5 | E | C | 8 | 3 | 4 | 6 | B | 7 | A | D | 2 | 0 |
| 0 | 3 | A | 9 | 4 | B | 7 | 1 | 2 | D | C | E | 5 | 6 | 8 |
| 3 | E | 6 | 4 | 7 | 9 | 2 | B | 5 | A | 0 | D | 1 | 8 | C |
| 5 | 8 | 0 | 6 | A | D | 4 | 9 | 1 | C | B | 3 | 2 | E | 7 |
| C | 2 | 1 | B | E | 0 | 6 | 7 | A | 8 | 4 | 5 | 3 | 9 | D |
| D | A | 9 | 2 | 8 | 1 | C | 0 | 3 | 7 | E | 6 | B | 4 | 5 |
| 4 | B | 7 | 5 | 3 | C | E | 8 | D | 1 | 2 | 9 | 0 | A | 6 |

ଗତକାଲିର ଉତ୍ତର

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଥିଲେ ପଙ୍ଗୁ ବି ଗିରିପଥ ଅତିକ୍ରମ କରିପାରେ। ଗଭୀର ଅଧ୍ୟବସାୟ ଓ ଆତ୍ମବିଶ୍ୱାସ ବଳରେ କୌଣସି ବ୍ୟକ୍ତି ନିଶ୍ଚୟ ସଫଳ ହୋଇପାରନ୍ତି। ଉତ୍ତରପ୍ରଦେଶ ଗାଜିଆବାଦ ଅନ୍ତର୍ଗତ ପ୍ରତାପବିହାରର ଅମୃତା ଆନନ୍ଦମୟୀ କୁଟୀରମ୍‌ରେ ବାସ କରୁଥିବା ଗୁଡ୍ଡିଙ୍କ ଇଚ୍ଛାଶକ୍ତି ଆଗରେ ସାମାଜିକ ପ୍ରତିବନ୍ଧକ ହାର ମାନିଛି। ୨୦୧୪ରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଗୁଡ୍ଡି ଉପରେ ଝିଅ ଓ ପୁଅର ଲାଳନପାଳନ ଦାୟିତ୍ୱ ପଡ଼ିଥିଲା। ତେବେ ସେ ଧୈର୍ଯ୍ୟହରା ନ ହୋଇ ଇ-ରିକ୍ସା ଚଳାଇବା ଆରମ୍ଭ କରିଥିଲେ। ଏ ନେଇ ତାଙ୍କୁ ସାହିପଡ଼ିଶାଙ୍କଠାରୁ ଟାହିଟାପରା ମଧ୍ୟ ଶୁଣିବାକୁ ପଡ଼ିଥିଲା। ତଥାପି ସେ ଭାଙ୍ଗିପଡି ନ ଥିଲେ। ହାର୍ ନ ମାନି ଆଗକୁ ମାଡି ଚାଲିଥିଲେ। ଏବେ ତାଙ୍କ ସାହସ ଓ କର୍ତ୍ତବ୍ୟନିଷ୍ଠା ଦେଖି ସ୍ଥାନୀୟ ଅଞ୍ଚଳର ଅନ୍ୟ ୫ ଜଣ ମହିଳା ଇ-ରିକ୍ସା ଚଳାଇବା ଆରମ୍ଭ କରିଛନ୍ତି। ସେମାନଙ୍କୁ ଗାଡି ଚଳାଇବା ତାଲିମ ଦେଇଛନ୍ତି ଗୁଡ୍ଡି। ଏପରି କରି ସେ ସମାଜ ପାଇଁ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି।

## ଚିରନ୍ତନୀ

ଦୁନିଆ ଉପରେ ବଜାଇ ବିଜୟ ଭେରୀ
ଅନ୍ଧାର କୋଳୁଁ ଭାରତ ଆସିବ ଫେରି
ଆସିବ ଫେରି ସେ ନିଜ ଗଉରବେ
ଚକିତ ଧରାରେ ଚାହିଁବେ ସରବେ
ବିଶ୍ୱ ସଭାରେ ଆଦରେ ତାହାକୁ ବସିବେ ସକଳେ ଘେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି।
ଫେରି ଆସିବରେ ପୁରାଣ ଭାରତ ମମ
ଉଠିବ ଘେନି ସେ ନବ ରୂପ ଅନୁପମ
ସବୁ କଳଙ୍କ ଦୂରେ ଯିବ ଖସି
ପୁରାତନ ମାଟି ଉଠିବରେ ହସି
ପରାଚୀର ଭାଲେ ଉକୁଟେ ଆଲୋକ, ନାହିଁ ନାହିଁ ଆଉ ଡେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି।

(ଭାରତ ଆସିବ ଫେରି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ନ୍ୟାୟ ବ୍ୟବସ୍ଥା

ମହାଶୟ,

ବିଭିନ୍ନ କୋର୍ଟରେ ଏବେ ବି ଲକ୍ଷ ଲକ୍ଷ ମାମଲା ପଡିରହିଛି। ମୁଦାଲା ମୁଦେଇ ମରିଗଲେ ବି ମାମଲା ଫଇସଲା ହେଉନି। ଓକିଲମାନେ ତାରିଖ ଗଡ଼ାଇ ଚାଲିଥାନ୍ତି। ଜଜ୍‌ମାନେ ବି ଉଦାରତା ପ୍ରଦର୍ଶନ କରି ତାରିଖ ଦେଇଥାନ୍ତି। ଏ ତାରିଖ ମାଗିବା ଏବଂ ଦେବାଟାକୁ ସଂକୁଚିତ କରିବା ନିହାତି ଦରକାର। କେସ୍ କୋର୍ଟକୁ ଆସିବା ଆଗରୁ ମଧ୍ୟ ଅପରାଧୀମାନେ ଜାମିନ ପାଇବା ଅତ୍ୟନ୍ତ ଦୁଃଖର କଥା। ଫଳରେ ଅପରାଧୀ ନିର୍ଭୀକ ଭାବରେ ଅପରାଧ ଘଟାଇ ଚାଲେ। କୋର୍ଟରେ ଉପସ୍ଥିତ ନ ହେଲେ ତାକୁ ଧରିବା ପାଇଁ ୱାରେଣ୍ଟ ଇସ୍ୟୁ କରାଯାଏ। ବିଡ଼ମ୍ବନାର କଥା, ଆସାମୀ ବିଚ୍ ବଜାରରେ ବୁଲୁଥିଲେ ବି ପୋଲିସ ଆଖିକୁ ଦେଖାଯାଏ ନାହିଁ କି ସେ ତାକୁ ଗିରଫ କରେନାହିଁ। ଏଭଳି ପରିପ୍ରେକ୍ଷୀରେ ଅଭିଯୋଗକାରୀ ନୈରାଶ୍ୟ ମଧ୍ୟରେ ଜୀବନ କଟାଇଥାଏ। ଏହାକୁ କ୍ଷମତା ଓ ଅର୍ଥର କରାମତି ଛଡ଼ା ଆଉ କ'ଣ କୁହାଯିବ ? ଆହୁରି ଏକ ଅପ୍ରିୟ ସତ୍ୟ କଥା ହେଲା, ଅନେକ ସମୟରେ ଅଭିଯୋଗକାରୀର ଓକିଲ ସହିତ ସଲାସୁତୁରା ହୋଇ ଅପରାଧୀର ଓକିଲ ମୋଟା ଅଙ୍କର ଅର୍ଥ ଦେଇ ତା' ପାଟିକୁ ବନ୍ଦ କରିଦିଏ। ଫଳରେ ଅପରାଧୀର ଓକିଲ ଜିତିଯାଇ ବାହାବା ନିଏ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଓଡ଼ିଆ ଯୁବକ ଅନ୍ୟ ରାଜ୍ୟମୁହାଁ

ଓଡ଼ିଶାର ଗରିବ ଯୁବକ ଅନ୍ୟ ରାଜ୍ୟରେ ଦାଦନ ଖଟି ଯିବାକୁ ବାଧ ହେଉଛନ୍ତି। କାରଣ ଆମ ରାଜ୍ୟରେ ଶିଳ୍ପାୟନର ଅଭାବ। ଆଗରୁ ଗଢ଼ି ଉଠିଥିବା କଳକାରଖାନା ଆଜି ରୁଗ୍ଣ ଅବସ୍ଥାରେ। ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ଜଳସମ୍ପଦରେ ଭରପୂର ଥିବା ସତ୍ତ୍ୱେ ସରକାରଙ୍କ ଇଚ୍ଛାଶକ୍ତିର ଅଭାବରୁ ନୂଆ କାରଖାନା ବସୁନାହିଁ କିମ୍ବା ରୁଗ୍ଣ କାରଖାନାର ପୁନରୁଦ୍ଧାର ହେଉନାହିଁ। ବିଭିନ୍ନ ଦଳର ରାଜନେତା ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ କରିବା ପରେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଉଛନ୍ତି। ଟଙ୍କିକିଆ ଚାଉଳ ଓ ବିଭିନ୍ନ ଭତ୍ତା ଦେଇ ସମାଜରେ ଏକ ନିକମା ଗୋଷ୍ଠୀ ତିଆରି କରିବାରେ ସାହାଯ୍ୟ କରୁଛନ୍ତି। ଯଦି ପ୍ରାକୃତିକ ସମ୍ପଦର ଉପଯୁକ୍ତ ବିନିଯୋଗ ହୋଇ ଆଞ୍ଚଳିକ ଭିତ୍ତିରେ ଛୋଟ ଛୋଟ କାରଖାନା ବସନ୍ତା ଲୋକମାନେ କାମ ପାଆନ୍ତେ ଓ ଘରଦ୍ୱାର, ବୃଦ୍ଧ ବାପାମା'ଙ୍କୁ ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତେ ନାହିଁ। ସେହିଭଳି କୃଷକଙ୍କୁ ଭତ୍ତା ନ ଦେଇ ଯଦି ଚାଷ ପାଇଁ ବିନା ସୁଧରେ ଋଣ ଦିଅନ୍ତେ ଓ ଧାନର ସହାୟକ ମୂଲ୍ୟ ଆଶାନୁରୂପ କରନ୍ତେ, ତେବେ କୃଷକମାନେ ଚାଷକାର୍ଯ୍ୟରେ ମନ ଦିଅନ୍ତେ।

ଭଗବାନ ଦାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-18

# ଅଂଶୁଘାତ ପ୍ରତି ସତର୍କ ରୁହନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ଟାଣ ଖରାରେ ବାହାରକୁ ଯାଆନ୍ତୁ ନାହିଁ କିମ୍ବା କଠିନ ଶାରୀରିକ ପରିଶ୍ରମ କରନ୍ତୁ ନାହିଁ । ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓ.ଆର୍.ଏସ୍. ଦ୍ରବଣ, ପଣା, ତୋରାଣି, ଘୋଳଦହି, ଆଖୁରସ ଇତ୍ୟାଦି ପିଅନ୍ତୁ ।

ଓ.ଆର.ଏସ୍ ପ୍ୟାକେଟ୍ ସମସ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଉପଲବ୍ଧ ।

ଅଂଶୁଘାତ ସନ୍ଦେହ ହେଲେ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ସୂଚନା ଦିଅନ୍ତୁ ।

ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।

facebook.com/HFWOdisha http://www.health.odisha.gov.in/ @HFWOdisha

NATIONAL HEALTH MISSION

10003/13/0012/1920

## ସଂକ୍ଷେପରେ

### ମା' ଦଣ୍ଡକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବେଗୁନିଆପଡା,୨୧।୫(ଡି.ଏନ.ଏ.)- ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡିଖୋଲଠାରେ ମଙ୍ଗଳବାର ମା' ଦଣ୍ଡକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ହରିହରାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି । ରବିବାର ଅଙ୍କୁରାରୋପଣ ସୋମବାର ବନଯାଗ, ରତ୍ନମୁଦ୍ରା ଓ ମଙ୍ଗଳ ବିନ୍ୟାସ ହୋଇଥିଲା। ପ୍ରତ୍ୟୁଷରୁ ମହିଳାମାନେ କଳସ ଯାତ୍ରା କରିବା ପରେ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଛି। ବୁଧବାର ମହାସ୍ନାନ, ଗୁରୁବାର ସିଂହାସନ ଆରୋହଣ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ୩୦ରେ ପୂର୍ଣ୍ଣାହୁତି ହେବ। ସମସ୍ତ କାର୍ଯ୍ୟକ୍ରମରେ ଚିଙ୍ଗୁଡିଖୋଲ ଗ୍ରାମ୍ୟ କମିଟି ଓ ଯୁବଗୋଷ୍ଠୀ ସହଯୋଗ କରୁଛନ୍ତି ।

### ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି,୨୧।୫(ଡି.ଏନ.ଏ.)-ପାଟପୁର ପୋଲିସ ସୁନାରିପଲ୍ଲୀ ଗ୍ରାମରେ ଚଢ଼ାଉ କରି ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ରମେଶ ଦାସ। ତାଙ୍କ ନିକଟରୁ ୪୮ଟି ଦେଶୀ ମଦ ପାଉଚ ଜବତ କରାଯାଇଛି । ଗାଁରେ ବେଆଇନ ଭାବେ ଚୋରା ଦେଶୀ ମଦ ବିକ୍ରି କରାଯାଉଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କ ପାନ ଦୋକାନରେ ଅତର୍କିତ ଚଢ଼ାଉ କରିବାରୁ ମଦ ପାଉଚ ମିଳିଥିଲା । ଏ ନେଇ ନଂ ନଂ.୧୦୦/୧୯ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ଶଙ୍କରାଖୋଲ,୨୧।୫(ଡି.ଏନ୍.ଏ.)- ଚକାପାଦ ବ୍ଲକ ବପଲମେଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ହୋଇଛି। ଏହାର ପ୍ରଭାବରେ ଅନେକ ଘରର ଟିଣ, ଛପର, ଆଜ୍‌ବେଷ୍ଟ ଉଡ଼ିଯାଇଥିବା ବେଳେ ଗଛ ପଡ଼ି ଘର ଭାଙ୍ଗିଯାଇଛି। ପ୍ରବଳ ବର୍ଷା ହେବାରୁ ଘରେ ଥିବା ଆସବାବପତ୍ର ଭିଜି ନଷ୍ଟ ହୋଇଯାଇଛି। ଉକ୍ତ ପଞ୍ଚାୟତର ଲାଇନ୍‌ପଡ଼ା ରାସ୍ତାରେ ରାଗାଗୁଡ଼ାଠାରୁ ବପଲମେଣ୍ଡି ପର୍ଯ୍ୟନ୍ତ ଗଛ ଭାଙ୍ଗି ପଡ଼ିଛି। ଫଳରେ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ରାଗାଗୁଡ଼ା ଗ୍ରାମର ଅର୍ଜୁନ ମଲିକ, ବୀରେନ୍ଦ୍ର ମଲିକ, ଆକାଶ ମଲିକ, କୁନ୍ତୁଳା ମଲିକ, ରଞ୍ଜନ କୁମାର ମଲିକ, ପଦର ସାହିର ଚିତ୍ତରଞ୍ଜନ ମଲିକ, ବପଲମେଣ୍ଡିର ରଙ୍କନିଧି ବେହେରା, ଗାମ୍ଭେରିପଡ଼ାର ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ବ୍ୟାପକ କ୍ଷତି ହୋଇଛି। ଏଥିସହ ଜିଲାପରିଷଦ ସଭ୍ୟ ରଞ୍ଜନ କୁମାର ମଲିକଙ୍କର ଅଟୋ ଓ ଲାଇନପଡ଼ା ଆର୍‌ଆଇ ଶାନ୍ତନୁ ବେହେରାଙ୍କ ବାଇକ୍ ଉପରେ ଗଛଡାଳ ପଡ଼ି ଭାଙ୍ଗିଯାଇଛି। ତେଣୁ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ଚକ୍ଷୁ,ଦନ୍ତ ଚିକିତ୍ସା ଶିବିର

କବିସୂର୍ଯ୍ୟନଗର,୨୧।୫-କବିସୂର୍ଯ୍ୟନଗର ବିଶ୍ୱ ହିନ୍ଦୁ ପରିଷଦ, ଶଙ୍କର ନେତ୍ରାଳୟ ଓ ମା ଦନ୍ତ କ୍ଲିନିକ ସହାୟତାରେ ୧୧୫ ଜଣ ରୋଗୀ ମାଗଣା ଚିକିତ୍ସିତ ହୋଇଛନ୍ତି। ୧୨୫ ଜଣ ଚକ୍ଷୁ ରୋଗୀଙ୍କ ମଧ୍ୟରୁ ୫୫ ଚିକିତ୍ସିତ ପାଇଁ ମନୋନୀତ ହୋଇଥିବା ବେଳେ ୬୦ ଦନ୍ତ ରୋଗୀ ମନୋନୀତ ହୋଇଛନ୍ତି। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରକୁ ଉଦ୍‌ଘାଟକ ଭାବେ ସାମାଜିକକର୍ମୀ ଜି. ଶମ୍ଭୁଲିଙ୍ଗମ ଆଚାରୀ ଓ ଶିଳ୍ପପତି ତଥା ସାମାଜିକକର୍ମୀ ମାହେଶ୍ୱରୀ ଦୋରା ଉଦ୍‌ଘାଟନ କରିଥିଲେ। ରାଜ କୁମାର ଭୋସଲେ, ମୋହନ ସ୍ୱାଇଁ, ବଳରାମ ବେହେରା ପ୍ରମୁଖ ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟ ସହଯୋଗ କରିଥିଲେ।

# ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା, ମୁତୟନ ହେବେ ୨୪ ପ୍ଲାଟୁନ୍ ଫୋର୍ସ

ଛତ୍ରପୁର,୨୧।୫(ଡି.ଏନ.ଏ) ଚଳିତମାସ ୨୩ରେ ଗଞ୍ଜାମ ଜିଲାରେ ହୋଇଥିବା ଭୋଟର ଗଣତି ହେବ। ଏନେଇ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ମଙ୍ଗଳବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଓ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଯୋଗଦେଇ ସୂଚନା ଦେଇଛନ୍ତି। ଜିଲାର ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ , ଛତ୍ରପୁର ଓ ହିଞ୍ଜିଳି ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟର ଗଣତି ହେବ। ସେହିପରି ବ୍ରହ୍ମପୁରସ୍ଥିତ ପଲିଟେକନିକରେ ବ୍ରହ୍ମପୁର ଓ ଗୋପାଳପୁର, ଆଇଟିଆଇରେ ସାନଖେମୁଣ୍ଡି, ଦିଗପହଣ୍ଡି ଓ ଚିକିଟି ଏବଂ ଭଞ୍ଜନଗର ସ୍ଥିତ କେଏସୟୁବି କଲେଜରେ ଭଞ୍ଜନଗର, ଆସିକା ଓ ସୋରଡା ନିର୍ବାଚନମଣ୍ଡଳୀର ଭୋଟ ଗଣତି ହେବ। ଗୋପାଳପୁର, ଚିକିଟି ଓ ସାନଖେମୁଣ୍ଡିର ନିର୍ବାଚନମଣ୍ଡଳୀର ଉଭୟ ବିଧାନସଭା ଓ ଲୋକସଭା ଆସନର ଇଭିଏମ୍‌ରେ ଭୋଟ ଗଣତି ୧୦ଟି ଟେବୁଲରେ ହେବ। ନିର୍ବାଚନ କମିଶନ ଏଥିପାଇଁ ଅନୁମତି ଦେଇଛନ୍ତି। ଅନ୍ୟ ଗୁଡିକର ୭ ଟେବୁଲ୍‌ରେ ଗଣତି ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଆସିକା ଲୋକସଭାର ପୋଷ୍ଟାଲ ବାଲଟ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏବଂ ବ୍ରହ୍ମପୁର ଲୋକସଭାର ପୋଷ୍ଟାଲ ବାଲଟ ଡିଆରଡିଏରେ ଗଣତି ହେବ। ଏଥିପାଇଁ ସକାଳ ୮ ଟା ଧାର୍ଯ୍ୟ ହୋଇଛି। ସକାଳ ୮ ଟା ୩୦ରୁ ଇଭିଏମ୍‌ର ଭୋଟ ଗଣତି ଆରମ୍ଭ ହେବ ବୋଲି କୁହାଯାଇଛି। ଆସିକା ଲୋକସଭା ଆସନ ପାଇଁ ୨୦୮୬ ପୋଷ୍ଟାଲ ବାଲଟ ଓ ବ୍ରହ୍ମପର ଲୋକସଭା ଆସନ ପାଇଁ ୧୨୭୯ ପୋଷ୍ଟାଲ ବାଲଟ ପହଞ୍ଚିଛି। ଭୋଟ ଗଣତିର ମନିଟରିଂ ପାଇଁ ଜିଲାକୁ ୧୨ ଜଣ ପର୍ଯ୍ୟବେକ୍ଷକ ଆସିଛନ୍ତି। ଜଣେ ପର୍ଯ୍ୟବେକ୍ଷକ ଆସିନଥିବାରୁ ହିଞ୍ଜିଳି ଓ ଖଲ୍ଲିକୋଟ ପାଇଁ ଜଣେ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ଭୋଟ ଗଣତି ପାଇଁ ୨୫୮ ଜଣ କାଉଣ୍ଟିଙ୍ଗ ସୁପରଭାଇଜର, ୨୦୬ ଆସିଷ୍ଟାଣ୍ଟ ସୁପରଭାଇଜର ଓ ୨୩୨ ଜଣ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତି ଦିଆଯାଇଥିବା ଜିଲାପାଳ କହିଛନ୍ତି। ଅପରପକ୍ଷରେ ପ୍ରାର୍ଥୀ, ପ୍ରାର୍ଥୀଙ୍କ ଏଜେଣ୍ଟ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ମୋବାଇଲ ଫୋନ୍ ଗଣତି କେନ୍ଦ୍ର ମୁଖ୍ୟ ଗେଟ୍ ଭିତରକୁ ନେବାକୁ ବାରଣ ରହିଛି। ଏପରିକି ପେନ୍ ଓ ପେପର ମଧ୍ୟ ଭିତରକୁ ନେବାକୁ ବାରଣ ରହିଥିବା ଜିଲାପାଳ କହିଛନ୍ତି। ଗଣତି କେନ୍ଦ୍ର ବାହାରେ ମିଡିଆ ସେଲ୍ ରହିବ। ଭୋଟ ଗଣତି ପରିପ୍ରେକ୍ଷୀରେ କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ। ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ପକ୍ଷରୁ ୨୪ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ଏଥିସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗଂଜାମ ଏସ୍‌ପି କହିଛନ୍ତି ଛତ୍ରପୁର ଓ ଭଞ୍ଜନଗରରେ ହେବାକୁ ଥିବା ଭୋଟ ଗଣତି ପାଇଁ ୨ ଜଣ ଅତିରିକ୍ତ ଏସପି, ୫ ଡିଏସପି, ୮ ଇନ୍ସପେକ୍ଟର, ୧୭ ସବଇନ୍ସପେକ୍ଟର, ୩୩ ଏଏସଆଇ, ୧୦୯ ଓଆର୍ , ୧୧୫ ହୋମଗାର୍ଡ, ୧୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏଥିସହ ଟ୍ରାଫିକ୍ ଓ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି ଯେ, ୨ ଜଣ ଅତିରିକ୍ତ ଏସ୍‌ପି, ୬ ଡିଏସପି, ୧୦ ଇନ୍ସପେକ୍ଟର, ୭୦ ଏସଆଇ ଓ ଏଏସଆଇ, ୧୦ ହୋମଗାର୍ଡ ଓ ୧୧ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ।



ଜିଲାପାଳ, ବ୍ରହ୍ମପୁର ଏସ୍‌ପି ଓ ଗଞ୍ଜାମ ଏସ୍‌ପି ସୂଚନା ଦେଉଛନ୍ତି।

**ଭୋଟ ଗଣତି ପ୍ରସ୍ତୁତି**
- ଆସିଲେ ୧୨ ପର୍ଯ୍ୟବେକ୍ଷକ
- ଖବରଦାତାଙ୍କୁ ମୋବାଇଲ ଫୋନ୍, ପେନ୍ ବାରଣ

# ଜଳଖିଆ ଦୋକାନ ସହ ଘର ଜଳିଗଲା

ଦିଗପହଣ୍ଡି,୨୧।୫(ଡି.ଏନ୍.ଏ.)

ଦିଗପହଣ୍ଡି-ପାଟପୁର ମୁଖ୍ୟ ରାସ୍ତାର ସାହସପୁର ହାଟପଦା ଛକ ନିକଟରେ ମଙ୍ଗଳବାର ନିଆଁ ଲାଗି ପ୍ରଶାନ୍ତ ସ୍ୱାଇଁଙ୍କ ଜଳଖିଆ ଦୋକାନ ସହ ଗାଣ୍ଡୁ ସ୍ୱାଇଁଙ୍କ ଘର ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ନଷ୍ଟ ହୋଇଛି। ଗ୍ୟାସ୍ ସିଲିଣ୍ଡରରୁ ନିଆଁ ବ୍ୟାପୀ ଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେଠାରୁ ୩ଟି ସିଲଣ୍ଡର ଉଦ୍ଧାର କରାଯାଇଛି। ନିଆଁ ଲିଭାଇବାକୁ ଯାଇ ଉତ୍ତପ୍ତ ସିଲିଣ୍ଡରକୁ ଧରିବାରୁ ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକଙ୍କ ଡାହାଣ ହାତ ପୋଡ଼ିଯାଇଥିବା ଜଣାପଡ଼ିଛି।

## ■ବସ୍ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର ଦାବି

# ଭଞ୍ଜନଗର ବନ୍ଦ ସଫଳ, ଯାତ୍ରୀ ହଟହଟା



ପ୍ରତିବାଦ ସଭାରେ ମୁରଲୀ ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି ।

ଭଞ୍ଜନଗର,୨୧।୫(ଡି.ଏନ.ଏ.)

ଭଞ୍ଜନଗର ଓଏସ୍‌ଆର୍‌ଟିସି ଜୋନରୁ ବସ୍ ସ୍ଥାନାନ୍ତର ଯୋଜନା ଏବଂ ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପ୍ରତିବାଦରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ଭଞ୍ଜନଗର ବନ୍ଦ ଡାକରା ସଫଳ ହୋଇଛି। ଓଏସ୍‌ଆରଟିସିର ଅସ୍ଥାୟୀ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସଭ୍ୟମାନେ ସହରର ପ୍ରମୁଖ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଦିନତମାମ ସହର ଦେଇ ଯାତାୟାତ ଠପ ହୋଇଯାଇଥିଲା। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୋକାନ ବଜାର ଏବଂ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କେବଳ ନିର୍ବାଚନରେ ନିୟୋଜିତ ଯାନବାହନ ସହରରେ ଯାତାୟାତ କରିଥିଲା। ସନ୍ଧ୍ୟାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଓଏସ୍‌ଆରଟିସି ଡିପୋ ସମ୍ମୁଖରେ ବିକ୍ଷୋଭ ସଭା ହୋଇଥିଲା। ଏଥିରେ କର୍ମକର୍ତ୍ତାମାନେ ଯୋଗଦେଇ ବନ୍ଦ ଶାନ୍ତିପୂର୍ଣ୍ଣ ଓ ସଫଳ ହୋଇଥିବା ଯୋଗୁ ସହରବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହ ପ୍ରଶାସନ ନେଇଥିବା ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି ହୋଇଥିଲା। ନଚେତ୍ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବକ୍ତାମାନେ କହିଥିଲେ। ଡି.ଚେଲପତି ରାଓଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଓଏସ୍‌ଆରଟିସି ଅସ୍ଥାୟୀ କର୍ମଚାରୀ ସଂଘର ସଭାପତି ବଟକୃଷ୍ଣ ପଣ୍ଡା, ବିଶ୍ୱହିନ୍ଦୁ ପରିଷଦ ନେତା ମୁରଲୀ ପଣ୍ଡା, ଜିଲା କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ସନ୍ତୋଷ ନାୟକ, ଭାଜପା ନେତା ସନ୍ତୋଷ ତିଆଡ଼ି, ମନୋଜ ପଟ୍ଟନାୟକ, ଅଭିମନ୍ୟୁ ଭୂୟାଁ, ବଣିକ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର, ଆଇନଜୀବୀ ରବି ଦାସ, ଗ୍ରାମୀଣ ଡ଼ାକ କର୍ମଚାରୀ ସଂଘର ଅବସରପ୍ରାପ୍ତ ନେତା ହରିକୃଷ୍ଣ ସାହୁ, ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼, ପୂର୍ବତନ କାଉନସିଲର ସୁକାନ୍ତ ଦିଗାଲ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସୂଚନାଯୋଗ୍ୟ, ସୋମବାର ଓଏସ୍‌ଆରଟିସି ସାଧାରଣ ପରିଚାଳକ ରୁଦ୍ର ପ୍ରସନ୍ନ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, କର୍ମଚାରୀମାନଙ୍କ ଆନ୍ଦୋଳନ ଓ କାରଣ ଯୋଗୁ ଭଞ୍ଜନଗର ଜୋନର କ୍ଷତିରେ ଚାଲିଛି। କର୍ମଚାରୀଙ୍କ ହିତ ପାଇଁ ଏହି ଜୋନର ବସ୍‌ଗୁଡ଼ିକୁ ନେଇ ଅନ୍ୟ ଜୋନରେ ଚଳାଇବା ଯୋଜନା ଥିଲା। ଜୋନ ବନ୍ଦ କରିବା ଯୋଜନା ନାହିଁ ବୋଲି ସେ ଜଣାଇଛନ୍ତି।

IDBI BANK
(A Govt. of India Owned Bank)

ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ଗ୍ରାଣ୍ଡ ରୋଡ୍, ବଡ଼ଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା
(CIN: L65190MH2004GOI148838)

**ଋଣ ରିକଲ୍ ନୋଟିସ୍**

| କ୍ର.ନ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଋଣ ପରିମାଣ/ ଋଣ ମଞ୍ଜୁରୀ ତାରିଖ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ଦ୍ୱାରା ପରିଶୋଧ କରିବାକୁ ଥିବା ସୁଧ ସହିତ ବକେୟା ପରିମାଣ |
|---|---|---|---|
| ୧. | ୧) ପ୍ରିୟଦର୍ଶୀ ପଟ୍ଟନାଏକ, ୨) ନିପୋଲିୟନ ପଟ୍ଟନାଏକ, ୩) ବିଦ୍ୟୁତପ୍ରଭା ପଟ୍ଟନାଏକ, ୪) ସସ୍ମିତା ପଟ୍ଟନାଏକ, ୫) ସୁବ୍ରତ କୁମାର ପଟ୍ଟନାଏକ, ୬) ପ୍ରିୟମ୍ବଦା ପଟ୍ଟନାଏକ, ସମସ୍ତଙ୍କ ଠିକଣା- ସା/ପୋ.: ଡିମିରିସେଣା, ଥାନା: ବ୍ରହ୍ମଗିରି, ପୁରୀ-୭୫୨୦୧୧, ଓଡ଼ିଶା | ଫିସରୀ ଋଣ-ଟ.୨୦.୦୦ଲକ୍ଷ /୧୯.୦୯.୨୦୧୫ ଏବଂ କେସିସି ଋଣ-ଟ.୧.୭୫ଲକ୍ଷ / ୨୩.୧୨.୨୦୧୪ | ଟ.୧୧,୦୨,୮୬୭/- ସହିତ ତା.୩୦.୦୪.୨୦୧୮ ଠାରୁ ସୁଧ ଓ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ |

ଏତଦ୍‌ଦ୍ୱାରା ଉପରୋକ୍ତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଉପରୋକ୍ତ ଋଣଗ୍ରହୀତାମାନଙ୍କୁ **ଆଇଡିବିଆଇ ବ୍ୟାଙ୍କ ଲିଃ., (ଆଇଡିବିଆଇ ବ୍ୟାଙ୍କ)** ଦ୍ୱାରା ଆର୍ଥିକ ସହାୟତା/ଋଣ ପ୍ରଦାନ କରାଯାଇଥିଲା । ଯେହେତୁ କଥିତ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ଅସଫଳ ହୋଇଛନ୍ତି, ତେଣୁ ତାଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**) ଶ୍ରେଣୀଭୁକ୍ତ ହୋଇଛି। ଆଇଡିବିଆଇ ବ୍ୟାଙ୍କ "ରେଜେଷ୍ଟ୍ରି ଡାକ ସହିତ ଏ.ଡି."/କୋରିୟର ମାଧ୍ୟମରେ ଋଣ ପରିଶୋଧ ନିମନ୍ତେ ପୁନଃ ନୋଟିସ୍ ପ୍ରେରଣ କରାଯାଇଥିଲା। ଯାହାକି ଡାକ ବିଭାଗ/କୋରିୟର ଦ୍ୱାରା ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ କଥିତ ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଉପରୋକ୍ତ ବକେୟା ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ଏହି ପ୍ରକାଶନର **୧୫ ଦିନ** ମଧ୍ୟରେ ପୈଠ କରନ୍ତୁ । ନଚେତ୍ ଆଇଡିବିଆଇ ବ୍ୟାଙ୍କ ଏହାପରେ, ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କୁ କୌଣସି ପ୍ରକାରର ଯୋଗାଯୋଗ ନ କରି ନ୍ୟାୟାଳୟ ମାଧ୍ୟମରେ ସେମାନଙ୍କ ବିପକ୍ଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏ ବାବଦ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ସେମାନେ ହିଁ ଦାୟୀ ରହିବେ।

ସ୍ଥାନ: ପୁରୀ, ତାରିଖ: ୨୧.୦୫.୨୦୧୯ — ସ୍ୱା/- ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଫୁଲନଖରା ଶାଖା / ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ବାସୁଦେବ ଦାସସାମନ୍ତ, ପିତା: ରଘୁନାଥ ଦାସସାମନ୍ତ, ସା: ଗୁଆଳି, ପୋ: କୋଠପାଟଣା, ଥାନା: କଟକ ସଦର ଜିଲ୍ଲା: କଟକ | ଜାମିନ୍‌ଦାର: ଶ୍ରୀ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ, ପିତା: ଭ୍ରମରବର ପାଣିଗ୍ରାହୀ, ସା: ଗୁଆଳି, ପୋ: କୋଠପାଟଣା, ଥାନା: କଟକ ସଦର ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ:** ଶ୍ରୀ ବାସୁଦେବ ଦାସସାମନ୍ତ | ଶ୍ରୀ ବାସୁଦେବ ଦାସସାମନ୍ତଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୁଆଳି, ଖାତା ନଂ.: ୩୬୮/୧୦, ପ୍ଲଟ୍ ନଂ.: ୫୯୦, କ୍ଷେତ୍ର: ଏକର୦.୬୦୦ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଗୋଚର, ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗୋଚର । | ୧୮.୦୨.୨୦୧୯ | ୧୬.୦୫.୨୦୧୯ | ୨୮.୦୧.୨୦୧୯ ସୁଦ୍ଧା ଟ.୧,୪୨,୧୮୧/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୨୧.୦୫.୨୦୧୯, ସ୍ଥାନ: କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

कार्पोरेशन बैंक Corporation Bank
(A Premier Public Sector Bank)

**VEHICLE AUCTION SALE NOTICE**

**CORPORATION BANK**
ZONAL OFFICE, Block No.-4, Wing-3, 1st Floor, BMC Bhawani Enclave, Saheed Nagar, Bhubaneswar-751007

Applications are invited from interested bidders for purchase of following vehicles, seized by the Bank on **"As is where is"**, **"As is what is"** and **"Whatever there is"** basis as per terms and conditions listed below. This public notice will be treated as a notice to the borrowers/guarantors/ mortgagors of the loans. They are hereby advised to be present at the auction venue on the auction date and are free to liquidate their entire dues before the auction date, failing which the vehicle will be auctioned and balance dues, if any will be recovered from them with interest and cost.

| Sl. No. | BRANCH / Name & Address of Borrowers | Description of Vehicles | Reserve Price / EMD |
|---|---|---|---|
| 1. | **ANGUL BRANCH /** **Borrower: Mr. Debashish Sahu,** S/o-Dillip Kumar Sahu, At/P.O.: Basala, P.S.: Bantala, Dist.: Angul-759129 | Vehicle - Massey Ferguson 1035 DI Tractor, Chassis No- 987875, Engine No.: S337A36516, Year of Make: 2014 | ₹2,20,000/- / ₹22,000/- |
| 2. | **ANGUL BRANCH /** **Borrower: Pabitra Mohan Pradhan,** S/o.: Purandar Pradhan, At/GP.: Kandasar, P.S.: Nalco, Dist.: Angul, Odisha | Vehicle - John Deere Tractor 5038D, Regd. No.: OD 19E 4121, Date of Registration: 06.02.2015, Year of Make: 12/2014 | ₹2,80,000/- / ₹28,000/- |
| 3. | **ANGUL BRANCH /** **Borrower: Pradip Kumar Jena,** S/o Balakrushna Jena, At/P.O.: Mahidharpur, P.S.: Banarpal, Dist.: Angul | Vehicle - Massey Ferguson 241 DI Tractor, Chassis No.: 972922, Engine No.: S3251F44579, Registration No.: OD 19 D 4153, Year of Make: 2014 | ₹2,80,000/- / ₹28,000/- |
| 4. | **ROURKELA BRANCH /** **Borrower: Anu Kansari,** At: Luakera, Rourkela, Dist.: Sundargarh, Odisha | Vehicle - Power Trac 439 Tractor with Trailer, Regd. No.: OD 14 B 5928/5929, (Commercial) Date of Registration: 08.01.2014, Year of Make: 11/2013 | ₹1,63,000/- / ₹16,300/- |
| 5. | **SAMBALPUR BRANCH /** **Borrowers: 1) Mrs. Saraswati Dansana,** W/o- Ratnakar Dansana, **2) Mr. Ratnakar Dansana,** Both are At: Upper Forest Colony, Qtr. No.: 33, Sakhipara, Near Hanuman Mandir, Sambalpur-768001 | Vehicle - TML Venture Ex, Engine No.: 475IDT18KWY5K33, CHASSIS No.: MAT483539DYK33371, Registration No.: OD15C5001, Date of Registration: 07.11.2014, Year of Make: 2014 | ₹65,000/- / ₹6,500/- |

Name of the Branch Official & Contact No.: Mr. Rama Chandra Behera, Mob.: 7682820359, Ph.: 06764-230051 (For Angul Branch) Mr. Rishav Kumar, Mob.: 7682820355, Ph.: 0661-2501714 (For Rourkela Branch), Mr. S.R. Barman, Mob.: 7682820396 (For Sambalpur Branch)

**Date & Time of Auction:** 06.06.2019 at 11.00 A.M., Venue: Respective Branch, Vehicle may be inspected between 11.00 A.M. to 3.00 P.M. on any working day on or before 04.06.2019 in the presence of Branch Official with previous Appointment.

**TERMS AND CONDITIONS:**
1) The intending purchaser/bidder is required to submit EMD by way of Demand Draft or NEFT/RTGS on or before **04.06.2019**
2) The person declared to be the successful bidder shall deposit 25% (twenty five percent) of sale price, less EMD deposited immediately and remaining amount shall be paid within **15 days** from the date of confirmation of Sale.
3) Bidders can participate for purchase of Vehicles in one single lot or separately for each vehicle. Preference will be given for sale in single lot and if it is successful, bidding for other items will be cancelled automatically.
4) Application forms along with details of Terms & Conditions of sale are available at the office address mentioned above.

Place: Bhubaneswar, Date: 21.05.2019 — Authorised Officer, Corporation Bank

## ସଂକ୍ଷେପରେ

### ଘରୋଇ କଳିରୁ ମହିଳାଙ୍କ ଆତ୍ମହତ୍ୟା

**ଗୋପାଳପୁର,୨୧।୫:** ଗୋପାଳପୁର ଥାନା ଅନ୍ତର୍ଗତ ଗୋଲାବନ୍ଧ ତାରିଣୀପେଣ୍ଠର ରାଧିକା ସାହୁ (୩୧) ଫିନାଇଲ ପିଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ରାଧିକା ଘରେ ଥିବା ଏକ ବୋତଲରୁ ଫିନାଇଲ ପିଇ ଦେଇ ବାନ୍ତି କରିଥିଲେ। ତାଙ୍କ ସ୍ୱାମୀ ଘନଶ୍ୟାମ ସ୍ତ୍ରୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମଙ୍ଗଳବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଥିଲା। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତରକୁ କେନ୍ଦ୍ରକରି ରାଧିକା ଫିନାଇଲ ପିଇ ଦେଇଥିବା ଜଣାପଡିଛି। ଗୋପାଳପୁର ପୋଲିସ ମେଡିକାଲରେ ପହଞ୍ଚି ରାଧିକାଙ୍କ ମୃତଦେହ ଜବତ କରି ନଂ.୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା କହିଛି।

### ହାଇଦ୍ରାବାଦରେ ମୃତ୍ୟୁ, ହିଞ୍ଜିଳିରେ ରୁଜୁ ହେଲା ହତ୍ୟା ମାମଲା

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ହିଞ୍ଜିଳିକାଟୁ,୨୧।୫(ଡି.ଏନ୍.ଏ)

ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ହିଞ୍ଜିଳି ପୋଲିସ ମଙ୍ଗଳବାର ଆଙ୍କୋରଡା ଗ୍ରାମର ପ୍ରଶାନ୍ତ ସ୍ୱାଇଁଙ୍କୁ ଗିରଫ କରିଛି। ହତ୍ୟାର ଶିକାର ହୋଇଛନ୍ତି ମଧୁମିତା। ଏନେଇ ମଧୁମିତାଙ୍କ ବାପା ପାଟପୁର ଥାନା ଗମ୍ଭାରୀଗୁଡାର ଡାକ୍ତର ଜେନା ଗତ ୧୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୫/୧୯ରେ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରିଥିବା ଆଇଆଇସି ଅଭିମନ୍ୟୁ ଦାଶ ଜଣାଇଛନ୍ତି।

ପ୍ରକାଶ ଥାଉ କି, ଗତ ୧୩ରେ ପ୍ରଶାନ୍ତ ସ୍ତ୍ରୀ ମଧୁମିତାଙ୍କୁ ଶ୍ୱଶୁର ଘର ଗମ୍ଭାରୀଗୁଡାରୁ ନେଇ ହାଇଦ୍ରାବାଦ ଯାଇଥିଲେ। ୧୪ତାରିଖରେ ସେମାନେ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟି ବୁଲି ରାତିରେ ରହୁଥିବା ଲଜ୍‌କୁ ଫେରିଥିଲେ। ଏନେଇ ରାତି ୯ଟାରେ ମଧୁମିତା ବାପଘରକୁ ଫୋନ କରି ଜଣାଇଥିଲେ। ତେବେ ରାତି ପ୍ରାୟ ୧୧ରେ ମଧୁମିତାଙ୍କ ମୃତ୍ୟୁ ହୋଇଥିବା ପ୍ରଶାନ୍ତ ତାଙ୍କ ଘରକୁ ଫୋନ କରି ଜଣାଇଥିଲେ। ପ୍ରଶାନ୍ତ ତାଙ୍କ ଝିଅ ମଧୁମିତାଙ୍କୁ ଷଡଯନ୍ତ୍ର କରି ଯୌତୁକ ପାଇଁ ହତ୍ୟା କରିଥିବା ଡାକ୍ତର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ହିଞ୍ଜିଳି ପୋଲିସର ଏକ ଟିମ ହାଇଦ୍ରାବାଦ ଯାଇ ମଧୁମିତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସେଠାରୁ ପ୍ରଶାନ୍ତଙ୍କୁ ହେପାଜତକୁ ନେଇ ତଦନ୍ତ ଚଳାଇଥିଲା। ପୋଲିସ ପ୍ରଶାନ୍ତଙ୍କ ଘରୁ ବିଭିନ୍ନ ଯୌତୁକ ସାମଗ୍ରୀ ଜବତ କରିଛି। ମଙ୍ଗଳବାର ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ପକ୍ଷରେ ମଧୁମିତାଙ୍କ ମୃତ୍ୟୁ ନେଇ ହାଇଦ୍ରାବାଦର ଅଫଜଲଗଞ୍ଜ ଥାନାରେ ମଧ୍ୟ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସତ୍ୟାସତ୍ୟ ଜଣା ପଡିବ ବୋଲି ଆଇଆଇସି ଦାଶ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମଧୁମିତାଙ୍କ ସହ ପ୍ରଶାନ୍ତଙ୍କ ବିବାହ ୨୦୧୩ ମେ'୨୯ରେ ହୋଇଥିଲା। ଶ୍ୱଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ କରି ସେ ବହୁ ସମୟରେ ବାପ ଘର ଗମ୍ଭାରୀଗୁଡାରେ ରହୁଥିଲେ।

## କ୍ରାନ୍ତି ଯୁବଛାତ୍ର ସଂଘର ସଫେଇ ଅଭିଯାନ

**ଛତ୍ରପୁର,୨୧।୫(ଡି.ଏନ.ଏ.):** ଛତ୍ରପୁରର କ୍ରାନ୍ତି ଯୁବ ଛାତ୍ର ସଂଘ ପକ୍ଷରୁ ତାମ୍ପରା ହ୍ରଦ ନିକଟରେ ସଫେଇ କରାଯାଇଛି। ସଂଘ ସଭାପତି ଇଜୁ ଅମିନ ଖାନଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟମାନେ ଦିନତମାମ ତାମ୍ପରା ହ୍ରଦ ନିକଟରେ ଥିବା ଅଳିଆ ଆବର୍ଜନା ଓ ପ୍ଲାଷ୍ଟିକ ବୋତଲ ସଫେଇ କରିଛନ୍ତି। କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ଜଲାଲ ଖାନ, କେ. ମାଧବ, ମହେଶ ଗୌଡ, ଅଭିଷେକ ପଟ୍ଟନାୟକ, ସୁବୋଧ ସୁମନ ସ୍ୱାଇଁ, ଲିଙ୍ଗା ରେଡ୍ଡୀ, ମାଧବ ରାଓ, ଶିବପ୍ରସାଦ ବେହେରାଙ୍କ ସମେତ ବହୁ ଯୁବକ ଏଥିରେ ସାମିଲ ହୋଇଥିଲେ। ସଂଘର କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୁକିଲା କୁକୁର କାମୁଡେ଼ ନାହିଁ
ଗରଜିଲା ମେଘ ବରଷେ ନାହିଁ।**

ଜୋରରେ ଭୁକୁଥିବା କୁକୁର ସାଧାରଣତଃ କାମୁଡ଼ି ନ ଥାଏ କି ଗର୍ଜୁଥିବା ମେଘ ସେତେ ଅଧିକ ବର୍ଷି ନ ଥାଏ। ପରୋକ୍ଷରେ କିଛି ବ୍ୟକ୍ତି ସାମାନ୍ୟତମ ଭୁଲ୍ ଦେଖିଲେ ରାଗିଯାଇଥାନ୍ତି ବା ରାଗରେ ଟାଣକଥା କହିଥାନ୍ତି। ତେବେ ଏପରି ଟାଣକରି କଥା କହୁଥିବା ବ୍ୟକ୍ତି କେବେ କାହାରି ଅନିଷ୍ଟ କରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭୁରିଶ୍ରବା ପାଗ ବାନ୍ଧୁ ବାନ୍ଧୁ
ମହାଭାରତର ଯୁଦ୍ଧ ଶେଷ।**

ବ୍ୟକ୍ତି ସମୟୋଚିତ କାର୍ଯ୍ୟ କରି ନ ପାରିଲେ ପଛରେ ପଡ଼ିଯିବାର ସମ୍ଭାବନା ରହିଥାଏ। ପାଗ ବାନ୍ଧୁ ବାନ୍ଧୁ କଚେରି ବରଖାସ୍ତ ହେବା ଭଳି ହେବାକୁ ଯାଉଥିବା କାର୍ଯ୍ୟ ଭଣ୍ଡୁର ହୋଇଯାଇଥାଏ। ଫଳସ୍ୱରୂପ ଠିକଣା ସମୟରେ ଠିକଣା କାମ କରି ପାରୁ ନ ଥିବା ବ୍ୟକ୍ତିଙ୍କ ପକ୍ଷେ ମନସ୍ତାପ କରିବା ହିଁ ସାର ହୋଇଥାଏ। କାର୍ଯ୍ୟଆରମ୍ଭ କରିବା ନେଇ ଟାଳଟୁଳ ନୀତି ଅବଲମ୍ବନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କଲା ଗଞ୍ଜାମ କଂଗ୍ରେସ

ବ୍ରହ୍ମପୁର ଅଫିସ,୨୧।୫

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୨୮ତମ ଶ୍ରାଦ୍ଧ ବାର୍ଷିକୀ ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ବ୍ରହ୍ମପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ହୋଇଥିବା ସ୍ମୃତିଚାରଣ ସଭାରେ ଦେଶରେ ପଞ୍ଚାୟତ ବ୍ୟବସ୍ଥା, ବୈଷୟିକ ଜ୍ଞାନକୌଶଳର ବିକାଶ, ନବୋଦୟ ଶିକ୍ଷାନୁଷ୍ଠାନ, ଦଳ ବଦଳ ନିରୋଧ ଆଇନ ଓ ବିଶେଷକରି ୧୮ ବର୍ଷ ବୟସର ଯୁବପିଢ଼ୀଙ୍କୁ ଭୋଟର ତାଲିକାଭୁକ୍ତ କରାଇବା ତାଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ନେତା ଓ କର୍ମୀ ମନେ ପକାଇଥିଲେ। ଜିଲ୍ଲା ସଭାପତି ତ୍ରିନାଥ ବେହେରା ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ମହିଳା କଂଗ୍ରେସ ଜିଲ୍ଲା ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା, ଆଇନସେଲ ଜିଲ୍ଲା ସଭାପତି ଶିବରାମ ପାତ୍ର ଯୋଗ ଦେଇଥିଲେ। ୧୯୯୧ ମେ ୨୧ରେ ଦକ୍ଷିଣ ଭାରତରେ କିଭଳି ହତ୍ୟା କରାଯାଇଥିଲା ସେନେଇ କାର୍ଯ୍ୟକାରୀ ସଭାପତି ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇରାମ ପାତ୍ର, ପଦ୍ମ ଚରଣ ସାହୁ, ରାଜ ପାଣିଗ୍ରାହୀ, କେ. ଗୀତା, ସଞ୍ଜୟ ସ୍ୱାଇଁ, ଆର. କାଶୀ, ସିଦ୍ଧାନ୍ତ ସାହୁ, ଭାସ୍କର ବେହେରା, ବାବୁଲା ନାୟକ, ପ୍ରଶାନ୍ତ ସାହୁ, ଲକ୍ଷ୍ମଣ ଲୁଗୁରିଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।



ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ପଦୋନ୍ନତି

ବ୍ରହ୍ମପୁର ଅଫିସ,୨୧।୫

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳଙ୍କ ପଦୋନ୍ନତି ହୋଇଛି। କୁଳସଚିବ ପଦବୀରୁ ଯୁଗ୍ମ ସଚିବ ପଦବୀକୁ ବିଶ୍ୱାଳଙ୍କ ପଦୋନ୍ନତି ହୋଇଥିବା ସୂଚନା ମିଳିଛି। ସୋମବାର ରାଜ୍ୟ ସରକାରଙ୍କଠାରୁ ଏନେଇ କୁଳସଚିବଙ୍କୁ ପତ୍ର ଆସିଛି। ଗତ ବର୍ଷ ମେ ୨ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ନିଯୁକ୍ତି ପାଇଥିବା ବିଶ୍ୱାଳଙ୍କ ପଦୋନ୍ନତି ପରେ ମଧ ପୂର୍ବ ଦାୟିତ୍ୱରେ ରହିବେ ବୋଲି ଉକ୍ତ ପତ୍ରରେ ଦର୍ଶାଯାଇଥିବା ଜଣାପଡିଛି। ମଙ୍ଗଳବାର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ଏବଂ ଶିକ୍ଷକ ସଂଘ ପକ୍ଷରୁ କୁଳସଚିବଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସହ କୁଳସଚିବ ଡ. ସରୋଜ କୁମାର ଦାଶ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, କ୍ୟାମ୍ପସ ସୁପରଭାଇଜର ଡ. ମିହିର ତ୍ରିପାଠୀ, ମଦନ ସାହୁ, ଏନ. ଭୀମାରାଜୁ ରେଡ୍ଡୀ, ବି. ରାଜେୟା ରେଡ୍ଡୀ, ମାର୍କଣ୍ଡ କାର୍ଜି ଓ ରଞ୍ଜିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଶ୍ୱାଳ ୧୯୯୭ରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେବା ପରେ ବ୍ରହ୍ମପୁର, ପାରଳାଖେମୁଣ୍ଡିରେ ଅତିରିକ୍ତ ତହସିଲଦାର ଏବଂ ପୁରୁଷୋତ୍ତମପୁରର ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରିଛନ୍ତି। ଗଜପତିର ଉପଜିଲାପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି।



କୁଳସଚିବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ନଳିନୀ ମିଶ୍ର**


ମିଶ୍ରପଡା, ଅନୁଗୁଳ
ତିରୋଧାନ: ୧୧।୦୫।୨୦୧୯

ତୁମର ଅନାବିଳ ସ୍ନେହ ଓ ଶ୍ରଦ୍ଧା ନିକଟରେ ଆମେ ସମସ୍ତେ ଚିରଋଣୀ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁମାନେ, ନାତି-ନାତୁଣୀମାନେ, ଅଣନାତୁଣୀ ଓ ଅଣନାତିମାନେ, ବନ୍ଧୁ ଓ ପରିବାରବର୍ଗ।

ଧ-୧୨୬୦୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଡା. ଆଦିକନ୍ଦ ସାହୁ**

୧୨୦/୧୯୬୩, ବମିଖାଲ, ଭୁବନେଶ୍ୱର
ଆବିର୍ଭାବ : ୨୬.୦୧.୧୯୪୫
ତିରୋଧାନ: ୧୨.୦୫.୨୦୧୯

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ପୁତ୍ର : ଅରଜିତ, ଅଭିଜିତ, ଅମରଜିତ,
ପୁତୁରା : ନିର୍ମଳ, ଅକ୍ଷୟ, ଅମୀୟ,
ପରିବାରବର୍ଗ, ବନ୍ଧୁ ବାନ୍ଧବ ଏବଂ ଆତ୍ମୀୟସ୍ୱଜନ

ଧ-୧୨୫୯୦

# ବନ ବିଭାଗ ପକ୍ଷରୁ ଖୋଲିଲା ଜଳଛତ୍ର

ବୁଗୁଡ଼ା,୨୧।୫(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ୩ଟି ସ୍ଥାନରେ ବନ ବିଭାଗ ତରଫରୁ ସୋମବାର ଜଳଛତ୍ର ଖୋଲାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବୁଡ୍ଡରୁଙ୍ଗୁ, ବାଘୁଆ ଏବଂ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର ଖୋଲିଛି। ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ ଏହାକୁ ଉଦଘାଟନ କରିଥିବା ବେଳେ ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବନରକ୍ଷୀ ଶିବରାମ ମହାପାତ୍ର, ବାଳକୃଷ୍ଣ ପାଣିଗ୍ରାହୀ, ଆରତୀ ପଣ୍ଡା, ଧବଳେଶ୍ୱର ପ୍ରଧାନ ଏବଂ ଅନ୍ୟାନ୍ୟ ପାରା ଫରେଷ୍ଟର ଓ ବନ କର୍ମଚାରୀ ଉପସ୍ଥିତ ଥିଲେ। ବନ ବିଭାଗ ତରଫରୁ ପ୍ରଥମ ଥର ପାଇଁ ଏପରି ଜଳଛତ୍ର ଖୋଲାଯାଇଛି।



ଲୋକଙ୍କୁ ପାଣି ବଣ୍ଟନ କରାଯାଉଛି।

## ମନ୍ଦିର ପ୍ରତିଷ୍ଠା ଲାଗି କଳସ ଯାତ୍ରା

ଗଞ୍ଜାମ,୨୧।୫(ଡି.ଏନ.ଏ.)

ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମସ୍ଥିତ ମା' କନକଦୁର୍ଗାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଋଷିକୁଲ୍ୟା ନଦୀରୁ ଜଳ କଳସୀ ଧରି ଯଜ୍ଞ ମଣ୍ଡପ ନିକଟକୁ ଆସିଥିଲେ। ପରେ ଯଜ୍ଞ ଆରମ୍ଭ ହୋଇଥିଲା। ୫ ଦିନ ଧରି ଯଜ୍ଞ ଚାଲିବ ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

## ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

ଛତ୍ରପୁର,୨୧।୫(ଡି.ଏନ.ଏ.)

ଛତ୍ରପୁର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ପାଳନ କରାଯାଇଥିଲା। ସ୍ଥାନୀୟ ଅପର ବସଷ୍ଟାଣ୍ଡରେ ଥିବା ପ୍ରତିମୂର୍ତ୍ତି ନିକଟରେ ମାଲ୍ୟାର୍ପଣ କରାଯିବା ସହ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଛତ୍ରପୁର ସହରର ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, କଂଗ୍ରେସ ନେତା ଗଣପତି ବାରିକ, ନଗର କଂଗ୍ରେସ ସଭାପତି ଜଲାଲ ଖାନ, ଇଜୁ ଆମିନ ଖାନ ଭାଗୀରଥି ବେହେରା, ବଳିଆ ବେହେରା, କ୍ରିଷ୍ଣା ରେଡ୍ଡୀ, ଅଭିଷେକ ପଟ୍ଟନାୟକ, ରାଜୁ ରେଡ୍ଡୀ,ମହେଶ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।




# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣରୁ କଟିବ
Mudra Finance
(Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ସମସ୍ତ ଋଣ
2% ସୁଧ, 40% ରିହାତି।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-25 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000.00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000.00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୂର୍ବ ତଟ ରେଳପଥ

## ସମ୍ବଲପୁର-ତାଳଚେର ରେଳ ଲାଇନ ଯୋଗୁଁ ଜମି ହରାଇଥିବା ବ୍ୟକ୍ତିଙ୍କ ନିମନ୍ତେ 7ମ ସିପିସି ଦରମା ଶୃଙ୍ଖଳାରେ ଲେଭଲ୍-1ରେ ପୂର୍ବ ତଟ ରେଳପଥ, ସମ୍ବଲପୁର ଡିଭିଜନ୍‌ରେ ନିଯୁକ୍ତି ପାଇଁ ବିଜ୍ଞପ୍ତି

ନିଯୁକ୍ତି ବିଜ୍ଞାପନ ସଂଖ୍ୟା : **SBP/Land Loser/2019**
ତାରିଖ: **22.05.2019**

ଆରମ୍ଭ ତାରିଖ: **22.05.2019**
ଶେଷ ତାରିଖ ଓ ସମୟ: **20.06.2019, 1815 ଘଟିକା**

2011ର ଏସ୍‌ଏଲ୍‌ପି (ସି) ନଂ. 696-710 (ଭାରତ ସରକାର (ୟୁଓଆଇ) ବନାମ ଶଙ୍କର ପ୍ରସାଦ ଦୀପ ଓ ଅନ୍ୟମାନେ)ର ସିଭିଲ୍ ଅପିଲ୍ ନଂ. 3030-3044/2019ରେ ସୁପ୍ରିମ୍‌କୋର୍ଟଙ୍କ ରାୟ ତା. 14.03.2019 ପାଳନ ପୂର୍ବକ ସମ୍ବଲପୁର-ତାଳଚେର ରେଳ ଲାଇନ୍ ପାଇଁ ଯେଉଁ ଜମିହରାଙ୍କ ଜମି 04.03.1999 ପୂର୍ବରୁ ଅଧିଗ୍ରହଣ କରାଯାଇଛି ସେମାନଙ୍କଠାରୁ ନିର୍ଦ୍ଧାରିତ ପ୍ରୋଫର୍ମାରେ 7ମ ସିପିସି ଦରମା ଶୃଙ୍ଖଳାରେ ଲେଭଲ୍-1ରେ ପୂର୍ବ ତଟ ରେଳପଥ, ସମ୍ବଲପୁର ଡିଭିଜନ୍‌ରେ ବିଭିନ୍ନ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।

**ଗୁରୁତ୍ୱପୂର୍ଣ୍ଣ ସୂଚନା:-**

**(କ) ଏହି ବିଜ୍ଞପ୍ତି କେବଳ ସମ୍ବଲପୁର-ତାଳଚେର (SBP-TLHR) ରେଳ ଲାଇନ ପାଇଁ 04.03.1999 ପୂର୍ବରୁ ଜମି ଅଧିଗ୍ରହଣ କରାଯାଇଥିବା ଜମିହରାଙ୍କ ପାଇଁ ଉଦ୍ଦିଷ୍ଟ।**

**(ଖ) ଜମିହରା ପରିବାରର 652 ପ୍ରାର୍ଥୀଙ୍କୁ ପୂର୍ବ ବିଜ୍ଞପ୍ତି ନଂ. SBP/1/99, ତା. 05.02.99 ଏବଂ ତା. 04.03.99 ଆଧାରରେ ଲିଖିତ ପରୀକ୍ଷା ପାଇଁ କୁହାଯାଇସାରିଛି ଏବଂ ସେମାନେ ନିଯୁକ୍ତି ପାଇଁ ସୁଯୋଗ ଉପଲବ୍ଧ କରିସାରିଛନ୍ତି। ଏହି ଜମିହରା ପରିବାରର ପ୍ରାର୍ଥୀ ଏହି ବିଜ୍ଞପ୍ତି ଅନୁଯାୟୀ ପୁନର୍ବାର ଆବେଦନ କରିବାକୁ ଯୋଗ୍ୟ ହେବେ ନାହିଁ।**

**(ଗ) ପୂର୍ବ ବିଜ୍ଞପ୍ତି ନଂ. SBP/1/99, ତା. 05.02.99 ଏବଂ ତା. 04.03.99 ଆଧାରରେ ଆବେଦନ କରିଥିବା ଯେଉଁ ପ୍ରାର୍ଥୀମାନଙ୍କ ଆବେଦନ ପୂର୍ବରୁ ଖାରଜ ହୋଇଥିଲା ସେମାନେ ଜମି ଅଧିଗ୍ରହଣ ସାର୍ଟିଫିକେଟ୍ ସମେତ ସମସ୍ତ ଆବଶ୍ୟକ କାଗଜପତ୍ର ସହିତ ପୁନର୍ବାର ଆବେଦନ କରିପାରିବେ।**

1. କେଉଁମାନେ ଆବେଦନ କରିପାରିବେ

ସମ୍ବଲପୁର-ତାଳଚେର ରେଳ ଲାଇନ ନିର୍ମାଣ ପାଇଁ ଯେଉଁ ବ୍ୟକ୍ତିଙ୍କର ଜମି 04.03.1999 ପୂର୍ବରୁ ଅଧିଗ୍ରହଣ କରାଯାଇଛି ସେ ନିଜେ

କିମ୍ବା

ସମ୍ବଲପୁର-ତାଳଚେର ରେଳ ଲାଇନ ନିର୍ମାଣ ପାଇଁ ଯେଉଁ ବ୍ୟକ୍ତିଙ୍କର ଜମି 04.03.1999 ପୂର୍ବରୁ ଅଧିଗ୍ରହଣ କରାଯାଇଛି ସେହି ବ୍ୟକ୍ତିଙ୍କ ପୁଅ / ଝିଅ

କିମ୍ବା

ସମ୍ବଲପୁର-ତାଳଚେର ରେଳ ଲାଇନ ନିର୍ମାଣ ପାଇଁ ଯେଉଁ ବ୍ୟକ୍ତିଙ୍କର ଜମି 04.03.1999 ପୂର୍ବରୁ ଅଧିଗ୍ରହଣ କରାଯାଇଛି ସେହି ବ୍ୟକ୍ତିଙ୍କ ସ୍ତ୍ରୀ / ସ୍ୱାମୀ

ଆବେଦନ ସମୟରେ, ପ୍ରାର୍ଥୀମାନେ ସେମାନଙ୍କ ଜମି ଅଧିଗ୍ରହଣ ସଂକ୍ରାନ୍ତରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ବୈଧ ନକଲ / ସାର୍ଟିଫିକେଟ୍ / କାଗଜପତ୍ର ନିଜ ଦ୍ୱାରା ଆଟେଷ୍ଟେଡ୍ କରି ଦେବାକୁ ହେବ।

ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମ୍ବଲପୁର-ତାଳଚେର ରେଳ ଲିଙ୍କ ପାଇଁ ଜମି ହରାଇଥିବା ଆବେଦନକାରୀଙ୍କ ଦାବି ସଂକ୍ରାନ୍ତରେ ସ୍ଥାନୀୟ ରାଜସ୍ୱ ଅଧିକାରୀ ଯଥାଯଥ ତଦନ୍ତ କରିବେ। ଅନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ସମେତ ଯେଉଁ କ୍ଷେତ୍ରରେ ଦାବି ବୈଧ ହୋଇଥିବ କେବଳ ସେମାନଙ୍କ ଆବେଦନ ପରବର୍ତ୍ତୀ ଚୟନ ପ୍ରକ୍ରିୟା ପାଇଁ ନିଆଯିବ।

2. ପଦବୀର ନାମ ଏବଂ ଖାଲିଥିବା ସ୍ଥାନ 7ମ ସିପିସି ଦରମା ଶୃଙ୍ଖଳାରେ ଲେଭଲ୍-1 (ପୂର୍ବରୁ ଗ୍ରୁପ୍-ଡି ପଦବୀ)

| କ୍ର. ନଂ. | ବର୍ଗ | ବିଭାଗ | ସ୍ୱାସ୍ଥ୍ୟ ବର୍ଗ | ୟୁ ଆର୍ | ଏସ୍‌ସି | ଏସ୍‌ଟି | ଓବିସି | ଇଡବ୍ଲୁଏସ୍ | ମୋଟ୍ | ଏକ୍ସ.ଏସ୍‌ଏମ୍ | ସିସିଏଏ | ଭି.ଆଇ | ଏଲ୍‌ଡି | ଏଚ୍ ଆଇ | ଓଡି/ଏମ୍‌ଡି |
|---|---|---|---|---|---|---|---|---|---|---|---|---|---|---|---|
| 1 | ଟ୍ରାକ୍ ମେଣ୍ଟେନର୍-IV | ସିଭିଲ୍ ଇଞ୍ଜିନିୟରିଂ | ବି-1 | 62 | 23 | 18 | 08 | 12 | 123 | 25 | 25 | 00 | 00 | 00 | 00 |
| 2 | ହେଲ୍‌ପର୍ (ସିଗ୍‌ନାଲ୍) | ଏସ୍ ଆଣ୍ଡ ଟି | ବି-1 | 08 | 01 | 01 | 03 | 01 | 14 | 03 | 03 | 00 | 01 | 01 | 01 |
| 3 | ହେଲ୍‌ପର୍ (ଟେଲି) | ଏସ୍ ଆଣ୍ଡ ଟି | ବି-1 | 06 | 01 | 00 | 02 | 01 | 10 | 02 | 02 | 00 | 01 | 01 | 01 |
| 4 | ହେଲ୍‌ପର୍ (ସିଭିଲ୍ ଇଂ.) | ସିଭିଲ୍ ଇଞ୍ଜିନିୟରିଂ | ବି-1 | 08 | 01 | 01 | 03 | 01 | 14 | 03 | 03 | 02 | 01 | 01 | 01 |
| 5 | ହେଲ୍‌ପର୍ (ଟ୍ରାକ୍ ମେସିନ୍) | ସିଭିଲ୍ ଇଞ୍ଜିନିୟରିଂ | ବି-1 | 05 | 00 | 00 | 02 | 01 | 08 | 02 | 02 | 00 | 01 | 02 | 01 |
| 6 | ପଏଣ୍ଟସ୍‌ମ୍ୟାନ୍ 'ବି' | ଓପିଟିଜି | ଏ-2 | 107 | 09 | 10 | 00 | 05 | 131 | 26 | 26 | 00 | 00 | 00 | 00 |
| 7 | ହେଲ୍‌ପର୍ (ଟିଆରଡି) | ଇଲେକ୍ଟ୍ରି(ଟିଆରଡ଼ି) | ବି-1 | 02 | 00 | 00 | 00 | 00 | 02 | 00 | 00 | 00 | 00 | 01 | 00 |
| 8 | ହେଲ୍‌ପର(ଇଲେକ୍ଟ୍ରି/ପିଏଲ୍) | ଇଲେକ୍ଟ୍ରି (ଜି) | ବି-1 | 01 | 00 | 00 | 00 | 00 | 01 | 00 | 00 | 01 | 00 | 00 | 00 |
| 9 | ହେଲ୍‌ପର(ଇଲେକ୍ଟ୍ରି/ଟିଏଲ୍) | ଇଲେକ୍ଟ୍ରି (ଜି) | ବି-1 | 00 | 02 | 00 | 00 | 00 | 02 | 00 | 00 | 01 | 00 | 01 | 00 |
| ମୋଟ୍ | | | | | | | | | 305 | | | | | | |

**ବ୍ୟବହୃତ ସଂକ୍ଷିପ୍ତ ରୂପ:-** ୟୁଆର୍- ଅଣ ସଂରକ୍ଷିତ, ଏସ୍‌ସି- ଅନୁସୂଚିତ ଜାତି, ଏସ୍‌ଟି- ଅନୁସୂଚିତ ଜନଜାତି, ଓବିସି - ଅନ୍ୟ ପଛୁଆ ବର୍ଗ, ଇଡବ୍ଲୁଏସ୍ - ଆର୍ଥିକ ଦୁର୍ବଳ ବର୍ଗ, ଏକ୍ସ.ଏସ୍‌ଏମ୍. - ଏକ୍ସ ସର୍ଭିସ୍‌ମ୍ୟାନ୍, ସିସିଏଏ - କୋର୍ସ କମ୍ପ୍ଲିଟେଡ୍ ଆକ୍ଟ ଆପ୍ରେଣ୍ଟିକ୍ସ, ଭିଆଇ - ଦୃଷ୍ଟିଶକ୍ତି ବାଧିତ, ଏଲ୍‌ଡି -ଲୋକୋମୋଟର ଡିଜାବିଲିଟି, ଏଚ୍‌ଆଇ - ଶ୍ରବଣ ଶକ୍ତି ବାଧିତ, ଓଡି - ଅନ୍ୟାନ୍ୟ ଭିନ୍ନକ୍ଷମ, ଏମ୍‌ଡି- ବହୁବିଧ ଭିନ୍ନକ୍ଷମ

**ଟିପ୍ପଣୀ:-** (କ) ସଂରକ୍ଷିତ ବର୍ଗର ପ୍ରାର୍ଥୀ ସଂରକ୍ଷିତ ପଦବୀ ପାଇଁ ବଛାଯିବେ, ସେମାନଙ୍କ ମେଧା ସ୍ଥିତି ନିର୍ବିଶେଷରେ, ଏହା ଜମିହରା ବର୍ଗଙ୍କ ପାଇଁ ସୀମିତ ଏକ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା।
ଖ) ମାନ୍ୟବର ସିଏଟି/କଟକଙ୍କ ଅନ୍ତରୀଣ ଆଦେଶ ଅନୁଯାୟୀ ଉପରୋକ୍ତ ରିକ୍ତ ପଦବୀଗୁଡ଼ିକ ମଧ୍ୟରେ ୮ ୨ଟି ସ୍ଥାନ ଅପୂରଣୀୟ ରଖାଯାଇଛି ।

3. ଯୋଗ୍ୟତା ମାନଦଣ୍ଡ:

3.1 ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା

ପ୍ରାର୍ଥୀ 10ମ ପାସ୍ (କିମ୍ବା) ଏନ୍‌ସିଭିଟି / ଏସ୍‌ସିଭିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଆଇଟିଆଇ (କିମ୍ବା) ତତ୍ତୁଲ୍ୟ (କିମ୍ବା) ଏନ୍‌ସିଭିଟି ଦ୍ୱାରା ମଞ୍ଜୁରୀପ୍ରାପ୍ତ ଆପ୍ରେଣ୍ଟିସ୍‌ସିପ୍ ସାର୍ଟିଫିକେଟ୍ ଯୋଗ୍ୟତା ହାସଲ କରିଥିବେ। ଆବେଦନ ତାରିଖ ସୁଦ୍ଧା 10ମ / ଆଇଟିଆଇ /ତତ୍ତୁଲ୍ୟ ଯୋଗ୍ୟତାର ଚୂଡ଼ାନ୍ତ ପରୀକ୍ଷା ଫଳ ଅପେକ୍ଷାରେ ଥିବା ପ୍ରାର୍ଥୀ ଆବେଦନ ପାଇଁ ଯୋଗ୍ୟ ହେବେ ନାହିଁ। ଶିକ୍ଷାଗତ ଯୋଗ୍ୟତା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ / ବୋର୍ଡ଼ରୁ ହାସଲ କରିଥିବା ଦରକାର, ଅନ୍ୟଥା ପ୍ରାର୍ଥିତ୍ୱ ନାକଚ ହୋଇଯିବ।

3.2 ବୟସ ସୀମା:
ବିଜ୍ଞପ୍ତି ତାରିଖ ସୁଦ୍ଧା ପ୍ରାର୍ଥୀ 18 ବର୍ଷ ବୟସ ପୂରଣ କରିଥିବେ ଏବଂ 33 ବର୍ଷ ବୟସ ପୂରଣ କରିନଥିବେ। ସଂରକ୍ଷଣ ନିୟମ ଅନୁଯାୟୀ ନିମ୍ନମତେ ସର୍ବୋଚ୍ଚ ବୟସ ସୀମା କୋହଳ କରାଯିବ:-

| କ୍ର.ନଂ. | ସମ୍ପ୍ରଦାୟ / ବର୍ଗ | | ସର୍ବୋଚ୍ଚ ବୟସ ସୀମାରେ କୋହଳ |
|---|---|---|---|
| 1 | ଓବିସି ନନ୍-କ୍ରିମି ଲେୟାର୍ (ଏନ୍‌ସିଏଲ୍) | | 3 ବର୍ଷ |
| 2 | ଏସ୍‌ସି / ଏସ୍‌ଟି | | 5 ବର୍ଷ |
| 3 | ଏକ୍ସ-ସର୍ଭିସ୍‌ମେନ୍ (ଏକ୍ସ ଏସ୍‌ଏମ୍) ପ୍ରାର୍ଥୀ ଯେଉଁମାନେ ଆଟେଷ୍ଟେସନ୍ ପରେ ୬ ମାସରୁ ଅଧିକ ଚାକିରିରେ ରହିଥିବେ। | ୟୁଆର୍ | 33 ବର୍ଷ ବୟସ ଯୁକ୍ତ ପ୍ରତିରକ୍ଷା ବିଭାଗରେ କରିଥିବା ଚାକିରି କାଳ ଯୁକ୍ତ 3 ବର୍ଷ |
| | | ଓବିସି-ଏନ୍‌ସିଏଲ୍ | 36 ବର୍ଷ ବୟସ ଯୁକ୍ତ ପ୍ରତିରକ୍ଷା ବିଭାଗରେ କରିଥିବା ଚାକିରି କାଳ ଯୁକ୍ତ 3 ବର୍ଷ |
| | | ଏସ୍‌ସି / ଏସ୍‌ଟି | 38 ବର୍ଷ ବୟସ ଯୁକ୍ତ ପ୍ରତିରକ୍ଷା ବିଭାଗରେ କରିଥିବା ଚାକିରି କାଳ ଯୁକ୍ତ 3 ବର୍ଷ |
| 4 | ବେଞ୍ଚମାର୍କ ଭିନ୍ନକ୍ଷମତା ଥିବା ବ୍ୟକ୍ତି (ପିଡବ୍ଲୁବିଡି)। | ୟୁଆର୍ | 10 ବର୍ଷ |
| | | ଓବିସି-ଏନ୍‌ସିଏଲ୍ | 13 ବର୍ଷ |
| | | ଏସ୍‌ସି / ଏସ୍‌ଟି | 15 ବର୍ଷ |
| 5 | ମହିଳା ପ୍ରାର୍ଥୀ, ଯେଉଁମାନେ ବିଧବା, ଛାଡ଼ପତ୍ର ପ୍ରାପ୍ତ, ସ୍ୱାମୀଙ୍କଠାରୁ ଆଇନ ଅନୁଯାୟୀ ପୃଥକ କିନ୍ତୁ ବିବାହ କରିନଥିବେ। | ୟୁଆର୍ | 35 ବର୍ଷ ବୟସ |
| | | ଓବିସି-ଏନ୍‌ସିଏଲ୍ | 38 ବର୍ଷ ବୟସ |
| | | ଏସ୍‌ସି / ଏସ୍‌ଟି | 40 ବର୍ଷ ବୟସ |
| 6 | ଯେଉଁ ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ଆଇଟିଆଇ / ଆକ୍ଟ ଆପ୍ରେଣ୍ଟିସେସିପ୍ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ସେହି ପଦବୀ ପାଇଁ ଆକ୍ଟ ଆପ୍ରେଣ୍ଟିସ୍ ପାଠ୍ୟକ୍ରମ (ସିସିଏଏ) ଶେଷ କରିଥିବା ପ୍ରାର୍ଥୀ। | ୟୁଆର | 33 ବର୍ଷ ବୟସ ଯୁକ୍ତ ଆପ୍ରେଣ୍ଟିସେସିପ୍ ଆଇନ 1961 ଅନୁଯାୟୀ ସେମାନଙ୍କ ଆପ୍ରେଣ୍ଟିସ୍ ତାଲିମର ଅବଧି ଯାହାକି ଅତି ବେଶିରେ ୩ ବର୍ଷ |
| | | ଓବିସି-ଏନ୍‌ସିଏଲ୍ | 36 ବର୍ଷ ବୟସ ଯୁକ୍ତ ଆପ୍ରେଣ୍ଟିସେସିପ୍ ଆଇନ 1961 ଅନୁଯାୟୀ ସେମାନଙ୍କ ଆପ୍ରେଣ୍ଟିସ୍ ତାଲିମର ଅବଧି ଯାହାକି ଅତି ବେଶିରେ ୩ ବର୍ଷ |
| | | ଏସ୍‌ସି / ଏସ୍‌ଟି | 38 ବର୍ଷ ବୟସ ଯୁକ୍ତ ଆପ୍ରେଣ୍ଟିସେସିପ୍ ଆଇନ 1961 ଅନୁଯାୟୀ ସେମାନଙ୍କ ଆପ୍ରେଣ୍ଟିସ୍ ତାଲିମର ଅବଧି। |

**ଟିପ୍ପଣୀ (1):-** ସିଭିଲ୍ ଅପିଲ୍ ନଂ. 3030-3044 / 2019ରେ ସୁପ୍ରିମ୍ କୋର୍ଟଙ୍କ ରାୟ ତା 14.03.2019 ଅନୁଯାୟୀ ଆବେଦନକାରୀମାନେ ବୟସ ସୀମାରେ ଅଧିକ 15 ବର୍ଷ କୋହଳ ପାଇପାରିବେ।

**ଟିପ୍ପଣୀ (1):-** ତେବେ ନିଯୁକ୍ତି ସମୟରେ ପ୍ରାର୍ଥୀଙ୍କ ବୟସ 60 ବର୍ଷରୁ ଊର୍ଦ୍ଧ୍ୱ ହୋଇ ନଥିଲେ ସେମାନେ ଚାକିରି ପାଇପାରିବେ।

3.3 **ବୟସର ପ୍ରମାଣ:** ସ୍ୱୀକୃତିପ୍ରାପ୍ତ ବୋର୍ଡ଼ରୁ ମିଳିଥିବା 10ମ / ମାଟ୍ରିକ୍ ସାର୍ଟିଫିକେଟ୍

4. ଆବେଦନ ଦେୟ

| କ୍ର. ନଂ. | ପ୍ରାର୍ଥୀଙ୍କ ବର୍ଗ | ଦେୟ |
|---|---|---|
| 1. | ନିମ୍ନରେ କ୍ରମିକ ନଂ.2ରେ ଦର୍ଶାଯାଇଥିବା ଦେୟ ରିହାତି ବର୍ଗ ବ୍ୟତୀତ ଅନ୍ୟ ସମସ୍ତ ପ୍ରାର୍ଥୀଙ୍କ ପାଇଁ (ଏହି 500 ଟଙ୍କା ଦେୟ ମଧ୍ୟରୁ ଲିଖିତ ପରୀକ୍ଷା ଦେବା ବେଳେ ପ୍ରଯୁଜ୍ୟ ଦେୟ କାଟି 400 ଟଙ୍କା ଉପଯୁକ୍ତ ସମୟରେ ଫେରସ୍ତ କରାଯିବ) | ଟ. 500/- |
| 2. | ଏକ୍ସ. ଏସ୍‌ଏମ୍, ପିଡବ୍ଲୁବିଡି, ମହିଳା, ଟ୍ରାନ୍ସଜେଣ୍ଡର ଏବଂ ଏସ୍‌ସି/ଏସ୍‌ଟି/ସଂଖ୍ୟାଲଘୁ ସମ୍ପ୍ରଦାୟ/ ଆର୍ଥିକ ପଛୁଆ ବର୍ଗଙ୍କ ପାଇଁ (ଏହି 250 ଟଙ୍କା ଦେୟ ଲିଖିତ ପରୀକ୍ଷା ଦେବା ବେଳେ ପ୍ରଯୁଜ୍ୟ ଦେୟ କାଟି ଉପଯୁକ୍ତ ସମୟରେ ଫେରସ୍ତ କରାଯିବ) | ଟ. 250/- |

4.1 **ଆବେଦନ ଦେୟ କେବଳ ପ୍ରମୁଖ ବିତ୍ତୀୟ ପରାମର୍ଶଦାତା/ପୂର୍ବ ତଟ ରେଳପଥ/ଭୁବନେଶ୍ୱରଙ୍କ** ନାମରେ ଭୁବନେଶ୍ୱରରେ ଉଠାଣ ହୋଇପାରୁଥିବା କ୍ରସ୍‌ଡ୍ ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡ଼ର / ଡିମାଣ୍ଡ ଡ୍ରାଫ୍‌ଟ ଆକାରରେ ଦିଆଯିବ। ଅନ୍ୟ କୌଣସି ପ୍ରକାରେ ପରୀକ୍ଷା ଦେୟ ଗ୍ରହଣ କରାଯିବ ନାହିଁ ଏବଂ କେବଳ ଏହି କାରଣରୁ ଆବେଦନ ମୂଳତଃ ଭାବେ ଖାରଜ କରିଦିଆଯିବ। ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡ଼ର / ଡିମାଣ୍ଡ ଡ୍ରାଫ୍‌ଟ ଏହି ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଜାରି ହୋଇନଥିବ।

4.2 ପ୍ରାର୍ଥୀ ଆଇପିଓରେ ଦିଆଯାଇଥିବା ସ୍ଥାନରେ ଅଥବା ଡିଡିର ପଛ ପଟେ ତାଙ୍କର ନାମ ଓ ଠିକଣା ଲେଖିବାକୁ ହେବ।

5. କିପରି ଆବେଦନ କରିବେ

5.1 ଏହି ବିଜ୍ଞପ୍ତି ଅନୁଯାୟୀ **ନିର୍ଦ୍ଧାରିତ ଫର୍ମାଟ୍‌ରେ** ପ୍ରାର୍ଥୀ ହିନ୍ଦୀ, ଇଂରାଜୀ ଅଥବା ଓଡ଼ିଆରେ ଆବେଦନପତ୍ର ଦେବେ। ଫର୍ମାଟରେ କୌଣସି ପରିବର୍ତ୍ତନ କରି ଦିଆଯାଇଥିବା ଆବେଦନପତ୍ର ଖାରଜ କରିଦିଆଯିବ।

5.2 ଆବେଦନପତ୍ର ଭଲ ମାନର ଏ-4 ସାଇଜ୍ ବଣ୍ଡ ଧଳା କାଗଜରେ ଦିଆଯିବା ଦରକାର।

5.3 ଆବେଦନକାରୀ ନିଜ ହସ୍ତାକ୍ଷରରେ ନୀଳ କିମ୍ବା କଳା ବଲ୍‌ପଏଣ୍ଟ ପେନ୍‌ରେ ଇଂରାଜୀ, ହିନ୍ଦୀ ଅଥବା ଓଡ଼ିଆରେ ଆବେଦନପତ୍ର ପୂରଣ କରିବେ।

5.4 ଆବେଦନପତ୍ରର ପ୍ରକାର 1,2 ଓ 3ରେ ପ୍ରାର୍ଥୀ ନିଜର ନାମ, ବାପାଙ୍କ ନାମ ଏବଂ ଜନ୍ମ ତାରିଖ ଲେଖିବେ ଯାହାକି ତାଙ୍କର 10ମ / ମାଟ୍ରିକ୍ ସାର୍ଟିଫିକେଟ୍ ସହ ମେଳ ଖାଉଥିବ।

5.5 ଆବଶ୍ୟକ କାଗଜପତ୍ର ସହିତ ସଠିକ୍ ଭାବେ ପୂରଣ କରାଯାଇଥିବା ଆବେଦନପତ୍ର **ଡିଭିଜନାଲ ରେଲୱେ ମ୍ୟାନେଜର (ପି), ପୂର୍ବ ତଟ ରେଳପଥ, ସମ୍ବଲପୁର ଡିଭିଜନ, ପୋ. ମୋଦିପଡ଼ା, ସମ୍ବଲପୁର-768002** ଠିକଣାରେ ପଠାଇବାକୁ ହେବ।

5.6 ଆବେଦନପତ୍ର ଥିବା ଲଫାପାରେ ନିମ୍ନମତେ ଦର୍ଶାଇବାକୁ ହେବ 'ସମ୍ବଲପୁର ଡିଭିଜନ, ପୂର୍ବ ତଟ ରେଳପଥରେ ଜମିହରାଙ୍କ ନିଯୁକ୍ତି-2019 ପାଇଁ ଆବେଦନ'।

5.7 ଆବେଦନ ଫର୍ମାଟ୍‌ରେ କ୍ରମିକ ସଂଖ୍ୟା 15ରେ ଦର୍ଶାଯାଇଥିବା ମତେ ପ୍ରାର୍ଥୀ ନିଜ ହସ୍ତାକ୍ଷରରେ ଘୋଷଣାପତ୍ର ଦେବାକୁ ହେବ। ଦୃଷ୍ଟିଶକ୍ତି ବାଧିତ ପ୍ରାର୍ଥୀ ଘୋଷଣାପତ୍ର ଦେବାକୁ ପଡ଼ିବ ନାହିଁ।

5.8 ଆବେଦନପତ୍ରର ଶେଷରେ ଦିଆଯାଇଥିବା ସ୍ଥାନରେ ପ୍ରାର୍ଥୀ ନିଜ ଦସ୍ତଖତ, ଆବେଦନପତ୍ର ପୂରଣର ସ୍ଥାନ ଓ ତାରିଖ ଦର୍ଶାଇବାକୁ ହେବ। ବଡ଼ ଅକ୍ଷର (କ୍ୟାପିଟାଲ୍ ଲେଟର୍) ଅଥବା ଖାପଛଡ଼ା ଅକ୍ଷରରେ ଦସ୍ତଖତ ଥିଲେ ତାହା ଗ୍ରହଣ କରାଯିବ ନାହିଁ ଏବଂ ଏଭଳି ଦସ୍ତଖତ ଥିବା ଆବେଦନକୁ ମୂଳତଃ ଖାରଜ କରିଦିଆଯିବ (ଦୃଷ୍ଟିଶକ୍ତି ବାଧିତ (ଭିଆଇ) ଆବେଦନକାରୀ ଦସ୍ତଖତ କରିବାକୁ ପଡ଼ିବ ନାହିଁ)। ତାରିଖ ନଥିବା କିମ୍ବା ପୂର୍ବ ତାରିଖ ଥିବା ଦରଖାସ୍ତ ମୂଳରୁ ଖାରଜ କରି ଦିଆଯିବ।

5.9 ଆବେଦନ ଫର୍ମର ନିର୍ଦ୍ଧାରିତ କୋଠରିରେ ପ୍ରାର୍ଥୀ **ସ୍ପଷ୍ଟ** ଏବଂ ଦେଖା ପଡୁଥିବା ବାମପଟ ବୁଢ଼ା ଆଙ୍ଗୁଳି ଟିପ ଚିହ୍ନ (ଏଲ୍‌ଟିଆଇ) ଦେବାକୁ ହେବ। ଯଦି ପ୍ରାର୍ଥୀ ଆଦୌ ଟିପ ଚିହ୍ନ (ଏଲ୍‌ଟିଆଇ) ଦେଇ ନଥାନ୍ତି କିମ୍ବା ଝାପ୍‌ସା / ଘସରା ଟିପଚିହ୍ନ (ଏଲ୍‌ଟିଆଇ) ଦେଇ ଥାଆନ୍ତି ଅଥବା ଟିପ ହିହ୍ନ (ଏଲ୍‌ଟିଆଇ) ଦେଖି ହେଉନଥାଏ ତେବେ ଏହି କାରଣରୁ ସେମାନଙ୍କ ଆବେଦନପତ୍ର ମୂଳତଃ ନାକଚ କରି ଦିଆଯିବ।

5.10 ଆବେଦନକାରୀ ଆବଶ୍ୟକ କାଗଜପତ୍ର ସହିତ ସଠିକ୍ ଭାବେ ପୂରଣ ହୋଇଥିବା ଆବେଦନପତ୍ର ଡାକଯୋଗେ ପଠାଇବେ ଯେପରି ତାହା ଉପର ଲିଖିତ ଅଫିସ୍‌ରେ ଶେଷ ତାରିଖ ଓ ସମୟ ପୂର୍ବରୁ ପହଞ୍ଚିବ। ପ୍ରାର୍ଥୀମାନେ ମଧ୍ୟ **ଡିଭିଜନାଲ ରେଲୱେ ମ୍ୟାନେଜର (ପି), ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ** ସ୍ୱତନ୍ତ୍ର ଭାବେ ରଖାଯାଇଥିବା ବାକ୍ସରେ ଆବେଦନପତ୍ର ପକାଇ ପାରିବେ। କାରଣ ଯାହା ହେଉ ନାଁ କାହିଁକି ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ପହଞ୍ଚିଥିବା ଆବେଦନପତ୍ର ବିଚାରକୁ ନିଆଯିବ ନାହିଁ।

5.11 ପ୍ରାର୍ଥୀ ସେମାନଙ୍କ ଆବେଦନପତ୍ର ଏହି କାର୍ଯ୍ୟାଳୟରେ ଶେଷ ତାରିଖ ବା ତା' ପୂର୍ବରୁ ପହଞ୍ଚିବା ପାଇଁ ଯଥେଷ୍ଟ ଆଗରୁ ପଠାଇବେ। କୌଣସି ଡାକ ବିଳମ୍ବ ଅଥବା ଆବେଦନପତ୍ର ଭୁଲ ଜାଗାକୁ ଗଲେ ରେଳବାଇ ଦାୟୀ ରହିବ ନାହିଁ।

6. **ବେଞ୍ଚମାର୍କ ଭିନ୍ନକ୍ଷମତ୍ର ଥିବା ବ୍ୟକ୍ତି (ପିଡବ୍ଲୁବିଡି)**

ଏହି ବିଜ୍ଞପ୍ତିର ଅନୁଚ୍ଛେଦରେ ସବିଶେଷ ଦିଆଯାଇଛି

7. **କାମର ଆବଶ୍ୟକତା**

ଯୋଗ୍ୟ ବିବେଚିତ ପ୍ରାର୍ଥୀ ପଦବୀ ଅନୁଯାୟୀ କାମର ଆବଶ୍ୟକତା ମତେ କାର୍ଯ୍ୟ ସମ୍ପାଦନ କରିବେ। ଜରୁରୀ ସ୍ଥିତିରେ ସେମାନେ ଟ୍ରାଫିକ୍‌ରେ ବାଧା ନଆସିବା ଅଥବା ଟ୍ରାଫିକ୍‌କୁ ଦ୍ରୁତ ବ୍ୟବସ୍ଥିତ କରିବା ଲାଗି କାର୍ଯ୍ୟନିର୍ଘଣ୍ଟ ବାହାରେ କାମ କରିବାକୁ ପଡ଼ିପାରେ।

8. **ଚୟନ ପ୍ରକ୍ରିୟା**

ଚୟନ ପ୍ରକ୍ରିୟା ଲିଖିତ ପରୀକ୍ଷା ଏବଂ ଏହା ପରେ ଶାରୀରିକ ଦକ୍ଷତା ପରୀକ୍ଷା (ପିଇଟି), ନଥିପତ୍ର ତନଖି ଏବଂ ଡାକ୍ତରୀ ପରୀକ୍ଷା ଆଧାରିତ ହେବ।

8.1. **ଲିଖିତ ପରୀକ୍ଷା:**

ପ୍ରାରମ୍ଭିକ ତନଖି ପରେ ଯେଉଁ ପ୍ରାର୍ଥୀଙ୍କ ଆବେଦନପତ୍ର ଠିକ୍‌ଠାକ୍ ଥିବ ସେମାନଙ୍କୁ ଓଏମ୍‌ଆର୍ ସିଟ୍‌ରେ ଲିଖିତ ପରୀକ୍ଷା ଦେବାକୁ ଡକାଯିବ। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କୁ ଲିଖିତ ପରୀକ୍ଷା ତାରିଖ, ସମୟ ଏବଂ ସ୍ଥାନ ଦର୍ଶାଯାଇଥିବା ଏକ ଅଲଗା କଲ୍ ଲେଟର୍ ପଠାଯିବ।

8.2 ଲିଖିତ ପରୀକ୍ଷା ଏକାଧିକ ମଧ୍ୟରୁ ଚୟନ (ମଲ୍‌ଟିପୁଲ୍ ଚଏସ୍)ର ବସ୍ତୁନିଷ୍ଠ ପ୍ରକାର ହେବ। ପ୍ରଶ୍ନପତ୍ର 10ମ ଶ୍ରେଣୀ ମାନର ହେବ। ପ୍ରଶ୍ନପତ୍ର ହିନ୍ଦୀ, ଇଂରାଜୀ ଓ ଓଡ଼ିଆରେ ମୁଦ୍ରିତ ହେବ। ଲିଖିତ ପରୀକ୍ଷା ଅବଧି ଏବଂ ଓଏମ୍‌ଆର୍‌ରେ ପ୍ରଶ୍ନ ସଂଖ୍ୟା ନିମ୍ନମତେ ଦର୍ଶାଯାଇଛି।

| ପରୀକ୍ଷା ଅବଧି ମିନିଟ୍‌ରେ | ପ୍ରଶ୍ନ ସଂଖ୍ୟା (ପ୍ରତ୍ୟେକ ୧ ନମ୍ବର ବିଶିଷ୍ଟ) | | | | |
|---|---|---|---|---|---|
| | ସାଧାରଣ ବିଜ୍ଞାନ | ଗଣିତ | ସାଧାରଣ ବୁଦ୍ଧିମତ୍ତା ଓ ରିଜୋନିଂ | ସାଧାରଣ ସଚେତନତା ଓ ସାମ୍ପ୍ରତିକ ଘଟଣାବଳୀ | ମୋଟ୍ ପ୍ରଶ୍ନ ସଂଖ୍ୟା |
| 90 | 25 | 25 | 30 | 20 | 100 |

**ଟିପ୍ପଣୀ:** ପରୀକ୍ଷା ଦେଉଥିବା ପିଡବ୍ଲୁବିଡି ପ୍ରାର୍ଥୀଙ୍କୁ ୩୦ ମିନିଟ୍ ଅଧିକ ସମୟ ଦିଆଯିବ ଏବଂ ନିୟମ ଅନୁଯାୟୀ ସେମାନଙ୍କୁ ଲେଖିବା ପାଇଁ ଜଣେ ସହଯୋଗୀ ପାଇଁ ଅନୁମତି ମିଳିବ।

8.3 **ନେଗେଟିଭ୍ ମାର୍କିଂ:** ଭୁଲ ଉତ୍ତର ପାଇଁ ନେଗେଟିଭ୍ ମାର୍କିଂ ରହିଛି। ପ୍ରତି ଭୁଲ ଉତ୍ତର ପାଇଁ 1/3 ନମ୍ବର କାଟି ଦିଆଯିବ।

8.4 **ବିଭିନ୍ନ ବର୍ଗରେ ଯୋଗ୍ୟତା ପାଇଁ ସର୍ବନିମ୍ନ ନମ୍ବର ପ୍ରତିଶତ:** ଅଣ ସଂରକ୍ଷିତ - 40%, ଇଡବ୍ଲୁଏସ୍- 40%, ଓବିସି (ନନ୍-କ୍ରିମି ଲେୟାର)- 30%, ଏସ୍‌ସି- 30%, ଏସ୍‌ଟି - 30%। ପିଡବ୍ଲୁବିଡି ପାଇଁ ସଂରକ୍ଷିତ ପଦରେ ସେହି ବର୍ଗର ପ୍ରାର୍ଥୀ ଅଭାବ ରହିଲେ ଯୋଗ୍ୟତା ପାଇଁ ଏହି ନମ୍ବର ପ୍ରତିଶତରେ 2% କୋହଳ କରାଯାଇପାରେ।

8.5 **ପ୍ରଶ୍ନ ପ୍ରକାର ଏବଂ ପାଠ୍ୟକ୍ରମ:** ପ୍ରଶ୍ନ ବସ୍ତୁନିଷ୍ଠ ତଥା ଏକାଧିକରୁ ଚୟନ (ମଲ୍ଟିପୁଲ୍ ଚଏସ୍) ଆଧାରରେ ହେବ ଏବଂ ଏହା ନିମ୍ନ ମତେ ହୋଇପାରେ:

(କ) **ଗଣିତ** ସଂଖ୍ୟା ପଦ୍ଧତି, ବିଓଡିଏମ୍‌ଏଏସ୍, ଡେସିମାଲ୍, ଭଗ୍ନାଂଶ (ଫ୍ରାକ୍ସନ), ଏଲ୍‌ସିଏମ୍, ଏଚ୍‌ସିଏଫ୍, ଅନୁପାତ (ରେସିଓ ଆଣ୍ଡ ପ୍ରପୋସନ୍), ପ୍ରତିଶତ (ପର୍ସେଣ୍ଟେଜ୍), ପରିମିତି (ମେନ୍‌ସ୍ୟୁରେସନ୍), ସମୟ ଓ କାମ (ଟାଇମ୍ ଆଣ୍ଡ ୱାର୍କ), ସମୟ ଓ ଦୂରତା (ଟାଇମ୍ ଆଣ୍ଡ ଡିଷ୍ଟାନ୍ସ), ସରଳ ଓ ଚକ୍ରବୃଦ୍ଧି ସୁଧ, ଲାଭ ଓ କ୍ଷତି, ବୀଜଗଣିତ, ଜ୍ୟାମିତି ଓ ତ୍ରିକୋଣମିତି, ପ୍ରାଥମିକ ପରିସଂଖ୍ୟାନ (ଏଲିମେଣ୍ଟାରୀ ଷ୍ଟାଟିଷ୍ଟିକ୍ସ), ବର୍ଗମୂଳ, ବୟସ ହିସାବ, କ୍ୟାଲେଣ୍ଡର ଓ ଘଡ଼ି, ପାଇପ୍ ଆଣ୍ଡ ସିଷ୍ଟର୍ଣ୍ଣ ଇତ୍ୟାଦି।

(ଖ) **ସାଧାରଣ ବୁଦ୍ଧିମତ୍ତା ଓ ରିଜୋନିଂ ଆନାଲଗିସ୍,** ବର୍ଣ୍ଣମାଳା ଏବଂ ସଂଖ୍ୟା ଅନୁକ୍ରମ, କୋଡିଂ ଏବଂ ଡିକୋଡିଂ, ମାଥମେଟିକାଲ୍ ଅପରେସନ୍, ରିଲେସନସିପ୍, ସିଲୋଜିମ୍, ଜମ୍ବଲିଂ, ଭେନ୍ ଡାଇଗ୍ରାମ୍, ଡାଟା ଇଣ୍ଟରପ୍ରିଟେସନ୍ ଆଣ୍ଡ ସଫିସିଏନ୍ସି, ଉପସଂହାର ଓ ନିଷ୍ପତ୍ତି (କନ୍‌କ୍ଲୁଜନ୍ ଆଣ୍ଡ ଡିସିସନ୍ ମେକିଂ), ସମାନତା ଓ ପ୍ରଭେଦ, ଆନାଲିଟିକାଲ୍ ରିଜୋନିଂ, କ୍ଲାସିଫିକେସନ୍, ଦିଗ (ଡିରେକ୍ସନସ୍), ଷ୍ଟେଟ୍‌ମେଣ୍ଟ -ଆର୍ଗୁମେଣ୍ଟ ଆଣ୍ଡ ଆଜମ୍‌ସନ୍‌ସ ଇତ୍ୟାଦି।

(ଗ) **ସାଧାରଣ ବିଜ୍ଞାନ** ଏହି ବର୍ଗରେ ପାଠ୍ୟକ୍ରମ 10ମ ଶ୍ରେଣୀ ସ୍ତର (ସିବିଏସ୍‌ଇ)ର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୈବ ବିଜ୍ଞାନ ଅନ୍ତର୍ଭୁକ୍ତ ହେବ।

(ଘ) **ସାଧାରଣ ସଚେତନତା ଓ ସାମ୍ପ୍ରତିକ ଘଟଣାବଳୀ** ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା, ସଂସ୍କୃତି, ବ୍ୟକ୍ତିବିଶେଷ, ଅର୍ଥନୀତି, ରାଜନୀତି ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସାମ୍ପ୍ରତିକ ଘଟଣାବଳୀ ସଂକ୍ରାନ୍ତରେ ସାଧାରଣ ଧାରଣା।

**ଟିପ୍ପଣୀ: ଏହା ଧ୍ୟାନ ଦିଆଯାଇପାରେ ଯେ ଉପରେ ଦିଆଯାଇଥିବା ବିଷୟବସ୍ତୁ କେବଳ ଉଦାହରଣାତ୍ମକ ଏବଂ ନିହାତି ସୀମିତ ନୁହେଁ।**

8.6 **ଶାରୀରିକ ଦକ୍ଷତା ପରୀକ୍ଷା (ପିଇଟି)**

ଲିଖିତ ପରୀକ୍ଷାରେ ପ୍ରାର୍ଥୀଙ୍କର ମେଧା ଭିତ୍ତିରେ ବିଜ୍ଞାପିତ ପଦର ଶୂନ୍ୟପଦ ଅନୁଯାୟୀ ମୋଟ ଗୋଷ୍ଠୀଭିତ୍ତିକ ପ୍ରାର୍ଥୀଙ୍କ ମଧ୍ୟରୁ ପିଇଟି ପାଇଁ ତିନି ଗୁଣା ପ୍ରାର୍ଥୀଙ୍କୁ ଡ଼କାଯିବ। ଶାରୀରିକ ଦକ୍ଷତା ପରୀକ୍ଷା (ପିଇଟି) ରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ଓ ତାହା ହେଉଛି ଯୋଗ୍ୟତା ପ୍ରକୃତିର। ପିଇଟି ପାଇଁ ମାନଦଣ୍ଡ ନିମ୍ନପ୍ରକାର :

| ପୁରୁଷ ପ୍ରାର୍ଥୀ | ମହିଳା ପ୍ରାର୍ଥୀ |
|---|---|
| ଗୋଟିଏ ସୁଯୋଗରେ 35 କିଗ୍ରା ଓଜନର ଜିନିଷ ନିଜ କାନ୍ଧରେ ନେଇ ଏହାକୁ ତଳେ ନପକାଇ 100 ମିଟର ଦୂରତାକୁ 2 ମିନିଟ୍‌ରେ ପହଞ୍ଚିବା ଆବଶ୍ୟକ।, **ଏବଂ** ଗୋଟିଏ ସୁଯୋଗରେ 4 ମିନିଟ୍ 15 ସେକେଣ୍ଡରେ 1000 ମିଟର ଦୂରତା ଅତିକ୍ରମ କରିବାରେ ସମର୍ଥ ହେବା ଉଚିତ୍। | ଗୋଟିଏ ସୁଯୋଗରେ 20 କିଗ୍ରା ଓଜନର ଜିନିଷ ନିଜ କାନ୍ଧରେ ନେଇ ଏହାକୁ ତଳେ ନପକାଇ 100 ମିଟର ଦୂରତାକୁ 2 ମିନିଟ୍‌ରେ ପହଞ୍ଚିବା ଆବଶ୍ୟକ।, **ଏବଂ** ଗୋଟିଏ ସୁଯୋଗରେ 5 ମିନିଟ୍ 40 ସେକେଣ୍ଡରେ 1000 ମିଟର ଦୂରତା ଅତିକ୍ରମ କରିବାରେ ସମର୍ଥ ହେବା ଉଚିତ୍। |

**ସୂଚନା:**

(କ) ବର୍ଗଭିତ୍ତିକ ଶୂନ୍ୟପଦ ସଂଖ୍ୟା ହାରରେ 3 ଗୁଣା ପ୍ରାର୍ଥୀଙ୍କୁ ପିଇଟି ପାଇଁ ଡ଼କାଯିବ। ପିଇଟିରେ ଭାଗନେଇ ଯଦି କୌଣସି ପ୍ରାର୍ଥୀ ଆହତ / କ୍ଷତି ବା ଅସଫଳ ହୁଅନ୍ତି ତେବେ ରେଳବାଇ ଏଥିପାଇଁ ଦାୟୀ ରହିବ ନାହିଁ। ପିଇଟିର ସମୟ, ସ୍ଥାନ ଓ ତାରିଖକୁ ଏକ ପୃଥକ କଲ୍ ଲେଟର ଦ୍ୱରା ସୂଚୀତ କରାଯାଇ ପ୍ରାର୍ଥୀଙ୍କ ନିକଟକୁ ପଠାଯିବ।

(ଖ) ବିକଳାଙ୍ଗ ବ୍ୟକ୍ତି ପିଇଟିରେ ଭାଗନେବାରୁ ବଂଚିତ ହେବେ। ଅନ୍ୟପକ୍ଷରେ ଲିଖିତ ପରୀକ୍ଷାରେ ସଫଳ ହେବା ପରେ ସେ ପ୍ରକାର ପ୍ରାର୍ଥୀମାନଙ୍କୁ ବିକଳାଙ୍ଗତା ପାଇଁ ନିର୍ଦ୍ଧାରିତ ଡ଼ାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ।

8.7 **ନଥିପତ୍ର ଓ ପ୍ରାର୍ଥିତ୍ୱ ଯାଞ୍ଚ:** ପିଇଟି ଯୋଗ୍ୟତାପ୍ରାପ୍ତ ପ୍ରାର୍ଥୀମାନଙ୍କ ବ୍ୟତୀତ ଲିଖିତ ପରୀକ୍ଷାରେ ମେଧା ସ୍ଥିତି ଆଧାରରେ ସ୍ୱଚ୍ଛତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ନଥିପତ୍ର ଓ ପ୍ରାର୍ଥିତ୍ୱ ଯାଂଚ ପାଇଁ ଡ଼କାଯିବ ଯେଉଁଠାରେକି ସମସ୍ତ ଅସଲି ପ୍ରମାଣପତ୍ର ଓ ନଥିପତ୍ର ସମ୍ବଳିତ ଜମି ଅଧିଗ୍ରହଣକୁ ତାହାର ଉପଯୁକ୍ତତା ସମ୍ବନ୍ଧରେ ଯାଞ୍ଚ କରାଯିବ। ବର୍ଗଭିତ୍ତିକ ଶୂନ୍ୟପଦର ସଂଖ୍ୟା ଅନୁଯାୟୀ ସେହି ସ୍ତରରେ ସମାନ ସଂଖ୍ୟକ ପ୍ରାର୍ଥୀଙ୍କୁ ଡକାଯିବ। ଯଦି କିଛି କମ୍ ପଡ଼େ ପରବର୍ତ୍ତୀ ପ୍ରାର୍ଥୀଙ୍କୁ ଡ଼କାଯିବ।

8.8 **ଡ଼ାକ୍ତରୀ ପରୀକ୍ଷା :** ନଥିପତ୍ର ଓ ପ୍ରାର୍ଥିତ୍ୱ ଯାଞ୍ଚ ପରେ ପ୍ରାର୍ଥୀ ଯୋଗ୍ୟ ହେଲେ ସେମାନଙ୍କୁ ଡାକ୍ତରୀ ପରୀକ୍ଷା ଦେବା ପାଇଁ କୁହାଯିବ।

8.9 ପିଇଟି ସମୟରେ, ଚୟନ କାଳରେ ପ୍ରାର୍ଥୀମାନଙ୍କ ଦ୍ୱାରା ଆରୋପିତ/ପ୍ରଭାବିତ କୌଣସି କ୍ଷୟକ୍ଷତି/ନଷ୍ଟ ସେ ପ୍ରତ୍ୟକ୍ଷ କିମ୍ବା ଅନୁକ୍ରମିକ ହୋଇଥାଉନା କାହିଁକି ସେଥିପାଇଁ ରେଳବାଇ ପ୍ରଶାସନ ଦାୟୀ ହେବ ନାହିଁ। ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ନିଜ ଆଗ୍ରହରେ ଏହି ପରୀକ୍ଷା ଦେବେ ତେଣୁ ଏହା ନିଶ୍ଚିତ ଯେ ସେମାନେ ଶାରୀରିକ ଓ ଅନ୍ୟାନ୍ୟ ଦଗରୁ ଫିଟ୍ ରହି ଏହି ଚୟନରେ ଭାଗ ନେଉଛନ୍ତି ତଥା କୌଣସି କ୍ଷୟକ୍ଷତି/ନଷ୍ଟ ହେବା ପ୍ରତି ସେମାନେ ଧ୍ୟାନ ଦେଇଛନ୍ତି କିମ୍ବା ପରୀକ୍ଷା ସମୟରେ ଅନ୍ୟକିଛି କାରଣ ପାଇଁ ସେମାନେ ଦାୟୀ ଅଛନ୍ତି।

8.10 କେବଳ ମେଧା ଭିତ୍ତିରେ ଚୂଡ଼ାନ୍ତ ଚୟନ ପ୍ୟାନେଲ ସ୍ଥିର କରାଯିବ।

9. **ଆବେଦନ ସହିତ ସଂଯୁକ୍ତ ନଥିପତ୍ର**

ପ୍ରାର୍ଥୀ ନିମ୍ନ ବର୍ଣ୍ଣିତ ସମ୍ପୃକ୍ତ ପ୍ରମାଣପତ୍ରର ନିଜ ସ୍ୱାକ୍ଷରିତ ଫଟୋକପି ସଂଯୁକ୍ତ କରିବା ଆବଶ୍ୟକ। **ଅସଲି ପ୍ରମାଣପତ୍ରକୁ ସଂଯୁକ୍ତ କରିବା ଆବଶ୍ୟକ ନାହିଁ।** ହିନ୍ଦୀ, ଓଡ଼ିଆ କିମ୍ବା ଇଂରାଜୀ ବ୍ୟତୀତ ସଂଯୁକ୍ତ ହୋଇଥିବା ଅନ୍ୟ ସମସ୍ତ ପ୍ରମାଣପତ୍ରକୁ ହିନ୍ଦୀ କିମ୍ବା ଇଂରାଜୀରେ ଅନୁବାଦ କରାଯିବା ଆବଶ୍ୟକ ଓ ତାହାକୁ ମୂଳ କପିର ନିଜ ସ୍ୱାକ୍ଷରିତ ଜେରକ୍ସ କପି ସହ ସଂଯୋଗ କରାଯିବା ଆବଶ୍ୟକ।

9.1 ଟୋପି ଓ ଚଷମା/ରଙ୍ଗୀନ ଚଷମା ନପିନ୍ଧି ଉଠାଯାଇଥିବା ଏକ ପାସପୋର୍ଟ ସାଇଜ୍‌ର ଫଟୋକୁ ଅଠା ଦ୍ୱାରା ଲଗାଯିବ (ଏହାକୁ ଷ୍ଟାପଲ୍ କରାଯିବ ନାହିଁ) ନିର୍ଦ୍ଧାରିତ ସ୍ଥାନରେ ଲଗାଯିବ ଓ ଫଟୋ ସହିତ ଆବେଦନପତ୍ର ଉପରେ ସ୍ୱାକ୍ଷର କରାଯିବ।

9.2 ପ୍ରାଧିକୃତ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା ସେମାନଙ୍କ ଜମି ଅଧିଗ୍ରହଣର ସ୍ୱୀକୃତ ପ୍ରମାଣ ସମ୍ବନ୍ଧିତ ନିଜ ସ୍ୱାକ୍ଷରିତ କପି/ପ୍ରମାଣପତ୍ର/ନଥିପତ୍ର

9.3 ଯେଉଁଠାରେ ପ୍ରଯୁଜ୍ୟ ପରୀକ୍ଷା ଫି ବାବଦକୁ ଇଣ୍ଡିଆନ ପୋଷ୍ଟାଲ ଅର୍ଡ଼ର/ଡ଼ିଡ଼ି

9.4 ଜନ୍ମ ତାରିଖ ପ୍ରମାଣପତ୍ର। କେବଳ ଦଶମ ଶ୍ରେଣୀର ପାସ୍/ମେଟ୍ରିକ ପ୍ରମାଣପତ୍ର ଯାହାକୁ ସ୍ୱୀକୃତ ବୋର୍ଡ଼ ଦ୍ୱାରା ଜାରି କରାଯାଇଥିବ ତାହା ଗ୍ରହଣୀୟ ହେବ।

9.5 ଶିକ୍ଷାଗତ / ବୈଷୟିକ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର କପି

9.6. ଏସସି/ଏସଟି/ଓବିସି ବର୍ଗଙ୍କ ପାଇଁ ତାଙ୍କ ଜାତିଗତ ସମ୍ବନ୍ଧିତ ପ୍ରମାଣପତ୍ର। ଓବିସି ପ୍ରାର୍ଥୀମାନେ ନନ୍ କ୍ରିମି ଲେୟର ହୋଇନଥିବା ନିଜସ୍ୱ ଘୋଷଣା ସଂଯୁକ୍ତ କରିବେ।

9.7 ମହିଳା ପ୍ରାର୍ଥୀ ଯେଉଁମାନେ ବିଧବା, ସ୍ୱାମୀ ପରିତ୍ୟକ୍ତା କିମ୍ବା ଆଇନଗତ ବିବାହ ବିଚ୍ଛିନ୍ନା ହୋଇଥିବାରୁ ବୟସ କୋହଳ ପାଇଁ ଚାହୁଁଥିବେ ସେମାନେ ପୁନଃ ବିବାହ କରିନଥିବା ସମ୍ବନ୍ଧରେ ସତ୍ୟପାଠ ସମ୍ବଳିତ ନଥିପତ୍ର ଦାଖଲ କରିବା ଆବଶ୍ୟକ।

9.8 ଭିନ୍ନକ୍ଷମ ପ୍ରାର୍ଥୀଙ୍କ ପାଇଁ ରଖାଯାଇଥିବା କୋଟା ଅଧୀନରେ ଆବେଦନ କରୁଥିବା ପ୍ରାର୍ଥୀ ସେମାନଙ୍କ ଶାରୀରିକ ଭିନ୍ନକ୍ଷମ ପ୍ରମାଣପତ୍ର ଦାଖଲ କରିବେ।

9.9 ଅବସରପ୍ରାପ୍ତ ସାମରିକ କର୍ମଚାରୀ ଏବଂ ଆକ୍ଟ ଆପ୍ରେଂଟିସ୍ କୋର୍ସ ସମାପ୍ତ କରିଥିବା କ୍ଷେତ୍ରରେ ସମ୍ପୃକ୍ତ ନଥିପତ୍ର।

9.10 ଫି ରିହାତି ପାଇବା ପାଇଁ ଅର୍ଥନୈତିକ ପଛୁଆ ଶ୍ରେଣୀ ପ୍ରାର୍ଥୀମାନଙ୍କ ପାଇଁ ଆୟ ପ୍ରମାଣପତ୍ର।

9.11 ଫି ରିହାତି ପାଇବା ପାଇଁ ସଂଖ୍ୟାଲଘୁ ସଂପ୍ରଦାୟର ପ୍ରାର୍ଥୀଙ୍କର ନିଜସ୍ୱ ଘୋଷଣାନାମା।

ମଣ୍ଡଳ ରେଳ ପ୍ରବନ୍ଧକ (ପି)
ପୂର୍ବ ତଟ ରେଳପଥ, ସମ୍ବଲପୁର ଡ଼ିଭିଜନ

## ଅନୁଚ୍ଛେଦ

**(ଦ୍ରଷ୍ଟବ୍ୟ: ବିଜ୍ଞପ୍ତ ନଂ SBP/Land Loser/2019 dt. 22.05.2019)**

6.1 ବେଞ୍ଚମାର୍କ ବିକଳାଙ୍ଗତା: ବିକଳାଙ୍ଗ ବ୍ୟକ୍ତିଙ୍କ ଅଧିକାର (ଆରପିଡବ୍ଲ୍ୟୁବିଡ଼ି) ଅଧିନିୟମ 2016 ଅନୁସାରେ (19 ଏପ୍ରିଲ 2017ଠାରୁ କାର୍ଯ୍ୟକାରୀ) ବିକଳାଙ୍ଗତାର ବେଞ୍ଚମାର୍କ ନିମ୍ନ ପ୍ରକାର:

କ. ଦୃଷ୍ଟିହୀନତା ବା କମ ଦୃଷ୍ଟି

ଖ. ବଧିର ଓ କମ୍ ଶୁଣୁଥିବା

ଗ. ଲୋକୋମୋଟର ଭିନ୍ନକ୍ଷମତା (disability) ସହ ସେରେବ୍ରାଲପାଲସି, କୁଷ୍ଠମୁକ୍ତ (leprosycured), ବାମନ (dwarfism), ଏସିଡ ପୀଡ଼ିତ ଏବଂ ମାଂସପେଶୀ ବିକୃତ

ଘ. ଅଟିଜିମ, ବୌଦ୍ଧିକ ବିକଳାଙ୍ଗତା, ନିର୍ଦ୍ଦିଷ୍ଟ ଶିକ୍ଷାକ୍ଷେତ୍ରରେ ବିକଳାଙ୍ଗତା ଓ ମାନସିକ ସମସ୍ୟା

ଙ. ପ୍ରତ୍ୟେକ ଭିନ୍ନକ୍ଷମତା ପାଇଁ ଚିହ୍ନିତ ପଦବୀ ପାଇଁ ଶ୍ରବଣ-ଦୃଷ୍ଟି ବାଧିତଙ୍କ ସମେତ ଧାରା (କ) ରୁ ଧାରା (ଘ)ଅନ୍ତର୍ଭୁକ୍ତ ବହୁବିଧ ଦିବ୍ୟାଙ୍ଗ

6.2: **ନିର୍ଦ୍ଦିଷ୍ଟ ଭିନ୍ନକ୍ଷମତାର ସଂଜ୍ଞା**

1. **ଶାରୀରିକ ବିକଳାଙ୍ଗତା-**

**କ) ଲୋକୋମୋଟର ଡିଜାବିଲିଟି (ବ୍ୟକ୍ତିଙ୍କର ସ୍ୱୟଂ ଅଥବା କୌଣସି ବସ୍ତୁର ସଂଚାଳନ ସହ ସମ୍ବନ୍ଧୀୟ ବିବିଧ କ୍ରିୟା ସମ୍ପାଦନରେ ଅକ୍ଷମତା ଏବଂ ତଜ୍ଜନୀତ ମାଂସପେଶୀ-ଅସ୍ଥିଗତ ଅଥବା ସ୍ନାୟବିକ ଅଥବା ଉଭୟ ଯନ୍ତ୍ରଣା)**

(କ) କୁଷ୍ଠ ରୋଗରେ ପୀଡ଼ିତ ବ୍ୟକ୍ତି ଯିଏକି ଏହି ରୋଗ ପାଇଁ ଉପଚାରିତ ହୋଇଛନ୍ତି ଏବଂ ଏଥିରେ ପୀଡ଼ିତ ଅଛନ୍ତି।

(i) ହାତ ଓ ପାଦରେ ସମ୍ବେଦନଶୀଳତାର ଅଭାବ ବା ଶରୀରରେ ସମ୍ବେଦନର ଅଭାବ ଏବଂ ଆଖି ଓ ଆଖି ଡ଼ୋଳାରେ ପାରେସିସ୍ ସହ ମାନିଫେଷ୍ଟ ଡ଼ିଫରମିଟି ନଥାଇ

(ii) ମାନିଫେଷ୍ଟ ଡ଼ିଫରମିଟି ଏବଂ ପାରେସିସ୍ କିନ୍ତୁ ତାଙ୍କର ହାତ ଓ ଗୋଡ଼ ସ୍ୱଚ୍ଛନ୍ଦରେ ଚଳପ୍ରଚଳ ହେବା ସହିତ ସ୍ୱାଭାବିକ ଅର୍ଥନୈତିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି।

(iii) ଅତ୍ୟଧିକ ଶାରୀରିକ ଅକ୍ଷମତା ସହିତ ବୟସାଧିକ ହେତୁ ତାଙ୍କ ପାଇଁ କୌଣସି ଲାଭଦାୟକ ପେଷା କରିହେଉନାହିଁ ଏବଂ ବ୍ୟାଖ୍ୟା କୁଷ୍ଠରୋଗ ଉପଚାରିତ ବିଷୟକୁ ଏହା ମଧ୍ୟରେ ଧରାଯିବ।

(ଖ) ସେରେବ୍ରାଲ୍‌ପାଲ୍‌ସି ଅର୍ଥ ହେଉଛି ଏକ ଗ୍ରୁପ୍ ଅଣପ୍ରଗତିମୂଳକ ସ୍ନାୟୁବିକ ଅବସ୍ଥା ଯାହା ଶାରୀରିକ ଚଳନ ବା ମାଂସପେଶୀ ସମନ୍ୱୟ ଅଭାବରୁ ମସ୍ତିଷ୍କର ଗୋଟିଏ କିମ୍ବା ଏକାଧିକ ଅଂଶକୁ ନଷ୍ଟ କରିଦିଏ। ସାଧାରଣତଃ ପୂର୍ବରୁ, ସେହି ସମୟରେ ବା ଜନ୍ମଲାଭର କିଛିଦିନ ପରେ ଦେଖାଦେଇଥାଏ।

(ଗ) ଡ୍ୱାରଫିଜିମ୍ (dwarfism) ଅର୍ଥ ହେଉଛି ଏକ ମେଡ଼ିକାଲ କିମ୍ବା ବଂଶଗତ ଅବସ୍ଥା ଯେଉଁ କାରଣରୁ ଜଣେ ବୟସ୍କ ବ୍ୟକ୍ତିର ଉଚ୍ଚତା 4 ଫୁଟ 10 ଇଂଚ (147 ସେମି) କିମ୍ବା ତାଠାରୁ କମ୍ ହୋଇଥାଏ।

(ଘ) ମାଂସପେଶୀୟ ସମସ୍ୟା ଅର୍ଥ ହେଉଛି କିଛି ବଂଶଗତ କାରକ ହେତୁ ମାଂସପେଶୀ ରୋଗ ଯେଉଁ କାରଣରୁ ମାଂସପେଶୀ ଦୁର୍ବଳ ହୋଇ ମଣିଷର ଶରୀରର ଅଙ୍ଗପ୍ରତ୍ୟଙ୍ଗରେ କିଛି ଅସ୍ୱାଭାବିକତା ରହିଥାଏ ଓ ବ୍ୟକ୍ତିଙ୍କର ବହୁମୁଖୀ ଡ଼େଷ୍ଟ୍ରୋପିଥାଇ ତାହା ତ୍ରୁଟିପୂର୍ଣ୍ଣ ଓ ଇରଜେନ୍‌ରେ ଭୁଲ୍ ସୂଚନା ଦେଖାଦେଇଥାଏ ଯାହାକୁ ପ୍ରୋଟିନ ସେବନ କରି ପ୍ରତିକାରମୂଳକ ମାଂସପେଶୀରେ ସୁସ୍ଥତା ଅଣାଯାଏ। ଏହାକୁ ପ୍ରଗତିଶୀଳ ମାଂସପେଶୀୟ ଦୁର୍ବଳତା ସମସ୍ୟା, ମାଂସପେଶୀର ପ୍ରୋଟିନ ଅଭାବ ଓ ମାଂସପେଶୀ କୋଷିକା ଓ ତନ୍ତୁର ନାଶ ବୋଲି କୁହାଯାଏ।

(ଙ) ଏସିଡ୍ ଆକ୍ରମଣରେ ପୀଡ଼ିତ ଅର୍ଥ ହେଉଛି କୌଣସି ହିଂସାତ୍ମକ କାର୍ଯ୍ୟକଳାପରୁ ବ୍ୟକ୍ତିଙ୍କ ଉପରକୁ ଏସିଡ଼ି ଫିଙ୍ଗିବା ଦ୍ୱାରା ତା ଶରୀରର କ୍ଷୟକ୍ଷତି।

**ଖ) ଦୃଷ୍ଟି ବିକଳାଙ୍ଗତା**

(କ) "ଦୃଷ୍ଟିହୀନତା" ଅର୍ଥ ହେଉଛି ଏକ ଅବସ୍ଥା ଯେତେବେଳେକି ଜଣେ ବ୍ୟକ୍ତି କୌଣସି ପରିସ୍ଥିତିରେ ନିମ୍ନଲିଖିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି –

(1) ସମ୍ପୂର୍ଣ୍ଣ ଦୃଷ୍ଟି ଶକ୍ତି ହରାଇବା କିମ୍ବା

(2) ଦୃଷ୍ଟିଶକ୍ତିର ଆକ୍ୟୁଇଟି 3/60 ରୁ କମିବା କିମ୍ବା ଯଥା ସମ୍ଭବ ସଠିକତା ସହ ଭଲ ଚକ୍ଷୁରେ 10/200 ସ୍ନେଲେନ (Snellen) ରୁ କମିବା କିମ୍ବା

(3) 10 ଡ଼ିଗ୍ରୀ କୋଣରୁ ଥାଇ କୌଣସି କ୍ଷେତ୍ରକୁ ଦେଖିବାରେ ଅସୁବିଧା

(ଖ) "ସ୍ୱଳ୍ପ ଦୃଷ୍ଟି" ଅର୍ଥ ହେଉଛି ଏକ ଅବସ୍ଥା ଯେତେବେଳେକୁ ଜଣେ ବ୍ୟକ୍ତିଠାରେ ନିମ୍ନପ୍ରକାର ଅବସ୍ଥା ରହିଥାଏ

(i) ଦୃଷ୍ଟିଶକ୍ତିର ଆକ୍ୟୁଇଟି 6/18 ରୁ ଅଧିକ ନୁହେଁ କିମ୍ବା 3/60 ପର୍ଯ୍ୟନ୍ତ 20/60 ରୁ କମ୍ କିମ୍ବା ଯଥା ସମ୍ଭବ ସଠିକତା ସହ ଭଲ ଚକ୍ଷୁରେ 10/200 ସ୍ନେଲେନ (Snellen) ପର୍ଯ୍ୟନ୍ତ ରହିଥାଏ

(ii) 10 ଡ଼ିଗ୍ରୀ ପର୍ଯ୍ୟନ୍ତ 40 ଡ଼ିଗ୍ରୀ କମ୍ କୋଣରୁ ଥାଇ କୌଣସି କ୍ଷେତ୍ରକୁ ଦେଖିବାରେ ଅସୁବିଧା

**ଗ) ଶ୍ରବଣ ବିକଳାଙ୍ଗତା**

(i) ବଧୀର ଅର୍ଥ ହେଉଛି ଯେତେବେଳେକି ଜଣେ ବ୍ୟକ୍ତିର କଥା ଶୁଣିବା ଉଭୟ କାନରେ 70 ଡ଼େସିବେଲ୍ ରୁ କମ୍ ରହିଥାଏ।

(ii) ଶୁଣିବାର ଅର୍ଥ ହେଉଛି ଜଣେ ବ୍ୟକ୍ତିର ଉଭୟ କାନରେ ଭାଷା ଶୁଣିବା ଶକ୍ତି 60 ଡ଼େସିବେଲ୍ ରୁ 70 ଡ଼େସିବେଲ୍ ନଷ୍ଟ ହୋଇଥାଏ।

**ଘ. (1) କହିବା ଏବଂ ଭାଷାଗତ ଭିନ୍ନକ୍ଷମତା** ଅର୍ଥ ହେଉଛି ଲାରିଙ୍ଗେକ୍ଟୋମି କିମ୍ବା ଆଫାସିଆ ପ୍ରଭାବ କାରଣରୁ ସୃଷ୍ଟି ହେଉଥିବା ଏକ ସ୍ଥାୟୀ ଭିନ୍ନକ୍ଷମତା ଯେଉଁଥିରେ ଗୋଟିଏ କିମ୍ବା ଏକାଧିକ କହିବା ଓ ଭାଷାଗତ ବ୍ୟବହାରିକ ଅଙ୍ଗ କିମ୍ବା ସ୍ନାୟୁବିକ କାରଣ ପ୍ରଭାବିତ ହୋଇଥାଏ।

(2) **ବୌଦ୍ଧିକ ଭିନ୍ନକ୍ଷମତା,** ଏପରି ଅବସ୍ଥାକୁ ଉଭୟ ବୌଦ୍ଧିକ କାର୍ଯ୍ୟକାରିତା (ତର୍କଶାସ୍ତ୍ର, ଶିକ୍ଷା, ସମସ୍ୟା ସମାଧାନ) ଏବଂ ବ୍ୟବହାରିକ ଆଚରଣ ଗ୍ରହଣ ନହୋଇପାରିବା ବିଷୟ ରହିଥାଏ ଯାହା ପ୍ରତିଦିନର ଆଚରଣ, ସାମାଜିକ ଓ ବ୍ୟାବହାରିକ ଦକ୍ଷତା ସହ ଅନ୍ତର୍ଭୁକ୍ତ ଏଥି ସହିତ

(କ) "ଶିକ୍ଷା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଅକ୍ଷମତା"ର ଅର୍ଥ ହେଉଛି ଏହି ସ୍ଥିତିରେ ବିଷମ ସମସ୍ୟା ଯେଉଁଠାରେ ଭାଷା ପ୍ରକ୍ରିୟାକରଣ, ଲେଖିବା ବା କହିବାରେ ଅଭାବ ଯାହା ନିଜ ପାଇଁ ଏକ ସମସ୍ୟା ହୋଇ ଦେଖାଦେଇଥାଏ ଏଥିରେ କହିବା, ପଢ଼ିବା, ଲେଖିବା, ଉଚ୍ଚାରଣ କରିବା କିମ୍ବା ଗାଣିତିକ ହିସାବ ରଖିବା ଓ ଏଥି ସହିତ ଏହିପରି ଧାରଣାଗତ ଭିନ୍ନକ୍ଷମତା, ଡ଼ାଇସ୍ଲେକ୍ସିଆ, ଡ଼ାଇସ୍‌ଗ୍ରାଫିଆ, ଡ଼ାଇସ୍‌କାଲକୁଲିଆ, ଡ଼ାଇସ୍‌ପ୍ରାକ୍ସିଆ ଓ ବିକଶିତ ଆଫାସିଆ ସମସ୍ୟା ଅନ୍ତର୍ଭୁକ୍ତ।

(ଖ) "ଅଟିଜିମ୍ ସ୍ପେକ୍ଟ୍ରମର ଅନିୟମିତତା"ର ଅର୍ଥ ହେଉଛି ଯାହା ସ୍ନାୟୁବିକ ବିକାଶ ଜନିତ ମାନସିକ ସ୍ଥିତି ସାଧାରଣତଃ ଜୀବନର ପ୍ରଥମ ତିନି ବର୍ଷରେ ଦେଖାଦେଇ ଜଣେ ବ୍ୟକ୍ତିର ଯୋଗାଯୋଗ ଦକ୍ଷତାକୁ ଉଲ୍ଲେଖନୀୟ ଭାବେ ପ୍ରଭାବିତ କରିଥାଏ ଏହା ହସିତ ସମ୍ପର୍କକୁ ବୁଝିବା ଓ ଅନ୍ୟମାନଙ୍କ ସହିତ ସମ୍ପର୍କ ରଖିବାରେ ଅସୁବିଧା କାରକ ହୁଏ ଏବଂ ଅସ୍ୱାଭାବିକ କିମ୍ବା ଷ୍ଟେରିଓ ଟାଇପିକାଲ ରିଚୁଆଲ କିମ୍ବା ବ୍ୟବହାର ସହିତ ବାରମ୍ବାର ଜଡ଼ିତ ରହେ।

(3) **ମାନସିକ ବ୍ୟବହାର** – ମାନସିକ ଅସୁସ୍ଥତା ଅର୍ଥ ହେଉଛି ଭାବନା ଶକ୍ତି, ମନ, ଧାରଣାଶକ୍ତି, ଏକାଗ୍ରତା କିମ୍ବା ସ୍ମରଣ ଶକ୍ତି ଉପରେ ପ୍ରଭାବ ସହିତ ବିଚାରଧାରା, ଆଚରଣ ବାସ୍ତବତାକୁ ଅନୁଭବ କରିବାର କ୍ଷମତା କିମ୍ବା ଦକ୍ଷତାରେ ଅସୁବିଧା କିନ୍ତୁ ଏଥି ସହିତ ମାନସିକ ଅବସାଦ ଜଡ଼ିତ ନୁହେଁ ଯେଉଁଥିରେ ଜଣେ ମଣିଷର ମାନସିକ ବିକାଶ ବାଧାପ୍ରାପ୍ତ କିମ୍ବା ଅସମ୍ପୂର୍ଣ୍ଣ ରହିଥାଏ । ଏହାକୁ ବିଶେଷ ଭାବରେ ବୌଦ୍ଧିକତାର ଉପ ସ୍ୱାଭାବିକତା ସ୍ତର ରୂପେ ଧରାଯାଇପାରେ।

(4) **ଏହି ସବୁ କାରଣ ହେତୁ ଭିନ୍ନକ୍ଷମତା –**

(କ) ଦୀର୍ଘସ୍ଥାୟୀ ସ୍ନାୟୁବିକ ଅବସ୍ଥା ଯଥା

(i) "ମଲ୍ଟିପୁଲ୍ ସେରୋସିସ୍" ଅର୍ଥ ଏକ ଇମ୍ଫ୍ଲମେଣ୍ଟାରୀ, ସ୍ନାୟୁବିକ ପ୍ରଣାଳୀଗତ ରୋଗ ଯେଉଁଥିରେ ମସ୍ତିଷ୍କରେ ଥିବା ସ୍ନାୟୁ କୋଷିକାର ସ୍ତର ଚାରିପଟରେ ମାଏଲିନ୍ ସିଟ୍ ଏବଂ ମେରୁଦଣ୍ଡ କ୍ଷତିଗ୍ରସ୍ତ ହୋଇଥାଏ। ଯେଉଁ କାରଣରୁ ଡ଼ିମାଇଲିନେସନ ଦେଖାଦିଏ ଓ ଏହା ମସ୍ତିଷ୍କ ତଥା ମେରୁଦଣ୍ଡର ସ୍ନାୟୁ କୋଷିକାକୁ ପ୍ରଭାବିତ କରିଥାଏ।

(ii) "ପାର୍କିନସନ୍" ରୋଗ ଅର୍ଥ ହେଉଛି କମ୍ପନ, ମାଂସପେଶୀ ଟାଣିଧରିବା ଓ ଧୀର, ଇମ୍ପ୍ରିସାଇଜ୍ ଚଳନ ଦ୍ୱାରା ସ୍ନାୟୁବିକ ପ୍ରଣାଳୀରେ ଏକ ଦେଖାଦେଉଥିବା ରୋଗ ମୁଖ୍ୟତଃ ଏହା ମଧ୍ୟ ବୟସର ଲୋକମାନଙ୍କୁ ଓ ବୟସାଧିକ ଲୋକମାନଙ୍କୁ ବେଶୀ ପ୍ରଭାବିତ କରିଥାଏ। ଯେଉଁ କାରଣରୁ ମସ୍ତିଷ୍କରେ ସମସ୍ୟା ଓ ନ୍ୟୁରୋଟ୍ରାନ୍ସମିଶନ ଡ଼ୋପାମାଇନର ଅଭାବ ପରିଲକ୍ଷିତ ହୁଏ।

(ଖ) ରକ୍ତ ସମସ୍ୟା –

(i) "ହେମୋଫିଲିଆ" ଅର୍ଥ ହେଉଛି ଏକ ବଂଶଗତ ରୋଗ, ସାଧାରଣତଃ ଏହା ପୁରୁଷମାନଙ୍କୁ ପ୍ରଭାବିତ କରେ କିନ୍ତୁ ମହିଳାମାନଙ୍କ ଦ୍ୱାରା ସେମାନଙ୍କ ପୁତ୍ରସନ୍ତାନମାନଙ୍କୁ ସଂକ୍ରମିତ ହୋଇଥାଏ। ଏହାଦ୍ୱାରା ରକ୍ତ ଜମାଟ ବାନ୍ଧିବାର ସ୍ୱାଭାବିକତାରେ ଅସୁବିଧା କିମ୍ବା କ୍ଷତି ଦେଖାଦିଏ ଯଦ୍ୱାରା ସାଧାରଣ କ୍ଷତ ସ୍ଥାନରୁ ଅଧିକ ରକ୍ତସ୍ରାବ ହୁଏ।

(ii) "ଥାଲାସେମିଆର" ଅର୍ଥ ହେଉଛି ଏହା ଏକ ବଂଶଗତ ସମସ୍ୟା ଯେଉଁଥିରେ ଶରୀରରେ ଉପଯୁକ୍ତ ପରିମାଣର ହିମୋଗ୍ଲୋବିନ ଅଭାବ ପରିଲକ୍ଷିତ ହୁଏ।

(iii) "ସିକିଲ୍ ସେଲ୍" ରୋଗ ଅର୍ଥ ହେଉଛି ଏକ ହିମୋଲାଇଟିକ୍ ସମସ୍ୟା ଯାହା ଦୀର୍ଘସ୍ଥାୟୀ ଆନେମିଆ, ଯନ୍ତ୍ରଣାଦାୟକ ପରିସ୍ଥିତି ଓ ସଂପୃକ୍ତ ଟିସୁ ଓ ଅଙ୍ଗହାନୀ ଯୋଗୁଁ ବିଭିନ୍ନ ପ୍ରକାର ଜଟିଳତା ଦେଖାଦିଏ, ହେମୋଲାଇଟିକ୍ ଲୋହିତ ରକ୍ତ କଣିକାର ସୂକ୍ଷ୍ମ ଝିଲି ଉପରେ ପ୍ରଭାବ ବିସ୍ତାର କରିଥାଏ।

(5) **ବହୁମୁଖୀ ବିକଳାଙ୍ଗତା** (ଉପରୋକ୍ତ ଭିନ୍ନକ୍ଷମତା ଠାରୁ ଏକ ବା ଅଧିକ) ଏଥି ସହିତ ବଧୀର, ଦୃଷ୍ଟିହୀନତା ଯାହାର ଅର୍ଥ ହେଉଛି ଏକ ଅବସ୍ଥା ଯେଉଁଥିରେ ଜଣେ ମଣିଷର ଉଭୟ ଶ୍ରବଣ ଓ ଦୃଷ୍ଟି ବିକଳାଙ୍ଗତା କାରଣରୁ ତାର ଯୋଗାଯୋଗ, ବିକାଶ ଓ ଶିକ୍ଷାଗତ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଥାଏ।

(6) **କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ପ୍ରକାରେ ଅନ୍ୟ କୌଣସି ଶ୍ରେଣୀ**

6.3 **ଭିନ୍ନକ୍ଷମ ପ୍ରମାଣପତ୍ର ଜାରି ପାଇଁ ସଂରକ୍ଷଣ ଓ ଉପଯୁକ୍ତ ପ୍ରାଧିକାରୀଙ୍କ ପାଇଁ ବେଞ୍ଚମାର୍କ ଭିନ୍ନକ୍ଷମତାର ଡ଼ିଗ୍ରୀ :** କେବଳ ସେହି ସବୁ ବ୍ୟକ୍ତିମାନେ ପଦ ନିମନ୍ତେ ଅବସ୍ଥା/ସଂରକ୍ଷଣ ଆଧାରରେ କୋହଳ ପାଇଁ ଯୋଗ୍ୟ ହେବେ ଯେଉଁଥିରେ ତାଙ୍କର ସମ୍ପୃକ୍ତ ବେଞ୍ଚମାର୍କ ଭିନ୍ନକ୍ଷମତାର ପ୍ରତିଶତ 40 ପ୍ରତିଶତରୁ କମ୍ ହୋଇନଥିବ।

6.4 **ଲିପିକଙ୍କ ସହାୟତା :** ଦୃଷ୍ଟିବାଧିତ (ଭିଆଇ) ପ୍ରାର୍ଥୀ ଯେଉଁମାନେ ତାଙ୍କଠାରେ ରହିଥିବା ସେରେବ୍ରାଲ ପାଲ୍‌ସି/ମାଂସପେଶୀୟ ସମସ୍ୟା/ଲୋକୋମୋଟର ଭିନ୍ନକ୍ଷମ ପ୍ରାର୍ଥୀ (ଗୋଟିଏ ବାହୁ)/ବୌଦ୍ଧିକ ଭିନ୍ନକ୍ଷମତା (ଅଟିଜିମ୍/ବିଶେଷ ଶିକ୍ଷା କ୍ଷେତ୍ରରେ ଭିନ୍ନକ୍ଷମତା ଓ ମାନସିକ ଅସୁସ୍ଥତା) ହେତୁ ଜୋରରେ ଲେଖିପାରନ୍ତି ନାହିଁ ସେମାନଙ୍କ ପାଇଁ ତାଙ୍କ ପକ୍ଷରୁ ଉତ୍ତର ଲେଖନ ନିମନ୍ତେ ଲିପିକଙ୍କୁ ଉପଲବ୍ଧ କରାଯାଇପାରେ। ତେବେ ଲିପିକ ନିୟୋଜନ ବିଷୟଟି ନିମ୍ନଲିଖିତ ବ୍ୟବସ୍ଥା ଉପରେ ନିର୍ଭର କରିବ:

ପ୍ରାର୍ଥୀ ତାଙ୍କ ନିଜ ପକ୍ଷରୁ ଲିପିକ ବ୍ୟବସ୍ଥା କରିବେ।

(କ) **ଯେଉଁ ପ୍ରାର୍ଥୀମାନେ ପରୀକ୍ଷାରେ ଭାଗ ନେଉଛନ୍ତି ସେମାନଙ୍କ ପାଇଁ EN ନିମନ୍ତେ ପ୍ରାର୍ଥୀଙ୍କ ପକ୍ଷରୁ ଲିପିକ ବ୍ୟବସ୍ଥା କରାଯିବ ନାହିଁ।** ଜଣେ ଲିପିକ ଅନ୍ୟ କୌଣସି ପ୍ରାର୍ଥୀଙ୍କ ପାଇଁ ଲେଖିପାରିବେ ନାହିଁ। ଲିପିକ ଓ ପ୍ରାର୍ଥୀ ଏଥିପାଇଁ ଏକ ଘୋଷଣାନାମା କରିବେ ଯଦି ଏଥିରେ ଶୃଙ୍ଖଳାଭଙ୍ଗ ହୁଏ ଓ କୌଣସି ସ୍ତରରେ ନିରୂପିତ ହୁଏ ଯେ ଏପରି କରାଯାଉଛି ବୋଲି ତେବେ ଉଭୟ ପ୍ରାର୍ଥୀ ଓ ଲିପିକଙ୍କୁ ଅଯୋଗ୍ୟ ଘୋଷଣା କରାଯିବ।

(ଖ) ଲିପିକ ପାଇଁ ବାଛୁଥିବା ପ୍ରାର୍ଥୀ ତାଙ୍କର ଆବେଦନ ଦାଖଲ ସମୟରେ ଲିପିକଙ୍କ ପାଇଁ ଅତିରିକ୍ତ ବିବରଣୀ ପ୍ରଦାନ କରିବେ ଯଦ୍ୱାରା ଉପଯୁକ୍ତ କର୍ତ୍ତୃପକ୍ଷ ଲିପିକଙ୍କ ପାଇଁ କଲ୍ ଲେଟର ଜାରି କରିବେ ଓ ସେଥିରେ ଉଭୟ ପ୍ରାର୍ଥୀ ଓ ଲିପିକ ସ୍ୱାକ୍ଷର କରିବେ। ଲିପିକ ପରୀକ୍ଷା କେନ୍ଦ୍ରରେ ତାଙ୍କର ଅସଲି ଓ ବୈଧ ପରିଚୟ ପ୍ରମାଣପତ୍ର ଦାଖଲ କରିବେ ଏବଂ ପାସପୋର୍ଟ ସାଇଜ୍ ଫଟୋଗ୍ରାଫ ଆଣିବେ।

(ଗ) ପ୍ରାର୍ଥୀଙ୍କ ସହିତ ଲିପିକଙ୍କ ନିକଟକୁ ପୃଥକ କଲ୍ ଲେଟର ଜାରି କରାଯିବ।

(ଘ) ପରୀକ୍ଷା ସମୟରେ ପ୍ରାର୍ଥୀଙ୍କ ପକ୍ଷରୁ ଲିପିକଙ୍କ ଦ୍ୱାରା କୌଣସି ଅସଦାଚରଣ ପାଇଁ ପ୍ରାର୍ଥୀ ଦାୟୀ ରହିବେ।

(ଙ) ଲିପିକ ପାଇଁ ସହାୟତା ଚାହୁଁଥିବା ପ୍ରାର୍ଥୀଙ୍କୁ ପ୍ରତ୍ୟେକ ପରୀକ୍ଷା ନିର୍ଘଣ୍ଟ ନିମନ୍ତେ 20 ମିନିଟ୍‌ରୁ କମ୍ ସମୟ ଦିଆଯିବ ନାହିଁ।

ଯେଉଁ ପ୍ରାର୍ଥୀ ଲିପିକ ସେବା ସୁବିଧା ପାଇବାକୁ ଚାହୁଁଛନ୍ତି କିନ୍ତୁ ଆବେଦନ ସମୟରେ ଲିପିକଙ୍କ ବିବରଣୀ ସମ୍ପାଦନ କରିନାହାନ୍ତି ସେମାନେ ଲିପିକଙ୍କ ପାଇଁ ରହିଥିବା ନିର୍ଦ୍ଦିଷ୍ଟ ବ୍ୟବସ୍ଥାବଳୀ ପରିପୂରଣ କରି ଆବଶ୍ୟକୀୟ ବିବରଣୀଗୁଡ଼ିକୁ ପ୍ରଦାନ କଲାପରେ ଲିପିକ ସେବା ପାଇପାରିବେ। ବିଧିବଦ୍ଧଭାବେ ରେକର୍ଡ଼ିଂ କାରଣ ଏବଂ ନୂତନ ଲିପିକଙ୍କ ଫଟୋଗ୍ରାଫ ଲଗାଇବା ସହିତ ସମ୍ପୃକ୍ତ ବିବରଣୀ ପୂରଣ କରି ଲିପିକଙ୍କୁ ପରିବର୍ତ୍ତନ କରିବା ପାଇଁ ଅନୁମତି ମିଳିପାରେ।

(ଚ) ଲିପିକ ନିୟୋଜନ କରିବା ସମ୍ବନ୍ଧିତ ବ୍ୟବସ୍ଥାବଳୀ ଉପଯୁକ୍ତ ପ୍ରାଧିକାରୀଙ୍କ ସମୟକୁ ସମୟ କ୍ରମେ ବିଭିନ୍ନ ବ୍ୟବସ୍ଥା ଓ ଆଦେଶ ବିଷୟ ଉପରେ ନିର୍ଭର କରିବ।

6.5 ସମସ୍ତ ଗୋଟିଏ ଚକ୍ଷୁ ପ୍ରାର୍ଥୀ ଏବଂ ଯେଉଁସବୁ ପ୍ରାର୍ଥୀଙ୍କର ଦୃଷ୍ଟି ଶକ୍ତି ଭିନ୍ନକ୍ଷମତାର ଡ଼ିଗ୍ରୀ 40 ପ୍ରତିଶତରୁ କମ୍ ଥିବ ସେମାନଙ୍କୁ ଦୃଷ୍ଟିବାଧିତ ବ୍ୟକ୍ତି ରୂପେ ବିବେଚିତ କରାଯିବ ନାହିଁ ଏବଂ ସେମାନଙ୍କ ପାଇଁ ଲିପିକ ନିୟୋଜନ ବ୍ୟବସ୍ଥା ପ୍ରଯୁଜ୍ୟ ନୁହେଁ।

6.6 ଚୟନିତ ପିଡ଼ବ୍ଲୁବିଡ଼ି ପ୍ରାର୍ଥୀଙ୍କୁ ରେଳବାଇ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ନଥିପତ୍ର ଯାଞ୍ଚ ସମୟରେ ଡ଼ାକ୍ତରୀ ପରୀକ୍ଷା କରାଯିବ ଓ ଯେଉଁମାନେ କେବଳ ଭାରତୀୟ ରେଳବାଇ ମେଡ଼ିକାଲ ମାନୁଆଲ ଓ ଅନ୍ୟାନ୍ୟ ପ୍ରଚଳିତ ବ୍ୟବସ୍ଥା ଅଧୀନରେ ଡ଼ାକ୍ତରମାନଙ୍କ ଦ୍ୱାରା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ସେମାନେ ନିଯୁକ୍ତି ପାଇବାକୁ ଯୋଗ୍ୟ ହେବେ।

6.7 ଯେତେବେଳେକି ପିଡ଼ବ୍ଲୁବିଡ଼ି ପ୍ରାର୍ଥୀଙ୍କ ପାଇଁ ପଦ ସଂରକ୍ଷିତ ରହିଛି ଓ ପିଡ଼ବ୍ଲୁବିଡ଼ି ପାଇଁ ସମ୍ପୂର୍ଣ୍ଣ ପ୍ୟାନେଲ ପ୍ରତ୍ୟେକ ବର୍ଗ ଯଥା ୟୁଆର, ଏସସି, ଏସଟି, ଓବିସି – ଏନସିଏଲ ପାଇଁ ସର୍ବନିମ୍ନ ଯୋଗ୍ୟତା ସୂଚକ ପ୍ରତିଶତ ମାର୍କ ଅନୁସାରେ କରାଯିବ ନାହିଁ। ପିଡ଼ବ୍ଲୁବିଡ଼ି ପ୍ରାର୍ଥୀଙ୍କ ପାଇଁ ଏହି ଗୋଷ୍ଠୀ ନିମନ୍ତେ ସର୍ବନିମ୍ନ ଯୋଗ୍ୟତାସୂଚକ ମାର୍କ 2 ପ୍ରତିଶତ ପର୍ଯ୍ୟନ୍ତ କୋହଳ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି।

**ପୂର୍ବ ତଟ ରେଳପଥ, ସମ୍ବଲପୁର ଡ଼ିଭିଜନରେ 7 ସିପିସି ପେ ମାଟ୍ରିକ୍ସର ଲେଭଲ୍-1 ରେ ବିଭିନ୍ନ ପଦ ବିପକ୍ଷରେ (ସମ୍ବଲପୁର-ତାଳଚେର ରେଲୱେ ଲାଇନ) ପାଇଁ ଜମି ହରାଇଥିବା ପ୍ରାର୍ଥୀଙ୍କ ନିଯୁକ୍ତି**
**ଏମ୍ପ୍ଲୟମେଣ୍ଟ ନୋଟିସ୍ ନଂ. SBP/Land Loser/2019 Dt. 22.05.2019**
**(କେବଳ A4 ସାଇଜ୍ କାଗଜରେ ଆବେଦନ କରାଯିବ)**

ଆରମ୍ଭ ତାରିଖ: **22.05.2019**
ବନ୍ଦ ହେବା ତାରିଖ ଓ ସମୟ: **20.06.2019, 1815 hrs.**

ଏଠାରେ ଆପଣଙ୍କ ବର୍ତ୍ତମାନର ରଙ୍ଗୀନ ପାସପୋର୍ଟ ସାଇଜ୍ ଫଟୋ ଲଗାନ୍ତୁ ଓ ଏହା ଉପରେ ସ୍ୱାକ୍ଷର କରନ୍ତୁ (ପିନ୍ କିମ୍ବା ଷ୍ଟେପଲ୍ କରନ୍ତୁ ନାହିଁ)

| | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|
| 1 | ପ୍ରାର୍ଥୀଙ୍କ ନାମ (ବଡ଼ ଅକ୍ଷରରେ) | | | | | | | | | | | | | | | | |
| 2 | ପିତା/ସ୍ୱାମୀଙ୍କ ନାମ (ବଡ଼ ଅକ୍ଷରରେ) | | | | | | | | | | | | | | | | |
| 3 | ଜନ୍ମ ତାରିଖ : ଦିନ/ମାସ/ବର୍ଷ (ଦଶମ/ମାଟ୍ରିକ ପ୍ରମାଣପତ୍ର ଅନୁଯାୟୀ) | D | D | M | M | Y | Y | Y | Y | 4 | ବର୍ଗ (ଦୟାକରି ଠିକ୍ ମାରନ୍ତୁ) | ୟୁଆର | ଓବିସି | ଏସସି | ଏସଟି | ଇଡ଼ବ୍ଲୁଏସ | |

| | | | |
|---|---|---|---|
| 5 | ରେଳବାଇ ଦ୍ୱାରା ଜମି ଅଧିଗ୍ରହଣ ବିବରଣୀ (ସ୍ୱ-ସତ୍ୟାପିତ ଜମି ଅଧିଗ୍ରହଣ ନଥିପତ୍ର ସଂଲଗ୍ନ କରନ୍ତୁ) | ପ୍ଲଟ ନଂ | ମୌଜା/ଗ୍ରାମ |
| | | ଖାତା ନଂ | ନାମ (ଜମି ମାଲିକ) |

| | | | | | | |
|---|---|---|---|---|---|---|
| 6 | (କ) ଆପଣ ବେଞ୍ଚମାର୍କ ଭିନ୍ନକ୍ଷମ (ପିଡ଼ବ୍ଲୁବିଡ଼ି) ବ୍ୟକ୍ତି ଅଟନ୍ତି କି ? (ଦୟାକରି ଠିକ୍ ମାରନ୍ତୁ) | | VI | LD | HI | MD |
| | (ଖ) ଭିନ୍ନକ୍ଷମର ପ୍ରତିଶତ | | (ଗ) ଯଦି ଲିପିକ ଦରକାର କରୁଥାନ୍ତି (ଦୟାକରି ଠିକ୍ ମାରନ୍ତୁ) ଭିଏଚ/ସେରେବ୍ରାଲପାଲ୍‌ସି ପ୍ରାର୍ଥୀଙ୍କ ପାଇଁ କେବଳ | ହଁ | | ନା |
| 7 | ଆପଣ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅଟନ୍ତି କି ? (ଯଦି ହଁ ନଥିପତ୍ର ସଂଲଗ୍ନ କରନ୍ତୁ) | | | ହଁ | | ନା |

| | | | | | | | | | |
|---|---|---|---|---|---|---|---|---|---|
| 8 | ଲିଙ୍ଗ (ଦୟାକରି ଠିକ୍ ମାରନ୍ତୁ) | ପୁରୁଷ | ମହିଳା | ଉଭୟ ଲିଙ୍ଗ | 9 | ଧର୍ମ | | 10 | ନିକଟତମ ରେଳ ଷ୍ଟେସନ |

11. ଯୋଗାଯୋଗ ଠିକଣା (ବଡ଼ ଅକ୍ଷରରେ)

ପିନ କୋର୍ଡ଼

12. ଦେହରେ ଥିବା ଚିହ୍ନଟ (କଳାଯାଇ / କଟାଚିହ୍ନ/ କ୍ଷତ ଚିହ୍ନ ଇତ୍ୟାଦି)

1.

2.

13. ଶିକ୍ଷାଗତ / ବୈଷୟିକ ଯୋଗ୍ୟତା : ............................................................
(ସମସ୍ତ ଶିକ୍ଷାଗତ / ବୈଷୟିକ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନିଜ ସ୍ୱାକ୍ଷରିତ କପି ସଂଲଗ୍ନ କରନ୍ତୁ)

14. ଫି ପେମେଣ୍ଟ ବିବରଣୀ (ଆଇପିଓ କିମ୍ବା ଡ଼ିଡ଼ି)

| ପୋଷ୍ଟ ଅଫିସ୍/ବ୍ୟାଙ୍କର ନାମ | କ୍ର ନଂ | ତାରିଖ | ପରିମାଣ |
|---|---|---|---|
| | | | |

15. ପ୍ରାର୍ଥୀଙ୍କ ଘୋଷଣା (ବାକ୍ସରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ଆପଣ ନିଜ ହାତରେ ଲେଖନ୍ତୁ):

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ଉପରୋକ୍ତମତେ ପ୍ରଦାନ କରାଯାଇଥିବା ସମସ୍ତ ବିବରଣୀଗୁଡ଼ିକ ମୋର ଜ୍ଞାନ ଓ ବିଶ୍ୱାସମତେ ସତ୍ୟ ଓ ନିର୍ଭୁଲ ଅଟେ। ମୁଁ ମଧ୍ୟ ଘୋଷଣା କରୁଛିଯେ ବିଜ୍ଞାପନ ଅନୁଯାୟୀ ଜମି ହରାଇଥିବା ପ୍ରାର୍ଥୀ ଭାବେ ମୋର ସମସ୍ତ ଯୋଗ୍ୟତାମାନ ପୂରଣ କରୁଅଛି। ମୁଁ ଏହା ଜାଣେଯେ ମୋର ପ୍ରଦାନ କରାଯାଇଥିବା କୌଣସି ସୂଚନା ଯଦି ମିଥ୍ୟା/ଭୁଲ୍ ବୋଲି ପ୍ରମାଣିତ ହୁଏ ତେବେ ମୋର ପ୍ରାର୍ଥିତ୍ୱକୁ ଖାରଜ କରିଦିଆଯିବ ଏବଂ ମୋର ବିରୁଦ୍ଧରେ ମଧ୍ୟ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ବିଜ୍ଞାପନରେ ଦିଆଯାଇଥିବା ନିର୍ଦ୍ଦେଶାବଳୀଗୁଡ଼ିକୁ ମୁଁ ଅନୁପାଳନ କରିବି।

16. ବାମହାତ ବୃଦ୍ଧାଙ୍ଗୁଳି ଟିପଚିହ୍ନ ଛାପ (ଥରେ ଆଙ୍ଗୁଳିରେ କାଳି ଲଗାଇ ତିନୋଟି ଛାପ ଦିଅନ୍ତୁ)

ତାରିଖ:

ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର ରନିଙ୍ଗ୍ ହ୍ୟାଣ୍ଡରେ

PR-93/K/19-20

## ସଂକ୍ଷେପରେ

### ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା
### ୬ ଗିରଫ, ବୋମା, ଖଣ୍ଡା ଜବତ

**ବ୍ରହ୍ମପୁର ଅଫିସ,୨୧।୫:** ବଡବଜାର ପୋଲିସ ଏକ ଡକାୟତ ଗ୍ୟାଙ୍ଗକୁ କାବୁ କରିଛି। ସୋମବାର ଥାନାଧିକାରୀ ପ୍ରଶାନ୍ତ ଭୂପତି ଏବଂ ତାଙ୍କ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଶ୍ରୀକ୍ଷେତ୍ର ବିହାରରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ସହ ଏକତ୍ରିତ ହୋଇଥିବା ୬ ଜଣିଆ ଡକାୟତି ଗ୍ୟାଙ୍ଗକୁ ଧରିଥିଲେ। ସେମାନେ ହେଲେ ଗୋଷାଣୀନୂଆଗାଁ ରାଜୀବନଗରର ଅଜୁ ସାହୁ, କାଲୁଆ ସାହିର ମନୋଜ ସାମନ୍ତରା, ଲାଞ୍ଜିପଲ୍ଲି ଡ଼ିପ ସାହିର ଶିବ ଘଣ୍ଟ, ଅକ୍ଷୟ ନାୟକ, କାଲୁଆ ବାଉରୀ ସାହିର ଜଗନ୍ନାଥ ଦାସ ଓ ଲାଞ୍ଜିପଲ୍ଲିର ଦୀପକ ଚୌହାନ ବୋଲି ପୋଲିସ ସୂଚନା ଦେଇଛି। ଘଟଣାସ୍ଥଳରୁ ୨ଟି ଖଣ୍ଡା, ୪ ବୋମା ଜବତ କରିଛି। ଶ୍ରୀକ୍ଷେତ୍ରବିହାର ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସକୁ ଜେରା ବେଳେ ସେମାନେ କହିଥିବା ନେଇ ଥାନାଧିକାରୀ ଭୂପତି ସୂଚନା ଦେଇଛନ୍ତି। ମାମଲା ନଂ. ୮୪/୧୯ରେ ଗିରଫ ଡକାୟତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

### ■ ପ୍ରକାଶ ପାଇଲା ମାଟ୍ରିକ୍ ପରୀକ୍ଷାଫଳ
# ଗଞ୍ଜାମ ଜିଲାରେ ପାସ୍ ହାର ୭୨ ପ୍ରତିଶତ

**ବ୍ରହ୍ମପୁର ଅଫିସ୍,୨୧।୫**

ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ମଙ୍ଗଳବାର ସକାଳେ ପ୍ରକାଶ ପାଇଛି। ଗଞ୍ଜାମ ଜିଲାରେ ପାସ୍ ହାର ରହିଛି ୭୧.୮୫ ପ୍ରତିଶତ। ଜିଲାର ୨୨୫ ପରୀକ୍ଷା କେନ୍ଦ୍ରରେ ୬୪୧ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମୋଟ ୪୮ହଜାର ୭୭୭ଜଣ ଫର୍ମ ପୂରଣ କରିଥିବା ବେଳେ ୪୭୧ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିଲେ ୪୮ହଜାର ୩୦୬ଜଣ। ପରୀକ୍ଷା ସମୟରେ ଅସାଧୁ ଉପାୟ ଅବଲମ୍ବନ କରି ୧୦ଜଣ ପରୀକ୍ଷାର୍ଥୀଙ୍କୁ ଏମ୍‌ପି କରାଯାଇଥିଲା। ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪ହଜାର ୭୦୩ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୭ହଜାର ୬୫ଜଣ ଛାତ୍ର ଏବଂ ୧୭ହଜାର ୬୩୮ଜଣ ଛାତ୍ରୀ। ସେହିଭଳି ୧୭୦ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହା ରାଜ୍ୟରେ ସର୍ବାଧିକ। ଏ-୨ ଗ୍ରେଡ୍‌ରେ ୧ ହଜାର ୪ଜଣ, ବି-୧ ଗ୍ରେଡ୍‌ରେ ୨୨୩୮, ବି-୨ ଗ୍ରେଡ୍‌ରେ ୩୯୨, ସି ଗ୍ରେଡ୍‌ରେ ୬୫୧୨, ଡି ଗ୍ରେଡ୍‌ରେ ୧୦୧୬୨, ଇ ଗ୍ରେଡ୍‌ରେ ୧୦୬୯୧ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୩ହଜାର ୫୯୩ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ସେହିଭଳି ଚଳିତ ବର୍ଷ ଏକ୍ସ -ରେଗୁଲାର୍‌ରେ ୨୬୨୦ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୫୬୩ଜଣ ପରୀକ୍ଷା ଦେଇଥିବା ବେଳେ ୧୧୨୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରେ ୬୧୦ ଛାତ୍ର ଏବଂ ୫୧୨ଛାତ୍ରୀ ରହିଛନ୍ତି। ଏ-୧ ଗ୍ରେଡ୍ ଜଣେ ପାଇଥିବା ବେଳେ ୪ଜଣ ବି-୨ ଗ୍ରେଡ୍, ୩୫ଜଣ ସି ଗ୍ରେଡ୍, ୨୫୮ଜଣ ଡି ଗ୍ରେଡ୍ ପାଇଛନ୍ତି।


ବ୍ରହ୍ମପୁର ସହରର ଏକ ଇଣ୍ଟରନେଟ୍ କାଫେରେ ପରୀକ୍ଷା ଫଳ ଦେଖିବା ପାଇଁ ଭିଡ଼।

## ପୁଣି ଶତପ୍ରତିଶତ ସଫଳତା ଅର୍ଜନ କଲା ଦୃଷ୍ଟିହୀନ ବିଦ୍ୟାଳୟ

**ବ୍ରହ୍ମପୁର ଅଫିସ୍,୨୧।୫**

ବ୍ରହ୍ମପୁର ସହର ଆମ୍ବପୁଆସ୍ଥିତ ରେଡକ୍ରସ୍ ଦୃଷ୍ଟିହୀନ ବିଦ୍ୟାଳୟ ପୁଣି ଥରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ମଙ୍ଗଳବାର ପ୍ରକାଶ ପାଇଥିବା ଦଶମ ଶ୍ରେଣୀ ପରୀକ୍ଷା ଫଳରେ ବିଦ୍ୟାଳୟର ୧୭ରୁ ୧୭ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ ବି-୧ ଗ୍ରେଡ୍ ପାଇଥିବା ବେଳେ ୧୧ଜଣ ବି-୨ ଗ୍ରେଡ୍ ଏବଂ ୨ଜଣ ସି-ଗ୍ରେଡ୍ ପାଇଥିବା ଅଧ୍ୟକ୍ଷ ନରେଶ ପଟ୍ଟନାୟକଙ୍କଠାରୁ ସୂଚନା ମିଳିଛି। ଚଳିତ ବର୍ଷକୁ ମିଶାଇ ଏହି ବିଦ୍ୟାଳୟ ଗତ ୩୬ବର୍ଷ ହେଲା ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। କେହି ଜଣେ ହେଲେ ଛାତ୍ରୀଛାତ୍ର ଫେଲ୍ ହୋଇନାହାନ୍ତି। ୨୦୧୮ରେ ୧୪ଜଣ ପରୀକ୍ଷା ଦେଇଥିଲେ ସମସ୍ତେ ପାସ୍ କରିଥିଲେ।


ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

## ଘର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ, ୪ ଗିରଫ

**ବ୍ରହ୍ମପୁର ଅଫିସ,୨୧।୫**

ଘରଭଡ଼ାକୁ କେନ୍ଦ୍ରକରି ଘର ମାଲିକଙ୍କୁ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଷାଣୀନୂଆଗାଁ ଅଞ୍ଚଳର ଏକ ଦୃଷ୍ଟିହୀନ ଅନୁଷ୍ଠାନର ମୁଖ୍ୟ ବଦ୍ରିରାଜନଗରର ଭବାନୀ ଶଙ୍କର ପାଢୀ (୪୨), ତାଙ୍କ ଭଣଜା ଦିନେଶ ପଣ୍ଡା (୨୬), ସମ୍ପର୍କୀୟ ଭାଇ ରୋହିତ ପାଢ଼ୀ (୨୩) ଓ ଜଣେ କର୍ମଚାରୀ ଛତ୍ରପୁରର ଅଶୋକ ପୁରୋହିତ (୪୨) ବୋଲି ପୋଲିସ ସୂଚନା ଦେଇଛି। ନଂ. ୫୩/୧୯ରେ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ବିଜିପୁର ତୋଟା ସାହିର ସୁରଜିତ୍ ରଥଙ୍କର ଏକ ଘରକୁ ଭବାନୀ ଭଡ଼ା ସୂତ୍ରରେ ନେଇ ସେଠାରେ ବ୍ୟବସାୟ କରୁଥିଲେ। ଘର ଭଡ଼ା ମିଆଦ ସାରିବା ପରେ ମାଲିକ ଭବାନୀଙ୍କୁ ଘର ଖାଲି କରିବା ପାଇଁ ବାରମ୍ବାର କହିଥିଲେ। ସୋମବାର ରାତିରେ ସେ ଭବାନୀଙ୍କୁ ତୁରନ୍ତ ଘର ଖାଲି କରିବା ପାଇଁ କହିବା ବେଳେ ଭବାନୀ ଓ ତାଙ୍କ ସମ୍ପର୍କୀୟମାନେ ଲୁହାରଡ଼ରେ ସୁରଜିତଙ୍କୁ ମରଣାନ୍ତକ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାର ସୁମିତ୍ କୁମାର ସୋରେନ ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତମାନେ।

### ■ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
# ୨୭ବର୍ଷ ହେଲା ଶତପ୍ରତିଶତ ସଫଳତା

**ବ୍ରହ୍ମପୁର ଅଫିସ,୨୧।୫**

ଦଶମ ଶ୍ରେଣୀ ପରୀକ୍ଷାଫଳରେ ପୁଣିଥରେ ଚମତ୍କାର ପ୍ରଦର୍ଶନ କରିଛି ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର। ଲଗାତର ୨୭ବର୍ଷ ପରି ଏଥର ମଧ୍ୟ ଶତପ୍ରତିଶତ ସଫଳତା ମିଳିଛି। ଚଳିତ ବର୍ଷ ମୋଟ ୨୮୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୬୯ ଜଣ, ୧୦ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୫ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପ୍ରଥମ ସ୍ଥାନରେ ଗାୟତ୍ରୀ ପାଢୀ ମୋଟ ୫୬୯ ମାର୍କ (୯୪.୮୩%), ଦ୍ୱିତୀୟ ସ୍ଥାନରେ ଆଦ୍ୟାଶା ମହାପାତ୍ର ୫୬୩ ମାର୍କ (୯୩.୮୩%), ତୃତୀୟ ସ୍ଥାନରେ ୩ଜଣ ଅଂଶୁମାନ୍ ମହାପାତ୍ର, ନାନକ ଗୌଡ ଏବଂ ପ୍ରଜ୍ଞାସ୍ମିତା ମହାରଣା ୫୫୯ ମାର୍କ (୯୩.୧୭%), ଚତୁର୍ଥ ସ୍ଥାନରେ ସୁଦୀପ୍ତ ପ୍ରସାଦ ବେହେରା ୫୫୭ (୯୨.୮୩%), ପଞ୍ଚମ ସ୍ଥାନରେ ୩ଜଣ ଏ.ତୋଷାରତ ପାତ୍ର, ଜଗଦୀଶ ଦାସ ଏବଂ କେ. ଚନ୍ଦ୍ରଶେଖର ପାତ୍ର ୫୫୬ (୯୨.୬୭%) ଏବଂ ଷଷ୍ଠ ସ୍ଥାନରେ ୨ଜଣ ରୁଦ୍ର ପ୍ରତାପ ପାଢୀ ଏବଂ ଜାହ୍ନବୀ ପ୍ରଧାନ ୫୫୫ (୯୨.୫%) ରହିଛନ୍ତି। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମୋଟ ୨୮୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ଅର୍ଥାତ୍ ୯୦%ରୁ ଉର୍ଦ୍ଧ୍ୱରେ ୫୬ ଜଣ, ଏ-୨ ଗ୍ରେଡରେ ଅର୍ଥାତ୍ ୮୦%ରୁ ଉର୍ଦ୍ଧ୍ୱରେ ୧୨୫ ଜଣ, ବି-୧ ଗ୍ରେଡରେ ଅର୍ଥାତ୍ ୭୦%ରୁ ଉର୍ଦ୍ଧ୍ୱରେ ୬୩ ଜଣ, ବି-୨ ଗ୍ରେଡରେ ଅର୍ଥାତ୍ ୬୦%ରୁ ଉର୍ଦ୍ଧ୍ୱରେ ୨୫ ଜଣ, ସି ଗ୍ରେଡରେ ୧୦ଜଣ ଏବଂ ଡି ଗ୍ରେଡରେ ୫ଜଣ ଉତ୍ତୀର୍ଣ୍ଣ ହୋଇ ପୂର୍ବ ଗୌରବକୁ ବଜାୟ ରଖିଛନ୍ତି।

ସୂଚନାଯୋଗ୍ୟ, ସାରା ରାଜ୍ୟରେ ଉକ୍ତ ବିଦ୍ୟାଳୟର ଏ-୧ ଗ୍ରେଡରେ ସର୍ବାଧିକ ୫୬ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢୀ, ହରିକୃଷ୍ଣ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ତଥା ସମସ୍ତ ଅଭିଭାବକଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଗୁରୁମା, ଗୁରୁଜୀଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

### ଗାୟତ୍ରୀ, ଆଦ୍ୟାଶାଙ୍କ ସ୍ୱପ୍ନ:ଡାକ୍ତର

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୁଇଜଣ ଛାତ୍ରୀ ଗାୟତ୍ରୀ ପାଢୀ ଏବଂ ଆଦ୍ୟାଶା ମହାପାତ୍ରଙ୍କ ସଫଳତାକୁ ନେଇ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। ଗାୟତ୍ରୀ ୯୪.୮୩ ପ୍ରତିଶତ ଅର୍ଥାତ୍ ୫୬୯ ମାର୍କ ରଖିଥିବା ବେଳେ ଆଦ୍ୟାଶା ୯୩.୮୩ ପ୍ରତିଶତ ଅର୍ଥାତ୍ ୫୬୩ମାର୍କ ରଖିଛନ୍ତି। ଉଭୟ ନିଜ ସଫଳତାର ଶ୍ରେୟ ବିଦ୍ୟାଳୟର ଉନ୍ନତ ଶିକ୍ଷା ପ୍ରଣାଳୀ, ଗୁରୁମା, ଗୁରୁଜୀ ଏବଂ ଅଭିଭାବକଙ୍କୁ ଦେଇଛନ୍ତି। ବିଦ୍ୟାଳୟରେ ଯାହା ପଢ଼ାଯାଉଥିଲା, ଘରକୁ ଯିବା ପରେ ପୁଣି ସେଗୁଡ଼ିକ ଅଭ୍ୟାସ କରୁଥିଲୁ। ଫଳରେ ଏହି ସଫଳତା ମିଳିଛି। ଭବିଷ୍ୟତରେ ଡାକ୍ତର ହେବା ପାଇଁ ସ୍ୱପ୍ନ ଦେଖିଥିବା ଉଭୟ ପ୍ରକାଶ କରିଛନ୍ତି।


ପରସ୍ପରକୁ ମିଠା ଖୁଆଉଛନ୍ତି ଆଦ୍ୟାଶା ଏବଂ ଗାୟତ୍ରୀ।

## ଦୁର୍ଘଟଣାରେ ବୃଦ୍ଧା ମୃତ

**ବ୍ରହ୍ମପୁର ଅଫିସ,୨୧।୫**

ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ବୃଦ୍ଧାଙ୍କର ମଙ୍ଗଳବାର ଏମ୍‌କେସିଜିରେ ମୃତ୍ୟୁ ଘଟିଛି। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ମିଳିଥିବା ସୂଚନା ଅନୁସାରେ, ଧରାକୋଟ ଥାନା ନନ୍ଦିଘର ଗ୍ରାମର ଜମ୍ବୁବତୀ ସାହୁ (୬୫) ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ ଟାରେ ଜଗମୋହନପୁର ପଞ୍ଚାୟତ କାର୍ଯ୍ୟାଳୟରୁ ବାର୍ଦ୍ଧକ୍ୟ ଭତ୍ତା ନେଇ ଘରକୁ ଫେରୁଥିବା ବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଫାଣ୍ଡି ପୋଲିସ ସୂଚନା ଦେଇଛି।

### ମା’ ତାରାଦେବୀ ଠାକୁରାଣୀ ଯାତ୍ରା
# ତୃତୀୟ ଦିନରେ ଅସ୍ଥାୟୀ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବ୍ରହ୍ମପୁର ଅଫିସ୍,୨୧।୫**

**ଯାତ୍ରା ମଣ୍ଡପରେ ଦର୍ଶନ କଲେ ଶହ ଶହ ଭକ୍ତ**

ବ୍ରହ୍ମପୁରର ମା’ ତାରାଦେବୀ ଠାକୁରାଣୀ ଯାତ୍ରା ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ପରମ୍ପରା ଅନୁଯାୟୀ ତୃତୀୟ ଦିନରେ ମଧ୍ୟ ମା’ଙ୍କର ବିଶ୍ରାମ ଦିନ ଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ହୋଇଥିବାରୁ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ଦୁଇବର୍ଷ ବ୍ୟବଧାନ ପରେ ମା’ଙ୍କ ଆଗମନ ହୋଇଥିବାରୁ ଅଞ୍ଚଳର ପ୍ରତି ପରିବାର ମଧ୍ୟରେ ଏବେ ଖୁସିର ଲହରୀ ଖେଳିଯାଇଛି। ମା’ ବୁଢୀଠାକୁରାଣୀଙ୍କ ଯାତ୍ରା ଭଳି ମା’ ତାରାଦେବୀ ମଧ୍ୟ ଝିଅ ଭାବେ ବାପ ଘରେ ଅବସ୍ଥାନ କରିଛନ୍ତି। ମା’ ତାରାଦେବୀଙ୍କ ବାପା କୁହାଯାଉଥିବା ଦେଶୀବେହେରା ସାହିର କୁନା ସାବତଙ୍କ ପରିବାରରେ ମଧ୍ୟ ଆନନ୍ଦର ଲହରୀ ଖେଳିଯାଇଛି। ଚଳିତ ବର୍ଷ ମଧ୍ୟ ମା’ ବୁଢୀଠାକୁରାଣୀଙ୍କ ଯାତ୍ରା ପରେ ରବିବାରରୁ ମା’ ତାରାଦେବୀଙ୍କ ଯାତ୍ରା ଆରମ୍ଭ ହୋଇଛି। ଏହାକୁ ନେଇ ଏବେ ଲାଞ୍ଜିପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ରବିବାର ବିଳମ୍ବିତ ରାତିରେ ମା’ ଅସ୍ଥାୟୀ ପୀଠରେ ଅବସ୍ଥାନ କରିଛନ୍ତି। ଗୁରୁବାର ପର୍ଯ୍ୟନ୍ତ ମା’ ଅସ୍ଥାୟୀ ପୀଠରେ ବିଶ୍ରାମ ନେବେ। ମଙ୍ଗଳବାର ଯାତ୍ରାର ତୃତୀୟ ଦିବସରେ ମା’ ବିଶ୍ରାମ ନେଇଥିବା ବେଳେ ଭୋରୁ ରୀତିନୀତି ସହ ପୂଜାର୍ଚ୍ଚନା କରାଯାଇଥିଲା।


ଅସ୍ଥାୟୀ ମଣ୍ଡପରେ ମା’ ତାରାଦେବୀ ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ଚାକର। ଘର ସଫେଇବାଲା। ଅଫିସ୍ ଆସିଷ୍ଟାଣ୍ଟ । କୁନିୟର କୁକ୍। ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ: 9884761210

REQUIRED ELECTRICIAN FOR FACTORY IN HYDERABAD
CONTACT-9393132500

Contact: 9938414918
Bhubaneswar ଅଫିସ୍ ପାଇଁ 10th/above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

URGENTLY REQUIRED
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 9776141333

PART/FULL TIME
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟ ପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ
Contact- 9090909300 7381222430

LALCHAND JEWELLERS
JOB OPENING
1. SALES CONSULTANT : 5 NOS
2. SALES SUPERVISOR : 2 NOS
Minimum Qualification +3 & 2 Yrs Sales Experience. Send Resume at indramani_r@yahoo.com
or Call: 0674-2534625, 2536666

WALK-IN-INTERVIEW
Application for reputed Banks in BBSR, Khordha, Nayagarh, Puri, Cuttack Dist. Post- FOS(M), Telecallers(F).
Min Qualification: +2, Diploma, +3.
Mob: 9337153585/7377122649
Salary: 15k + incentive.
(No charges applicable)
E-mail: jena.associate2018@gmail.com

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately Mob: 8763257042

APPOINTMENT
Required Digital Partner & Digital Leader for a Financial Organisation. Retired persons, Working personnel & freshers also can apply.
Salary: 15000 to 35000 per month.
Send your Resume @ thehubbbsr@gmail.com
Mob: 8895436156

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

Need Sales cum Marketing Staff for Kitchen Appliances/ month 10,000 to 15,000/-. Bhubaneswar and Cuttack. Own Two Wheeler must.
Contact No: 7008206622

କାର ଡ୍ରାଇଭର
(Hondacity & Skoda)
ଭୁବନେଶ୍ୱର ପାଇଁ ଆବଶ୍ୟକ
Contact No: 9861095146
23, Budheswari Colony, BBSR
EICHER-1110 ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର Company ପାଇଁ
Contact No:
7682853402, 7682853404

Urgently Required
• Tourist Car Driver: 5 Nos. (License with heavy badge)
• Private Car Driver: 2 Nos. (Experience with license)
• Front Office Executive: 2 Nos. (Experience in Hotel Management)
Contact: 7749058877
(11 AM to 4 PM)

Requires the following staff (Only Males) Posts:
Business Manager/ Private Secretary-cum-Body Guard: (6 posts), Salary Rs. 5,000 per month. Receptionist-cum-Room Boy, Sweeper, (8 Nos.), Cook for 20 Staff- (1 No.), Salary Rs. 4,000 per month. Note- (12 Hrs duty). Free Boarding and Fooding (All above posts are for only Male).
Contact: HOTEL SOBHA RESIDENCY, Near Madhusudan Law College, Station Bazar, Cuttack. Mob: 9338935949

ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ 3 ଷ୍ଟାର୍ ହୋଟେଲ ନିମ୍ନଲିଖିତ ପଦବୀ ପାଇଁ କର୍ମଚାରୀ ଆବଶ୍ୟକ କରୁଛି:-
* ସେଫ୍, * F&b ମ୍ୟାନେଜର, * ପ୍ୟାଣ୍ଟ୍ରି କୁକ୍, * ଇଣ୍ଡିଆନ୍ କୁକ୍ (ସିଡିପି, କମିସ୍-I, କମିସ୍-II), * ଚାଇନିଜ୍ କୁକ୍ (ସିଡିପି, କମିସ୍-I, କମିସ୍-II), * ସିକ୍ୟୁରିଟି ଗାର୍ଡ, * ପ୍ଲମ୍ବର, * ଫ୍ରଣ୍ଟ ଅଫିସ୍ ଏକ୍ଜିକ୍ୟୁଟିଭ୍, * ହାଉସ୍‌କିପିଂ ସୁପରଭାଇଜର, * ହାଉସ୍‌ମ୍ୟାନ୍, * ସୁଇପର୍, * ରୁମ୍ ବଏ, * ଷ୍ଟିୱାର୍ଡ, * କ୍ୟାପ୍ଟେନ୍, * ରୁମ୍ ସର୍ଭିସ୍ ଅର୍ଡର ଟେକର୍ ।
ପ୍ରାର୍ଥୀଙ୍କର ଷ୍ଟାର୍ ଶ୍ରେଣୀର ହୋଟେଲରେ ଅନ୍ୟୁନ ୩-୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ପାରିଶ୍ରମିକ ପ୍ୟାକେଜ୍ ଦିଆଯିବ।
ଯୋଗାଯୋଗ କରନ୍ତୁ
7381042109/ 8093088105

ଆବଶ୍ୟକ
ତାମିଲନାଡୁ କୋଏମ୍ବାଟୁରର ଏକ ଅଗ୍ରଣୀ ଟେଲିକମ୍ କମ୍ପାନୀ ଆବଶ୍ୟକ କରୁଛି
ଟେଲିକମ୍ ଇଞ୍ଜିନିୟର
ଯୋଗ୍ୟତା: ବିଇ, ଡିପ୍ଲୋମା ଆଇଟିଆଇ ଯଦି ଥାଏ ସେଲ୍‌ଫୋନ୍ ଟାୱାର୍ ଉପକରଣ ସ୍ଥାପନ କରୁଥିବା ଦଳ ସହ କାମ କରିବାକୁ ପଡ଼ିବ। ମାଗଣା ରହିବା ସୁବିଧା, ଟିଏ ଏବଂ ଫୋନ୍ ବିଲ୍ ଦିଆଯିବ।
81100 00527

Experience restaurant staff required

| | | |
|---|---|---|
| Cashier | - 2nos | (8-10k) |
| Captain | - 4nos | (10-12k) |
| Waiter | - 8nos | (8k) |
| Housekeeping | - 8nos | (6k) |
| Kitchen helper | - 4nos | (8k) |
| Odia cook | - 2nos | |
| Indian cook | - 2nos | |
| Manager | - 2nos | |

Salary negotiable, fooding & accommodation includes
Contact : 9090880077 06742548980

MOST URGENT
WALK-IN INTERVIEW
JOBS IN TECHNO GREEN PVC PVT LTD., BHUBANESWAR.
Techno Green PVC Pvt. Ltd., Bhubaneswar require candidates for following vacancy.
Job Details
(1) Post : Auto Cad Designer; Eligibility (Graduate) : She will know thoroughly about AUTO CARD software, Microsoft (Word/Excel sheet), Ladies staff only. And having knowledge of internet,
(2) Marketing Staff (5nos) Graduate having knowledge of UPVC/PVC windows (two wheeler must)
How To Apply
Eligible and interested candidates should apply to the given mail id immediately
Email : accounts@technopvc.com, info@technopvc.com
Address : Techno Green PVC Pvt. Ltd. 71/A Mancheswar Industrial Estate, Bhubaneswar, Odisha
Mobile : 9937508963, 9437462482

ନୋଟିସ
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ୍ୱ
ଦରମା - ୭୦୦୦/- ରୁ ୩୫୦୦୦/-
9777639313

GURUKUL INTERNATIONAL PUBLIC SCHOOL
Goods Shed Road, Lanjipalli, Berhampur - 760008
Contact: 9937885234, 9238344566, 8280022037, 8117986802
REQUIRES TGT AND PGT
For all Subjects Nursery to Std. 10th
(Day Scholar, Day Boarding and Residential)
Walk-in-Interview on 02.06.2019 (Sunday) in between 10.00 A.M. to 2.00 P.M.
Eligibility: B.Ed. Compulsory, OTET/CTET/STET preferable
Salary: As per Govt. norms + PF

## ସଂକ୍ଷେପରେ

### ଶତାବ୍ଦୀ ଗଞ୍ଜାମ ବ୍ଲକ ମାଟ୍ରିକ ଟପ୍ପର



**ଗଞ୍ଜାମ,୨୧।୫ (ଡି.ଏନ.ଏ.):** ଗଞ୍ଜାମ ବ୍ଲକ ପୋଇରାଶି ପଞ୍ଚାୟତ ବିରୁଳି କାଇଁଚପୁର ଗ୍ରାମର ଶତାବ୍ଦୀ ପ୍ରିୟଦର୍ଶିନୀ ବେହେରା ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ଟପ୍ପର ହୋଇଛନ୍ତି। ମୋଟ ୬୦୦ ନମ୍ବରରୁ ସେ ୫୬୦ ରଖି ଏହି ସଫଳତା ହାସଲ କରିଛନ୍ତି। ବ୍ରହ୍ମପୁର ନୀଳକଣ୍ଠ ନଗର ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଶତାବ୍ଦୀ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିବା ଯୋଗାଯୋଗ ବେଳେ ସୂଚନା ଦେଇଛନ୍ତି। ସଫଳତା ପାଇଁ ଗୁରୁମା, ଗୁରୁଜୀ ଏବଂ ମା'ବାପାଙ୍କୁ ଶ୍ରେୟ ଦେଇଛନ୍ତି ଶତାବ୍ଦୀ। ସେ ମଧ ଅକ୍ଳାନ୍ତ ପରିଶ୍ରମ କରିଥିବା କହିଛନ୍ତି। ଝିଅର ସଫଳତା ପାଇଁ ଶତାବ୍ଦୀଙ୍କ ବାପା ମାନସ ଓ ମା' ମମତା ସ୍କୁଲ କର୍ତ୍ତୃପକ୍ଷଙ୍କୁ ଶ୍ରେୟ ଦେଇଛନ୍ତି।

### ମୟଙ୍କ ବୁଗୁଡ଼ା ଟପ୍ପର



**ବୁଗୁଡ଼ା,୨୧।୫ (ଡି.ଏନ.ଏ.):** ୨୦୧୯ର ମାଟ୍ରିକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶିତ ହୋଇଛି। ବୁଗୁଡ଼ା ପିପୁଲ୍ଲି ହାଇସ୍କୁଲର ଛାତ୍ର ମୟଙ୍କ ଦାଶ ୨୦୧୯ ମାଟ୍ରିକ ପରୀକ୍ଷାରେ ମୋଟ ୬୦୦ ନମ୍ବରରୁ ୫୪୬ ନମ୍ବର ରଖି ବୁଗୁଡ଼ା ବ୍ଲକରେ ଟପ୍ପର ହୋଇଛନ୍ତି। ଏଥିସହିତ ବୁଗୁଡ଼ା ପିପୁଲ୍ଲି ହାଇସ୍କୁଲର ଛାତ୍ର କାର୍ତ୍ତିକ ପାଢ଼ୀ ୫୪୦ ନମ୍ବର ରଖି ଦ୍ୱିତୀୟ ସ୍ଥାନ ପାଇଛନ୍ତି। ମୟଙ୍କ ବ୍ଲକରେ ଟପ୍ପର ହୋଇଥିବାରୁ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଓ ଛାତ୍ରମାନଙ୍କ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି।

### ଅମନ୍ ବ୍ଲକ ଟପ୍ପର

**ହିଞ୍ଜିଳିକାଟୁ,୨୧।୫(ଡି.ଏନ୍.ଏ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପରେ ଫଳାଫଳକୁ ନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପାସହାର କମ ରହିଥିବାରୁ ବହୁ ଅଭିଭାବକ ମୂଲ୍ୟାୟନ ନେଇ ପ୍ରଶ୍ନ ଉଠାଇଛନ୍ତି। ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ସ୍କୁଲର କେତେଜଣ ଛାତ୍ରୀଛାତ୍ର ଆଶା କରିଥିବା ମାର୍କଠାରୁ ସବଜେକ୍ଟିଭ ପେପର ଗୁଡିକରେ ଯଥେଷ୍ଟ କମ ନମ୍ବର ରହିଛି। ତେବେ ଗତବର୍ଷ ବ୍ଲକ ଓ ପୌରାଞ୍ଚଳରେ ଏ-୧ ଗ୍ରେଡରେ କେହି ପାସ୍ କରିନଥିବାବେଳେ ଚଳିତ ବର୍ଷ ବହୁ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅମନ କୁମାର ପାଣିଗ୍ରାହି ବ୍ଲକ ଓ ପୌରାଞ୍ଚଳରେ ସର୍ବୋଚ୍ଚ ୫୬୮ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହି ସ୍କୁଲର ଶତ ପ୍ରତିଶତ ପାସ ହାର ଥିବାବେଳେ ଏ-୧ ଗ୍ରେଡରେ ୭ଜଣ, ଏ-୨ରେ ୨୩ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହିଞ୍ଜିଳିକାଟୁର ଛାତ୍ରୀ ଶୁଭଦା ଷଡଙ୍ଗୀ ୯୨ ପ୍ରତିଶତ ମାର୍କ ରଖି ଏ-୧ରେ ପାସ୍ ହୋଇଥିବାବେଳେ ସେହି ସ୍କୁଲରେ ୮ଜଣ ଛାତ୍ରୀ ଏ-୨ ଗ୍ରେଡରେ ପାସ୍ କରିଛନ୍ତି। ବ୍ଲକର ବିଭିନ୍ନ ସ୍କୁଲରେ ଚଳିତ ବର୍ଷ ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସହାର ଅଧିକ ରହିଛି।

■ କନ୍ଧମାଳରେ ମାଟ୍ରିକ ଫଳ ନୈରାଶ୍ୟଜନକ

# ପାସ୍ ହାର ୫୭.୮ ପ୍ରତିଶତ

**ଫୁଲବାଣୀ ଅଫିସ, ୨୧।୫**

ମଙ୍ଗଳବାର ମାଟ୍ରିକ ଫଳ ପ୍ରକାଶ ପାଇଛି। କନ୍ଧମାଳ ଜିଲାରେ ଏଥର ପାସ୍ ହାର ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ଗତ ବର୍ଷଠାରୁ ପାସ୍ ହାର ତଳକୁ ଖସିଛି। ଚଳିତ ବର୍ଷ ମାତ୍ର ୫୭.୮ ପ୍ରତିଶତ ହୋଇଛି। ଗ୍ରେଡେଶନରେ ଏ୧ରେ ମାତ୍ର ୨ ଜଣ ରହିଛନ୍ତି। ଫଳାଫଳରୁ ଶିକ୍ଷକମାନଙ୍କ ପାଠପଢ଼ାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗତ ବର୍ଷ ପାସ୍ ହାର ୭୨.୭୭ ପ୍ରତିଶତ ଥିବା ବେଳେ ଏ୧ ଗ୍ରେଡରେ ୧୨ ଜଣ ପାସ୍ କରିଥିଲେ। ଏହି ଫଳାଫଳ ପ୍ରକାଶ ପାଇବା ପରେ ଶିକ୍ଷକମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି।

### ଶିକ୍ଷାଦାନକୁ ନେଇ ଅସନ୍ତୋଷ


ଚଳିତବର୍ଷ ଜିଲାରେ ମୋଟ ୨୦୨ ସ୍କୁଲର ଛାତ୍ରୀଛାତ୍ରମାନେ ୬୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ୧୦ ହଜାର ୧୬୧ ପରୀକ୍ଷାର୍ଥି ଥିଲେ। କପି କରି ୩୦ ଜଣ ଧରାପଡିବା ପରେ ମୋଟ ୧୦ ହଜାର ୧୩୧ ଜଣ ପରୀକ୍ଷାର୍ଥୀ ରହିଥିଲେ। ସେମାନଙ୍କ ମଧ୍ୟରୁ ୩୩୪୭ ଛାତ୍ରୀ ଓ ୨୫୦୯ ଜଣ ଛାତ୍ର କୃତକାର୍ଯ୍ୟ ହୋଇଥିବା ବେଳେ ବାକି ୪୨୭୫ ଜଣ ଫେଲ ହୋଇଛନ୍ତି। ଏ୧ରେ ବାଲିଗୁଡା ଶିଶୁ ମନ୍ଦିରର ଭରତ ପାଣିଗ୍ରାହୀ ୫୪୧ ଓ ଜି.ଉଦୟଗିରି ବାଲ୍ ଗଙ୍ଗାଧର ତିଳକ ହାଇସ୍କୁଲର ସାହିଲ କୁମାର ପଣ୍ଡା ୫୪୦ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏ୨ରେ ୪୧, ବି୧ରେ ୧୩୨, ବି୨ରେ ୩୬୩, ସିରେ ୯୫୨, ଡିରେ ୨୦୦୯ ଓ ଇ ଗ୍ରେଡରେ ୨୩୫୭ ଜଣ ପାସ୍ କରିଛନ୍ତି।

### ଜିଲାରେ ଭରତ ପ୍ରଥମ ସାହିଲ ଦ୍ୱିତୀୟ

**ବାଲିଗୁଡା/ଜି.ଉଦୟଗିରି ୨୧।୫(ଡି.ଏନ୍.ଏ.)**



ଭରତ ପାଣିଗ୍ରାହୀ



ସାହିଲ କୁମାର ପଣ୍ଡା

ଚଳିତ ମାଟ୍ରିକ ପରୀକ୍ଷାରେ କନ୍ଧମାଳ ଜିଲା ବାଲିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଭରତ ପାଣିଗ୍ରାହୀ ୫୪୧ ନମ୍ବର ରଖି ଜିଲା ଟପ୍ପର ହୋଇଥିବାବେଳେ ଜି.ଉଦୟଗିରି ସହର ବରାଳିନୀସାହିର ସାହିଲ କୁମାର ପଣ୍ଡା ୫୪୦ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ବାଲ ଗଙ୍ଗାଧର ତିଳକ ହାଇସ୍କୁଲ ରୁଦାଙ୍ଗିଆର ଛାତ୍ର।

ଭରତ ପାଣିଗ୍ରାହୀ କହିଛନ୍ତି ଯେ, ସେ ଦିନକୁ ୧୫ରୁ ୧୭ ଘଣ୍ଟା ପରିଶ୍ରମ କରୁଥିଲେ। ଯୁକ୍ତଦୁଇ ବିଜ୍ଞାନ ପଢିବା ସହ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବାକୁ ଆଶା ଅଛି ବୋଲି ଭରତ କହିଛନ୍ତି। ମୋ ସଫଳତା ପଛରେ ଗୁରୁଜୀ, ଗୁରୁମା ଏବଂ ମୋ ମା' ବାପାଙ୍କ ଆଶୀର୍ବାଦ ରହିଛି ବୋଲି କହିଥିଲେ। ଭରତଙ୍କ ବାପା ଭାସ୍କର ପାଣିଗ୍ରାହୀ ଜଣେ ଅବସରପ୍ରାପ୍ତ ସେନାକର୍ମଚାରୀ।

ସାହିଲ ଜି.ଉଦୟଗିରି ସହରର ଲୁଗା ବ୍ୟବସାୟୀ କାଳୁ ଚରଣ ପଣ୍ଡାଙ୍କ ତୃତୀୟ ସନ୍ତାନ। ସାହିଲ ତାଙ୍କ କୃତୀତ୍ୱର ଶ୍ରେୟ ବାପା ମା' ଓ ପରିବାରର ସମସ୍ତ ଗୁରୁଜନ ଏବଂ ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ରଜନୀକାନ୍ତ ବେହେରା, ବାଲ ଗଙ୍ଗାଧର ହାଇସ୍କୁଲ ରୁଦାଙ୍ଗିଆର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ଓ ଜି.ଉଦୟଗିରି କୋଚିଂ ସେଣ୍ଟରର ଶିକ୍ଷକମାନଙ୍କୁ ଦେଇଛନ୍ତି। ଦିନକୁ ୮ରୁ ୯ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି ସେ କହିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଆଶା ରଖିଥିବା ସାହିଲ କହିଛନ୍ତି। ସେହିପରି ଜି.ଉଦୟଗିରି ହବାକ ହାଇସ୍କୁଲର ଛାତ୍ର ଆଶୁତୋଷ ପାଣିଗ୍ରାହୀ ସମୁଦାୟ ୪୯୩ (ଏ-୨) ଶତକଡ଼ା ୮୨ ଭାଗ ନମ୍ବର ରଖି ହବାକ ହାଇସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଶୁତୋଷ ଇଞ୍ଜିନିୟର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ଘରୋଇ ସ୍କୁଲରେ ପାସ୍ ହାର ଅଧିକ

**ଆସିକା,୨୧।୫ (ଡି.ଏନ୍.ଏ.)**

ଆସିକାରେ ସରକାରୀ ବିଦ୍ୟାଳୟ ଅପେକ୍ଷା ଘରୋଇ ବିଦ୍ୟାଳୟର ମାଟ୍ରିକ ସଫଳତା ହାର ଆଗରେ ରହିଛି। ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ କୁସୁମ ପ୍ରିୟା ବେହେରା ୯୩% ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଶାନ୍ତନୁ କୁମାର ବାରିକ ୯୧.୩୩ % ରଖି ଦ୍ୱିତୀୟ, ଦୀପ୍ତିରାଣୀ ପଣ୍ଡା ୯୦.୬୭% ନମ୍ବର ରଖି ତୃତୀୟ ଓ ରାମେଶ୍ୱର ରେଢ୍ଡୀ ୯୦.୩୩ % ରଖି ଚତୁର୍ଥ ସ୍ଥାନରେ ରହିଛନ୍ତି। ଏହି ବିଦ୍ୟାଳୟର ମୋଟ ୧୪୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୬ ଜଣ ବିଭିନ୍ନ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଆସିକା ହରିହର ହାଇସ୍କୁଲର ସମୁଦାୟ ୭୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ର ଅରବିନ୍ଦ ପାଢ଼ୀ ୭୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସମୁଦାୟ ୯୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି ବିଦ୍ୟାଳୟର ଲୋପାମୁଦ୍ରା ସାସମଲ ୮୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିଭଳି ଏନ୍ଏସି ହାଇସ୍କୁଲର ୬୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଉକ୍ତ ବିଦ୍ୟାଳୟର ସ୍ୱାଧୀନ ସାହୁ ୮୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଟେକ୍ନିକାଲ ହାଇସ୍କୁଲର ସମୁଦାୟ ୨୧୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ର ଆଶୁତୋଷ ସ୍ୱାଇଁ ୯୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

### ଆସିକା

### ବେଗୁନିଆପଡ଼ାରେ ପାସ୍ ହାର ୭୧.୪୮ ପ୍ରତିଶତ

**ବେଗୁନିଆପଡା, ୨୧।୫(ଡି.ଏନ୍.ଏ.)**

ସାରା ରାଜ୍ୟରେ ମଙ୍ଗଳବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ବେଗୁନିଆପଡ଼ା ବ୍ଲକରେ ୭୧. ୪୮ ପ୍ରତିଶତ ପାସ୍ ହାର ରହିଛି। ଚଳିତ ବର୍ଷ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପ୍ରଦର୍ଶନ ଭଲ ରହିଛି। ବ୍ଲକର ୧୦ କେନ୍ଦ୍ରରେ ୧୯୬୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୪୦୪ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ରେ କେହି ପାସ ହୋଇ ନ ଥିବାବେଳେ ଏ-୨ରେ ୧୪ ଜଣ ପାସ୍ ହୋଇଛନ୍ତି। ବ୍ଲକର ମର୍ଦ୍ଦମେଖର ରାଜେଶ ପଣ୍ଡା ୫୨୪ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି।

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY
NOTICE INVITING TENDERS
Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :
1-NIT No. OMC-5014
Name of the work : Zero Level Materials and bath Sow Mould Shifting from Pot Line.
2-NIT No. OMC-5015
Name of the work : Repair of Pot Superstructure in Potline & Fabrication & Erection of Pot Superstructure Roof & Hood Similar to Potline-III.
3-NIT No. OMC-5017
Name of the work : Assistance in Store Related Activities in Central Store.
For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in
DGM (Mech.)-T&C

## ଗୁପ୍ତେନ୍ଦୁ ଦିଗପହଣ୍ଡି ବ୍ଲକ ଟପ୍ପର

**ଦିଗପହଣ୍ଡି,୨୧।୫(ଡି.ଏନ.ଏ.)**

ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲରେ ଚଳିତବର୍ଷ ସମୁଦାୟ ୭୧ ଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିରୁ ୩୮ଜଣ ଉତ୍ତୀର୍ଣ୍ଣ ହୋଇଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଉଦ୍‌ଗାତା ଜଣାଇଛନ୍ତି।

ସେହିପରି ଦିଗପହଣ୍ଡି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ୧୨୨ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ୨ଜଣ ଏ-୨ ଗ୍ରେଡ୍ ମାର୍କ ହାସଲ କରିଛନ୍ତି। ବି-୧ ଗ୍ରେଡ୍‌ରେ ୦୫, ବି-୨ରେ ୧୯ଜଣ ପାସ୍ କରିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ଦାସ କହିଛନ୍ତି।

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୪୮ ଛାତ୍ରୀ ଓ ୬୮ ଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସମୁଦାୟ ୧୧୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨, ଦ୍ୱିତୀୟ ଶ୍ରେଣୀରେ ୩୬ ଏବଂ ୬୮ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।



ଗୁପ୍ତେନ୍ଦୁ ମୋହନ।

ଗୁପ୍ତେନ୍ଦୁ ମୋହନ ସାହୁ ସର୍ବାଧିକ ୫୬୨ ମାର୍କ (୯୩.୦୮%) ହାସଲ କରି ବ୍ଲକରେ ଟପ୍ପର ହୋଇଥିବା ବେଳେ ୨ୟ ସ୍ଥାନରେ ଶୁଭମ ମିଶ୍ର ୫୫୯ (୯୩.୦୧%) ଏବଂ ସ୍ମୃତିଶିଖା ଦାସ ୫୫୬ (୯୨.୦୬%) ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପରୀକ୍ଷାରେ ସମୁଦାୟ ୧୧୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨ ଜଣ ଏ-୧ ଗ୍ରେଡ ହାସଲ କରିଥିବା ବେଳେ ଏ-୨ ଗ୍ରେଡରେ ୩୬, ବି-୧ ଗ୍ରେଡରେ ୩୪, ବି-୨ ଗ୍ରେଡରେ ୨୭ ଏବଂ ସି-ଗ୍ରେଡରେ ୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏ-୧ ଗ୍ରେଡ୍ ୭ ଜଣ


**କବିସୂର୍ଯ୍ୟନଗର,୨୧।୫:** କବିସୂର୍ଯ୍ୟନଗରର ବଡ଼ଚଢ଼ିଆପଡ଼ା ହାଇସ୍କୁଲ, କବିସୂର୍ଯ୍ୟ ବିଦ୍ୟାପୀଠ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମାଟ୍ରିକ ଫଳାଫଳ ଶତ ପ୍ରତିଶତ ହୋଇଛି। ବ୍ରାହ୍ମଣଦେବୀ ହିଣ୍ଡଳ ହାଇସ୍କୁଲ ୯୯ ପ୍ରତିଶତ, ବାଲ୍ୟସରା ହାଇସ୍କୁଲ ୯୫ ପ୍ରତିଶତ ଓ ବାଉଁଶିଆ ପଞ୍ଚାୟତ ହାଇସ୍କୁଲ ୮୭ ପ୍ରତିଶତ ରଖିଛନ୍ତି। କବିସୂର୍ଯ୍ୟନଗର ଏନ୍ଏସିର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସର୍ବାଧିକ ଏ-୧ ଗ୍ରେଡ୍‌ରେ ୭ ଜଣ, ଏ-୨ରେ ୩୬, ବି-୧ରେ ୩୮, ବି-୨ରେ ୨୨, ସିରେ ୧୧, ଡିରେ ୧ ଓ ଇ ଗ୍ରେଡରେ ଜଣେ ଏପରି ୧୧୬ ଜଣ ପରୀକ୍ଷାର୍ଥୀ ସମସ୍ତେ ପାସ୍ କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଇପ୍‌ସିତା ନାୟକ ୫୫୪ ମାର୍କ, ଅଭିପସ୍ ବେହେରୁକ୍ ୫୫୦, ଭବାନୀ ପ୍ରିୟଦର୍ଶିନୀ ପାତ୍ର ୫୪୭, ରେଶମା ଭୂୟାଁ ୫୪୩, ଅଞ୍ଜଳୀ ପୋଲାଇ ୫୪୨, ମାତୃପ୍ରସାଦ ଆଚାରୀ ୫୪୦, ଶିବାନୀ ଦଳାଇ ୫୪୦ ମାର୍କ ଏ-୧ ଗ୍ରେଡ୍ ରଖିଥିବା ବେଳେ ଅନ୍ୟ କୌଣସି ସରକାରୀ ହାଇସ୍କୁଲରେ ଏ-୧ ଗ୍ରେଡ୍ ପାଇ ନ ଥିବା ବିଇଓ ନିରଞ୍ଜନ ମିଶ୍ର କହିଛନ୍ତି।

## ଶେରଗଡ଼: ସମାପିକା ବ୍ଲକ ଟପ୍ପର

**ଶେରଗଡ଼,୨୧।୫(ଡି.ଏନ.ଏ.):** ଶେରଗଡ଼ ବ୍ଲକରେ ଚଳିତ ମାଟ୍ରିକ ପରୀକ୍ଷାରେ ୭୧ ପ୍ରତିଶତ ପାସ୍ ହାର ରହିଛି। ଶ୍ରୀପଦ ମଞ୍ଜରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସମାପିକା ରାଉତ ୬୦୦ରୁ ୫୪୦ ମାର୍କ ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ବ୍ଲକର ୨୬ ଉଚ୍ଚ ବିଦ୍ୟାଳୟରେ ମୋଟ ୧୮୨୦ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିରୁ ୧୨୮୯ ଜଣ ପାସ୍ କରିଛନ୍ତି। ତେଣୁ ଏହି ଫଳାଫଳ ଆଶାଜନକ ନୁହେଁ ବୋଲି ବ୍ଲକର ଜନସାଧାରଣ କହିଛନ୍ତି। ସରକାର ଓ ଶିକ୍ଷା ବିଭାଗ ପକ୍ଷରୁ ପାଠ ପଢ଼ା ପ୍ରତି ଧ୍ୟାନ ଦିଆଯାଉ ବୋଲି ସାଧାରଣରେ ଅଭିଯୋଗ ହୋଉଛି। ଶିକ୍ଷକ ନିରାକାର ରାଉତଙ୍କ ଝିଅ ସମାପିକା ବୋଲି ଜଣାପଡ଼ିଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the DGM, E.H.T. (O&M) Division, Balasore, Dist: Balasore-19. CIN: U40102OR2004SGC007553
NOTICE INVITING TENDER - 01/2019-20
Sealed tenders in duplicate are invited from intending Bidders having (i) valid dealership/License with PAN, GST for Refilling of Fire Extinguishers at Grid S/S, Balasore/Soro/Basta/Jaleswar/Somanthpur/Bhograi. (ii) PAN, GST for Supply, fabrication & fixing of MS Chequred plate at Grid S/S, Balasore /Jaleswar/Soro.
Cost of Tender Paper : Rs. 672/- for Item-I & Rs. 2240/- for Item-II, EMD : @1% of the quoted price including GST for each tender is to be submitted in shape of DD drawn in favour of DGM, EHT (O&M) Division, OPTCL, Balasore payable at Balasore without which the tender shall be rejected. Sale of tender documents : from Dt.24.05.19 to 04.06.19. The tenders shall be received : up to 1 P.M. on Dt.06.06.19 and will be opened at 3.00P.M on same date. For details, please visit our website www.optcl.co.in.
Sd/-
Corrigendum, if any, will be published in the website only. Dy. General Manager
Please connect us: optcl.odisha optcl_odisha energyodisha

## ରଙ୍ଗିପୁର ମା' ବୁଢ଼ୀ ଠାକୁରାଣୀ ଯାତ୍ରାରେ ଭକ୍ତଙ୍କ ଭିଡ଼



**ଗୋପାଳପୁର,୨୧।୫:** ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ଗ୍ରାମରେ ୧୬ ତାରିଖରୁ ଚାଲିଥିବା ମା' ବୁଢ଼ୀ ଠାକୁରାଣୀ ଯାତ୍ରା ମଙ୍ଗଳବାର ଷଷ୍ଠ ଦିବସରେ ପହଞ୍ଚିଛି। ମା' ଠାକୁରାଣୀ ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ବେଳେ ପ୍ରତ୍ୟହ ଆଖପାଖ ବହୁ ଭକ୍ତଙ୍କ ସମାଗମ ହେଉଛି। ପ୍ରତି ୨ବର୍ଷରେ ଥରେ ହେଉଥିବା ଏହି ଯାତ୍ରା ଆସନ୍ତା ୨୭ରେ ଉଦ୍‌ଯାପିତ ହେବ। ପ୍ରତିଦିନ ରାତିରେ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରୁଥିବା ବେଳେ ଭକ୍ତମାନେ ନିଜନିଜ ଘର ସମ୍ମୁଖରେ ପୂଜାର୍ଚ୍ଚନା କରୁଛନ୍ତି। ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ସୋମବାର ୧୧,୧୦୮ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା। ବହୁ ଭକ୍ତ ସାମିଲ ହୋଇ ଦୀପଦାନ କରିଥିଲେ। ଆସନ୍ତା ୨୩ରୁ ୨୫ ପର୍ଯ୍ୟନ୍ତ ଦୁର୍ଗାଶିଷ୍ ଗଣନାଟ୍ୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି ଯାତ୍ରା କମିଟି ସଭାପତି ଅଜିତ କୁମାର ଦାସ ସୂଚନା ଦେଇଛନ୍ତି।

CENTRAL ELECTRICITY SUPPLY UTILITY OF ODISHA
Head Office: 2nd Floor, IDCO Towers, Janpath, Bhubaneswar-751 022
Phone : 0674-2541575 Fax: 0674-2543125
Website : www.cescoorissa.com, www.cesuodisha.com
Tender No. 1096 Date : 21.05.2019
NOTICE INVITING TENDER
Central Electricity Supply Utility of Odisha (CESU) invites willingness from Electrical Contractors having valid HT license from Odisha or other States for Restoration of 11KV Lines & DT (Distribution Transformer) Substations on partial turnkey basis under "FANI Restoration Work". Most of the works are to be carried out under PURI District and in some other coastal Districts of Odisha affected by cyclone FANI. Willingness along with copy of valid HT license is to be submitted to CESU latest by 23.05.2019. For detail information, please visit our website www.cescoorissa.com/www.cesuodisha.com.
Chief General Manager (Tech.)

### ବରଡ଼ା ଗାଁରେ ଗୋଷ୍ଠୀ ସଂଘର୍ଷ, ହତ୍ୟା ଉଦ୍ୟମ ଘଟଣା

## ୧୨ ପରିବାରଙ୍କୁ ବାସନ୍ଦ ଅଭିଯୋଗ

**ଦିଗପହଣ୍ଡି,୨୧।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକ ରମ୍ଭା ପଞ୍ଚାୟତ ବରଡ଼ା ଗ୍ରାମରେ ୧୦ ତାରିଖ ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଓ ହତ୍ୟା ଉଦ୍ୟମ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର କେ.ନୂଆଗାଁ ପୋଲିସ ଗିରଫ କରିଛି। ସେ ହେଲେ ଏସ. କାମେୟା। ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଥାନା ମାମଲା ନଂ.୯୫/୧୯ ପ୍ରକାରେ କାମେୟାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ୧୦ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ପି. ଦୁର୍ଯ୍ୟୋଧନ ଓ ତାଙ୍କ ସ୍ତ୍ରୀ ପି. କମଳା ବାଇକ ଯୋଗେ ଘରକୁ ଫେରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଁ ଛକରେ ଯୋଜନାବଦ୍ଧ ଭାବେ ଅଭିଯୁକ୍ତ କାମେୟା ଓ ତାଙ୍କ ୫ ସମର୍ଥକ ମିଶି ଦମ୍ପତିଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଦମ୍ପତିଙ୍କ ପାଟି ଶୁଣି ସେମାନଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଏଲ. ଭେଙ୍କଟେଶ୍ୱୁ, ଏନ. ତ୍ରିନାଥ, ଜି. ଟଙ୍କଧରଙ୍କୁ ମଧ୍ୟ ପ୍ରତିପକ୍ଷ ଗୋଷ୍ଠୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଆହତମାନଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗ୍ରାମ୍ୟ କମିଟି ପରିଚାଳନା ଓ କୋଠ ସମ୍ପତ୍ତି ଆୟବ୍ୟୟ ହିସାବକୁ ନେଇ କିଛିଦିନ ହେଲା ଗ୍ରାମରେ ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଗୋଟିଏ ଗୋଷ୍ଠୀର ଲୋକେ ଅପର ଗୋଷ୍ଠୀର ପ୍ରାୟ ୧୨ ପରିବାରଙ୍କୁ ଗ୍ରାମରୁ ବାସନ୍ଦ ପାଇଁ ଫତୱା ଜାରି କରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ପରେ ପ୍ରତିପକ୍ଷ ଗୋଷ୍ଠୀ ଗାଁ ଛାଡ଼ି ଅନ୍ୟ ଗାଁରେ ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଇଥିଲେ। ଆକ୍ରମଣ ଓ ନିର୍ଯାତନାର ଶିକାର ହୋଇଥିବା ପି. ଦୁର୍ଯ୍ୟୋଧନ ବ୍ରହ୍ମପୁର ଏସପି ପିନାକ ମିଶ୍ରଙ୍କୁ ଭେଟି ଏତଲା ଦେବା ପରେ କେ.ନୂଆଗାଁ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ଫେରାର ଅଭିଯୁକ୍ତ ଗିରଫ

## ବିଏସ୍‌ଏନ୍‌ଏଲ କର୍ମଚାରୀଙ୍କ ଧାରଣା




ଧାରଣା ଦେଇଥିବା କର୍ମଚାରୀମାନେ।

**ଦିଗପହଣ୍ଡି,୨୧।୫(ଡି.ଏନ.ଏ.)**

ଭାରତୀୟ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ) ଦିଗପହଣ୍ଡି କାର୍ଯ୍ୟାଳୟରେ ଠିକା କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଶ୍ରମିକ ସଂଗଠନ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକନାଥ ମିଶ୍ର କର୍ମଚାରୀଙ୍କ ଏହି ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଛନ୍ତି। ଠିକା ସଂସ୍ଥା ଅଧୀନରେ ଦୀର୍ଘବର୍ଷ ହେଲା ନିୟମିତ କାମ କରୁଥିବା କର୍ମଚାରୀଙ୍କୁ ଗତ ୫ ମାସ ହେଲା ଦରମା ମିଳିନାହିଁ। ଅନ୍ୟପକ୍ଷରେ ସେମାନଙ୍କୁ ଛଟେଇ ଓ ବଦଳି ଧମକ ଦିଆଯାଉଛି। ବିନା ଦରମାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ କାମରେ ନିୟୋଜିତ କରାଯାଉଥିବା ସେ ଅଭିଯୋଗ କରିଥିଲେ। ସପ୍ତାହକ ମଧ୍ୟରେ ଦରମା ପ୍ରଦାନ କରା ନ ଗଲେ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଏସ୍‌ଏନ୍‌ଏଲ କାଜୁଆଲ କର୍ମଚାରୀ ସଂଘର ଡାକରାରେ ଏହି ଆନ୍ଦୋଳନ ଚାଲିଛି। ରାଜ କିଶୋର ଦାସ, ବୁନ୍ଦେଶ୍ୱର ଗୌଡ଼, ସୁନୀଲ ମଲ୍ଲିକ, ସୀମାଞ୍ଚଳ ଗୌଡ଼, ଆଲୁ. ଦଣ୍ଡାସି, ପ୍ରଦୀପ ଗୌଡ଼, ପବିତ୍ର ଦୋରା, ସୁଦର୍ଶନ ରେଢ୍ଡୀ, ସନ୍ତୋଷ ବିଶୋୟୀ, କୃଷ୍ଣ ଖଣ୍ଡୁଆଳ, ପୂର୍ଣ୍ଣଚନ୍ଦ୍ର ସାହୁ, ଗଣେଶ ବେଜ, ଶଙ୍କର୍ଷଣ ନାୟକ, କ୍ରିଷ୍ଣା ପାତ୍ର, ଜୟ ଗୌଡ଼, ଆଲୁ. କୁରେଶୁ ପ୍ରମୁଖ କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଧାରଣାରେ ସାମିଲ ଥିଲେ।

ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
SAMS
Student Academic Management System
ରାଜ୍ୟରେ ସରକାରୀ ଓ ବେସରକାରୀ ଆଇଟିଆଇଗୁଡ଼ିକରେ ୨୦୧୯-୨୦ ବର୍ଷରେ ନାମଲେଖା ବିଜ୍ଞାପନ।
No.07-KK:- ଆଇଟିଆଇ ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଛି ଯେ ୨୦୧୯-୨୦ ବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇଟିଆଇମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍‌ଲାଇନ ପଦ୍ଧତିରେ ନାମ ଲେଖାଯିବ ଓ ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନପତ୍ର ତା୨୨।୦୫।୨୦୧୯ରିଖ ଠାରୁ ଗ୍ରହଣ କରାଯିବ।
ନାମଲେଖା ପ୍ରଣାଳୀ:
କ) ଆବେଦନକାରୀ ତା୦୧।୦୮।୨୦୧୯ ରିଖରେ ୧୪ ବର୍ଷ ବୟସର ହୋଇଥିବେ କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ।
ଖ) ମାଟ୍ରିକ ଟ୍ରେଡ୍ ପାଇଁ ଗଣିତ ଓ ବିଜ୍ଞାନ ବିଷୟ ଥାଇ ୧୦ମ ଶ୍ରେଣୀ ପାସ କରିଥିବେ କିମ୍ବା ଅଣମାଟ୍ରିକ ଟ୍ରେଡ୍ ପାଇଁ ଅଷ୍ଟମ ପାସ୍ ହୋଇ ସ୍କୁଲ ଛାଡ଼ିଥିବେ କିମ୍ବା ୧୦ମ ଫେଲ୍ ହୋଇଥିବେ।
ଗ) SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ ଲଗ୍‌ଇନ୍ କରି ପ୍ରଥମ ପର୍ଯ୍ୟାୟରେ ତା୨୯।୦୬।୨୦୧୯ ମଧ୍ୟରେ online ରେ ଆବେଦନ କରିବେ।
ଘ) ସୂଚନାଯୋଗ୍ୟ ଯେ, ପ୍ରଚଳିତ SAMS ଅନ୍‌ଲାଇନ ନାମଲେଖା ପ୍ରଣାଳୀରେ ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମାଟ୍ରିକ ମାର୍କ ଓ ଓଡ଼ିଶା ସରକାରଙ୍କ ପ୍ରଦତ୍ତ ଜାତିଗତ ପ୍ରମାଣପତ୍ରର ଅଟୋ ଭାଲିଡେସନର ସୁବିଧା ଆବେଦନକାରୀମାନେ ନେବେ। ଅଟୋ ଭାଲିଡେସନ କରିପାରୁନଥିବା ଆବେଦନକାରୀମାନେ ନିକଟସ୍ଥ ଯେକୌଣସି ସରକାରୀ ଆଇଟିଆଇ ନୋଡାଲ ସେଣ୍ଟରରେ ନିଜ ନିଜର ପ୍ରମାଣପତ୍ରର ଭାଲିଡେସନ କରିପାରିବେ।
ଙ) ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର- ସଂଯୋଗ Helpline- ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦ ବା ନିକଟସ୍ଥ ସରକାରୀ ଆଇଟିଆଇଗୁଡ଼ିକରେ ଯୋଗାଯୋଗ କରନ୍ତୁ।
ସ୍ୱା./- ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
14004/11/0004/1920

# ଫନୀ ପରବର୍ତ୍ତୀ ପ୍ରାଣୀଙ୍କ ପରିଚାଳନା





ଫନୀ ବାତ୍ୟା ଆମ ରାଜ୍ୟକୁ ତା'ର କରାଳ ରୂପ ଦେଖାଇସାରିଛି । ବାତ୍ୟା ପରବର୍ତ୍ତୀ ସମୟରେ ମଣିଷମାନଙ୍କର ଜୀବନଧାରଣରେ ବିଭିନ୍ନ ସମସ୍ୟାଥିବାରୁ ସେମାନେ ଗୃହପାଳିତ ପ୍ରାଣୀଙ୍କର ସୁରକ୍ଷା ତଥା ଯତ୍ନ କଥା ପ୍ରାୟତଃ ଭୁଲିଯାଆନ୍ତି । କିନ୍ତୁ ଏ ସମୟରେ ଏହି ପ୍ରାଣୀଙ୍କର ସଠିକ୍ ପରିଚାଳନା କରାଯାଇପାରିଲେ, ପ୍ରାଣୀ ସଂପଦର ଜୀବନ ହାନି, ରୋଗ ସଂକ୍ରମଣ ଓ ଉତ୍ପାଦନ ହ୍ରାସ ପରି ସମସ୍ୟା ଏଡାଇ ଦିଆଯାଇପାରିବ ।

**ଗୁହାଳ ଘର:** ବାତ୍ୟାରେ ଗୁହାଳ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ ଗୋରୁଙ୍କୁ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ । ଅତିକମ୍‌ରେ ଦିନବେଳା ଖରା ଅଧିକା ହେଉଥିବାରୁ ଗୋରୁଙ୍କୁ ଛାଇ ସ୍ଥାନରେ ବାନ୍ଧନ୍ତୁ । ଗୁହାଳ ଘର ଆଂଶିକ ଭାଙ୍ଗି ଯାଇଥିଲେ, ଭଙ୍ଗା ଗୁହାଳ ଘରେ ଗୋରୁଙ୍କୁ ନ ବାନ୍ଧି ଅନ୍ୟ ଜାଗାକୁ ନେଇଯାଆନ୍ତୁ । ବାତ୍ୟା ସମୟରେ ଗୁହାଳ କାନ୍ଥ ତଥା ବଡ ଗଛ ପଡି ପ୍ରାଣୀଙ୍କର ହାଡ ଭାଙ୍ଗିଥିଲେ ଚିକିତ୍ସା ବ୍ୟବସ୍ଥା କରନ୍ତୁ। ଏବେ କୈଣସି ଆଶ୍ରୟସ୍ଥଳିରେ ଗୋରୁ, ଛେଳି, ମେଣ୍ଢା ଆଦି ମିଶିକରି ରହୁଥିଲେ ନିଜ ନିଜ ଭିତରେ ଲଢେଇ ଲାଗି କ୍ଷତ ସୃଷ୍ଟି କରନ୍ତି, ତେଣୁ ଏହିସବୁ ପ୍ରାଣୀମାନଙ୍କୁ ବାନ୍ଧିବା ସମୟରେ ସଠିକ୍ ଦୂରତା ରହିବା ଦରକାର । ଗୋ–ମୂତ୍ର ଓ ମଳକୁ ପରିଷ୍କାର ଭାବରେ ନିଷ୍କାସିତ କରନ୍ତୁ । ଗୁହାଳ ଆଖପାଖରେ କିଛି ଗଛ ଭାଙ୍ଗି ପଡିଥିଲେ ଖୁବ୍ ଶୀଘ୍ର ସଫା କରନ୍ତୁ ।

ଗୁହାଳ ଘରଟିକୁ ସଫା କରି ବିଶୋଧିତ ଦ୍ରବ୍ୟ ଯଥା ବ୍ଲିଚିଂ ପାଉଡର୍, ଚୂନ, ଫିନାଇଲ୍ ଅଥବା ପୋଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣ ଆଦିରେ ଭଲଭାବରେ ଧୋଇ ଦିଅନ୍ତୁ । ଧୋଇସାରିବା ପରେ ଯଦି ଚଟାଣ ଓଦା ଥାଏ ତେବେ ପାଉଁଶ, ବାଲି, କରତ ଗୁଣ୍ଡ ବା ଶୁଖିଲା ଅଖା ପକାନ୍ତୁ । ପାଣି ଜମି ରହିଥିବା ଜାଗାରୁ ମଶା, ମାଛି, ଡାଆଁଶ ତଥା ଅଣୁଜୀବଙ୍କ ବଂଶ ବୃଦ୍ଧି ଘଟିଥାଏ । ଏହି ଅଣୁଜୀବ ଯଥା ଜୀବାଣୁ, ଭୂତାଣୁ, କବକ ଓ ଅନ୍ୟାନ୍ୟ ପରଜୀବୀ ଗୋସମ୍ପଦରେ ରୋଗର କାରକ ଓ ବାହକ ହିସାବରେ କାମ କରିଥାନ୍ତି। ତେଣୁ ସାମୟିକ ଭାବେ ଗୋରୁଙ୍କୁ ବାନ୍ଧିବା ସ୍ଥାନ ତଥା ଗୁହାଳ ପାଣି ଜମି ରହିଥିବା ଜାଗାରୁ ଅତିକମ୍‌ରେ ୨୦୦ ମିଟର ଦୂରତା ରହିବା ବିଧେୟ । କେତେକ ସମୟରେ ବିଭିନ୍ନ କୀଟ, ଜନ୍ତୁ ଓ ସରୀସୃପମାନେ ଅଧିକ ସଂଖ୍ୟାରେ ଉପରକୁ ଉଠି ଆସିଥାନ୍ତି । ସେମାନେ ଆଶ୍ରା ପାଇଁ ଗୁହାଳ ଭିତରକୁ ପଶି ଆସି ଗୋରୁଙ୍କ ଶରୀରରେ କ୍ଷତ ସୃଷ୍ଟି କରିଥାନ୍ତି। ବେଳେବେଳେ ଏହା ବିଷକ୍ରିୟା ଜନିତ ଆଘାତ ହେବା ଫଳରେ ଜୀବନ ହାନି ଘଟିଥାଏ । ତେଣୁ ଏଥିପ୍ରତି ଯତ୍ନବାନ ହୁଅନ୍ତୁ । ଗୁହାଳଘରର ଭିତର ଚାରି କାନ୍ଥ ଚୂନ ରଙ୍ଗ ଓ ବାହାର କାନ୍ଥ ଡିଡିଟି ସ୍ପ୍ରେ କରିବା ଦରକାର ଅଟେ । ମଶା, ମାଛି, ଡାଆଁଶ ନିରାକରଣ ପାଇଁ ଧୂଆଁ ଦେବା ଆବଶ୍ୟକ।

**ପିଇବା ପାଣି:** ବାତ୍ୟା ପରବର୍ତ୍ତୀ ସମୟରେ ମୁଖ୍ୟତଃ ପିଇବା ପାଣି ଓ ଖାଦ୍ୟର ସୁପରିଚାଳନା କରାଯିବା ନିହାତି ଦରକାର । କାରଣ ଏହି ଦୁଇଟି ମାଧ୍ୟମରେ ରୋଗ ବ୍ୟାପିବାର ଆଶଙ୍କା ଅଧିକ । ପାଣି ପିଇବାକୁ ଦେବା ପୂର୍ବରୁ ଉଭୟ ପାଣି ଓ ପାଣି ପାତ୍ରକୁ ବିଶୋଧିତ କରାନ୍ତୁ । ପାଣି ପାତ୍ରକୁ ପାଉଁଶରେ ମାଜି ସଫା କରାଯାଇପାରିବ ଓ ପାଣିର ବିଶୋଧିକରଣ ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଯଥା ବ୍ଲିଚିଂ ପାଉଡର୍, ଚୂନ, ଫଟିକିରି ପାଉଡର୍, କ୍ଲୋରିନ୍ ବଟିକା, ହାଲୋଜେନ୍ ବଟିକା ଆଦି ବ୍ୟବହାର କରାଯାଇଥାଏ । ଏହାର ମାତ୍ରା ବ୍ୟବହାର ହେବାକୁ ଥିବା ଜଳର ଗୁଣାତ୍ମକ ମୂଲ୍ୟ, ରାସାୟନିକ ଉପାଦାନର ମାତ୍ରା ଓ ପ୍ରକ୍ରିୟାକରଣ ବିଧି ଉପରେ ନିର୍ଭର କରିଥାଏ । ଅନୁମାନ ହିସାବରେ ଗୋଟିଏ ବାଲଟି ପାଣିରେ ୨ ରୁ ୫ ଟି କ୍ଲୋରିନ୍ ବା ହାଲୋଜେନ୍ ବଟିକା ବା ୪୫ରୁ ୬୦ ଗ୍ରାମ୍ ଚୂନ ପାଉଡର୍ ବା ୧୦୦ ଗ୍ରାମ୍ ଫଟିକିରି ପାଉଡର ବା ୫ ରୁ ୧୦ ଗ୍ରାମ୍ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରାଇନେବା ଦରକାର । ପାଣିକୁ ଫୁଟାଇବା ପରେ ଛାଣି ପିଇବାକୁ ଦିଆଯାଇପାରିବ । ଗଭୀର ନଳକୂପର ପରିଷ୍କାର ପାଣି ମଧ୍ୟ ପାନୀୟ ଜଳ ହିସାବରେ ବ୍ୟବହାର କରାଯାଇପାରିବ ।

**ଖାଦ୍ୟ ବ୍ୟବସ୍ଥା:** ବର୍ଷା ଓ ପବନ ଯୋଗୁଁ ସାଇତି ରଖିଥିବା ଖାଦ୍ୟ ପଦାର୍ଥରେ ଫିମ୍ପି ଲାଗିଯାଇଥିଲେ ତାହା ଖାଇବାକୁ ଦେବା ଅନୁଚିତ୍ । ଫଳରେ ତରଳ ଝାଡା ହୋଇଥାଏ । ଘାସକୁ କାଟି ଛୋଟ ଛୋଟ କରି ଖାଇବାକୁ ଦିଅନ୍ତୁ । ଘାସରୁ ଅନାବନା ଓ ଖାଦ୍ୟ ଅନୁପଯୋଗୀ ଘାସ ବାଛି ଦିଅନ୍ତୁ। ଓଦା ବା ଫିମ୍ପି ହୋଇଯାଇଥିବା ତଥା ବାସି ବା ରନ୍ଧା ଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ । ରିଲିଫ୍‌ରେ ମିଳୁଥିବା ଦାନାକୁ ସାଇତି ରଖି ଅଳ୍ପ ଅଳ୍ପ କରି ଖାଇବାକୁ ଦିଅନ୍ତୁ।

ଏବେ ଅଶ୍ୱତଥ, ନିମ୍ବ, ବାଉଁଶ, କୃଷ୍ଣଚୂଡ଼ା, ଆମ୍ବ, ପଣସ, ବବୁଲ, ସୁବାବୁଲ ଓ କଦଳୀ ଆଦି ଗଛର ସବୁଜ ପତ୍ର ସିଧାସଳଖ ଗୋରୁଙ୍କୁ ଖାଇବାକୁ ଦିଆଯାଇପାରିବ। ନଡ଼ା, ପାଳ ଆଦି ନ ଥିଲେ ମଧ୍ୟ ତା ବଦଳରେ ୩୦–୫୦% ଆମ୍ବ ପତ୍ର ଓ ୫୦% ଶାଳ ପତ୍ର କାଟି ଖାଇବାକୁ ଦେଲେ ଗୋରୁଙ୍କ ଖାଦ୍ୟ ଆବଶ୍ୟକତା ପୂରଣ ହୋଇପାରିବ। ଅଧିକ କ୍ଷୀର ଦେଉଥିବା ବା ଗର୍ଭଥିବା ପ୍ରାଣୀଙ୍କୁ ଏହା ପତ୍ର ୫୦% ସହିତ ୫ ଭାଗ ବାଦାମ ପିଡ଼ିଆ, ୨୬ ଭାଗ ବବୁଲ ବା ମଟର ଚୋପା, ୧୫ ଭାଗ ରାବଗୁଡ଼, ୧ ଭାଗ ୟୁରିଆ, ୧ ଭାଗ ଲୁଣ ଓ ୨ ଭାଗ ଖଣିଜ ଲବଣ ମିଶାଇ ଗୋଟିଏ ସମ୍ପୂର୍ଣ୍ଣ ଗୋଖାଦ୍ୟ ପ୍ରସ୍ତୁତ କରି ଗୋରୁଙ୍କୁ ଖାଇବାକୁ ଦିଆଯାଇପାରିବ। ବର୍ତ୍ତମାନ ଦିନ ସମୟରେ ସବୁ ଜଳୀୟ ଖାଦ୍ୟ ଯଥା ପରିବା ଚୋପା, ତୋରାଣି, ସବୁଜ ଘାସ ବା ଘାସ ଆଚାର ଆଦି ଖାଇବାକୁ ଦିଅନ୍ତୁ ।

ସାମୂହିକ ଭାବେ ରୋଷେଇ ହେଉଥିଲେ ବା ସହରରେ ଥିବା ସରକାରୀ ଆହାର କେନ୍ଦ୍ରର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପରେ ବାହାରୁ ଥିବା ବହୁଳ ମାତ୍ରାର ପେଜକୁ ବାହାରେ ନ ପକାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ । ଫଳରେ ପେଜରେ ଥିବା ଶ୍ୱେତସାର ଅଂଶ ଯାହା ଅଯଥା ନଷ୍ଟ ହେଉଥିଲା ତାହା ଗୋ–ଖାଦ୍ୟ ପାଇଁ ଉପଯୋଗ କରାଯାଇପାରିବ ।

ଫସଲ ଅମଳ ସମୟରେ ବଳି ଯାଇଥିବା ଅବଶେଷ ଯେପରିକି ଧାନ, ଗହମ, ସୂର୍ଯ୍ୟମୁଖୀ ଓ କପା, ନଡ଼ା, ମକା ଗୁଣ୍ଡ ଓ ଚୋପା, ବାଦାମ ନଡ଼ା ଓ ଚୋପା ଇତ୍ୟାଦି ଭଲ ଥିଲେ ଏବେ ତାହାକୁ ଖାଦ୍ୟ ଭାବରେ ଉପଯୋଗ କରାଯାଇପାରିବ। କିଛି ପରିମାଣରେ ଗୁଡ଼ ଓ ଖଣିଜ ଲବଣ ମିଶାଯାଇ ଫସଲ ଅବଶେଷକୁ ଏକ ଉତ୍ତମ ଗୋଖାଦ୍ୟରେ ପରିଣତ କରାଯାଇପାରେ। ସେହିପରି ଧାନ କୁଣ୍ଡା, ଗହମ, ଚୋକଡ଼, ବିରି ଚୁନ ଇତ୍ୟାଦିକୁ ମଧ୍ୟ ଗୋଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରିବ। ଖାଇବାକୁ ଦେବାର ୧–୨ ଘଣ୍ଟା ପୂର୍ବରୁ ଏସବୁ ଖାଦ୍ୟ ପାଣିରେ ଭିଜାଇ ରଖି ଖାଇବାକୁଦେଲେ ଗ୍ରହଣୀୟତା ବଢ଼ିଥାଏ।

ବର୍ତ୍ତମାନ ଅଧିକ ଗରମ ହେଉଥିବାରୁ ସବୁଜ ଘାସ ଖାଇବାକୁ ଦିଅନ୍ତୁ। ଖରା ପଡ଼ିବା ପୂର୍ବରୁ ଓ ସୂର୍ଯ୍ୟାସ୍ତ ପରେ ଗାଈଙ୍କୁ ଚରିବାକୁ ଛାଡ଼ନ୍ତୁ । ଦିନବେଳା ଦାନା କମ୍ ଖାଇବାକୁ ଦେଇ ସୂର୍ଯ୍ୟାସ୍ତ ପରେ ଅଧିକ ଦାନା ଦିଅନ୍ତୁ। ଖାଦ୍ୟରେ ଧାତବ ଲବଣର ପରିମାଣ ବଢ଼ାଇ ଦୈନିକ ଖାଇବା ଲୁଣ ୫୦ ଗ୍ରାମ ଦିଅନ୍ତୁ । ଖାଦ୍ୟରେ ମିନେରାଲ ପାଉଡ଼ର, ବାଇପାସ୍ ପ୍ରୋଟିନ୍ ଓ ପ୍ରୋବାଇଓଟିକ୍ ମିଶାନ୍ତୁ । ଭିଟାମିନ୍ – ସି, ଭିଟାମିନ୍ – ବି ଓ ଭିଟାମିନ୍ – ଇ ଖାଦ୍ୟରେ ମିଶାଇଲେ ଶରୀରର ଗରମ ଜନିତ କଷ୍ଟକୁ କମ୍ କରାଯାଇପାରିବ । ପ୍ରତି ୧ କି.ଗ୍ରା. ଖାଦ୍ୟରେ ଖାଇବା ସୋଡ଼ା ୧ ଗ୍ରାମ ମିଶାଇ ଖାଇବାକୁ ଦିଅନ୍ତୁ । ଖାଦ୍ୟସାର ଏ,ସି,ଡି,ଇ ଆଦି ଥିବା ଭିଟାମିନ୍ ପାଉଡର, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ କୃମି ନାଶକ ଔଷଧ ଖୁଆନ୍ତୁ। ଖାଦ୍ୟ ଦ୍ରବ୍ୟର ସ୍ୱଳ୍ପତା ଦୃଷ୍ଟିରୁ ପ୍ରଥମେ ଦୁହାଁଳିଆ, ଗର୍ଭବତୀ, ବାଛୁରୀ, ପଡିଆ ଓ ଶେଷରେ ବଳଦ କ୍ରମରେ ପ୍ରାଧାନ୍ୟ ଦେବା ଭଲ ।

*–ଡା. ସାରଦା ପ୍ରସନ୍ନ ସାହୁ ପ୍ରାଣୀଧନ ଅଧିକାରୀ, ପଶୁ ପାଳନ ଓ ଦୁଗ୍ଧ ବିଭାଗ, କୃଷି ମନ୍ତ୍ରଣାଳୟ*

*–ଡା. ରଞ୍ଜନ କୁମାର ମହାନ୍ତ, ପ୍ରାଣୀ ବିଜ୍ଞାନୀ, କୃଷି ବିଜ୍ଞାନ କେନ୍ଦ୍ର, କଟକ*

# କୃଷି ବନୀକରଣରେ ଅନ୍ତଃ ଫସଲ

(ଦ୍ୱିତୀୟ ଭାଗ)

ପ୍ରଥମ ଫସଲ ଅମଳ ପାଇଁ ଯୋଗ୍ୟ ହେବା ପୂର୍ବରୁ, ପ୍ରଜନନକ୍ଷମ ହେଲାପରେ ଦ୍ୱିତୀୟ ଫସଲର ଚାଷ ପଦ୍ଧତିକୁ ପୁନଃ ଅନ୍ତ ଫସଲ କହନ୍ତି।
ଯଥା: ମକା + ଝୁଡ଼ଙ୍ଗ
ବନ୍ଧାକୋବି + ବାଇଗଣ।

**ତେବେ ଏସବୁ ବ୍ୟତୀତ ଥିବା ଅନ୍ତଃ ଫସଲ ବିଷୟରେ...**

**– ସମାନ୍ତର ଅନ୍ତଃ ଫସଲ:** ଯେଉଁ ଅନ୍ତଃ ଫସଲରେ ଦୁଇ ବା ଅଧିକ ଫସଲ ଚାଷ ହୋଇଥାଏ। ସେଗୁଡ଼ିକର ବିଭିନ୍ନ ପ୍ରକାର ବଢ଼ିବା ଲକ୍ଷଣ ଥିବ ଏବଂ ପରସ୍ପର ମଧ୍ୟରେ କିଛି ପ୍ରତିଯୋଗିତା ନ ଥିବ। ଉଦାହରଣ: ବିରି(ମୁଗ) ସହିତ ମକା।

**ବହୁତଳୀୟ ଅନ୍ତଃ ଫସଲ :** ବହୁତଳୀୟ ଅନ୍ତଫସଲ ଚାଷର ଅର୍ଥ ହେଲା ଗୋଟାଏ କ୍ଷେତରେ ବିଭିନ୍ନ ଉଚ୍ଚତା ବିଶିଷ୍ଟ ଫସଲ ଲଗାଇ ଏକାଧିକ ସ୍ତର ବା ତଳରେ ପରିଣତ କରିବା। ସେଥିପାଇଁ ଧାଡ଼ିକୁ ଧାଡ଼ି ୭.୫ ମିଟର ବ୍ୟବଧାନ ରଖି ଚାଷ କରାଯାଏ। ଗଛ ଲଗାଇବାର ୩–୪ ବର୍ଷ ପର୍ଯ୍ୟନ୍ତ ଧୀରେ ଧୀରେ ବଢ଼େ। ତେଣୁ ଦୁଇ ଗଛ ମଧ୍ୟରେ ଥିବା ସ୍ଥାନ ଖାଲିପଡ଼େ। ଖାଲି ସ୍ଥାନରେ ସଜନା ଗଛ ଓ ଧାଡ଼ି ମଧ୍ୟରେ ୨.୫ ମିଟର ବ୍ୟବଧାନ ରଖି କଦଳୀ, ଅମୃତଭଣ୍ଡା ଗଛ ଲଗାଯାଇପାରିବ। କଦଳୀ ଗଛ, ଅମୃତଭଣ୍ଡା ଗଛ ମଧ୍ୟରେ ଥିବା ଖାଲି ସ୍ଥାନରେ ଗଛ ଛାଇରେ ବଢ଼ିପାରୁଥିବା ଫସଲ ଯଥା– ସପୁରୀ, ହଳଦୀ, ଅଦା ଆଦି ଲଗାଯାଇପାରେ। ସପୁରୀ, ଅଦା, ହଳଦୀ, ସାରୁ, ଓଲୁଅ ଆଦି ଗୋଟିଏ ସ୍ତରରେ ରହି ବଢ଼ିପାରନ୍ତି। ଦୀର୍ଘ ସ୍ଥାୟୀ ଗଛରେ ମଧ୍ୟ ଗୋଲ୍‌ମରିଚ, ପିପ୍ପଳି ଲତାକୁ ମଡ଼ାଇ ଆର୍ଥିକ ଅବସ୍ଥାର ବିକାଶ କରାଯାଇପାରିବ।

**ଅନ୍ତଃ ଫସଲ ଚାଷର ଅସୁବିଧା:** ଅନ୍ତଃ ଫସଲରେ ବିହନ, ମଜୁରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ଅଧିକ ହୁଏ।
– ଫସଲ ମଧ୍ୟରେ ପ୍ରତିକୂଳ ପ୍ରତିଯୋଗିତା ହେଲେ ଅମଳ କମିଯାଏ।
– ବିଭିନ୍ନ ଫସଲ ଅମଳ ଭିନ୍ନ ଭିନ୍ନ ସମୟରେ ହୋଇଥାଏ।
– ରୋଗ, ପୋକ ଓ ଘାସ ନିୟନ୍ତ୍ରଣ କଷ୍ଟସାଧ।
– ଅନ୍ତଃ କୃଷି କାର୍ଯ୍ୟ ଯଥା– କୋଡ଼ା, ଖୋସା, ଘାସବଛା ପାଇଁ ଅସୁବିଧା।
– ଯନ୍ତ୍ରପାତି ଦ୍ୱାରା ଅନ୍ତଚାଷ କଷ୍ଟସାଧ।
– ମୁଖ୍ୟ ଗଛର ରାସାୟନିକ ପ୍ରଭାବ ଥାଏ।
–ମୁଖ୍ୟ ଗଛ ଅମଳବେଳେ ଅନ୍ତଃ ଫସଲ ନଷ୍ଟ ହେବାର ଆଶଙ୍କା ଥାଏ।
– ଲୋକମାନଙ୍କର ଏକ ଧାରଣା ରହିଛି ଗଛ ଛାଇରେ ଫସଲ ହୁଏ ନାହିଁ ଓ ଗଛରେ ପକ୍ଷୀମାନେ ବସାବାନ୍ଧି ଅନ୍ତଃ ଫସଲକୁ ନଷ୍ଟ କରନ୍ତି।
– ବଡ଼ ଚାଷୀ ଯେଉଁମାନଙ୍କର ଅଧିକ ସମ୍ବଳ ଅଛି, ସେମାନେ କମ୍ ଉପକୃତ ହୁଅନ୍ତି।

ବାସ୍ତବରେ କୃଷି ବନୀକରଣରେ ମୁଖ୍ୟ ଫସଲ (ଗଛ)ରୁ ଅନ୍ତଃ ଫସଲକୁ ଉପକାର ମିଳେ ଓ ସେହିପରି ଅନ୍ତଃ ଫସଲ କରିବା ଦ୍ୱାରା ଗଛ ମଧ୍ୟ କିଛି ଉପକାର ପାଇଥାଏ। ଅନ୍ତଃ ଫସଲ ଜଗାରଖା କରିବା ଦ୍ୱାରା ପ୍ରକାରାନ୍ତରେ ଚାରା ଗଛର ରକ୍ଷଣାବେକ୍ଷଣ ମଧ୍ୟ କରିଥାଏ। ତେବେ କୃଷିବନୀକରଣରେ ଅନ୍ତଫସଲ ଚାଷ ପ୍ରଣାଳୀକୁ ଆଦରିନେଇ ଅର୍ଥନୈତିକ ଅବସ୍ଥାର ବିକାଶ ସହିତ ପରିବେଶ ସୁରକ୍ଷାରେ ସାମିଲ ହେବା।



**–ଗୟାଧର ଶିଅଳ**
ମୋ: ୯୪୩୭୦୩୧୨୦୯

# ଆଖୁଚାଷ



ପୂର୍ବରୁ ଲଗାଯାଇଥିବା ଆଖୁ ପତ୍ରକୁ ଗଛରୁ ଛଡାଇ ଦେଇ ଭେଳା ବାନ୍ଧନ୍ତୁ। ଦୁଇ ଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁ ଗଛ ପବନରେ ପଡିଯାଏ ନାହିଁ। ଆଖୁରେ ସଅଳ କାଣ୍ଡ ବିନ୍ଧା ପୋକ ଲାଗିବାର ଦେଖାଯାଏ। ତେଣୁ ବର୍ଗମିଟର ପ୍ରତି ଶତକଡା ୫ଭାଗରୁ ଅଧିକ ମଲା ମଞ୍ଜି ଦେଖାଗଲେ କୋଡାଖୁସା କରି ଏକର ପ୍ରତି ୧୨କିଗ୍ରା ହସିବାରେ କାର୍ବେଫ୍ୟୁରାନ୍ ପ୍ରୟୋଗ କରନ୍ତୁ କିମ୍ବା ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ ମିଶାଇ ସିଞ୍ଚନ କରନ୍ତୁ।

# କୁଜିସାରୁ



ଜଳସେଚନର ସୁବିଧା ଥିଲେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ,ଟୋପି, ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ପସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨–୩ଓଡ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ସଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା ଯବକ୍ଷାରଜାନ , ୨୪କି.ଗ୍ରା ଫସଫରସ,୧୬କି.ଗ୍ରା ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା ଯବକ୍ଷାରଜାନ, ୨୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।

# ଧାନ ତଳିଘରା



ଜଳସେଚନର ସୁବିଧା ଥିବା ଜମିରେ ଖରିଫ୍ ଋତୁ ପାଇଁ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ଏକର ଜମି ରୋଇବାକୁ ୧୦ ଡେସିମିଲି ଜମିରେ ତଳି ପକାନ୍ତୁ। ତଳି କିଆରୀକୁ ଭଲ ରୂପେ ଚାଷ କରି ଘାସବାଛି ମାଟିଗୁଣ୍ଡ କରନ୍ତୁ। ୩ଫୁଟ୍ ଚଉଡା , ୬ଇଞ୍ଚ ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା କରି ପଟ୍ଟି ତିଆରି କରନ୍ତୁ । ଦୁଇପଟ୍ଟି ମଝିରେ ଏକଫୁଟ୍ ଓସାରର ଜଳସେଚନ ଓ ନିଷ୍କାସନ ନାଳି ରଖନ୍ତୁ। ୧୦ଡେସିମିଲି ତଳିଘରାରେ ୪୦ଝୁଡି ସଢ଼ା ଗୋବର ଖତ ,୧୨ କିଗ୍ରା ସୁପରଫସଫେଟ୍ ଓ ୨କିଗ୍ରା ଏମ୍.ଓ.ପି ସାର ମାଟିରେ ମିଶାଇ ଦିଅନ୍ତୁ। ୧୦ ଡେସିମିଲି ତଳିଘରାରେ ୨୫କିଗ୍ରା ବିହନ ଆବଶ୍ୟକ ହୋଇଥାଏ।

## ମାଟ୍ରିକ ପାସ୍ ...

୧୫ମାର୍କ ଲେଖାଏ ରଖିବା ବାଧ୍ୟତାମୂଳକ ବୋଲି ଘୋଷଣା ହୋଇଥିଲା। ହେଲେ ମୂଲ୍ୟାୟନ ସମୟରେ ଏହି କଟକଣା ଲାଗୁ କରାଯାଇନାହିଁ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ୍ ସୂଚନା ଦେଇଛନ୍ତି। ଯଦି ଏହି କଟକଣା ଲାଗୁ କରାଯାଇଥାନ୍ତା ତେବେ ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଥାନ୍ତା ବୋଲି କୁହାଯାଉଛି। ବଜ୍ରକବାଟୀ ରୋଡସ୍ଥିତ ବୋର୍ଡ କାର୍ଯ୍ୟାଳୟ ପରିସରରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ ମହାପାତ୍ର, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୁପ୍ରସାଦ ଷଡ଼ଙ୍ଗୀ, ବୋର୍ଡ ସଭାପତି ଡ. ବେଗମ, ସମ୍ପାଦକ ରାମାଶିଷ ହାଜରା, ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶିତ ହୋଇଥିଲା। ଚଳିତବର୍ଷ ମୋଟ ୫ ଲକ୍ଷ ୭୨ ହଜାର ୬୯୬ଜଣ ଫର୍ମପୂରଣ କରିଥିବା ବେଳେ ପରୀକ୍ଷା ଦେଇଥିଲେ ୫ ଲକ୍ଷ ୬୨ ହଜାର ୨୧୩ଜଣ। ୧୦ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରହିଛି ଏବଂ ୧୧୨୪ଜଣ କପି କରି ମାଲପ୍ରାକ୍ଟିସ ହୋଇଛନ୍ତି। ୫ ଲକ୍ଷ ୬୧ ହଜାର ୦୭୯ଜଣଙ୍କ ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଉତ୍ତୀର୍ଣ୍ଣ ହୋଇଛନ୍ତି ୩ ଲକ୍ଷ ୯୭ ହଜାର ୧୨୫ଜଣ। ଏମାନଙ୍କ ମଧ୍ୟରେ ଛାତ୍ରୀଙ୍କ ସଂଖ୍ୟା ୨ ଲକ୍ଷ ୦୫ ହଜାର ୪୭୦ ଏବଂ ଛାତ୍ରଙ୍କ ସଂଖ୍ୟା ୧ ଲକ୍ଷ ୯୧ ହଜାର ୬୫୫। ଛାତ୍ରୀ ପାସ୍ ହାର ଛାତ୍ରଙ୍କ ତୁଳନାରେ ପୂର୍ବବର୍ଷ ପରି ଅଧିକ ରହିଛି।

ରାଜ୍ୟର ୨୮୯ ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ ହୋଇଥିବା ମଧ୍ୟ ଜଣାପଡ଼ିଛି। ପାସ୍ ହାର ସର୍ବାଧିକ ଝାରସୁଗୁଡ଼ା ଜିଲାରେ ରହିଛି। ଏଠାରେ ୮୫.୪୮ ପ୍ରତିଶତ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। କୋରାପୁଟରେ ପାସ୍ ହାର ୫୦.୬୧ ପ୍ରତିଶତ ଥିବାବେଳେ ଏହା ଅନ୍ୟ ଜିଲାଗୁଡ଼ିକ ତୁଳନାରେ ସବୁଠାରୁ କମ୍। ଗଞ୍ଜାମ ଜିଲାରେ ସର୍ବାଧିକ ୧୭୦ଜଣ ପରୀକ୍ଷାର୍ଥୀ ଏ–୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଚଳିତବର୍ଷ କେବଳ ମାଟ୍ରିକ ରେଗୁଲାର ପରୀକ୍ଷାର ପାସ୍ ହାର ରହିଛି ୭୨.୩୫ ପ୍ରତିଶତ। ୫,୩୫,୮୬୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୮୬,୯୩୧ଜଣ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ସେହିପରି ଏକ୍ସରେଗୁଲାର ପରୀକ୍ଷାର ପାସ୍ ହାର ରହିଛି ୩୭.୪୩ ପ୍ରତିଶତ। ୨୪,୧୭୮ଜଣ ପରୀକ୍ଷା ଦେଇଥିବା ବେଳେ ୯୦୨୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ପତ୍ରବିନିମୟ ରେଗୁଲାର ପରୀକ୍ଷାର ପାସ୍ ହାର ହେଉଛି ୫୬.୯୨ ପ୍ରତିଶତ। ୧୯୮୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୨୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପତ୍ରବିନିମୟ ଏକ୍ସରେଗୁଲାର ପରୀକ୍ଷାର ପାସ୍ ହାର ହେଉଛି ୨୬.୧୮ ପ୍ରତିଶତ। ୧୯୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୦ଜଣ ପାସ୍ ହୋଇଛନ୍ତି।

ମଙ୍ଗଳବାର ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇଥିଲା। ୧୧ ହଜାର ୩୫୫ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେଇଥିବା ବେଳେ ୧୩୪ଜଣ ମାଲପ୍ରାକ୍ଟିସ ହୋଇଛନ୍ତି। ୧୧ ହଜାର ୨୨୧ଜଣଙ୍କ ପରୀକ୍ଷାଫଳ ପ୍ରକାଶ ପାଇଛି। ୬୫୬୭ଜଣ ପାସ୍ (୫୮.୫୨ ପ୍ରତିଶତ) ହୋଇଛନ୍ତି। ଏ–୧ କିମ୍ବା ଏ–୨ ଗ୍ରେଡରେ କେହି ଉତ୍ତୀର୍ଣ୍ଣ ହୋଇନାହାନ୍ତି। ସେହିପରି ମଧ୍ୟମା ପରୀକ୍ଷାରେ ୩୬୧୪ଜଣ ପରୀକ୍ଷା ଦେଇଥିବା ବେଳେ ୨୨ଜଣଙ୍କ ପରୀକ୍ଷା ଫଳ ସ୍ଥଗିତ ଓ ୨୯ଜଣ ମାଲପ୍ରାକ୍ଟିସ ହୋଇଛନ୍ତି। ୨୯୯୩ଜଣ ପାସ୍ (୮୪.୬୨ ପ୍ରତିଶତ) ହୋଇଛନ୍ତି। ୨୦୧୯ ମାଟ୍ରିକ ପରୀକ୍ଷାରେ ଦୁଇଟି ଘଟଣା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥିଲା। ଗୋଟିଏ ହେଉଛି ୧୦୮ ପରୀକ୍ଷାର୍ଥୀଙ୍କ ଗଣିତ ଉତ୍ତରଖାତା ଗାଏବ ହେବା ଓ ଅନ୍ୟ ଘଟଣାଟି ହେଲା ତିନି ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ହେବା। ପରୀକ୍ଷା କମିଟିର ନିଷ୍ପତ୍ତି ଅନୁଯାୟୀ, ତିନି ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀଙ୍କୁ ପୁନର୍ବାର ପରୀକ୍ଷା ଦେବାର ସୁଯୋଗ ଦିଆଯାଇଛି। ଜୁନ ଶେଷ ସପ୍ତାହରେ ହେବାକୁ ଥିବା ସପ୍ଲିମେଣ୍ଟାରୀ ପରୀକ୍ଷାରେ ଏମାନେ ପରୀକ୍ଷା ଦେବେ। ଏହାଛଡ଼ା ୧୦୮ଜଣ ପରୀକ୍ଷାର୍ଥୀଙ୍କ ମୂଲ୍ୟାୟନ କରାଯାଇଛି। କେବଳ ଅବ୍‌ଜେକ୍ଟିଭ ଉତ୍ତରଖାତା ହଜିଥିବା କାରଣରୁ ଅନ୍ୟ ବିଷୟର ମାର୍କ ଓ ଗଣିତ ସବଜେକଟିଭ ଉତ୍ତରଖାତାର ମାର୍କକୁ ଆଧାର କରାଯାଇ ଆନୁପାତିକ ଭାବେ ମାର୍କ ପ୍ରଦାନ କରାଯାଇଛି ବୋଲି ବୋର୍ଡ ସମ୍ପାଦକ ହାଜରା ସୂଚନା ଦେଇଛନ୍ତି। ଆସନ୍ତା ମାଟ୍ରିକ ପରୀକ୍ଷାରେ ଓଏମ୍ଆର ସିଟ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯିବ। ପ୍ରଶ୍ନପତ୍ରରେ ବିଭିନ୍ନ ପ୍ରକାର ୫୦ମାର୍କର ସବ୍‌ଜେକ୍ଟିଭ ପ୍ରଶ୍ନ ରହିବ ବୋଲି ମଙ୍ଗଳବାର ବୋର୍ଡ ସଭାପତି ଡ. ବେଗମ୍ କହିଛନ୍ତି। ହେଲେ ୪ ସେଟ୍ ବିଶିଷ୍ଟ ସମାନ୍ତରାଳ ପ୍ରଶ୍ନପତ୍ରର ବ୍ୟବସ୍ଥା ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

## ପାଟଣାଗଡ଼ରେ ବିଳମ୍ବ, ...

କାଉଣ୍ଟିଂ ଆସିଷ୍ଟାଣ୍ଟ ଏବଂ ଜଣେ ମାଇକ୍ରୋ ଅବଜରଭର(କେନ୍ଦ୍ର ସରକାରଙ୍କ କର୍ମଚାରୀ/କେନ୍ଦ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀ)ଙ୍କୁ ନିଯୁକ୍ତି ଦିଆଯାଇଛି। ଭୋଟ ଗଣତି ପାଇଁ ୬୭୦୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପ୍ରତି ଭୋଟ ଗଣନା କେନ୍ଦ୍ରରେ ୮ଟି ହଲ୍ ରହିବ। ପ୍ରତି ହଲ୍‌ରେ ସର୍ବନିମ୍ନ ୧୫ଟି ଟେବୁଲ ରହିବ। ସେଥିମଧ୍ୟରୁ ବିଧାନସଭା ଓ ଲୋକ ସଭା ଆସନ ପାଇଁ ୭ଟି ଲେଖାଏ ଟେବୁଲ ବ୍ୟବସ୍ଥା କରାଯାଇଛି।

ସୂଚନାଥାଉକି, ପ୍ରତ୍ୟେକ ବିଧାନସଭା ଓ ଲୋକ ସଭା ଆସନ ପାଇଁ ୭ଟି ଲେଖାଏ ଟେବୁଲ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। ଭୋଟ ଗଣତି ବିଳମ୍ବ ହେବା ଆଶଙ୍କା କରି ଆଉ ଅଧିକ ୪୧୧ ଟେବୁଲ ବ୍ୟବସ୍ଥା କରିବାକୁ କମିଶନଙ୍କୁ ଅନୁରୋଧ କରାଯାଇଥିଲା। କମିଶନ ଏଥିପାଇଁ ଅନୁମତି ଦେଇଛନ୍ତି। ପୂର୍ବରୁ ୨୦୫୧ଟି ଟେବୁଲ ଥିବାବେଳେ ଏବେ ଏହା ପ୍ରାୟ ୨୫୦୦କୁ ବୃଦ୍ଧିପାଇଛି ବୋଲି ସିଇଓ କୁମାର କହିଛନ୍ତି।

ଆରମ୍ଭରେ ପ୍ରଥମେ ବାଲଟ ମତଦାନକୁ ଗଣନା କରାଯିବ। ୨୦୧୪ରେ ୩୧ ହଜାର ୩୨୬ଟି ବାଲାଟ ଭୋଟ ମିଳିଥିବାବେଳେ ଚଳିତ ନିର୍ବାଚନରେ ସର୍ଭିସ୍‌ମ୍ୟାନ ଓ ପୋଲିଂ ଦାୟିତ୍ୱରେ ଥିବା କର୍ମଚାରୀମାନେ ୧ ଲକ୍ଷରୁ ଉର୍ଦ୍ଧ୍ୱ ବାଲଟ ଭୋଟ ଦେଇଛନ୍ତି। ପୂର୍ବରୁ ଡାକ ଦ୍ୱାରା ବାଲଟ ଭୋଟ୍ ପଠାଯାଉଥିବାବେଳେ ଚଳିତ ଥର ୪୩,୩୫୭ ଜଣ ସର୍ଭିସ ଭୋଟର ଇଲେକ୍ଟ୍ରୋନିକାଲି ଟ୍ରାନ୍ସମିଟେଡ ପୋଷ୍ଟାଲ ବାଲଟ ସିଷ୍ଟମ (ଇଟିପିବିଏସ) ମାଧ୍ୟମରେ ପଠାଇଛନ୍ତି। ବାଲଟ ଭୋଟ ଗଣାହେବାର ଅଧଘଣ୍ଟା ପରେ କଣ୍ଟ୍ରୋଲ ୟୁନିଟ (ସିୟୁ) ଗଣନା ଆରମ୍ଭ ହେବ। ଭଦ୍ରକ, କଳାହାଣ୍ଡି, ବରଗଡ ଜିଲାରେ ପୋଷ୍ଟାଲ ବାଲଟ ସଂଖ୍ୟା ୫ ହଜାରରୁ ଉର୍ଦ୍ଧ୍ୱ ରହିଛି ବୋଲି ସିଇଓ ସୂଚନା ଦେଇଛନ୍ତି। ଗଣନା କାର୍ଯ୍ୟକୁ ଅଧିକ ସ୍ୱଚ୍ଛ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀର ୫ ବୁଥ୍‌ର ଭିଭିପିଏଟିକୁ ଇଭିଏମ୍ ସହିତ ଗଣତି କରାଯାଇ ଟାଲି କରାଯିବ। ଏଥିଯୋଗୁ ଭୋଟ ଗଣତି ଲମ୍ବା ହେବ ବୋଲି ସିଇଓ କହିଛନ୍ତି। ଗଣନା ଲାଗି ନିଯୁକ୍ତି ପାଇଥିବା ଅବଜର୍‌ଭର ଏବଂ ପ୍ରାର୍ଥୀମାନଙ୍କ ଏଜେଣ୍ଟମାନଙ୍କୁ ୪୮ ଘଣ୍ଟା ପୂର୍ବରୁ କେଉଁ ଭୋଟ ଗଣତି କେନ୍ଦ୍ରରେ ନିୟୋଜିତ କରାଯାଇଛି ତାହା ଜଣାଇ ଦିଆଯିବ। ମାତ୍ର କେଉଁ ଟେବୁଲରେ ନିୟୋଜିତ କରାଯାଇଛି ତାହା ଗଣନା ହେବାର କିଛି ସମୟ ପୂର୍ବରୁ ସୂଚନା ଦିଆଯିବ। ଭୋଟ ଗଣନା କେନ୍ଦ୍ରକୁ ମୋବାଇଲ ଫୋନ କିମ୍ବା କୌଣସି ପ୍ରକାର ଇଲେକ୍ଟ୍ରୋନିକ ସାମଗ୍ରୀ ନେବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପ୍ରତ୍ୟେକ ହଲରେ ସିସିଟିଭି କ୍ୟାମେରା, ଭିଡିଓଗ୍ରାଫି ବ୍ୟବସ୍ଥା ହୋଇଛି। ସବୁ କାଉଣ୍ଟିଂ ହଲ୍‌କୁ ଶୀତତାପ ନିୟନ୍ତ୍ରିତ (ଏସି) କରାଯିବା ସହ ଭିଭିପିଏଟି ଗଣନା ପାଇଁ ବ୍ୟାଙ୍କଗୁଡିକରେ ଥିବା ଟ୍ରେଲର କାଉଣ୍ଟର ଭଳି କାଉଣ୍ଟର କରାଯାଇଛି। ୨୪ ଘଣ୍ଟିଆ ବିଦ୍ୟୁତ୍ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ଗୋଟିଏ ରାଉଣ୍ଡ ଗଣତି ଶେଷ ନ ହେବା ଯାଏ ଅନ୍ୟ ରାଉଣ୍ଡ ଗଣତି ପାଇଁ ଷ୍ଟ୍ରଙ୍ଗରୁମରୁ ଇଭିଏମ୍ କାଉଣ୍ଟିଂ ହଲକୁ ଆସିପାରିବ ନାହିଁ। ବାତ୍ୟା ଯୋଗୁ ଭୁବନେଶ୍ୱରରେ ଅନେକ ଲୋକଙ୍କ ଘରେ ଟେଲିଭିଜନ ଦେଖିବା ସୁବିଧା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ଭୋଟ ଗଣତି ଜାଣିବା ପାଇଁ ରାଜଧାନୀର ସୂଚନାଭବନ, ସିଇଓ କାର୍ଯ୍ୟାଳୟ, ୩/୪ଟି ପାର୍କରେ ଏଲଇଡି ଲଗାଇବା ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କୁମାର ସୂଚନା ଦେଇଛନ୍ତି।

## ବଡ଼ଭଉଣୀ ବ୍ଲାକମେଲ...

ଆଗରେ ମୁଣ୍ଡ ନୁଆଁଇବି ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏବେ ମୁଁ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ଉପରେ ଫୋକସ କରୁଛି ବୋଲି ଦୂତୀ କହିଛନ୍ତି। ଆୟୋଜିତ

## ପ୍ରଥମ ପୃଷ୍ଠାରୁ...

ଖବରଦାତା ସମ୍ମିଳନୀରେ ଦୂତୀଙ୍କ ସମେତ, ମୀରା ପରିଡା, ସାଧନା ମିଶ୍ର, ଦୀପକ ମହାପାତ୍ର ଓ ତପି ମିଶ୍ର ଉପସ୍ଥିତ ଥିଲେ। ପୂର୍ବରୁ ସରସ୍ୱତୀ ମୋ ଭାଇଙ୍କୁ ମଧ୍ୟ ଘରୁ ବାହାର କରିଦେଇଥିଲେ। ଭାଉଜଙ୍କୁ ସେ ପସନ୍ଦ କରୁ ନ ଥିବାରୁ ସେ ଏଭଳି କଠୋର ନିଷ୍ପତ୍ତି ନେଇଥିଲେ। ସମଲିଙ୍ଗୀ ସମ୍ପର୍କ ନେଇ ସରସ୍ୱତୀ ମୋତେ ଜେଲ ପଠାଇବାକୁ ମଧ୍ୟ ଧମକ ଦେବାକୁ ପିଛାଇ ନ ଥିଲେ ବୋଲି ସେ କହିଛନ୍ତି। ପୂର୍ବରୁ ନିଜ ତଥାକଥିତ ବାନ୍ଧବୀ ତାଙ୍କ ଗାଁର ବୋଲି ଦୂତୀ କହିଥିଲେ। କ୍ରୀଡ଼ା ହିଁ ଆମ ଦୁହିଁଙ୍କୁ ଏକାଠି କରିଥିଲା। ଏହା ମୋର ବ୍ୟକ୍ତିଗତ ପସନ୍ଦ। ସମସ୍ତଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାର ଅଧିକାର ଅଛି। ଆମେ କିଛି ଅପରାଧ କରୁନାହୁଁ ବୋଲି ସେ ପୂର୍ବରୁ କହିଥିଲେ। ଯଦି ସବୁ କିଛି ଠିକ୍‌ଠାକ୍ ଚାଲେ ବାନ୍ଧବୀଙ୍କ ସହ ଭବିଷ୍ୟତରେ ଏକାଠି ରହିବି ବୋଲି ଦୂତୀ କହିଥିଲେ।

## ବିଜେଡିକୁ ମିଳିଛି ...

କେବଳ ତାମିଲନାଡୁରୁ ୪.୩୨ ଲକ୍ଷ ଏବଂ ପୁଡୁଚେରୀରୁ ୪.୨୦ ଲକ୍ଷ ଟଙ୍କା ଆଞ୍ଚଳିକ ଦଳଗୁଡିକୁ ମିଳିଥିବା ଜଣାପଡିଛି। ଏଏପିକୁ କେବଳ ୨୦,୦୦୦ ଟଙ୍କାରୁ ଅଧିକ ଦାନ ବିଦେଶରୁ ମିଳିଛି। ଅନ୍ୟପକ୍ଷରେ ରାଜ୍ୟଗୁଡିକୁ ଦେଖିଲେ ଦିଲ୍ଲୀରୁ ସର୍ବାଧିକ ୧୭.୯୪୬ କୋଟି, ମହାରାଷ୍ଟ୍ରରୁ ୯.୦୩ କୋଟି, କର୍ନାଟକରୁ ୯.୧୯୪ କୋଟି, ତେଲେଙ୍ଗାନା ୪.୮୭୮ କୋଟି ଟଙ୍କାର ଅନୁଦାନ ଆଞ୍ଚଳିକ ଦଳଗୁଡିକୁ ମିଳିଛି। ସେହିପରି ୨୦୧୭–୧୮ରେ ଭାଜପାକୁ ୨୯୭୭ଟି ସୂତ୍ରରୁ ୪୩୭.୦୪ କୋଟି ଟଙ୍କା, କଂଗ୍ରେସକୁ ୭୭୭ ସୂତ୍ରରୁ ୨୬.୬୫୮ କୋଟି, ଏନ୍‌ସିପିକୁ ୨.୦୮୭ କୋଟି, ସିପିଏମ୍‌କୁ ୨.୭୫୬କୋଟି, ସିପିଆଇକୁ ୧.୧୪୬ କୋଟି, ତୃଣମୂଳ କଂଗ୍ରେସକୁ ୦.୨୦ କୋଟି ଟଙ୍କାର ଚାନ୍ଦା ମିଳିଛି। ବିଏସ୍‌ପିକୁ ୨୦,୦୦୦ ଟଙ୍କା ଉପରକୁ ଦାନ ମିଳି ନ ଥିବା ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି। ୪୮ଟି ଆଞ୍ଚଳିକ ଦଳଗୁଡିକ ମଧ୍ୟରୁ ୧୭ଟି ଦଳ ମିଳିଥିବା ଚାନ୍ଦା ସମ୍ପର୍କରେ ଉଲ୍ଲେଖ କରିନାହାନ୍ତି।

## ସଂକ୍ଷେପରେ

### ରିଲାଏନ୍ସ ଦେଶର ସର୍ବବୃହତ୍ କମ୍ପାନୀ




ନୂଆଦିଲ୍ଲୀ,୨୧-୫: ଦେଶର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆର୍ଆଇଏଲ୍) ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ(ଆଇଓସି)କୁ ପଛରେ ପକାଇ ଦେଶର ସବୁଠାରୁ ଅଧିକ କାରବାର କରୁଥିବା କମ୍ପାନୀ ହୋଇପାରିଛି। କାରବାର କ୍ଷେତ୍ରରେ ଏହା ଦେଶର ସର୍ବବୃହତ କମ୍ପାନୀ ହୋଇଛି। ପେଟ୍ରୋଲିୟମ ଠାରୁ ଆରମ୍ଭ କରି ଖୁଚୁରା ବ୍ୟବସାୟ ଏବଂ ଟେଲିକମ୍ ଭଳି ବିଭିନ୍ନ କ୍ଷେତ୍ରରେ ନିଜର ବ୍ୟବସାୟ ବିସ୍ତାର କରିଥିବା ଆର୍ଆଇଏଲ୍ର ୨୦୧୮-୧୯ରେ ମୋଟ କାର୍ବାର ପରିମାଣ ୬.୨୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ଅନ୍ୟପକ୍ଷରେ ମାର୍ଚ୍ଚ ୩୧ରେ ଶେଷ ହେଉଥିବା ଆର୍ଥିକ ବର୍ଷରେ ଆଇଓସିର କାରବାର ୬.୧୭ ଲକ୍ଷ କୋଟି ଟଙ୍କା ହୋଇଛି। ଦୁଇ କମ୍ପାନୀ ପକ୍ଷରୁ ନିୟାମକୀୟ ସୂଚନାରୁ ଏହା ଜଣାପଡିଛି। ରିଲାଏନ୍ସ ନେଟ୍ ଲାଭ ହାସଲ କରିବାରେ ମଧ ସର୍ବାଗ୍ରେ ରହିଛି। ଶେଷ ହୋଇଥିବା ଆର୍ଥିକ ବର୍ଷରେ ଆଇଓସି ଠାରୁ ଏହାର ଲାଭ ଦୁଇଗୁଣାରୁ ଅଧିକ ହୋଇଥିଲା।

### ପିଏନ୍ବି ସହ ମିଶିପାରେ ୩ ବ୍ୟାଙ୍କ



ନୂଆଦିଲ୍ଲୀ,୨୧-୫: କେନ୍ଦ୍ର ସରକାର ବଡ଼ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ କ୍ଷୁଦ୍ର ବ୍ୟାଙ୍କଗୁଡ଼ିକୁ ମିଶାଇ ଏକ ବଡ଼ ବ୍ୟାଙ୍କ ଗଠନ କରିବା ପ୍ରୟାସ ଜାରି ରଖିଛନ୍ତି। ଇତିମଧରେ ଏସ୍ବିଆଇ ସହ ୫ ସହାୟକ ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କର ମିଶ୍ରଣ ହେବା ପରେ ବ୍ୟାଙ୍କ ଅଫ୍ ବରୋଦା ସହ ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କର ମିଶ୍ରଣ ପର୍ବ ଶେଷ ହୋଇଛି। ପ୍ରାପ୍ତ ସୂଚନାନୁଯାୟୀ, ଏସ୍ବିଆଇ ପରେ ଦେଶର ଦ୍ୱିତୀୟ ସର୍ବବୃହତ୍ ବ୍ୟାଙ୍କ କୁହାଯାଉଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍ବି) ସହ ୩ କ୍ଷୁଦ୍ର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି), ଆନ୍ଧ୍ରା ବ୍ୟାଙ୍କ ଏଂ ଆଲ୍ଲାହାବାଦ୍ ବ୍ୟାଙ୍କକୁ ମିଶାଇଦେବା ନେଇ ଯୋଜନା ପ୍ରସ୍ତୁତ ହେଉଛି। ଆସନ୍ତା ୩ ମାସ ମଧରେ ଏହି ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ନିକଟରେ କହିଥିଲେ ଯେ, ବିଶ୍ୱ ବଜାରରେ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ହେଲେ ଦେଶରେ କେତେକ ବଡ଼ ବ୍ୟାଙ୍କ ଗଠନ କରିବାକୁ ହେବ। ଏଥିପାଇଁ କ୍ଷୁଦ୍ର ବ୍ୟାଙ୍କଗୁଡ଼ିକୁ ମିଶାଇ ଦିଆଯିବା ଆବଶ୍ୟକ। ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ମଧ ସମାନ ମନ୍ତବ୍ୟ ଦେଇଥିଲେ।

### ଫ୍ଲିପ୍କାର୍ଟ ମାମଲା : ଶୁଣାଣି କରିବେ ଏନ୍ସିଏଲ୍ଏଟି




ନୂଆଦିଲ୍ଲୀ,୨୧-୫: ଅନ୍ଲାଇନ ବିକ୍ରେତା ଫ୍ଲିପ୍କାର୍ଟର ଏକଚାଟିଆ କାରବାରକୁ ବିରୋଧ କରି ଆଗତ ମାମଲାକୁ ଶୁଣାଣି ଲାଗି ରାଷ୍ଟ୍ରୀୟ କମ୍ପାନୀ ବିଧି ଅପିଲୀୟ ନ୍ୟାୟାଧିକରଣ(ଏନ୍ସିଏଲ୍ଏଟି) ଗ୍ରହଣ କରିଛନ୍ତି। ବିକ୍ରେତା ସଂଘ ଭାରତୀୟ ପ୍ରତିଯୋଗିତା ଆୟୋଗ(ସିସିଆଇ)ଙ୍କ ଆଦେଶକୁ ଏନ୍ସିଏଲ୍ଏଟିରେ ଚ୍ୟାଲେଞ୍ଜ କରିଛନ୍ତି। ସିସିଆଇ ଆଦେଶ ବିରୋଧରେ ମାମଲା ଦାଏର କରିବାରେ ୧୨ ଦିନର ବିଳମ୍ବକୁ ମଧ ଏନ୍ସିଏଲ୍ଏଟି ଗ୍ରହଣ କରିଛନ୍ତି ଏବଂ ମାମଲା ଦାଏରକୁ ଅନୁମତି ଦେଇଛନ୍ତି। ମେ ୧୫ରେ ଶୁଣାଣି ବେଳେ ଏହି ମାମଲାକୁ ଶୁଣାଣି ଲାଗି ଗ୍ରହଣ କରାଯାଉଛି ବୋଲି ଏନ୍ସିଏଲ୍ଏଟି କହିଥିଲେ। ଅଧକ୍ଷ ଜଷ୍ଟିସ୍ ଏସ୍.ଜେ. ମୁଖୋପାଧ୍ୟାୟଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି ଜୁଲାଇ ୩୦ରେ କରାଯିବ ବୋଲି କହିଛନ୍ତି। ସିସିଆଇ ତାଙ୍କ ଆଦେଶରେ କହିଥିଲେ ଯେ, ବଜାରରେ ଏକାଧିକ ଇ-କମର୍ସ କମ୍ପାନୀ ଥିବାରୁ ଫ୍ଲିପ୍କାର୍ଟର ଏକାଧିପତ୍ୟ ରହିନାହିଁ।

---

"ଦେଶରେ ଇଲେକ୍ଟ୍ରିକ୍ କଞ୍ଜ୍ୟୁମର ଡ୍ୟୁରେବଲ୍ସ ସେଗମେଣ୍ଟରେ ଚାହିଦା ବଢ଼ୁ ଥିବାରୁ ପ୍ରଡକ୍ଟରେ ନୂତନତ୍ୱ ଆଣି ଅଧିକ ଫାଇଦା ହାସଲ କରୁଛୁ।

–ଶାନ୍ତନୁ ଖୋସ୍ଲା, ଏମ୍ଡି, କ୍ରମ୍ପଟନ ଗ୍ରୀଭ୍ସ ଲିମିଟେଡ



"ଭାରତରେ ନିର୍ମିତ ମୋବାଇଲ ଡିଭାଇସ୍ ପଡ଼ୋଶୀ ଦେଶଗୁଡ଼ିକୁ ରପ୍ତାନି ଆରମ୍ଭ ହୋଇଛି। ୟୁନିଟ ଦୃଷ୍ଟି କୋଣରୁ କମ୍ପାନୀ ପାଇଁ ଭାରତ ଏକମାତ୍ର ବୃହତ୍ ଦେଶ।

–ବେଞ୍ଜାମିନ ଜିଆଙ୍ଗ, ଏମ୍ଡି, ଇନ୍ଫିନିକ୍ସ ମୋବିଲିଟି (ଗ୍ଲୋବାଲ)



# ବିମାନ ଯାତ୍ରା ବେଳେ ମୁହଁ ହେବ ବୋର୍ଡିଂ ପାସ୍

**ନୂଆଦିଲ୍ଲୀ,୨୧-୫**

- ଡିଜି ଯାତ୍ରା ନାମରେ ଆରମ୍ଭ ହେବ ପ୍ରକଳ୍ପ
- ସ୍ୱତନ୍ତ୍ର ଆଇଡି କରିବାକୁ ହେବ
- ମୁହଁର ଇଲେକ୍ଟ୍ରୋନିକ ଯାଞ୍ଚ କରାଯିବ
- ଟିକେଟ କାଟିବା ବେଳେ ଆଇଡି ତିଆରି ଆବଶ୍ୟକ



- ବର୍ତ୍ତମାନ ବୋର୍ଡିଂ ପାସ୍ ପାଇଁ ଲାଗୁଛି ଲମ୍ବା ଲାଇନ
- ଯାତ୍ରା ସମୟର ଘଣ୍ଟାଏ ପୂର୍ବରୁ ବିମାନବନ୍ଦରରେ ପହଞ୍ଚିବାକୁ ପଡୁଛି

ଏଣିକି ଦେଶର ସମସ୍ତ ବିମାନ ବନ୍ଦରରେ ଖୁବ୍ଶୀଘ୍ର ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ଓ ଲମ୍ବା ଲାଇନରୁ ମୁକ୍ତି ମିଳିବାକୁ ଯାଉଛି। ବେଙ୍ଗାଲୁରୁ ବିମାନ ବନ୍ଦରରୁ ନୂତନ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଇଲେକ୍ଟ୍ରୋନିକ ମାଧ୍ୟମରେ ଯାତ୍ରୀମାନେ ମୁହଁକୁ ଯାଞ୍ଚ କରି ବିମାନବନ୍ଦରରେ ପ୍ରବେଶ କରିପାରିବେ ବୋଲି ଜଣାପଡିଛି।

ଅସଲରେ ବିମାନବନ୍ଦରରେ ଏକ ଡିପାର୍ଚର କଣ୍ଟ୍ରୋଲ ସିଷ୍ଟମ ଲଗାଯିବ, ଯାହା କି ବାୟୋମେଟ୍ରିକ ଆଇଡି ଜରିଆରେ ଚେକ୍-ଇନ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କରିବ। ଏହାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ 'ଡିଜି ଯାତ୍ରା' ପ୍ରକଳ୍ପ ଭାବେ ଆରମ୍ଭ କରାଯିବ। ଚଳିତ ବର୍ଷର ତୃତୀୟ ତ୍ରୈମାସରୁ ଏହାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ। ଏହି ପ୍ରକଳ୍ପ ଅଧୀନରେ ଯାତ୍ରୀଙ୍କ ପାଇଁ ବିମାନ ବନ୍ଦର ବାହାରେ ଡିଜି ଯାତ୍ରା କିଓସ୍କ ଲଗାଯିବ। ଏଥିରେ ଯାତ୍ରୀଙ୍କୁ ନିଜର ରେଜିଷ୍ଟ୍ରେଶନ କରିବାକୁ ହେବ। ଘରୋଇ ଯାତ୍ରୀଙ୍କୁ ସର୍ବପ୍ରଥମେ ଏହି ପ୍ରକଳ୍ପ ଅଧୀନକୁ ଅଣାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ବିଦେଶ ଯାଉଥିବା ଯାତ୍ରୀଙ୍କୁ ଏହି ପ୍ରକଳ୍ପ ଅଧୀନରେ ସାମିଲ କରାଯିବ। ପ୍ରଥମେ ଭିସ୍ତାରା ଏୟାରଲାଇନ୍ସ ଜରିଆରେ ଏହି ପ୍ରକଳ୍ପ ଆରମ୍ଭ କରାଯିବ। ପରେ ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଏହି ପ୍ରକଳ୍ପ ଅଧୀନକୁ ଅଣାଯିବ। ସୂଚନାଥାଉ କି, ବର୍ତ୍ତମାନ ଯାତ୍ରୀମାନଙ୍କୁ ନିଜର ଟିକେଟ, ପରିଚୟପତ୍ର ଏବଂ ବୋର୍ଡିଂ ପାସ୍କୁ ଏୟାରପୋର୍ଟ ଟର୍ମିନାଲର ଏକାଧିକ ସ୍ଥାନରେ ଦେଖାଇବାକୁ ପଡିଥାଏ। ଏଥିଲାଗି ଯାତ୍ରୀ ଲମ୍ବା ଲାଇନରେ ଛିଡାହେବାକୁ ବାଧ୍ୟ ହୁଏ। ବାରମ୍ବାର ବୋର୍ଡିଂ ପାସ୍ ଓ ପରିଚୟ ପତ୍ର ଦେଖାଇ ଯାତ୍ରୀ ଥକିଯାଏ ଓ ବିରକ୍ତ ହୁଏ। ଲମ୍ବା ଚେକିଂ କାରଣରୁ ବିମାନଯାତ୍ରୀଙ୍କୁ ଯାତ୍ରାର ପ୍ରାୟ ୪୫ମିନିଟ୍ରୁ ୧ ଘଣ୍ଟା ପୂର୍ବରୁ ଏୟାରପୋର୍ଟରେ ପହଞ୍ଚିବାକୁ ପଡିଥାଏ। ଡିଜି ଯାତ୍ରା ପ୍ରକଳ୍ପ ଆରମ୍ଭ ହେବା ପରେ ଯାତ୍ରୀଙ୍କୁ ନିଜର ଟିକେଟ, ବୋର୍ଡିଂ ପାସ୍, ପରିଚୟପତ୍ର ବାରମ୍ବାର ଦେଖାଇବାର ଝଞ୍ଜଟରୁ ମୁକ୍ତି ମିଳିବ। କେବଳ ବାୟୋମେଟ୍ରିକ ଅଥବା କ୍ୟୁଆର୍ କୋଡ୍ ଜରିଆରେ ତାଙ୍କର ପରିଚୟ ସତ୍ୟତା ଯାଞ୍ଚ ହୋଇଯିବ। ଏହାଦ୍ୱାରା ବିମାନବନ୍ଦରରେ ଥିବା ଏକାଧିକ ଯାଞ୍ଚ ସ୍ଥାନରେ ସହଜରେ ପ୍ରବେଶ ମିଳିଯିବ। ସେହିଭଳି ଲମ୍ବା ଲାଇନରେ ଛିଡାହେବାକୁ ପଡିବନି ଓ ସମୟ ସଞ୍ଚୟ ହେବ। ଏହି ସୁବିଧାର ଲାଭ ନେବା ଲାଗି ଯାତ୍ରୀଙ୍କୁ ନିଜର ନାମ, ଇ-ମେଲ୍ ଆଇଡି, ମୋବାଇଲ ନମ୍ବର ଏବଂ ଆଧାର କାର୍ଡ ଭଳି ପରିଚୟପତ୍ର ସହାୟତାରେ ଏକ ୟୁନିକ ଡିଜି ଆଇଡି ତିଆରି କରିବାକୁ ହେବ। ଟିକେଟ ବୁକିଂ ସମୟରେ ଏହି ଆଇଡିର ବ୍ୟବହାର କରିବାକୁହେବ। ଏହା ପରେ ଯାତ୍ରୀଙ୍କ ଯାତ୍ରା ସ୍ଥାନର ବିମାନ ବନ୍ଦରକୁ ଏୟାରଲାଇନ୍ସ କମ୍ପାନୀ ତାଙ୍କର ସମ୍ପୂର୍ଣ୍ଣ ବିବରଣୀ ଉପଲବ୍ଧ କରାଇବେ। ପ୍ରଥମଥର ବିମାନରେ ଯାତ୍ରା କରୁଥିଲେ ଯାତ୍ରୀଙ୍କ ଆଇଡିର ଯାଞ୍ଚ ହେବ। ଯାଞ୍ଚ ପ୍ରକ୍ରିୟା ସଫଳ ହେବା ପରେ ତାଙ୍କ ମୁହଁର ବାୟୋମେଟ୍ରିକ ନିଆଯାଇ ଆଇଡି ସହ ଯୋଡିଦିଆଯିବ। ଥରେ ଏହି ପ୍ରକ୍ରିୟା ସଫଳ ହେବା ପରେ ବାରମ୍ବାର ବୋର୍ଡିଂ ପାସ୍, ପାସପୋର୍ଟ ଅଥବା ଅନ୍ୟ ପରିଚୟପତ୍ର ସାଙ୍ଗରେ ନେବାର ଅଥବା ପ୍ରଦର୍ଶନ କରିବାର ଆବଶ୍ୟକତା ପଡିବ ନାହିଁ। ବେଙ୍ଗାଲୁରୁ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦର ଲିମିଟେଡ ଏମ୍ଡି ତଥା ସିଇଓ ହରି ମରାର୍ କହିଛନ୍ତି ଯେ, ଏଣିକି ଯାତ୍ରୀଙ୍କ ମୁହଁ ହିଁ ହେବ ତାଙ୍କର ବୋର୍ଡିଂ ପାସ୍। ଏହି ସୁବିଧା ଯୋଗୁ ଯାତ୍ରୀଙ୍କୁ ଅଯଥା ହଇରାଣ ହେବାକୁ ପଡିବନି। ସେମାନଙ୍କୁ ଲମ୍ବା ଲାଇନରେ ଛିଡାହେବାର ଆବଶ୍ୟକତା ରହିବ ନାହିଁ।

# ଜେଟ୍ ବିଡିଂରେ ସାମିଲ ହେବେ ହିନ୍ଦୁଜା ଭ୍ରାତା

**ନୂଆଦିଲ୍ଲୀ,୨୧-୫**




ଆର୍ଥିକ ସଙ୍କଟ କାରଣରୁ ସାମୟିକ ବନ୍ଦ ହୋଇଯାଇଥିବା ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜର ବିଡିଂରେ ହିନ୍ଦୁଜା ଭ୍ରାତା ଭାଗ ନେବେ। ଚଳିତ ସପ୍ତାହରେ ବିଡିଂ ପ୍ରକ୍ରିୟା ଆରମ୍ଭ ହେବ। ଏଥିଲାଗି ଏୟାରଲାଇନ୍ସର ମୁଖ୍ୟ ପାର୍ଟନର ତଥା ପ୍ରତିଷ୍ଠାତା ନରେଶ ଗୋୟଲ ଏବଂ ରଣନୈତିକ ନିବେଶକ ଏଟିହାଦ୍ ଏୟାରୱେଜଠାରୁ ହିନ୍ଦୁଜା ଭ୍ରାତା ଅନୁମତି ନେଇସାରିଛନ୍ତି। ସୂଚନାଯୋଗ୍ୟ, ସପ୍ତାହକ ଭିତରେ ଜେଟ୍ ଏୟାରୱେଜ ସମ୍ପର୍କରେ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍ବିଆଇ) ଅଧକ୍ଷ ରଜନୀଶ କୁମାର ସ୍ପଷ୍ଟ କରିଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜେଟ୍ର ଡ୍ୟୁ ଡିଲିଜେନ୍ସ ବା ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ଲାଗି ହିନ୍ଦୁଜା ଗ୍ରୁପ୍ ଏସ୍ବିଆଇ କ୍ୟାପିଟାଲ ମାର୍କେଟ୍ସ ମାଧ୍ୟମରେ ବ୍ୟାଙ୍କ କନ୍ସୋର୍ଟିୟମ ସହ ଆଲୋଚନା କରିସାରିଛି। ଖୁବ୍ଶୀଘ୍ର ଏ ସମ୍ପର୍କରେ ଘୋଷଣା କରାଯିବ। ଉଲ୍ଲେଖଥାଉ କି, ନରେଶ ଗୋୟଲଙ୍କ ସହ ହିନ୍ଦୁଜା ଗ୍ରୁପ୍ର ଗତ ଦୁଇ ଦଶନ୍ଧି ଧରି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଛି। ବକେୟା ଋଣ ପରିମାଣକୁ ବ୍ୟାଙ୍କଗୁଡ଼ିକ ଯଥେଷ୍ଟ ହ୍ରାସ କରିବେ ବୋଲି ଗୋୟଲ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଦେଶର ବହୁ ବ୍ୟବସାୟୀ ଗୋଷ୍ଠୀ ଗୋୟଲଙ୍କ କମ୍ପାନୀରେ ନିବେଶ କରିବାକୁ ମନା କରିସାରିଛନ୍ତି। ପୂର୍ବରୁ ଟାଟା ଗ୍ରୁପ୍ ଆଗ୍ରହ ଦେଖାଇଥିଲା, କିନ୍ତୁ ପରେ ଓହରି ଯାଇଥିଲା।

### ଜେଟ୍ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ

ଜେଟ୍ ଏୟାରୱେଜର କର୍ମଚାରୀମାନେ ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜେଟ୍ର ପ୍ରାୟ ୨୦୦ କର୍ମଚାରୀ ବ୍ୟାନର, ପୋଷ୍ଟର ହାତରେ ନେଇ ଏହି ବିକ୍ଷୋଭରେ ସାମିଲ ହୋଇଥିଲା ବେଳେ ଦିଲ୍ଲୀ ପୋଲିସ ଓ ସିଆର୍ପିଏଫ ସେମାନଙ୍କୁ ରୋକିଥିଲା। ପରେ ସେମାନଙ୍କ ପ୍ରତିନିଧି ରୂପେ ୩ ଜଣ କର୍ମଚାରୀ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏସ୍.କେ. ମିଶ୍ରଙ୍କୁ ଭେଟି ଆଲୋଚନା କରିଥିଲେ।

# ବିତ୍ତୀୟ ଶୃଙ୍ଖଳା ଉପରେ ଧ୍ୟାନଦେବା ଜରୁରୀ

**ନୂଆଦିଲ୍ଲୀ,୨୧-୫**

ଦେଶର ବିତ୍ତୀୟ ଶୃଙ୍ଖଳା ଦୃଢୀକରଣ ଦିଗରେ ପ୍ରତିବଦ୍ଧତା ଦେଖାଇବା ସହ ଏହା ଉପରେ ଧ୍ୟାନଦେବା ଜରୁରୀ । ନୀତି ଆୟୋଗର ପୂର୍ବତନ ଉପାଧକ୍ଷ ତଥା ଅର୍ଥନୀତିଜ୍ଞ ଅରବିନ୍ଦ ପାନଗାରିଆ ନୂଆ ସରକାରଙ୍କ ଲାଗି ଏଭଳି ପରାମର୍ଶ ଦେଇଛନ୍ତି। ସେହିଭଳି କେନ୍ଦ୍ରୀୟ ମନ୍ତ୍ରଣାଳୟ ସଂଖ୍ୟା କମାଇବା ଏବଂ ରାଷ୍ଟ୍ରାୟତ୍ତ କ୍ଷେତ୍ରର ସଂସ୍ଥାଗୁଡିକୁ ଅଧିକ ଦକ୍ଷ କରାଇବା ଲାଗି ଘରୋଇକରଣ କରିବା ଉପରେ ମଧ ପାନଗାରିଆ ମତ ରଖିଛନ୍ତି। ଦେଶର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଅନ୍ତର୍ଜାତୀୟ ସ୍ତରରେ ବ୍ୟବସାୟିକ ସଂକ୍ରାନ୍ତ ନୂଆ ପଦକ୍ଷେପ ଗ୍ରହଣ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଛନ୍ତି। ବେସରକାରୀ ନିବେଶ ଲାଗି ଯେଭଳି କୌଣସି ପ୍ରତିବନ୍ଧକ ନ ଆସେ। ଏଥିଲାଗି ଅର୍ଥର ଅଭାବ କେବେବି ବାଧା ଭାବେ ନ ଆସୁ। ସେହିଭଳି କେନ୍ଦ୍ରୀୟ ମନ୍ତ୍ରଣାଳୟ ସଂଖ୍ୟା ୩୦କୁ ହ୍ରାସ, ଅନ୍ତର୍ଜାତୀୟ ସ୍ତରର ଯୋଜନା, ପ୍ରଶାସନ କ୍ଷମତାରେ ସୁଧାର, ଏୟାର ଇଣ୍ଡିଆ ସହ ଅନ୍ୟ କମ୍ପାନୀର ଘରୋଇକରଣ ଉପରେ ସେ ମତ ରଖିଛନ୍ତି।

**ନୂଆ ସରକାରଙ୍କୁ ପାନଗାରିଆଙ୍କ ପରାମର୍ଶ**

# ମାର୍ଚ୍ଚରେ ୮.୧୪ ଲକ୍ଷ ନୂଆ ଚାକିରି: ଇପିଏଫ୍ଓ

**ନୂଆଦିଲ୍ଲୀ,୨୧-୫**

କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍ଓ)ର ସଦ୍ୟତମ ପରିସଂଖ୍ୟାନ ଅନୁଯାୟୀ, ସଂଗଠିତ ଏବଂ ଅଣସଙ୍ଗଠିତ କ୍ଷେତ୍ରରେ ଚଳିତ ବର୍ଷ ମାର୍ଚ୍ଚରେ ୮.୧୪ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି। ଫେବୃୟାରୀରେ ଏହା ୭.୮୮ ଲକ୍ଷ ଥିଲା। ବର୍ଷ ୨୦୧୮-୧୯ରେ ମୋଟ ୬୭.୫୯ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିଲା ବୋଲି ଇପିଏଫ୍ଓ କହିଛି। ଇପିଏଫ୍ଓରେ କର୍ମଚାରୀଙ୍କ ଅଂଶଦାନକୁ ବିଶ୍ଳେଷଣ ଆଧାରରେ ଉକ୍ତ ସଂଖ୍ୟା ପ୍ରକାଶ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ଏପ୍ରିଲରୁ ଇପିଏଫ୍ଓ ନୂଆ ନିଯୁକ୍ତି ସଂଖ୍ୟା ଜାରି କରି ଆସୁଛି। ପରିସଂଖ୍ୟାନ ଅନୁଯାୟୀ ସେପ୍ଟେମ୍ବର ୨୦୧୭ରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ଇପିଏଫ୍ଓ ସହ ମୋଟ ୧୫.୫୨ ଲକ୍ଷ ନୂଆ ସଦସ୍ୟ ଯୋଡିଛନ୍ତି। ମାର୍ଚ୍ଚରେ ୨୨ରୁ ୨୫ ବର୍ଷର ବୟସର ଯୁବବର୍ଗଙ୍କୁ ସର୍ବାଧିକ ୨.୨୫ ଲକ୍ଷ ନିଯୁକ୍ତି ମିଳିଛି।

# ନିର୍ବାଚନ ଫଳାଫଳ ଉପରେ ୟୁଏସ୍ କମ୍ପାନୀଙ୍କ ନଜର

**ନୂଆଦିଲ୍ଲୀ,୨୧-୫**

**ଚାଇନା ଛାଡ଼ି ଭାରତରେ କରିବେ ନିବେଶ**



ଦେଶର ସାଧାରଣ ନିର୍ବାଚନ ଫଳାଫଳକୁ ନେଇ ଲୋକଙ୍କ ମନରେ ଉତ୍କଣ୍ଠା ବଢିଚାଲିଥିବା ବେଳେ ଏହା ଉପରେ ଆମେରିକା କମ୍ପାନୀଙ୍କ ନଜର ରହିଛି। କେନ୍ଦ୍ରରେ ଏନ୍ଡିଏ ସରକାର ଶାସନ କ୍ଷମତାକୁ ଫେରିଲେ ଆମେରିକା କମ୍ପାନୀଗୁଡିକ ଚାଇନା ପରିବର୍ତ୍ତେ ଭାରତ ବଜାରକୁ ନିବେଶ କ୍ଷେତ୍ରରେ ପ୍ରାଥମିକତା ଦେବେ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଗୋଟିଏ ପଟେ ଆମେରିକା ଚାଇନା ବାଣିଜ୍ୟ ଯୁଦ୍ଧ ଲାଗି ରହିଥିବା ବେଳେ ଭାରତ ଏହି କ୍ଷେତ୍ରରେ କମ୍ପାନୀଗୁଡିକ ଲାଗି ଏକ ପ୍ରମୁଖ ବିକଳ୍ପ ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରରେ ଏକ ମଜଭୁତ ସରକାର ଆସିଲେ ବ୍ୟବସାୟ ଏବଂ ନିବେଶ କ୍ଷେତ୍ରରେ ଅନୁକୂଳ ସ୍ଥିତି ଉପୁଜିବ ବୋଲି କମ୍ପାନୀଗୁଡିକ ଭାବୁଛନ୍ତି।

ରବିବାର ଏକ୍ଜିଟ ପୋଲ୍ ଫଳାଫଳ ପ୍ରକାଶ ପାଇଥିବା ବେଳେ ଏନ୍ଡିଏକୁ ବହୁମତ ମିଳିବ ବୋଲି ଆକଳନ କରାଯାଇଛି। ଏହାକୁ ନେଇ ବିଦେଶୀ କମ୍ପାନୀଗୁଡିକ ବେଶ୍ ଉତ୍ସାହିତ ଅଛନ୍ତି। ଆର୍ଥିକ ବିଶେଷଜ୍ଞମାନେ କହିଛନ୍ତି ଯେ, ଆଗାମୀ ସରକାର ଢାଞ୍ଚାଗତ ଭାବେ ଦୃଢ ଏବଂ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ନେଇ ଆଶା ରହିଛି। ଏହା ହେଲେ କମ୍ପାନୀଗୁଡିକ ଭାରତରେ ବୃହତ୍ ନିବେଶ ଲାଗି ମନ ବଳାଇବେ। ଭାରତ ଆମେରିକା ଷ୍ଟ୍ରାଟେଜିକ ଏବଂ ପାର୍ଟନରଶିପ ପ୍ଲାଟଫର୍ମର ଅଧକ୍ଷ ମୁକେଶ ଅଘି କହିଛନ୍ତି ଯେ, ଅଧିକାଂଶ ଆମେରିକା କମ୍ପାନୀ ନଜର ୨୩ ମେ'ର ନିର୍ବାଚନ ଫଳାଫଳ ଉପରେ ରହିଛି। ଏଭଳି ସମୟରେ ଆମେରିକା ସମେତ ୟୁରୋପୀୟ କମ୍ପାନୀଗୁଡିକୁ ଘରୋଇ ବଜାରକୁ ଆକୃଷ୍ଟ କରିବା ଲାଗି ଭାରତ ନିକଟରେ ଅବସର ରହିଛି। ଚାଇନା ସହ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧର ଫାଇଦା ଭାରତ ଲାଭ କରିବାର ସମ୍ଭାବନା ଉପୁଜିଛି। ଚାଇନା-ଆମେରିକା ବାଣିଜ୍ୟ ଯୁଦ୍ଧ ଯୋଗୁ କମ୍ପାନୀଗୁଡିକ କ୍ଷତି ସହୁଛନ୍ତି। ଏଭଳି ସ୍ଥିତିରେ ପ୍ରାୟ ୨୦୦ ଆମେରିକୀୟ କମ୍ପାନୀ ଭାରତରେ ମାନୁଫାକଚରିଂ ହବ୍ ନିର୍ମାଣ କରିବାକୁ ଚିନ୍ତା କରୁଛନ୍ତି। ୨୩ ମେ'ର ଫଳାଫଳ ଏଥିଲାଗି ବିଶେଷ ଗୁରୁତ୍ୱ ବହନ କରୁଛି। ମୋଦି ସରକାର ପୁଣି ଥରେ କ୍ଷମତାକୁ ଫେରିଲେ ନିବେଶ କରିବା ସହଜ ହେବା ସହ ନିୟମ ସରଳୀକରଣ, ନିଷ୍ପତ୍ତି ପ୍ରକ୍ରିୟା ତ୍ୱରିତ ହେବା ଏବଂ ଦୁର୍ନୀତି କମିବ ବୋଲି କମ୍ପାନୀଗୁଡିକ ଚିନ୍ତା କରୁଛନ୍ତି। କମ୍ପାନୀଗୁଡିକୁ ଭାରତରେ ଭଲ ପରିବେଶ ମିଳିଲେ ସେମାନେ ଏଠାରେ ନିଜର ହବ୍ ସ୍ଥାପନ କରିବେ। ଏହା ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ଅନୁକୂଳ ପ୍ରଭାବ ପକାଇବ। ନିବେଶ ବଢିଲେ ନିଯୁକ୍ତି ମଧ ବୃଦ୍ଧି ଘଟିବ। ଏହା ବାଦ ବାଣିଜ୍ୟ ନିଅଣ୍ଟ ମଧ କମିବ। ବର୍ତ୍ତମାନ ରପ୍ତାନୀ ତୁଳନାରେ ଆମଦାନୀ ବୃଦ୍ଧି ହେବାରୁ ଦେଶ ଉପରେ ଏହା ଗଭୀର ଭାବେ ପ୍ରଭାବ ପକାଉଛି।

---

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ଏଚ୍ପିସିଏଲ୍ ଦେଲା ୫ କୋଟି




ଫନୀ ପ୍ରଭାବିତ ଅଞ୍ଚଳଗୁଡିକ ଲାଗି ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ଏଚ୍ପିସିଏଲ୍) ପକ୍ଷରୁ ୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀର ଏଲ୍ପିଜି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ମିଶ୍ର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ତଥା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି।

### ସାଓମି ଦିଲ୍ଲୀ ଟିମ୍ ପକ୍ଷରୁ ୩ ଲକ୍ଷ




ପ୍ରମୁଖ କମ୍ପାନୀ ସାଓମି କର୍ପୋରେଶନର ଦିଲ୍ଲୀ ଟିମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୩ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଫନୀ ପ୍ରଭାବିତଙ୍କ ସହାୟତା ଦିଗରେ ଏହି ଅର୍ଥ ପ୍ରଦାନ କରାଯାଇଛି। ସାଓମିର ରାଜ୍ୟ ମୁଖ୍ୟ ଅମିତ କୁମାର ପଣ୍ଡାଙ୍କ ଉଦ୍ୟମ କ୍ରମେ ଅନ୍ୟ କର୍ମକର୍ତ୍ତାମାନେ ଏଥି ସଂକ୍ରାନ୍ତ ଚେକ୍କୁ ରିଲିଫ ପାଣ୍ଠିକୁ ପ୍ରଦାନ କରିଥିବା ସୂଚନା ରହିଛି।

### ଏଲ୍ଜି ଇଲେକ୍ଟ୍ରୋନିକ୍ସର ରିଲିଫ କାର୍ଯ୍ୟକ୍ରମ




ଏଲ୍ଜି ଇଲେକଟ୍ରୋନିକ୍ସ ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ରିଲିଫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ପକ୍ଷରୁ ଆବଶ୍ୟକ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, କ୍ୟାଣ୍ଡେଲ, ପଲିଥିନ ସିଟ୍ ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ୧୦୦୦ ପରିବାରକୁ ଏହି ସହାୟତା ଯୋଗାଇ ଦିଆ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଲ୍ଜି ପ୍ରଡକ୍ଟଗୁଡିକ ଲାଗି ସର୍ଭିସ କ୍ୟାମ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିଲାଗି ସର୍ଭିସ ଦେୟ ଛାଡ କରାଯାଇଥିବା ବେଳେ ପାର୍ଟସ ଉପରେ ରିହାତି ଘୋଷଣା କରାଯାଇଛି। ଏଭଳି ସ୍ଥିତିରେ ଲୋକଙ୍କ ସହ ଛିଡା ହେବା ଏବଂ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ କାର୍ଯ୍ୟ କରୁଛୁ ବୋଲି ଏଲ୍ଜି ଇଲେକଟ୍ରୋନିକ୍ସ ଇଣ୍ଡିଆର ଏମ୍ଡି କି.ୱାନ.କିମ୍ କହିଛନ୍ତି। କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ପ୍ରବଲ ସକ୍ସେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ବିପିସିଏଲ୍ ପକ୍ଷରୁ ୫ କୋଟି




ଫନୀ ପ୍ରଭାବିତ ଅଞ୍ଚଳଗୁଡିକ ଲାଗି ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍) ପକ୍ଷରୁ ୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀର ରିଟେଲ ମୁଖ୍ୟ (ଓଡ଼ିଶା-ଝାଡଖଣ୍ଡ) ଦେବାଶିଷ ପାଲିତ ,ଏଲ୍ପିଜି ରାଜ୍ୟ ମୁଖ୍ୟ ସଞ୍ଜୟ ଶର୍ମା, ମୁଖ୍ୟ ରିଟେଲ ପ୍ରବନ୍ଧକ (ଓଡ଼ିଶା) ରଞ୍ଜିତ କୁମାର ଚୌହାନ ପ୍ରମୁଖ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ତଥା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି।




ଏଚ୍ଡିଏଫ୍ସି ବ୍ୟାଙ୍କ ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳରେ କ୍ୟାଶ ଉପଲବ୍ଧ କରାଇବା ଲାଗି ରାଜ୍ୟ ସଚିବାଳୟ ପରିସରରୁ ମୋବାଇଲ ଏଟିଏମ୍ ଭ୍ୟାନର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରଶାଦ ପାଢୀ, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା ଏବଂ ସ୍ୱତନ୍ତ୍ର ସଚିବ ଏସ୍.ଏନ୍.ଗିରିଶ ଏହାକୁ ଉନ୍ମୋଚନ କରିଥିଲେ।



“ବିଶିଷ୍ଟ ଡବଲ୍ସ ଖେଳାଳି ବବ୍ ବ୍ରାଏନଙ୍କ କ୍ଷେତ୍ରରେ ସମ୍ଭବ ହୋଇଥିବାରୁ ମୁଁ ଇଞ୍ଜୁରିରୁ ଟେନିସ୍‌କୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଆଶାବାଦୀ ।

–ଆଣ୍ଡି ମୁରେ, ବ୍ରିଟିଶ ପ୍ରଫେଶନାଲ ଟେନିସ ଖେଳାଳି



“ଆଇସିସି ବିଶ୍ୱକପ୍ ପ୍ରସ୍ତୁତିରେ ଫେଭରାଇଟ୍ ଭାରତ ବିପକ୍ଷ ୱାର୍ମଅପ୍ ମ୍ୟାଚ ଆମ ଦଳ ପାଇଁ ବିଶେଷ ସହାୟକ ହେବ ।

–ରସ୍ ଟେଲର, ନ୍ୟୁଜିଲାଣ୍ଡ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଫର୍ମୁଲା ୱାନ୍ ଷ୍ଟାର ଡ୍ରାଇଭର ଲୌଡ଼ାଙ୍କ ପରଲୋକ



**ଲଣ୍ଡନ, ୨୧।୫:** କିମ୍ବଦନ୍ତୀ ଫର୍ମୁଲା ୱାନ୍ ଡ୍ରାଇଭର ନିକି ଲୌଡ଼ାଙ୍କ ମୃତ୍ୟୁ ଘଟିଛି। ଅଷ୍ଟ୍ରିଆ ଡ୍ରାଇଭରଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପରିବାର ସଦସ୍ୟ ମଙ୍ଗଳବାର ସୂଚନା ଦେଇଛନ୍ତି। ଆମେ ବହୁତ ଦୁଃଖିତ। ୭୦ ବର୍ଷୀୟ ନିକି ସୋମବାର ପ୍ରାଣ ହରାଇଛନ୍ତି। ୮ ମାସ ପୂର୍ବେ ତାଙ୍କର ଫୁସଫୁସ ପ୍ରତିରୋପଣ ହୋଇଥିଲା। ଲୌଡ଼ା ୩ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ୧୯୭୫ ଓ ୧୯୭୭ରେ ଫେରାରି ପାଇଁ ଜିତିଥିବାବେଳେ ୧୯୮୪ରେ ମ୍ୟାକଲରେନ ପକ୍ଷରୁ ପ୍ରତିନିଧିତ୍ୱ କରି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାତେଇଥିଲେ। ଡ୍ରାଇଭର ଭାବେ ଅବସର ନେବା ପରେ କ୍ରୀଡ଼ା ପ୍ରଶାସକ ଭାବେ କାର୍ଯ୍ୟ କରିଥିଲେ। ସେ ୨୦୧୨ ପର୍ଯ୍ୟନ୍ତ ମର୍ସିଡିଜ ଏଫ୍ ୱାନ୍ ଅଣ କାର୍ଯ୍ୟକାରୀ ଅଧକ୍ଷ ପଦରେ ଥିଲେ। କ୍ରମାଗତ ୫ ଥର ବିଶ୍ୱ ଟାଇଟଲ ଜିତିଥିବା ଲୁଇସ୍ ହାମିଲଟନଙ୍କ ସଫଳତା ପଛର ମୁଖ୍ୟ କାରଣ ଥିଲେ ଲୌଡ଼ା।

### ୨୧ ବର୍ଷରୁ କମ୍ ଚତୁଃରାଷ୍ଟ୍ରୀୟ ମହିଳା ହକି

# ସୁମନଙ୍କୁ ଭାରତର ନେତୃତ୍ୱ

**ନୂଆଦିଲ୍ଲୀ, ୨୧।୫(ପି.ଟି.)**

ଆୟର୍ଲାଣ୍ଡର ଡବ୍ଲିନଠାରେ ଚଳିତ ମାସ ୩୧ରୁ ଆରମ୍ଭ ହେବାକୁ ଥିବା ୨୧ ବର୍ଷରୁ କମ୍ ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ନାମେଣ୍ଟ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସୁମନ ଦେବୀ ଥୋଦମଙ୍କୁ ଭାରତୀୟ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିବାବେଳେ ଗଗନଦୀପ କୌରଙ୍କୁ ଉପଅଧିନାୟିକା ନିଯୁକ୍ତ କରାଯାଇଛି। ଏହି ଦଳରେ ଓଡ଼ିଶାର ମାରିଆନା କୁଜୁର ଓ ଅଜମିନ କୁଜୁର ସ୍ଥାନ ପାଇଛନ୍ତି।



ଚତୁଃରାଷ୍ଟ୍ରୀୟ ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

ଭାରତୀୟ ଦଳ ପ୍ରଥମେ ଆୟର୍ଲାଣ୍ଡ ଗସ୍ତ କରି ସେଠାରେ ଘରୋଇ ଜାତୀୟ ଦଳ ଏବଂ ପରେ କାନାଡା ଜୁନିୟର ମହିଳା ଦଳ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ୍ ଯଥାକ୍ରମେ ମେ ୨୮ ଓ ୨୯ରେ ଖେଳିବ। ଏହାପରେ ଭାରତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଭାରତ ବ୍ୟତୀତ ଘରୋଇ ଆୟର୍ଲାଣ୍ଡ, କାନାଡା ଓ ସ୍କଟ୍‌ଲାଣ୍ଡ ମେ ୩୧ରୁ ଜୁନ ୪ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଭାଗ ନେଉଛନ୍ତି। ଏହାପରେ ଭାରତୀୟ ଦଳ ଜୁନ ୬ରେ ଆୟର୍ଲାଣ୍ଡ ଦଳ ସହ ଆଉ ଏକ ମ୍ୟାଚ୍ ଖେଳିବ। ଏହାପରେ ଭାରତୀୟ ଜୁନିୟର ଦଳ ବେଲାରୁଷ ଗସ୍ତ କରି ସେଠାରେ ଜୁନ ୯ରୁ ୫ଟି ଦ୍ୱିପାକ୍ଷିକ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

**ଭାରତୀୟ ଦଳ**

ବିଚୁ ଦେବୀ ଖାରିବାମ, ଖୁସ୍‌ବୁ (ଉଭୟ ଗୋଲକିପର), ସୁମନ ଦେବୀ ଥୋଦମ (ଅଧିନାୟିକା), ଇଶିକା ଚୌଧାରୀ, ପ୍ରିୟଙ୍କା, ମହିମା ଚୌଧାରୀ, ଗଗନଦୀପ କୌର (ଉପଅଧିନାୟିକା), ସିମରନ ସିଂ (ସମସ୍ତେ ଡିଫେଣ୍ଡର୍ସ), ପ୍ରୀତି, ମାରିଆନା କୁଜୁର, ଚେତନା, ଅଜମିନ କୁଜୁର, ବଲ୍‌ଜିତ୍ କୌର (ମିଡ୍‌ଫିଲ୍ଡର), ମୁମୁତାଜ ଖାନ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍, ଶର୍ମିଳା ଦେବୀ, ରୀତା ଓ ଲାଲରିଣ୍ଡିକି (ସମସ୍ତେ ଫରୱାର୍ଡ)।

## ପୂର୍ବାଞ୍ଚଳ ଶିବିରରେ ଶୁଭକାନ୍ତ ଫିଜିଓ

**କଟକ ଅଫିସ,୨୧।୫**

ଜୁନ ୨୪ରୁ ଜୁଲାଇ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କିଟ ଷ୍ଟାଡିୟମରେ ୧୬ବର୍ଷରୁ କମ୍ ପୂର୍ବାଞ୍ଚଳ ଦଳ କ୍ରିକେଟ ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିରରେ ଓଡ଼ିଶାର ଶୁଭକାନ୍ତ ସାହୁ ଫିଜିଓ ଭାବେ ନିଯୁକ୍ତ ହୋଇଛନ୍ତି। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଆନୁକୂଲ୍ୟରେ ଗତ ଏପ୍ରିଲ ୨୦ ଓ ୨୧ ତାରିଖରେ ଫିଜିଓମାନଙ୍କୁ ନେଇ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୁଭକାନ୍ତ ଯୋଗଦେବା ସହ ଆସନ୍ତା ୧୬ବର୍ଷରୁ କମ୍ ପୂର୍ବାଞ୍ଚଳ ଶିବିର ନିମନ୍ତେ ମନୋନୀତ ହୋଇଛନ୍ତି। ସୂଚନାଥାଉକି, ୨୦୦୯ ମସିହାରୁ ରାଜ୍ୟ କ୍ରିକେଟ ସହ ଜଡ଼ିତ ଥିବା ଶୁଭକାନ୍ତ ୨୦୧୧ ମସିହାରୁ ରାଜ୍ୟ ରଣଜୀ ଦଳର ନିୟମିତ ଫିଜିଓ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଓଡ଼ିଶାର ଏକମାତ୍ର ଲେଭଲ-୧ ଫିଜିଓ ହେଲେ ଶୁଭକାନ୍ତ। ଏଥିପୂର୍ବରୁ ୨୦୧୮ରେ ଝାଡ଼ଖଣ୍ଡରେ ଅନୁଷ୍ଠିତ ୧୬ବର୍ଷରୁ କମ୍ ବାଳକ ପୂର୍ବାଞ୍ଚଳ କ୍ରିକେଟ ଶିବିର ଓ ୨୦୧୬ରେ କିଟରେ ଅନୁଷ୍ଠିତ ୧୯ବର୍ଷରୁ କମ ପୂର୍ବାଞ୍ଚଳ ଶିବିରରେ ମଧ୍ୟ ସେ ଫିଜିଓ ଥିଲେ।



ଶୁଭକାନ୍ତ ସାହୁ

## ଜାତୀୟ ସବ୍‌ଜୁନିୟର ହକି: ଫାଇନାଲରେ ଓଡ଼ିଶା



ସେମିଫାଇନାଲରେ ବିଜୟ ହାସଲ ପରେ ଓଡ଼ିଶା ଦଳର ଖେଳାଳିମାନେ।

**କଟକ ଅଫିସ,୨୧।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁରଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ-୨୦୧୯ (ଡିଭିଜନ-ଏ)ରେ ହକି ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଉତ୍ତରପ୍ରଦେଶ ବିପକ୍ଷରେ ହକି ଓଡ଼ିଶା ଫାଇନାଲ ମ୍ୟାଚ୍ ଖେଳିବ। ମଙ୍ଗଳବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୨-୧ ଗୋଲରେ ଦିଲ୍ଲୀ ସାଇ କେନ୍ଦ୍ରକୁ ହରାଇଥିଲା। ଓଡ଼ିଶା ପକ୍ଷରୁ ରୋଶନ କୁଜୁର ୧୬ତମ ମିନିଟରେ ଓ ଅଧିନାୟକ ଲାବନ ଲୁଗୁନ ୩୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦିଲ୍ଲୀ ପକ୍ଷରୁ ଆକାଶ ଏକମାତ୍ର ଗୋଲ ଦେଇଛନ୍ତି।

## ଅବସର ପରେ ଚିତ୍ରକର ହେବେ ଧୋନୀ

**ନୂଆଦିଲ୍ଲୀ, ୨୧।୫ (ପି.ଟି.)**



ଜଣେ ଚିତ୍ରକର ହେବାଲାଗି ମହେନ୍ଦ୍ର ସିଂ ଧୋନୀ ପିଲାଦିନେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ସାକାର କରିବେ। କ୍ରିକେଟ ଛାଡ଼ିବା ପରେ ସେ ପେଣ୍ଟିଂ କାର୍ଯ୍ୟରେ ନିଜକୁ ନିୟୋଜିତ କରବା ଲାଗି ଯୋଜନା ରଖିଥିବା ଏକ ଭିଡିଓରେ କହିଛନ୍ତି। ଆସନ୍ତା ଆଇସିସି ବିଶ୍ୱକପ୍ ପରେ ସେ କ୍ରିକେଟରୁ ଅବସର ନେଇପାରନ୍ତି ବୋଲି ଏଥିରୁ ସୂଚନା ମିଳୁଛି। ଭେଟେରାନ ଉଇକେଟକିପର ବ୍ୟାଟ୍ସମ୍ୟାନ ଭିଡିଓରେ ସେ ପ୍ରସ୍ତୁତ କରିଥିବା କିଛି ପେଣ୍ଟିଂ ଦେଖାଇଛନ୍ତି। ଏଥି ସହିତ ସେ କହିଛନ୍ତି, ମୁଁ ସମସ୍ତଙ୍କ ଆଗରେ ମୋର ଏକ ଗୋପନ କଥା ପ୍ରକାଶ କରିବାକୁ ଚାହୁଁଛି। ବାଲ୍ୟକାଳରେ ପ୍ରକୃତରେ ମୁଁ ଜଣେ ଚିତ୍ରକର ହେବାକୁ ଚାହୁଁଥିଲି। ବହୁତ କ୍ରିକେଟ ଖେଳ ହୋଇଗଲା। ମୁଁ ପ୍ରକୃତରେ ଯାହା ହେବାକୁ ଚାହୁଁଥିଲି ସେ ଦିଗରେ ଧ୍ୟାନ ଦେବା ସମୟ ଆସିଛି। ମୁଁ ନିଜେ ଇତିମଧ୍ୟରେ କିଛି ପେଣ୍ଟିଂ କରିସାରିଛି। ବିଶ୍ୱକପ୍ ବିଜୟୀ ଅଧିନାୟକ ୩୭ ବର୍ଷୀୟ ଧୋନୀ ୨୦୧୯ ବିଶ୍ୱକପ୍ ଖେଳିବାଲାଗି ୟୁନାଇଟେଡ କିଙ୍ଗଡମ୍ (ୟୁକେ) ଯିବା ଲାଗି ବର୍ତ୍ତମାନ ପ୍ରସ୍ତୁତ। ସମ୍ଭବତଃ ଏହି ମେଗା ଇଭେଣ୍ଟରେ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରର ପରିସମାପ୍ତି ଘଟିପାରେ। ତାଙ୍କ ପ୍ରଥମ ପେଣ୍ଟିଂ ପ୍ରାକୃତିକ ଦୃଶ୍ୟ ସମ୍ବଳିତ ଥିଲା। ଦ୍ୱିତୀୟଟି ଭବିଷ୍ୟତର ପରିବହନ ବ୍ୟବସ୍ଥାର ଚିତ୍ର ରହିଥିଲା। ତୃତୀୟଟି ତାଙ୍କର ସବୁଠାରୁ ଫେଭରାଇଟ୍ ରହିଥିଲା। ତାହା ହେଉଛି ଇଣ୍ଡିଆନ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ ଜର୍ସି ସହ ବ୍ୟାଟିଂ କରିଥିବା ଅବସ୍ଥାର ଏକ ପ୍ରତିଛବି। ଧୋନୀ ଆହୁରି ମଧ୍ୟ କହିଛନ୍ତି, ସେ ତାଙ୍କର ପେଣ୍ଟିଂଗୁଡ଼ିକୁ ନେଇ ଖୁବ୍ ଶୀଘ୍ର ଏକ ପ୍ରଦର୍ଶନୀର ଆୟୋଜନ କରିବେ। ଏ ନେଇ ସେ ତାଙ୍କ ପ୍ରଶଂସକଙ୍କ ମତାମତ ଲୋଡିଛନ୍ତି। ୨୦୧୪ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ଧୋନୀ ଇତିମଧ୍ୟରେ ୩୪୧ ଦିନିକିଆରୁ ୫୦.୭୨ ଆଭରେଜରେ ୧୦,୫୦୦ ରନ କରିସାରିଛନ୍ତି। ସେଥିରେ ତାଙ୍କର ୧୦ଟି ଶତକ ଏବଂ ୭୧ ଅର୍ଦ୍ଧଶତକ ସାମିଲ।

## ଡୋପ୍ ଟେଷ୍ଟରେ ବିଫଳ ହେଲେ ଗୋମତୀ

**ନୂଆଦିଲ୍ଲୀ, ୨୧।୫ (ପି.ଟି.)**

ଗତମାସରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍ ୮୦୦ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଥିବା ଗୋମତୀ ମାରିମୁଥୁ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ତାଙ୍କୁ ମଙ୍ଗଳବାର ତୁରନ୍ତ ସସ୍‌ପେଣ୍ଡ କରାଯାଇଛି। ତାମିଲନାଡୁର ଏହି ୩୦ବର୍ଷୀୟା ମହିଳା ଆଥ୍‌ଲେଟଙ୍କର ଦୋହାରେ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ବେଳେ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କ 'ଏ' ସାମ୍ପଲରେ ଏକ ଷ୍ଟେରଏଡ୍‌ର ମାତ୍ରା ରହିଥିଲା। ଚାମ୍ପିୟନଶିପ୍‌ରେ ଏପ୍ରିଲ ୨୨ ତାରିଖରେ ୨ମିନିଟ ୨.୭୦ ସେକେଣ୍ଡ ଟାଇମିଂରେ ଗୋମତୀ ସ୍ୱର୍ଣ୍ଣ ଜିତିଥିଲେ। ଯଦି 'ବି' ସାମ୍ପଲ ପଜିଟିଭ ଆସେ ତେବେ ତାଙ୍କୁ ସର୍ବାଧିକ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିପାରେ। ଏହାର ତାଙ୍କର ପ୍ରଥମ ଡୋପ୍ ଅପରାଧ। ଏସିଆନ ଚାମ୍ପିୟନଶିପ୍‌ରେ ଭାରତ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଏବଂ ସମାନ ସଂଖ୍ୟକ ବ୍ରୋଞ୍ଜ ପଦକ ଜିତିଥିଲା। ଗୋମତୀଙ୍କ ଯୋଗୁ ଭାରତକୁ ଗୋଟିଏ ସ୍ୱର୍ଣ୍ଣ ହରାଇବାକୁ ପଡ଼ିବ। ଖବର ଅନୁସାରେ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ପଟିଆଲାରେ ଫେଡେରେଶନ କପ୍ ବେଳେ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ଦ୍ୱାରା ଗୋମତୀଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ସେଥର ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ପଦାର୍ଥ ମିଳିଥିଲା। ମାତ୍ର ରିପୋର୍ଟ ଠିକଣା ସମୟରେ ମିଳିଥିଲେ ଏହି ଆଥଲେଟଙ୍କୁ ଏସିଆନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣରୁ ବଞ୍ଚିତ କରାଯାଇ ପାରିଥାନ୍ତା ବୋଲି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି।



## ଦକ୍ଷିଣ ଆଫ୍ରିକାକୁ ବୋଲର ଭରସା

**ନୂଆଦିଲ୍ଲୀ, ୨୧।୫(ପି.ଟି.)**



କ୍ରିକେଟର ଅନ୍ୟତମ ଶକ୍ତିଶାଳୀ ଦଳ ଭାବେ ପରିଚିତ ଲାଭ କରିଥିବା ଦକ୍ଷିଣ ଆଫ୍ରିକା କିନ୍ତୁ ଆଜି ପର୍ଯ୍ୟନ୍ତ ବିଶ୍ୱକପ୍ ଟ୍ରଫି ଜିତିପାରି ନାହିଁ। ଆଇସିସିର ବଡ଼ ଇଭେଣ୍ଟ ଗୁଡ଼ିକରେ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ସର୍ବଦା ନକ୍‌ଆଉଟ୍ ପର୍ଯ୍ୟାୟରୁ ବିଦାୟ ନେଇ 'ଚୋକର' ଆଖ୍ୟା ପାଇଥିବା ଦକ୍ଷିଣ ଆଫ୍ରିକା କିନ୍ତୁ ଆଗାମୀ ୨୦୧୯ ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ରହିଛି। ଯୁବ ଦ୍ରୁତ ବୋଲର କାଗିସୋ ରାବାଡା ଓ ଭେଟେରାନ ଇମ୍ରାନ ତାହିରଙ୍କୁ ନେଇ ଦକ୍ଷିଣ ଆଫ୍ରିକା ବୋଲିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ ରହିଛି। ବୋଲରମାନେ ହିଁ ଦକ୍ଷିଣ ଆଫ୍ରିକାକୁ ପ୍ରଥମଥର ଲାଗି ବିଶ୍ୱକପ୍ ଚାମ୍ପିୟନ କରାଇବା ସମ୍ଭାବନା ସୃଷ୍ଟି କରିଛନ୍ତି।

୧୯୯୯ ବିଶ୍ୱକପ୍ ସେମିଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ଦୁଃଖଦପୂର୍ଣ୍ଣ ପରାଜୟ ପରେ ଦକ୍ଷିଣ ଆଫ୍ରିକା ଦଳକୁ 'ଚୋକର' ଟ୍ୟାଗ୍ ମିଳିଥିଲା। କ୍ରିକେଟର ଏହି ମହାକୁମ୍ଭରେ ଆଜି ପର୍ଯ୍ୟନ୍ତ ଫାଇନାଲରେ ପ୍ରବେଶ କରିପାରି ନ ଥିବା ଦକ୍ଷିଣ ଆଫ୍ରିକା ୪ର୍ଥ ସେମିଫାଇନାଲରେ ପହଞ୍ଚିଥିଲେ ମଧ୍ୟ ସବୁଥର ପରାଜୟର ସାମ୍ନା କରିଛି। ଦକ୍ଷିଣ ଆଫ୍ରିକା କିନ୍ତୁ ଏହି ସମ୍ମାନଜନକ ଟ୍ରଫି ହାସଲ କରିବ ବୋଲି ପ୍ରାକ୍ତନ ପରଫର୍ମାନ୍ସ ଡିରେକ୍ଟର ପ୍ୟାଡି ଅପ୍‌ଟନ୍ କହିଛନ୍ତି। 'ମୋତେ ଲାଗୁଛି ଦକ୍ଷିଣ ଆଫ୍ରିକା ପାଇଁ 'ଚୋକର' ଟ୍ୟାଗ୍ ଅତିରଞ୍ଜିତ ହେଉଛି ଏବଂ ଏହା ଅନୁଚିତ୍ ମଧ୍ୟ। ମୋର ବିଶ୍ୱାସ ଅଛି, ଦକ୍ଷିଣ ଆଫ୍ରିକା ସଂଘର୍ଷ କରି ଆସିଛି ଏବଂ ଭଲ ପ୍ରଦର୍ଶନ କରିବ। ସମୟ ସହିତ ସେମାନେ ଏହି ବଡ଼ ଟୁର୍ନାମେଣ୍ଟରେ ବିଜୟୀ ହୋଇପାରିବେ' ବୋଲି ଅପ୍‌ଟନ୍ କହିଛନ୍ତି। ଯଦି ଇଂଲଣ୍ଡ ପରିବେଶକୁ ନଜର ପକାଯାଏ ତେବେ ଶ୍ରେଷ୍ଠ ଦକ୍ଷ ଦ୍ରୁତ ବୋଲର ଓ ସ୍ପିନରଙ୍କୁ ନେଇ ଦକ୍ଷିଣ ଆଫ୍ରିକାର ବୋଲିଂ ଲାଇନ୍‌ଅପ୍ ବେଶ୍ ସନ୍ତୁଳିତ। ଭେଟେରାନ ଡେଲ୍ ଷ୍ଟେଇନ୍, ରାବାଡା ଓ ଲେଗ୍-ସ୍ପିନର ତାହିର ଦକ୍ଷିଣ ଆଫ୍ରିକାର ବିଶ୍ୱକପ୍ ଲକ୍ଷ୍ୟ ପୂରଣ ପାଇଁ ସହାୟକ ହେବେ। ଯଦି ଷ୍ଟେଇନ୍ ଫିଟ୍ ରୁହନ୍ତି ତେବେ ସେ ପ୍ରୋଟିୟସ ଦଳ ପାଇଁ ଶକ୍ତିଶାଳୀ ଅସ୍ତ୍ର ହେବେ। ଆଇସିସି ଦିନିକିଆ ବୋଲିଂ ମାନ୍ୟତାର ଟପ୍-୫ରେ ରହିଥିବା ରାବାଡା ଓ ତାହିର ନିକଟରେ ସମାପ୍ତ ହୋଇଥିବା ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ନିଜ ନିଜ ଫ୍ରାଞ୍ଚାଇଜ୍ ପାଇଁ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଫର୍ମରେ ଥିବା ରାବାଡାଙ୍କ ନିକଟରେ ସ୍ପିଡ୍ ସହିତ ଭିନ୍ନତା ଓ ନୂଆ ବଲ୍ ପକାଇବାର ଦକ୍ଷତା ରହିଛି। ସେହିଭଳି ତାହିରଙ୍କ ଭଳି ଜଣେ କ୍ୱାଲିଟ୍ ରିଷ୍ଟ ସ୍ପିନର ବିଶ୍ୱକପ୍‌ରେ ସବୁ ଦଳ ପାଇଁ ମହତ୍ତ୍ୱ ରଖିଥାଏ। ଏହି ଭେଟେରାନ ବୋଲର ବର୍ତ୍ତମାନ ସୁଦ୍ଧା ୯୮ ଦିନିକିଆରୁ ୨୪ ଆଭରେଜରେ ୧୬୨ ଉଇକେଟ୍ ଅକ୍ତିଆର କରିସାରିଛନ୍ତି। ସେ ମଧ୍ୟ ଦକ୍ଷିଣ ଆଫ୍ରିକା ପାଇଁ ପ୍ରମୁଖ ଅସ୍ତ୍ର ହେବେ। ଯଦି ୩୫ ବର୍ଷୀୟ ଭେଟେରାନ ଦ୍ରୁତ ବୋଲର ଷ୍ଟେଇନଙ୍କ ଉପରେ ନଜର ପକାଯାଏ ତେବେ ବିଶ୍ୱକପ୍‌ରେ ହିଁ ସେ ୨୦୦ ଦିନିକିଆ ଉଇକେଟ୍ ଅକ୍ତିଆର କରିବାର ସମ୍ଭାବନା ରହିଛି। ଏହି ମାଇଲଷ୍ଟୋନଠାରୁ ବର୍ତ୍ତମାନ ସେ ୪ ଉଇକେଟ୍ ଦୂରରେ ରହିଛନ୍ତି। ତେବେ ଆଘାତଜନିତ ସମସ୍ୟା ଷ୍ଟେଇନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଅପରପକ୍ଷରେ ଏବି ଡି ଭିଲର୍ସଙ୍କ ପରି ମ୍ୟାଚ୍ ବିଜେତା ଅବସର ନେଇସାରିଥିବାରୁ ଦକ୍ଷିଣ ଆଫ୍ରିକା ତାଙ୍କ ଅନୁପସ୍ଥିତି ବିଶ୍ୱକପ୍‌ରେ ଅନୁଭବ କରିବ। ତେବେ ଅଧିନାୟକ ଫାଫ୍ ଡୁ ପ୍ଲେସିସ୍, ହାସିମ ଅମ୍‌ଲା, କ୍ୱିଣ୍ଟନ ଡି କକ୍, ଜେପି ଡୁମିନି, ଡେଭିଡ୍ ମିଲରଙ୍କ ପରି ବ୍ୟାଟ୍ସମ୍ୟାନଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। ଡୁ ପ୍ଲେସିସ୍, ଅମ୍‌ଲା, ଡୁମିନି, ତାହିର ଓ ଷ୍ଟେଇନଙ୍କ ପାଇଁ ଏହା ୩ୟ ବିଶ୍ୱକପ୍ ହେବାକୁ ଥିବାବେଳେ ଡି କକ୍ ଓ ମିଲର ୨ୟ ଥର ପାଇଁ କ୍ରିକେଟର ଏହି ମହାକୁମ୍ଭରେ ଖେଳିବାକୁ ଯାଉଛନ୍ତି। ଗତ ୨୦୧୫ ବିଶ୍ୱକପ୍ ପରଠାରୁ ଡୁ ପ୍ଲେସିସ ୬୦.୪ ଆଭରେଜରେ ୨୭୭୭ ରନ ସଂଗ୍ରହ କରିଛନ୍ତି। ସେହିଭଳି ଶେଷ ୧୩ ସିରିଜକୁ ୧୧ରେ ଦଳକୁ ବିଜୟ ସ୍ୱାଦ ଚଖାଇଛନ୍ତି। କିନ୍ତୁ ବିଶ୍ୱକପ୍ ଭଳି ଏକ ମେଗା ଇଭେଣ୍ଟରେ ଅତୀତ ରେକର୍ଡର କୌଣସି ପ୍ରାସଙ୍ଗିକତା ନ ଥାଏ। ଦିନିକିଆରେ ୨୭ ଶତକ ହାସଲ କରିସାରିଥିବା ୩୬ ବର୍ଷୀୟ ଅମ୍‌ଲା ଖରାପ ଫର୍ମ ଦେଇ ଗତି କରୁଥିଲେ ମଧ୍ୟ ଅଭିଜ୍ଞତା ଦୃଷ୍ଟିରୁ ବିଶ୍ୱକପ୍ ଦଳରେ ସ୍ଥାନ ପାଇବାରେ ସକ୍ଷମ ହୋଇଛନ୍ତି। ଗତ ବିଶ୍ୱକପ୍ ପରଠାରୁ ଅମ୍‌ଲା ଓ ଡି କକ୍ ଦକ୍ଷିଣ ଆଫ୍ରିକା ପାଇଁ ସବୁଠାରୁ ସଫଳ ଓପନର୍ ରହି ଆସିଛନ୍ତି। ୨୦୧୫ ବିଶ୍ୱକପ୍ ପରେ ଅମ୍‌ଲା ଓ ଡି କକ୍ ଯୋଡ଼ି ୪୯ ମ୍ୟାଚ୍‌ରୁ ୫୧.୯୬ ଆଭରେଜରେ ୧୪୪୨ ରନ ସଂଗ୍ରହ କରିଛନ୍ତି।



“ଇଂଲଣ୍ଡରେ ଟେଷ୍ଟ ମ୍ୟାଚ ଖେଳିବା ଅଭିଜ୍ଞତା ପାଇଁ ମୋତେ ପାକିସ୍ତାନ ବିଶ୍ୱକପ୍ ଦିନିକିଆ ଦଳରେ ସ୍ଥାନ ମିଳିଛି ।

–ୱାହାବ ରିଆଜ୍, ପାକିସ୍ତାନ ଫାଷ୍ଟ ବୋଲର

“ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ମୁଁ ପ୍ରତିଯୋଗିତା ଚହେଁନା, ବରଂ ଭାରତକୁ ଜିତାଇବା ଲକ୍ଷ୍ୟ ନେଇ ଉଭୟେ ଖେଳିବୁ ।

–ବିଜୟ ଶଙ୍କର, ଭାରତୀୟ କ୍ରିକେଟ ଅଲରାଉଣ୍ଡର



## ସଂକ୍ଷେପରେ

### ବିମାନରୁ ବିଦା ହେଲେ ସ୍ଲେଟର



**ସିଡ୍‌ନୀ,୨୧।୫:** ଦୁଇ ସାଙ୍ଗଙ୍କ ସହ ପ୍ରବଳ ଯୁକ୍ତିତର୍କ ପରେ ପୂର୍ବତନ ଅଷ୍ଟ୍ରେଲିଆନ ଓପନର ମାଇକେଲ ସ୍ଲେଟରଙ୍କୁ ବିମାନରୁ ବିଦା ହେବାକୁ ପଡ଼ିଛି। ମାକୁରି ସ୍ପୋର୍ଟ୍ସ ରେଡିଓ ଅନୁଯାୟୀ, ରବିବାର ସିଡ୍‌ନୀରୁ ବିମାନ ୱାଗା ଯିବାର ଥିଲା। କିନ୍ତୁ ସ୍ଲେଟର ଓ ଦୁଇ ମହିଳାଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତି ହୋଇଥିଲା। ଏହାପରେ ସ୍ଲେଟର ବିମାନର ଶୌଚାଳୟରେ ନିଜକୁ ବନ୍ଦ କରି ଦେଇଥିଲେ। ତାଙ୍କୁ ବାହାରକୁ କାଢ଼ିବା ପାଇଁ ସୁରକ୍ଷା କର୍ମକର୍ତ୍ତାଙ୍କୁ ଡକାଇବାକୁ ପଡ଼ିଥିଲା। ଏଥିନେଇ ବିମାନ ଉଡାଣରେ ଅଧ ଘଣ୍ଟା ବିଳମ୍ବ ହୋଇଥିଲା। କ୍ରିକେଟ ପଣ୍ଡିତ ଭାବେ ଜଣାଶୁଣା ସ୍ଲେଟରଙ୍କୁ ବିଶ୍ୱକପ୍ ଲାଗି ଭାଷ୍ୟକାର ପେନାଲରେ ସ୍ଥାନ ମିଳିଛି। ଏହି ଘଟଣାକୁ ଅଷ୍ଟ୍ରେଲିଆନ ଏୟାର ଲାଇନ କ୍ୱାଣ୍ଟାସ ସ୍ପଷ୍ଟ କରିଛି। ୱାଗା ପାଇଁ ବିମାନ ଉଡାଣ ଆରମ୍ଭ କରିବା ପୂର୍ବରୁ ମୁଁ ଦୁଇ ବନ୍ଧୁଙ୍କ ସହ ଯୁକ୍ତି କରିଥିଲି। ଏଥିଯୋଗୁ ବିମାନର ଅନ୍ୟ ଯାତ୍ରୀମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏଥିନେଇ ମୁଁ କ୍ଷମା ପ୍ରାର୍ଥନା କରୁଛି ବୋଲି ସ୍ଲେଟର କହିଛନ୍ତି। ୨୦୦୪ରେ ଅବସର ନେଇଥିବା ପୂର୍ବତନ ଅଷ୍ଟ୍ରେଲିଆନ ଟେଷ୍ଟ କ୍ରିକେଟରେ ୫,୩୧୨ ରନ୍ କରିଛନ୍ତି।

### ପରାଜୟରୁ ଭାରତର ଅଭିଯାନ ଆରମ୍ଭ

**ନାନ୍‌କିଂ,୨୧।୫(ପି.ଟି.):** ଚାଇନାରେ ଚାଲିଥିବା ସୁଦିରମାନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ ଡି'ର ପ୍ରଥମ ମ୍ୟାଚ୍‌ରେ ଭାରତ ୨-୩ ବ୍ୟବଧାନରେ ମାଲେସିଆଠାରୁ ପରାସ୍ତ ହୋଇଛି। ମିକ୍ସଡ୍ ଡବଲ୍ସ ବର୍ଗରେ ସାତ୍ତ୍ୱିକସାଇରାଜ ରାନ୍‌କିରେଡ୍ଡୀ ଓ ଅଶ୍ୱିନୀ ପୁନାପ୍ପା ବିଜୟ ସହ ଭାରତକୁ ୧-୦ରେ ଅଗ୍ରଣୀ ଆଣି ଦେଇଥିଲେ। କିଡାମ୍ବି ଶ୍ରୀକାନ୍ତଙ୍କ ବଦଳରେ ସମୀରଙ୍କୁ ପଠାଇବା ନିଷ୍ପତ୍ତି ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସମୀରଙ୍କୁ ୧୩-୨୧, ୧୫-୨୧ ଗେମ୍‌ରେ ଲି ଝି ଜିଆ ପରାସ୍ତ କରିଥିଲେ। ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ ପି.ଭି. ସିନ୍ଧୁ ୨୧-୧୨, ୨୧-୮ ଗେମ୍‌ରେ ଗୋ ଜିନ ୱେଇଙ୍କୁ ହରାଇଥିଲେ। କିନ୍ତୁ ପୁରୁଷ ଡବଲ୍ସ ବର୍ଗରେ ମନୁ ଅତ୍ରି ଓ ବି. ସୁମିଥ ରେଡ୍ଡୀଙ୍କ ଯୋଡ଼ି ପରାସ୍ତ ହେବାରୁ ମୁକାବିଲା ୨-୨ର ବରାବର ସ୍ଥିତିରେ ରହିଥିଲା। ଅନ୍ତିମ ତଥା ମହିଳା ଡବଲ୍ସ ବର୍ଗରେ ଅଶ୍ୱିନ ଓ ଏନ୍. ସିକ୍କି ରେଡ୍ଡୀଙ୍କ ଯୋଡ଼ିକୁ ଚୋ ମେଇ କନ ଓ ଲି ମେଙ୍ଗ ୟିନ ପରାସ୍ତ କରି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ପରାଜୟ ଯୋଗୁ ନକ୍‌ଆଉଟ୍ ପର୍ଯ୍ୟାୟରେ ଭାରତୀୟ ଦଳର ପ୍ରବେଶ କରିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଭାରତୀୟ ଦଳ ତା'ର ପରବର୍ତ୍ତୀ ମୁକାବିଲାରେ ଶକ୍ତିଶାଳୀ ଚାଇନାକୁ ଭେଟିବ।


# ବିସିସିଆଇ ନିର୍ବାଚନ ଅକ୍ଟୋବର ୨୨ରେ

**ନୂଆଦିଲ୍ଲୀ, ୨୧।୫ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବହୁ ପ୍ରତୀକ୍ଷିତ କର୍ମକର୍ତ୍ତା ନିର୍ବାଚନ ଅକ୍ଟୋବର ୨୨ରେ ହେବ। ପ୍ରଶାସକ କମିଟି (ସିଓଏ) ମଙ୍ଗଳବାର ଏହା ଘୋଷଣା କରିଛି। ଲୋଧା ପ୍ୟାନେଲର ସଂସ୍କାରମୂଳକ ପ୍ରସ୍ତାବଗୁଡ଼ିକର କିପରି ସୁଚାରୁରୂପେ କାର୍ଯ୍ୟକାରୀ ହେବ ତାହା ତଦାରଖ କରିବା ଲାଗି ସୁପ୍ରିମକୋର୍ଟ ୨୦୧୭ରେ ପ୍ରଶାସକ କମିଟି ଗଠନ କରିଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ପି.ଏସ୍. ନରସିହ୍ମାଙ୍କ ସହିତ ଆଲୋଚନା ପରେ ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ବିଭିନ୍ନ ରାଜ୍ୟ ଆସୋସିଏଶନଗୁଡ଼ିକ ପକ୍ଷରୁ ୮୦ ଅନ୍ତରୀଣ ଅପିଲର ବିଚାର ପାଇଁ ସୁପ୍ରିମକୋର୍ଟ ଗତ ମାର୍ଚ୍ଚରେ ନରସିହ୍ମାଙ୍କୁ ନିଯୁକ୍ତି ଦେଇଥିଲେ। ମଙ୍ଗଳବାର ଅନୁଷ୍ଠିତ ବୈଠକରେ ସିଓଏର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେମାନେ ହେଲେ ସିଓଏ ମୁଖ୍ୟ ବିନୋଦ ରାୟ, ଡାଏନ ଇଡୁଲ୍‌ଜୀ ଏବଂ ରବି ଥୋଗ୍‌ଡେ। ରାଜ୍ୟ ଆସୋସିଏଶନଗୁଡ଼ିକ ଲାଗି ନିର୍ବାଚନ ସ ମ ୟ ସ 1 ମ । ସେପ୍ଟେମ୍ବର ୧୪ ରଖାଯାଇଛି। ରାୟ କହିଛନ୍ତି, ବିସିସିଆଇ ନିର୍ବାଚନ ତାରିଖ ଘୋଷଣା ହେବାଦ୍ୱାରା ମୁଁ ଖୁବ୍ ଖୁସୀ। କାରଣ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଦୁଇ ବର୍ଷରୁ ଅଧିକ ସମୟ ଧରି ପ୍ରଶାସନିକ ସଂକଟ ଦେଇ ଗତି କରୁଛି। ମାନ୍ୟବର ସୁପ୍ରିମକୋର୍ଟ ଯେତେବେଳେ ମୋତେ ନିଯୁକ୍ତି ଦେଲେ ସେତେବେଳେ ମୁଁ କହିଥିଲି ମୋର ଭୂମିକା ନାଇଟ୍ ୱାଚ୍‌ମ୍ୟାନ ଭଳି ହେବ। ମାତ୍ର ନାଇଟ୍ ୱାଚ୍‌ମ୍ୟାନ ଦାୟିତ୍ୱ ଅଧିକ ଦିନ ଧରି ତୁଲାଇବାକୁ ପଡ଼ିଲା ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନ ଗୁଡ଼ିକର ସମସ୍ୟା ସମାଧାନ କ୍ଷେତ୍ରରେ ନରସିଂହ୍ମାଙ୍କ ଭୂମିକାକୁ ରାୟ ଉଚ୍ଚ ପ୍ରଶଂସା କରିଥିଲେ। ଏଥିପାଇଁ ଆମିକସ୍ କ୍ୟୁରି ପ୍ରାୟ ୧୫୦ ଘଣ୍ଟା ସମୟ ନେଇଥିଲେ। ରାଜ୍ୟ ୟୁନିଟ୍‌ଗୁଡ଼ିକ ପାଇଁ ଆପେକ୍ସ କାଉନ୍‌ସିଲର କଳେବର ବୃଦ୍ଧି କରାଯିବ। ମାତ୍ର ପ୍ରସ୍ତାବ ଅନୁସାରେ ବିସିସିଆଇର ସଦସ୍ୟ ସଂଖ୍ୟା ୯ରେ ସୀମିତ ରଖାଯିବ ବୋଲି ରାୟ କହିଛନ୍ତି। ଆମିକସ୍ କ୍ୟୁରି ସୁପ୍ରିମକୋର୍ଟଙ୍କ ନିକଟକୁ ପଠାଇଥିବା ତାଙ୍କ ରିପୋର୍ଟରେ ମୁଖ୍ୟ ସମ୍ବିଧାନରେ ଏକ ମାତ୍ର ରିହାତି ପାଇଁ ସୁପାରିସ କରିଥିଲେ। ତାହା ହେଲା ଆପେକ୍ସ କାଉନ୍‌ସିଲର ସଦସ୍ୟ ସଂଖ୍ୟା ବୃଦ୍ଧି କରିବା। ଏଥିରେ ୧୯ଜଣ ସଦସ୍ୟ ରହିବେ। ୧୬ ଜଣ ନିର୍ବାଚିତ ହେବାକୁଥିବା ବେଳେ ଅନ୍ୟ ୩ଜଣ ମନୋନୀତ ହେବେ। ସୂଚନାଯୋଗ୍ୟ,ସୁପ୍ରିମକୋର୍ଟ ୨୦୧୭ ଜାନୁୟାରୀରେ ବିସିସିଆଇ ସଭାପତି ଅନୁରାଗ ଠାକୁର ଏବଂ ସଂପାଦକ ଅଜୟ ଶିର୍‌କେଙ୍କୁ ବହିଷ୍କୃତ କରିଥିଲେ। ଏହାଛଡ଼ା କୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ଯୋଗ୍ୟତା ମାନଦଣ୍ଡ ନ ଥିବା ବୋର୍ଡର ଅନ୍ୟ କର୍ମକର୍ତ୍ତାଙ୍କୁ ପଦତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଇଂଲଣ୍ଡ ବିଶ୍ୱକପ୍ ଦଳରେ ଆର୍ଚର

**ଲଣ୍ଡନ, ୨୧।୫:** ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରେ ଷ୍ଟାଣ୍ଡ ବାଇ ଭାବେ ରଖାଯାଇଥିବା ଜୋଫ୍ରା ଆର୍ଚରଙ୍କୁ ବିଶ୍ୱକପ୍ ଲାଗି ମଙ୍ଗଳବାର ଘୋଷିତ



ଇଂଲଣ୍ଡ ଦଳରେ ସ୍ଥାନ ମିଳିଛି। ତେବେ ତାଙ୍କୁ ବାମହାତୀ ପେସର ଡେଭିଡ ୱିଲିଙ୍କ ସ୍ଥାନରେ ନିଆଯାଇଛି। ସେ ଏପର୍ଯ୍ୟନ୍ତ ମାତ୍ର ୩ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଆୟର୍ଲାଣ୍ଡ ବିପକ୍ଷରେ ଗୋଟିଏ ଓ ପାକିସ୍ତାନ ବିପକ୍ଷରେ ଦୁଇଟି। ଅଳ୍ପ ସଂଖ୍ୟକ ମ୍ୟାଚ୍ ଖେଳିଥିଲେ ମଧ୍ୟ ନିୟମିତ ୧୪୦ କି.ମି. ବେଗରେ ବୋଲିଂ କରିବା ସହ ଠିକ୍ ୟର୍କର ପକାଇ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଗତ ବର୍ଷ ଅକ୍ଟୋବରରେ ଅନ୍ତିମ ମ୍ୟାଚ୍ ଖେଳିଥିବା ଲିଆନ ଡାଓ୍ୱସନଙ୍କୁ ମଧ୍ୟ ବିଶ୍ୱକପ୍ ଦଳରେ ନିଆଯାଇଛି। ସେ ବାମହାତୀ ସ୍ପିନ ବୋଲିଂ ସାଙ୍ଗକୁ ବ୍ୟାଟିଂ ମଧ୍ୟ କରନ୍ତି। ଡ୍ରଗ୍ସ ସେବନ ଯୋଗୁ ଜାତୀୟ ଦଳରୁ ବାସନ୍ଦ ହୋଇଥିବା ଆଲେକ୍ସ ହେଲ୍ସଙ୍କ ସ୍ଥାନରେ ଜେମ୍ସ ଭିନ୍ସଙ୍କୁ ଦଳରେ ଜାଗା ମିଳିଛି। ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍‌ରେ ଇଂଲଣ୍ଡ ଦଳ ପ୍ରଥମ ଫେଭରାଇଟ୍ ଭାବେ ଅଭିଯାନ ଆରମ୍ଭ କରିବ।

### ଇଂଲଣ୍ଡ ଦଳ

ଇଅନ ମୋର୍ଗାନ (ଅଧିନାୟକ), ଜାସନ ରୟ, ଜନି ବେୟାରଷ୍ଟୋ, ଜୋ ରୁଟ, ଜେମ୍ସ ଭିନ୍ସ, ଜୋସ ବଟଲର, ବେନ ଷ୍ଟୋକ୍ସ, ମୋଇନ ଅଲି, ଆଡିଲ ରଶିଦ, କ୍ରିସ ୱୋକ୍ସ, ଲିଆମ ପ୍ଲଙ୍କେଟ, ଟମ କୁରାନ, ଲିଆନ ଡସନ, ଜୋଫ୍ରା ଆର୍ଚର ଓ ମାର୍କ ଉଡ।



ଗୁଆହାଟୀ: ଇଣ୍ଡିଆ ଓପନ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟରେ ମଙ୍ଗଳବାର ନେପାଳର ମାଲା ରାଇଙ୍କ ବିପକ୍ଷ ବାଉଟ୍ ଜିତିବା ପରେ ଭାରତର ଏମ୍‌ସି ମେରିକମ୍‌ଙ୍କୁ ବିଜୟୀ ଘୋଷଣା କରାଯାଉଛି।

## କଳିଙ୍ଗରେ ମହିଳା ଫିଫା ବିଶ୍ୱକପ୍ ସମ୍ଭାବନା

**ପଣଜୀ, ୨୧।୫:** ଆସନ୍ତା ୨୦୨୦ ଜୁନ୍‌ରେ ଭାରତ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ କରିବ। ଏଥିନେଇ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ୫ ଭେନ୍ୟୁ ଚୟନ କରିଛି। ଏଥିରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ସମେତ ଗୋଆ, ଅହମ୍ମଦାବାଦ, କୋଲକାତା ଓ ମୁମ୍ବାଇ ରହିଛି। ଫିଫାର ସ୍ୱତନ୍ତ୍ର ଦଳ ଓ ସ୍ଥାନୀୟ ଆୟୋଜକ କମିଟି (ଏଲଓସି) ଅହମ୍ମଦାବାଦ ଗ୍ରାଉଣ୍ଡ ଯାଞ୍ଚ କରିଛି। ଏମାନେ ଗୁରୁବାର ଗୋଆ ଗସ୍ତ କରିବେ। ଏଆଇଏଏଫ୍ ଓ ଏହାର ଦଳମାନଙ୍କ ସହ ଓଡ଼ିଶା ସରକାରଙ୍କ ଭଲ ବୁଝାମଣା ରହିଛି। ଏଣୁ ଭୁବନେଶ୍ୱରରେ ଫିଫା ବିଶ୍ୱକପ୍ ଆୟୋଜନ ହେବାର ବିଶେଷ ସମ୍ଭାବନା ରହିଛି। ୩ ବର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଭାରତ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ୨୪ ଦଳକୁ ନେଇ ଅନୁଷ୍ଠିତ ପୁରୁଷ ଇଭେଣ୍ଟ ୬ ଭେନ୍ୟୁରେ ଖେଳାଯାଇଥିଲା। ହେଲେ ମହିଳା ଇଭେଣ୍ଟରେ ୧୬ ଦଳ ୪ ଭେନ୍ୟୁରେ ଖେଳିବେ।

## ବିଶ୍ୱକପ୍‌ରେ ଶ୍ରୀଲଙ୍କାର ନୂଆ ଅଧିନାୟକ

**ଗୁଆହାଟୀ, ୨୧।୫ (ପି.ଟି.):** ଦଳର ନେତୃତ୍ୱ ଭାର ବିଫଳତାଠାରୁ ଆରମ୍ଭ କରି ପ୍ରଶାସନିକ ବିବାଦ ଯୋଗୁ ପୂର୍ବତନ ଚାମ୍ପିୟନ ଶ୍ରୀଲଙ୍କା ଦଳକୁ ବିଶ୍ୱକପ୍‌ରେ କେବଳ ଚମତ୍କାର ହିଁ ବଞ୍ଚାଇପାରିବ। ଡାର୍କ ହର୍ସ ଭାବେ ବିବେଚିତ ହେଉଥିବା ଦଳ ସର୍ବଦା ବିଶ୍ୱ ସ୍ତରୀୟ ଇଭେଣ୍ଟରେ ଭଲ ପ୍ରଦର୍ଶନ କରିଛି। ଥରେ ବିଶ୍ୱକପ୍ ଟାଇଟଲ, ଦୁଇ ଥର ରନର୍ସ ଅପ୍ ଓ ଥରେ ସେମିଫାଇନାଲ ଖେଳିସାରିଛି। ହେଲେ ଏଥର ବିଶ୍ୱକପ୍‌ରେ ସବୁଠୁ ଦୁର୍ବଳ ଦଳ ଭାବେ ଅଂଶଗ୍ରହଣ କରିବାକୁ ଯାଉଛି। ଚୟନକର୍ତ୍ତାମାନେ ବିଶ୍ୱକପ୍ ଦଳରୁ ଅଭିଜ୍ଞ ଦୀନେଶ ଚଣ୍ଡିମାଲ ଓ ନିରୋଶାନ ଡିକଓ୍ୱେଲାଙ୍କୁ ବାଦ୍ ଦେଇଛନ୍ତି। ୨୦୧୫ରେ ଅନ୍ତିମ ଥର ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଦିମୁଥ କରୁଣାରତ୍ନେଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦିଆଯାଇଛି। ଚଣ୍ଡିମାଲ ଓ ଡିକଓ୍ୱେଲା ଭିନ୍ନ ଭିନ୍ନ ଫର୍ମାଟରେ ଚଳିତ ବର୍ଷ ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଉଥିଲେ। ଉଭୟ ବିଫଳ ହେବା ପରେ ଲସିଥ ମାଲିଙ୍ଗାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଫଳାଫଳରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ମାତ୍ର ୨ ବର୍ଷରେ ଶ୍ରୀଲଙ୍କା ୯ ଜଣ ଅଧିନାୟକ ଦେଖିସାରିଛି। ଏଥିଯୋଗୁ ୨୦୧୫ ବିଶ୍ୱକପ୍‌ଠାରୁ ମୋଟ ୮୪ ଦିନିକିଆ ଖେଳି ୫୫ ମ୍ୟାଚ୍‌ରେ ପରାସ୍ତ ହୋଇସାରିଛି। ତେବେ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଦଳ ଜୁନ ୧ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ।

## ବିଶ୍ୱକପ୍ ‘ସବୁଠୁ ଚ୍ୟାଲେଞ୍ଜିଂ’ ରହିବ: କୋହଲି



ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ସହ ଭାରତ ଅଧିନାୟକ ବିରାଟ କୋହଲି।

**ମୁମ୍ବାଇ, ୨୧।୫(ପି.ଟି.)**

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଚଳିତ ମାସ ଶେଷ ଭାଗରେ ଗ୍ରେଟ୍ ବ୍ରିଟେନରେ ଆରମ୍ଭ ହେବାକୁ ଯାଉଛି। ରାଉଣ୍ଡ ରବିନ ଫର୍ମାଟ୍ ଭିତ୍ତିକ ଏହି ଟୁର୍ନାମେଣ୍ଟରେ ଭାରତ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକୁ ଭେଟିବାର କାର୍ଯ୍ୟକ୍ରମ ରହିଥିବାରୁ ଆଗାମୀ ବିଶ୍ୱକପ୍ ‘ସବୁଠୁ ଚ୍ୟାଲେଞ୍ଜିଂ’ ରହିବ ବୋଲି ଅଧିନାୟକ ବିରାଟ କୋହଲି ମଙ୍ଗଳବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ନିଜର ୩ୟ ବିଶ୍ୱକପ୍ ଖେଳିବାକୁ ଯାଉଥିବା କୋହଲି କହିଛନ୍ତି, ରାଉଣ୍ଡ ରବିନରେ ୪ଟି କଠିନ ମ୍ୟାଚ୍ ଖେଳିବାକୁ ଥିବାରୁ ତାଙ୍କ ପାଖରେ ଆରାମ କରିବାକୁ ସମୟ ନାହିଁ। ୧୯୯୨ ବିଶ୍ୱକପ୍ ପରେ ପ୍ରଥମଥର ଲାଗି ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ସେମିଫାଇନାଲ ଲାଗି ଦଳ ଚୂଡ଼ାନ୍ତ ହେବ। ଦୁଇଥରର ପୂର୍ବ ବିଜେତା ଭାରତ ଜୁନ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି କ୍ରିକେଟ୍‌ର ଏହି ମହାକୁମ୍ଭରେ ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଏହାପରେ ଅଷ୍ଟ୍ରେଲିଆ (ଜୁନ ୯), ନ୍ୟୁଜିଲାଣ୍ଡ (ଜୁନ୍ ୧୩) ଓ ପାକିସ୍ତାନ (ଜୁନ ୧୬)କୁ ପର୍ଯ୍ୟାୟକ୍ରମେ ଭେଟିବାର କାର୍ଯ୍ୟସୂଚୀ ରହିଛି।

‘ମୋ ମତରେ, ଫର୍ମାଟ୍ ଓ ସବୁ ଦଳର ଦକ୍ଷତା ଦୃଷ୍ଟିରୁ ମୁଁ ଭାଗ ନେଇଥିବା ବିଶ୍ୱକପ୍ ମଧ୍ୟରୁ ସମ୍ଭବତଃ ଏହା ସବୁଠାରୁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଯଦି ତୁମେ ୨୦୧୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆଫଗାନିସ୍ତାନକୁ ନଜର ପକାଇବା ତେବେ ଏହା ସମ୍ପୂର୍ଣ୍ଣ ଭିନ୍ନ ଦଳ। କୌଣସି ଦଳ କାହାକୁ ବିପର୍ଯ୍ୟୟ ଘଟାଇବାର ଦକ୍ଷତା ରଖିଛନ୍ତି। ଏହାକୁ ଆମେ ନଜରରେ ରଖିଛୁ ଏବଂ ଆମର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରହିଛୁ। ସମସ୍ତଙ୍କ ବିପକ୍ଷରେ ଖେଳିବା ମୋ ମତରେ ସବୁ ଦଳ ପାଇଁ ଭଲ। ଏହାଦ୍ୱାରା ଅଲଗା ଅଲଗା ଚ୍ୟାଲେଞ୍ଜ ମିଳିବ ଏବଂ ପ୍ରତ୍ୟେକ ଦଳ ଶୀଘ୍ର ଖାପଖୁଆଇ ନେବେ’ ବୋଲି କୋହଲି ଏହି ଅବସରରେ ପ୍ରକାଶ କରିଛନ୍ତି। ନିଜର ପ୍ରଥମ ୪ଟି ମ୍ୟାଚ୍‌କୁ ନେଇ କୋହଲି କହିଛନ୍ତି, ଏହାଦ୍ୱାରା ଆମର ଲୟ ସ୍ଥିର ହେବ। ପ୍ରତ୍ୟେକ ଖେଳାଳିଙ୍କୁ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ ଏବଂ ପ୍ରଥମ ମ୍ୟାଚ୍‌ରୁ ହିଁ ଏହାକୁ ବଜାୟ ରଖିବାକୁ ହେବ। ବିଶ୍ୱକପ୍ ଏକ ବଡ଼ ଟୁର୍ନାମେଣ୍ଟ ହୋଇଥିବାରୁ ପଡ଼ିଆରେ ପାଦ ରଖୁ ରଖୁ ଚାପ ରହିବା ସ୍ୱାଭାବିକ। ସେଥିଲାଗି ମ୍ୟାଚ୍ ଦିନ ଶତପ୍ରତିଶତ ପ୍ରସ୍ତୁତି ସହିତ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ଯଦି ଫୁଟ୍‌ବଲର ଶୀର୍ଷ କ୍ଲବ ଗୁଡ଼ିକୁ ନଜର ପକାଇବେ ପ୍ରିମିୟର ଲିଗ୍ ହେଉ କିମ୍ବା ଲା ଲିଗା ସେମାନେ ୩-୪ ମାସ ପର୍ଯ୍ୟନ୍ତ ସେମାନଙ୍କ ତୀବ୍ରତା ବଜାୟ ରଖିଥାନ୍ତି। ତେଣୁ ଆମେ କାହିଁକି ଏହିପରି କରିପାରିବା ନାହିଁ। ଆମକୁ ପୁରା ଟୁର୍ନାମେଣ୍ଟ ସାରା ଲୟ ଏବଂ ଆମର ସ୍ଥିରତା ବଜାୟ ରଖିବାକୁ ହେବ’ ବୋଲି କୋହଲି କହିଛନ୍ତି।

## ଆଇସିସି ବିଶ୍ୱକପ୍



ଆଉ ୭ ଦିନ

# ଅଷ୍ଟ୍ରେଲିଆକୁ ଦ୍ୱିତୀୟ ଟାଇଟଲ

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ମୂଳତଃ ଇଂଲଣ୍ଡରେ ଆୟୋଜିତ ହୋଇଥିଲା। ତେବେ ଏହି ମୋଗ ଇଭେଣ୍ଟର କେତେକ ମ୍ୟାଚ୍ ସ୍କଟଲାଣ୍ଡ, ଆୟର୍ଲାଣ୍ଡ, ୱେଲ୍ସ ଓ ନେଦରଲାଣ୍ଡ୍ସରେ ଖେଳାଯାଇଥିଲା। ଷ୍ଟିଭ ୱାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇ ଦ୍ୱିତୀୟଥର ପାଇଁ ଟାଇଟଲ ଜିତିଥିଲା। ଲଣ୍ଡନର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଫାଇନାଲ ମୁକାବିଲାରେ ପାକିସ୍ତାନକୁ ୮ ଉଇକେଟରେ ହରାଇ ବାଜି ମାରିଥିଲା। ସେମିଫାଇନାଲରେ ପରାସ୍ତ ହୋଇଥିବା ଅନ୍ୟ ଦୁଇ ଦଳ ହେଲେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା। ମିଷ୍ଟର ଡିପେଣ୍ଡବଲ ଭାରତର ରାହୁଲ ଦ୍ରାବିଡ୍ ଟୁର୍ନାମେଣ୍ଟରେ ସର୍ବାଧିକ ୪୬୧ ରନ ସଂଗ୍ରହ କରି ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥିଲେ। ସେହିପରି ବୋଲିଂରେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ସ୍ପିନର ସେନ୍ ୱର୍ଣ୍ଣ ଓ ନ୍ୟୁଜିଲାଣ୍ଡର ଜେଫ୍ ଆଲଟ୍ ୨୦ଟି ଲେଖାଏ ଉଇକେଟ ହାସଲ କରି ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ।

ଟୁର୍ନାମେଣ୍ଟରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ ଓ ୪୨ଟି ମ୍ୟାଚ୍ ଖେଳାଯାଇଥିଲା। ୬ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୩ଟି ଲେଖାଏ ଦଳ ସୁପର ସିକ୍ସ ପର୍ଯ୍ୟାୟରେ ପ୍ରବେଶ କରିଥିଲେ। ଏହି ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ସୁପର ସିକ୍ସ କନ୍‌ସେପ୍ଟ ବା ସିଦ୍ଧାନ୍ତ ଲାଗୁ କରାଯାଇଥିଲା ଓ ଏହା ବେଶ୍ ଲୋକପ୍ରିୟ ହେବା ସଙ୍ଗେସଙ୍ଗେ କାମରେ ଆସିଥିଲା। ଏ ଓ ବି’ ଗ୍ରୁପ୍‌ର କ୍ୱାଲିଫାୟରଗୁଡିକ ଅପରପକ୍ଷ ଗ୍ରୁପ୍‌ର କ୍ୱାଲିଫାୟର ସହିତ ମ୍ୟାଚ୍ ଖେଳିଥିଲେ। ଅର୍ଥାତ୍ ଏ’ ଗ୍ରୁପ୍‌କୁ କ୍ୱାଲିଫାଏ କରିଥିବା ୩ ଦଳ ବି’ ଗ୍ରୁପ୍‌କୁ କ୍ୱାଲିଫାଏ କରିଥିବା ୩ ଦଳ ସହିତ ମ୍ୟାଚ୍‌ରେ ଅବତୀର୍ଣ୍ଣ ହୋଇଥିଲେ। ଶେଷରେ ସୁପର ସିକ୍ସର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା।

ଆଇସିସି ପୂର୍ଣ୍ଣ ସଦସ୍ୟତା ଲାଭ କରିଥିବା ୯ ଦଳ ଯଥା ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଇଂଲଣ୍ଡ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ଭାରତ, ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲେ। ସେହିପରି ୩ ଆସୋସିଏଟ ଦେଶ ବାଂଲାଦେଶ, କେନିଆ ଓ ସ୍କଟଲାଣ୍ଡ ବିଶ୍ୱକପ୍ ଖେଳିବାର ଯୋଗ୍ୟତା ହାସଲ କରିଥିଲେ। ଇଂଲଣ୍ଡର ୧୭ ଓ ନେଦରଲାଣ୍ଡ୍ସ, ୱେଲ୍ସ, ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡର ଗୋଟିଏ ଲେଖାଏ ଭେନ୍ୟୁରେ ମ୍ୟାଚ୍‌ଗୁଡିକ ଖେଳାଯାଇଥିଲା।

ଗ୍ରୁପ୍ ଏ’ରେ ଭାରତ ସମେତ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ, ଇଂଲଣ୍ଡ, ଶ୍ରୀଲଙ୍କା ଓ କେନିଆ ସ୍ଥାନ ପାଇଥିଲେ। ସେହିପରି ଗ୍ରୁପ୍ ବି’ରେ ପାକିସ୍ତାନ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ ଓ ସ୍କଟଲାଣ୍ଡ ସାମିଲ ହୋଇଥିଲେ। ଗ୍ରୁପ୍ ଏ’ରେ ଦକ୍ଷିଣ ଆଫ୍ରିକା, ଭାରତ ଓ ଜିମ୍ବାୱେ ୫ଟି ଲେଖାଏ ମ୍ୟାଚ୍ ଖେଳି ଯଥାକ୍ରମେ ୮, ୬ ଓ ୬ ଲେଖାଏ ପଏଣ୍ଟ ହାସଲ କରି ନେଟ ରନ୍‌ରେଟ୍ ଦୃଷ୍ଟିକୋଣରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ସୁପର ସିକ୍ସକୁ ଉଠିଥିଲେ। ସେହିପରି ଗ୍ରୁପ୍ ବି’ରେ ପାକିସ୍ତାନ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଯଥାକ୍ରମେ ୮, ୬ ଓ ୬ ପଏଣ୍ଟ ହାସଲ କରି ନେଟ ରନରେଟ ଦୃଷ୍ଟିକୋଣରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ସୁପରସିକ୍ସରେ ପ୍ରବେଶ କରିଥିଲେ। ସୁପର ସିକ୍ସ ପର୍ଯ୍ୟାୟରେ ଭାରତର ପ୍ରଦର୍ଶନ ଭଲ ହୋଇ ନ ଥିଲା। ଭାରତ ଏହି ପର୍ଯ୍ୟାୟରେ ମାତ୍ର ଗୋଟିଏ ବିଜୟ ହାସଲ କରି (ପାକିସ୍ତାନକୁ ହରାଇ) ୨ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନରେ ରହିଥିଲା। ପାକିସ୍ତାନ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ଲେଖାଏଁ ଓ ନ୍ୟୁଜିଲାଣ୍ଡ ୨ ବିଜୟ ସହ ୫ ପଏଣ୍ଟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଥିଲେ।



ସେମିଫାଇନାଲରେ ପାକିସ୍ତାନ ୯ ଉଇକେଟରେ ନ୍ୟୁଜିଲାଣ୍ଡକୁ ହରାଇଥିଲା। ଟସ୍ ଜିତି ନ୍ୟୁଜିଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୪୧ ରନ କରିଥିଲା। ଜବାବରେ ପାକିସ୍ତାନ ୪୭.୩ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟୀ ହୋଇଥିଲା। ଓପନର ସଇଦ ଅନଓ୍ୱର ଅପରାଜିତ ୧୧୩ ରନ ଓ ୱାଜାତୁଲ୍ଲା ୱସ୍ତି ୮୪ ରନ କରିଥିଲେ। ୩ ଉଇକେଟ ନେଇ ସୋଏବ ଅଖତାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ଟାଇ ହୋଇଥିଲା। ତେବେ ସୁପର ସିକ୍ସ ପଏଣ୍ଟ ତାଲିକାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସମାନ ୬ ପଏଣ୍ଟ ପାଇଥିଲେ। ତେବେ ନେଟ ରନରେଟ୍ ଦୃଷ୍ଟିକୋଣରୁ ଗୋଟିଏ ସ୍ଥାନ ଉପରେ ରହିଥିବାରୁ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ୩୯ ଓଭରରେ ମାତ୍ର ୧୩୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦.୧ ଓଭରରେ ୨ ଉଇକେଟ ହରାଇ ୧୩୩ରନ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅଷ୍ଟ୍ରେଲିଆ ତରଫରୁ ଆଡାମ ଗିଲଖ୍ରୀଷ୍ଟ ସର୍ବାଧିକ ୫୪ ରନ ସଂଗ୍ରହ କରିଥିଲେ। ୩୩ ରନ ଦେଇ ୪ ଉଇକେଟ ନେଇଥିବା ସେନ୍ ୱର୍ଣ୍ଣ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଲାନ୍ସ କ୍ଲୁଜନର ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ମେ ୨୨/୨୦୧୯ Berhampur, Wednesday, May 22 / 2019

# ବାଲି ଉଠାଣ ବନ୍ଦ ଦାବି : ଜିଲାପାଳଙ୍କ ନିକଟରେ ଅଭିଯୋଗ

ବୁଗୁଡ଼ା,୨୧।୫(ଡି.ଏନ.ଏ.) ବୁଗୁଡ଼ା ତହସିଲ ପୋଟାଲୁଣ୍ଡି ଗ୍ରାମବାସୀ ଗ୍ରାମର ବଡ଼ନଦୀଠାରେ ଥିବା ଶ୍ମଶାନରୁ ବେଆଇନ ଭାବେ ବାଲି ଉଠାଣ ବନ୍ଦ କରିବାକୁ ମଙ୍ଗଳବାର ଗଞ୍ଜାମ ଜିଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଭଞ୍ଜନଗର ଉପଜିଲାପାଳ, ବୁଗୁଡ଼ା ତହସିଲଦାର, ଥାନାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ, ଗ୍ରାମରେ ସ୍ଥାୟୀ ଶ୍ମଶାନ ଗୃହ ନ ଥିବାରୁ ଗାଁରେ ଥିବା ବଡ଼ନଦୀପଠାରେ ମୃତଦେହ ସଂସ୍କାର କରିବା ପାଇଁ ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଉକ୍ତ ଶ୍ମଶାନରୁ ଦୈନିକ ଶତାଧିକ ଟ୍ରାକ୍ଟର ବାଲି ବେଆଇନ ଭାବେ ଉଠାଣ ହେଉଥିବା ଯୋଗୁ ଶ୍ମଶାନଟି ଖାଲ ହୋଇ ସେଠାରେ ପାଣି ଜମିଗଲାଣି। ଫଳରେ ଉକ୍ତ ସ୍ଥାନରେ ମୃତଦେହ ସଂସ୍କାର କରିବା କଷ୍ଟକର ହୋଇପଡୁଛି। ଶ୍ମଶାନରୁ ବାଲି ଉଠାଣ ବନ୍ଦ କରିବାକୁ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତେଣୁ ଉକ୍ତ ବାଲିଘାଟରୁ ବାଲି ଉଠାଣ ବନ୍ଦ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବୁଗୁଡ଼ା ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଦାବି ପତ୍ର ଉପରେ ଧ୍ୟାନ ଦିଆଯିବ ବୋଲି କହିଥିଲେ।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ